ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୭/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, August 7 / 2019 ★★

୧୫ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**'ଜଲି ଏଲ୍ଏଲ୍ବି' ଭଳି ଫିଲ୍ମ ଚାହାନ୍ତି ବରୁଣ**

'ଫୁକ୍‌ରେ' ସିରିଜରେ ଚୁଚା ଚରିତ୍ର ପାଇଁ ଖୁବ୍ ପରିଚିତ ଅଭିନେତା ବରୁଣ ଶର୍ମା 'ଜଲି ଏଲ୍ଏଲ୍ବି' ଭଳି ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଛନ୍ତି।

୦୪

୧୯

**ଇଣ୍ଡିଆ ଗ୍ରୀନ୍ ଦଳରେ ରାଜେଶ**

ବେଙ୍ଗାଲୁରୁରେ ହେବାକୁଥିବା ଦୁଲୀପ୍ ଟ୍ରଫି ପ୍ରଥମଶ୍ରେଣୀ କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦ୍ରୁତ ବୋଲର ରାଜେଶ ମହାନ୍ତି ଇଣ୍ଡିଆ ଗ୍ରୀନ୍ ଦଳରେ ସ୍ଥାନ ପାଇଛନ୍ତି।



# ମିଶନ କଶ୍ମୀରକୁ ମଞ୍ଜୁରୀ

## ୩୭୦ ଉଚ୍ଛେଦ ସଂକଳ୍ପନାମା, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୬।୮ (ପି.ଟି./ଆଇଏଏନ୍ଏସ୍)**

ସମ୍ବିଧାନ ଅନୁଚ୍ଛେଦ ୩୭୦ ସଂକଳ୍ପନାମା ଏବଂ ଜମ୍ମୁ-କଶ୍ମୀରରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ବିଲ୍‌କୁ ପାର୍ଲାମେଣ୍ଟର ମଞ୍ଜୁରୀ ମିଳିଛି। ଏ ସଂକ୍ରାନ୍ତ ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଥିବାବେଳେ ମଙ୍ଗଳବାର ଲୋକ ସଭାରେ ମଧ୍ୟ ପାରିତ ହୋଇଛି। ନିମ୍ନ ସଦନରେ ୩୭୦ ଉଚ୍ଛେଦ ସଂକଳ୍ପନାମା ବିପକ୍ଷରେ ମାତ୍ର ୭୨ ଭୋଟ ପଡ଼ିଥିବାବେଳେ ଜଣେ ସଦସ୍ୟ ମତଦାନରୁ ବିରତ ରହିଥିଲେ। ବିଧେୟକ ସପକ୍ଷରେ ୩୫୧ ସଦସ୍ୟ ଭୋଟ ଦେଇଛନ୍ତି। ସେହିପରି ଜମ୍ମୁ-କଶ୍ମୀରକୁ ଦୁଇଭାଗରେ ବିଭକ୍ତ କରିବା ନେଇ ଆଗତ ବିଧେୟକ ସପକ୍ଷରେ ୩୭୦ ଓ ବିପକ୍ଷରେ ୭୦ ଭୋଟ ପଡ଼ିଛି। ଫଳରେ ଏହା ଆଇନରେ ପରିଣତ ହେବା ପାଇଁ ପଥ ପରିଷ୍କାର ହୋଇଛି। ଏବେ ଅପେକ୍ଷା କେବଳ ରାଷ୍ଟ୍ରପତିଙ୍କ ମୋହରକୁ।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ସୋମବାର କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏନେଇ ରାଷ୍ଟ୍ରପତିଙ୍କ ଅଧିସୂଚନା ଜାରି ହୋଇଥିବା ରାଜ୍ୟ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୂଚନା ଦେଇ ସଂକଳ୍ପନାମାକୁ ଆଗତ କରିଥିଲେ। ଉଚ୍ଚସଦନରେ ଏହା ବହୁମତରେ ପାସ୍ ହୋଇଥିଲା। ସେହିପରି ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍, ୨୦୧୯ ମଧ୍ୟ ରାଜ୍ୟ ସଭାର ଅନୁମୋଦନ ପାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ ମଙ୍ଗଳବାର ଏହି ସଂକଳ୍ପନାମା ଓ ବିଲ୍‌କୁ ମଙ୍ଗଳବାର ଲୋକ ସଭାରେ ଆଗତ କରିଥିଲେ। ବିତର୍କ ଉପରେ ବିବୃତି ରଖି ଶାହ କହିଥିଲେ, ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ଭାରତ ଦଖଲ କରିବା ପାଇଁ ଉଦ୍ୟମ ଜାରି ରଖିବ। ବିଚ୍ଛିନ୍ନତାବାଦୀ ସଙ୍ଗଠନ ହୁରିୟତ୍ କନ୍‌ଫରେନ୍ସ ସହିତ ଆଲୋଚନା କରିବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ କଶ୍ମୀରବାସୀଙ୍କ ସହ କଥାବାର୍ତ୍ତା କରିବା ଲାଗି ଆମେ ପ୍ରସ୍ତୁତ। ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଆସିଲେ ଏହାକୁ ରାଜ୍ୟ ମାନ୍ୟତା ଫେରାଇବାରେ ମୋଦି ସରକାର କୁଣ୍ଠାବୋଧ କରିବେ ନାହିଁ। ପିଓକେ ଉପରେ ନିଜର ଅଧିକାର ଦାବିକୁ ଭାରତ ଜାରି ରଖିବ। ଅନୁଚ୍ଛେଦ ୩୭୦ ଜମ୍ମୁ-କଶ୍ମୀର ସହ ଭାରତର ସମ୍ପର୍କକୁ ନେଇ ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା। ଏହା ଏକ ଐତିହାସିକ ଭୁଲ୍ ନୁହେଁ, ବରଂ ଆମେ ଏକ ଐତିହାସିକ ଭୁଲ୍‌କୁ ସୁଧାରୁଛୁ କହି ଶାହ ବିରୋଧୀଙ୍କ ଅଭିଯୋଗକୁ ଦୃଢ଼ଭାବେ ଖଣ୍ଡନ କରିଥିଲେ। ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ଏକ ସାମ୍ପ୍ରଦାୟିକ ଏଜେଣ୍ଡା ନୁହେଁ। ଏଥିରେ ରହିଥିବା ନିୟମ ସଂଖ୍ୟାଲଘୁ, ମହିଳା ଓ ଜନକଲ୍ୟାଣ ବିରୋଧୀ ବୋଲି ସେ ଦର୍ଶାଇଥିଲେ। ଶାହ ଆହୁରି କହିଥିଲେ, ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଯୋଗୁ ୧୯୮୯ରୁ ଅଦ୍ୟାବଧି ୪୧,୫୦୦ ଲୋକଙ୍କ ଜୀବନ ଗଲାଣି। ଏଥିପାଇଁ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଦାୟୀ। ସେହିପରି ଗତ ୨ ଦିନ ଧରି ଉପତ୍ୟକାରେ ବିଭିନ୍ନ କଟକଣା ଜାରି ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ଖରାପ ହୋଇନାହିଁ। ଯାହାକିଛି ପଦକ୍ଷେପ ନିଆଯାଇଛି ତାହା କେବଳ ଅସ୍ୱାଭାବିକ ସ୍ଥିତି ଏଡ଼ାଇବା ପାଇଁ ଉଦ୍ଦିଷ୍ଟ। ଶେଷରେ ଏହି ସଂକଳ୍ପନାମା ଓ ବିଧେୟକ ପାସ୍ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।





- ଲୋକ ସଭାରେ ବିଧେୟକ ପାସ୍
- ୩୭୦ ଉଚ୍ଛେଦ ସପକ୍ଷରେ ୩୫୧, ବିପକ୍ଷରେ ୭୨ ଭୋଟ
- ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ ସପକ୍ଷରେ ୩୭୦, ବିପକ୍ଷରେ ୭୦
- ଲୋକ ସଭା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ
- ରାଷ୍ଟ୍ରପତିଙ୍କ ମୋହରକୁ ଅପେକ୍ଷା

## ପ୍ରଶ୍ନ କରି ଅଧୀର ହଟହଟା | ଜମ୍ମୁ-କଶ୍ମୀର କ'ଣ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ

**ନୂଆଦିଲ୍ଲୀ,୬।୮ (ପି.ଟି.)**

ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ଲୋକ ସଭାରେ ଆଗତ ବେଳେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଅଜବ ପ୍ରଶ୍ନ ଉଠାଇ ଅଡୁଆରେ ଫସିଛନ୍ତି। ୧୯୪୮ରୁ ଜାତିସଂଘ ଜମ୍ମୁ-କଶ୍ମୀର ସ୍ଥିତି ଉପରେ ଅନୁଧ୍ୟାନ କରୁଥିବାରୁ ଏହା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ କି ବୋଲି ଅଧୀର ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ଶାସକ ଦଳ ସଦସ୍ୟମାନେ ନିନ୍ଦା କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଲୋକ ସଭାରେ ବିଲ୍ ଆଗତ କରିବା ପରେ ଅଧୀର କହିଥିଲେ, ଆପଣ କହୁଛନ୍ତି ଏହା ଏକ ଆଭ୍ୟନ୍ତରୀଣ ବ୍ୟାପାର। ହେଲେ ଜାତିସଂଘ ଏହା ଉପରେ ୧୯୪୮ରୁ ଅନୁଧ୍ୟାନ କରିଆସୁଛି। ସେହିପରି ସିମ୍‌ଲା ଚୁକ୍ତିନାମା ଓ ଲାହୋର ଘୋଷଣାନାମା ମଧ୍ୟ ରହିଛି। ତେଣୁ ଜମ୍ମୁ-କଶ୍ମୀର ଭାରତର ଆଭ୍ୟନ୍ତରୀଣ ନା ଏହା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଅଧୀର ଏହା ଉପରେ ଶାସକ ପକ୍ଷର ସ୍ପଷ୍ଟୀକରଣ ଲୋଡ଼ିଥଲେ, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଅବ୍ବାସ ନକଭୀ ଏହାର ଜବାବରେ କହିଛନ୍ତି, ମୁଣ୍ଡବିହୀନ କଂଗ୍ରେସ ଏବେ ମସ୍ତିଷ୍କବିହୀନ ହୋଇଯାଇଛି। କଶ୍ମୀର ଆମର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆଭ୍ୟନ୍ତରୀଣ ପ୍ରସଙ୍ଗ ନୁହେଁ ବୋଲି କଂଗ୍ରେସ କିପରି କହୁଛି। ଏହା କଂଗ୍ରେସର ମାନସିକ ଦେବାଳିଆପଣକୁ ଦର୍ଶାଉଛି। ଗୃହରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଉପସ୍ଥିତ ଥାଇ ଅଧୀରଙ୍କୁ ଏଭଳି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବାକୁ କାହିଁକି ଦାଗିଦ କଲେନାହିଁ ବୋଲି ନକଭୀ ପ୍ରଶ୍ନ କରିଛନ୍ତି।

## ରାଷ୍ଟ୍ରପତିଙ୍କ ଅଧିସୂଚନାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୬।୮ (ପି.ଟି.)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ରାଷ୍ଟ୍ରପତିଙ୍କ ଅଧିସୂଚନାକୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆଇନଜୀବୀ ଏମ୍.ଏଲ୍. ଶର୍ମା ଏହି ପଦକ୍ଷେପ ବିରୋଧରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଷ୍ଟ୍ରପତୀୟ ଅଧିସୂଚନା ବେଆଇନ। ରାଜ୍ୟ ବିଧାନସଭାର ବିନା ସହମତିରେ ଏହା ଜାରି କରାଯାଇଛି ବୋଲି ସେ ଦାଏର କରିଥିବା ଏକ ପିଟିଶନରେ ଉଲ୍ଲେଖ କରିଛନ୍ତି। ଏହାସହ ବୁଧବାର ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଶର୍ମା ନିବେଦନ କରିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାର ସୋମବାର ଅନୁଚ୍ଛେଦ ୩୭୦ ହଟାଇବା ସହ ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

# ଆର୍.ପି. ଶର୍ମା ଲୋକାୟୁକ୍ତ ସଦସ୍ୟ ନିଯୁକ୍ତ



ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା

- ପୋଲିସ ଡିଜି ପଦ ଛାଡ଼ିଲେ
- ଭାରପ୍ରାପ୍ତ ପୋଲିସ ଡିଜି ହେଲେ ସୁନୀଲ ରୟ

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

ଲୋକାୟୁକ୍ତ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା। ରାଜ୍ୟ ସରକାରଙ୍କ ସୁପାରିସକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୋହର ମାରିବା ପରେ ଏନେଇ ଆରମ୍ଭ ହୋଇଛି ପ୍ରକ୍ରିୟା। ଅନ୍ୟପକ୍ଷରେ ଶର୍ମା ସ୍ୱେଚ୍ଛାକୃତ ଭାବେ ପୋଲିସ ଡିଜି ପଦ ଛାଡ଼ିବା ସହ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଗତ କିଛିଦିନ ତଳେ ଲୋକାୟୁକ୍ତ ସଦସ୍ୟ ନିଯୁକ୍ତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଡିଜିପି ଡା. ଶର୍ମାଙ୍କ ନାମକୁ ଚୟନ କରାଯାଇ ରାଜ୍ୟପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ରାଜ୍ୟପାଳ ଉକ୍ତ ସୁପାରିସକୁ ଗ୍ରହଣ କରିଥିବା ମଙ୍ଗଳବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡା. ଶର୍ମା ଗଣମାଧ୍ୟମକୁ କହିଛନ୍ତି, ବହୁତ ଖୁସି ଲାଗୁଛି। ଲୋକାୟୁକ୍ତ ସଦସ୍ୟ ପଦବୀ ନୂଆ ଓ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଦୁର୍ନୀତି ନିବାରଣ ନେଇ ମୋର ପୂର୍ବରୁ ଥିବା ଅଭିଜ୍ଞତା ସେବାରେ ଲଗାଇବି। ଆଶା କରୁଛି ରାଜ୍ୟରୁ ଦୁର୍ନୀତି ରୋକିବାକୁ ଚେଷ୍ଟା କରିବି। ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡା. ଶର୍ମା ୨୦୧୭ ଅଗଷ୍ଟ ୩୧ରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଥିଲେ। ☞ ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

## ଉପହାର ଲୋଭ

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିବା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ।

-ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 06.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 61 | 107 | 117 |
| BHM | 58 | 103 | 113 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

# ଦୁଇ ନୂଆ କାରିଗରିକୁ ମିଳିବ ହସ୍ତଶିଳ୍ପ ମାନ୍ୟତା

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

ଓଡ଼ିଶାର ଦୁଇ ନୂଆ କାରିଗରିକୁ ମିଳିବ ହସ୍ତଶିଳ୍ପର ମାନ୍ୟତା। କୁମ୍ଭକାରମାନଙ୍କୁ ହସ୍ତଶିଳ୍ପୀ ବର୍ଗରେ ସାମିଲ କରିବା ସହ ସେମାନଙ୍କ କାରିଗରିକୁ ହସ୍ତଶିଳ୍ପର ମାନ୍ୟତା ଦେବାକୁ ଚିନ୍ତାକରିଛି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ। ଏହାବ୍ୟତୀତ ବିଶ୍ୱପ୍ରସିଦ୍ଧ ଓଡ଼ିଶାର ଆଦିବାସୀ ଚିତ୍ରକଳା (ଟ୍ରାଇବାଲ୍ ଆର୍ଟ)କୁ ମଧ୍ୟ ରାଜ୍ୟ ସରକାର ହସ୍ତଶିଳ୍ପର ମାନ୍ୟତା ଦେବାକୁ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ଉଭୟ କାରିଗରି ହସ୍ତଶିଳ୍ପର ମାନ୍ୟତା ପାଇବ ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ଯୁଗ୍ମସଚିବ ଅଞ୍ଜନା ପଣ୍ଡା। ରାଜ୍ୟରେ ଏବେ ୫୦ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ରହିଥିବାବେଳେ ଆଉ ଦୁଇ କାରିଗରି ସାମିଲ ହେଲେ ଏହି ସଂଖ୍ୟା ୫୨ରେ ପହଞ୍ଚିବ।

ଓଡ଼ିଶାରେ ୬୨ ଭିନ୍ନ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି। ପ୍ରତି ସମ୍ପ୍ରଦାୟର ନିଜର ସ୍ୱତନ୍ତ୍ର ଚିତ୍ରକଳା ଶୈଳୀ ରହିଥିବାବେଳେ ଏହା ବିଭିନ୍ନ ସାମାଜିକ କଥା କାହାଣୀ ଉପରେ ପର୍ଯ୍ୟବସିତ ଥାଏ। ମଣିଷ, ହାତୀ, ଘୋଡ଼ା, ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷଲତା ଆଦିକୁ ନେଇ ଅଙ୍କାଯାଉଥିବା ସଉରା ଚିତ୍ରକଳାର ଆଦୃତି କେବଳ ଦେଶରେ ନୁହେଁ, ଦେଶ ବାହାରେ ମଧ୍ୟ ରହିଛି। ପ୍ରାକୃତିକ ରଙ୍ଗ ଓ ପ୍ରାକୃତିକ ସାମଗ୍ରୀର ବ୍ୟବହାର କରି ଅଙ୍କାଯାଉଥିବା ଜନଜାତି ଚିତ୍ରକଳା ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରିଥାଏ। ହସ୍ତଶିଳ୍ପର ମାନ୍ୟତା ମିଳିଲେ ଧୀରେ ଧୀରେ ଲୋପ ପାଇଯାଉଥିବା ଏହି ବିରଳ କାରିଗରିର ପ୍ରଚାର ପ୍ରସାର କରାଯାଇପାରିବ।

ସେହିଭଳି ହାଣ୍ଡି, ମାଠିଆ ତଥା ପାରମ୍ପରିକ କୁମ୍ଭାର ଶିଳ୍ପକୁ ମଧ୍ୟ ହସ୍ତଶିଳ୍ପର ମାନ୍ୟତା ମିଳିବ। ସୂକ୍ଷ୍ମ ତଥା ନିପୁଣ କାରିଗରି କାମ ହୋଇ ନଥିବାରୁ କୁମ୍ଭାର ଶିଳ୍ପକୁ ହସ୍ତଶିଳ୍ପର ମାନ୍ୟତା ମିଳୁ ନଥିଲା। ଏମ୍ଏସ୍ଏମ୍ଇ ବିଭାଗ ଅଧୀନରେ ରହିଥିବା ଏହି ଶିଳ୍ପକୁ ହସ୍ତଶିଳ୍ପ ବିଭାଗରେ ସାମିଲ କରିବାକୁ ଯୋଜନା ହୋଇଥିବା ଯୁଗ୍ମସଚିବ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଡୋକ୍ରା, ଟେରାକୋଟା, ଚାନ୍ଦୁଆ, ନଡ଼ିଆ କତା କାରିଗରି, ଜନଜାତି ଅଳଙ୍କାର, ଶିଙ୍ଘ କାମ, ପଥର ଓ କାଠ କାରିଗରୀ, ବାଉଁଶ କଳାକୃତି, ପଟଚିତ୍ର, ଟସର ଚିତ୍ରକଳା, ଝୋଟ ଓ ଜରି କାମ, ଏମ୍ବ୍ରୋଡରୀ, ଗୋଲ୍ଡେନ୍ ଗ୍ରାସ୍, ଚାନ୍ଦି କାମ, ସବାଇ ଘାସ କଳାକୃତି ଭଳି ୫୦ଟି ଶିଳ୍ପକୁ ରାଜ୍ୟ ସରକାର ହସ୍ତଶିଳ୍ପର ମାନ୍ୟତା ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ୭୨ଟି କଳାକୃତି ରହିଛି।





# ସୁଷମା ସ୍ୱରାଜଙ୍କ ପରଲୋକ

**ନୂଆଦିଲ୍ଲୀ,୬।୮ (ପି.ଟି.)**

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସୁଷମା ସ୍ୱରାଜ ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଏମ୍ସରେ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ୬୭ ବର୍ଷୀୟା ସ୍ୱରାଜଙ୍କୁ ଗୁରୁତର ଅବସ୍ଥାରେ ରାତି ୧୦ଟା ୧୫ ମିନିଟରେ ଏମ୍ସର ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ବରିଷ୍ଠ ଡାକ୍ତରମାନେ ତାଙ୍କୁ ଚିକିତ୍ସା କରୁଥିବାବେଳେ ସୁଷମା ଆଖି ବୁଜିଦେଇଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ୱାମୀ ସ୍ୱରାଜ କୌଶଲଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, ପୀୟୂଷ ଗୋୟଲ, ପ୍ରହ୍ଲାଦ ଜୋଷୀ, ନୀତୀନ ଗଡ଼କରୀ ପ୍ରମୁଖ ଉପସ୍ଥିତ ଥିଲେ।

**୧୯୫୨ -୨୦୧୯**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ସୁଷମା ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଥିଲେ। ଏହି ଦିନକୁ ଦେଖିବା ପାଇଁ ସେ ଅପେକ୍ଷା କରିଥିଲେ ବୋଲି ସୁଷମା ଟୁଇଟ୍ କରିଥିଲେ। ୨୦୧୬ରେ ସୁଷମାଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ ୨୦୧୯ ଲୋକ ସଭା ନିର୍ବାଚନ ନ ଲଢ଼ିବା ପାଇଁ ନିଜଆଡୁ ନିଷ୍ପତ୍ତି ନେଇଥିଲେ।

ସୁଷମାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ବିଳମ୍ବିତ ରାତିରେ ଏମ୍ସ ଯାଇ ତାଙ୍କର ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ କେବଳ ଭାଜପା ନୁହେଁ, ବରଂ ସମଗ୍ର ଜାତୀୟ ରାଜନୀତିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ଅବସରରେ ଅନେକ ରାଜନୈତିକ ଦଳ ଓ ନେତା ଶୋକବ୍ୟକ୍ତ କରିଛନ୍ତି। ସୁଷମାଙ୍କ ପରଲୋକ ଖବର ଶୁଣି ମର୍ମାହତ ଓ ଦୁଃଖିତ। ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଉଛୁ ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରେ ଦେଶର ଦ୍ୱିତୀୟ ମହିଳା ଭାବେ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପାର୍ଲାମେଣ୍ଟକୁ ସେ ୭ ଥର ଓ ବିଧାନସଭାକୁ ୩ ଥର ନିର୍ବାଚିତ ହୋଇଥିଲେ। ସୁପ୍ରିମକୋର୍ଟର ପୂର୍ବତନ ଓକିଲ ସୁଷମା ମାତ୍ର ୨୫ ବର୍ଷ ବୟସରେ ଦେଶର ସର୍ବକନିଷ୍ଠ କ୍ୟାବିନେଟ ମନ୍ତ୍ରୀ (ହରିୟାଣା) ହେବାର କୀର୍ତ୍ତି ଅର୍ଜନ କରିଥିଲେ। ଦିଲ୍ଲୀର ୫ମ ମୁଖ୍ୟମନ୍ତ୍ରୀଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ମଧ୍ୟପ୍ରଦେଶର ବିଦିଶା ଆସନରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ୧୯୫୨ ଫେବୃୟାରୀ ୧୪ରେ ହରିୟାଣାର ଅମ୍ବାଲାରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ହରଦେବ ଶର୍ମା ଆର୍ଏସ୍ଏସ୍‌ର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ୧୯୭୫ରେ ବରିଷ୍ଠ ଆଇନଜୀବୀ ସ୍ୱରାଜ କୌଶଲଙ୍କୁ ବିବାହ କରିଥିଲେ। ତାଙ୍କର ଏକମାତ୍ର କନ୍ୟା ବାଂଶୁରୀ ସ୍ୱରାଜ ମଧ୍ୟ ସୁପ୍ରିମକୋର୍ଟର ଜଣେ ଆଇନଜୀବୀ।



ଜମ୍ମୁର ସତ୍ୱାରୀରେ ମୁତୟନ ହୋଇଥିବା ଅର୍ଦ୍ଧସାମରିକ ଯବାନ।



ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସଙ୍କଳ୍ପନାମା ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ଲୋକ ସଭାରେ ଗୃହୀତ ହେବା ପରେ ବିଜୟ ସଙ୍କେତ ଦେଖାଉଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।



ଜମ୍ମୁସ୍ଥିତ ଶିବସେନା କାର୍ଯ୍ୟାଳୟରେ ଉତ୍ସବ ମନାଉଛନ୍ତି ଦଳୀୟ କର୍ମୀ।

# ପୁଲୱାମା ଭଳି ଆକ୍ରମଣ ଘଟିବ

## ଭାରତକୁ ଯୁଦ୍ଧଭୟ ଦେଖାଇଲେ ଇମ୍ରାନ୍

- ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପାକିସ୍ତାନ ଛାନିଆ
- କଶ୍ମୀରୀଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ସ୍ତରକୁ ଯାଇପାରେ ପାକ୍ ସେନା: ବାଜ୍‌ୱା

ଇସ୍‌ଲାମାବାଦ,୬।୮



ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରତ୍ୟାହାର କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ପାକିସ୍ତାନ ଛାନିଆ ହୋଇଯାଇଛି। ନୂଆଦିଲ୍ଲୀର ଏହି ପଦକ୍ଷେପ ପରେ ଭାରତରେ ପୁଲୱାମା ଭଳି ଆକ୍ରମଣ ଘଟିବ। ଏଥିଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ପାରମ୍ପରିକ ଯୁଦ୍ଧ ହୋଇପାରେ ବୋଲି ମଙ୍ଗଳବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଧମକ ଦେଇଛନ୍ତି। ସେପଟେ କଶ୍ମୀରୀମାନଙ୍କୁ ସାହାଯ୍ୟ କରିବା ପାଇଁ ପାକିସ୍ତାନ ସେନା କୌଣସି ସ୍ତରକୁ ଯାଇପାରେ ବୋଲି ଜେନେରାଲ କମାର ଜାଭେଦ ବାଜ୍‌ୱା କହିଛନ୍ତି। ସମ୍ବିଧାନ ଅନୁଚ୍ଛେଦ ୩୭୦ ଉଚ୍ଛେଦର ଦିନକ ପରେ କଶ୍ମୀର ସ୍ଥିତି ଉପରେ ମଙ୍ଗଳବାର ପାକିସ୍ତାନ ପାର୍ଲାମେଣ୍ଟର ଏକ ଜରୁରୀ ମିଳିତ ଅଧିବେଶନ ଡକାଯାଇଥିଲା। ଏଥିରେ ସମ୍ବୋଧିତ କରି ଇମ୍ରାନ୍ କହିଛନ୍ତି, କଶ୍ମୀରୀମାନେ ଭାରତ ବିରୋଧରେ ଆନ୍ଦୋଳନ କରିବେ। ଭାରତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ। ଫଳରେ କଶ୍ମୀରରେ ପୁଲୱାମା ଭଳି ଆକ୍ରମଣ ପୁଣି ହେବ। ଏପରି ହେଲେ ନୂଆଦିଲ୍ଲୀ ପୁଣି ଆମ ଉପରେ ଦୋଷ ଲଦିବ ଏବଂ ଆମେ ଏହାର ଜବାବ ଦେବୁ। ଭାରତର ପଦକ୍ଷେପ ଉତ୍ତେଜନା ବୃଦ୍ଧି କରିବା ସହ ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ଶକ୍ତି ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିବ। ଏଭଳି ଏକ ଯୁଦ୍ଧ ହେବ, ଯାହାକୁ କେହି ଜିତିବେନାହିଁ। ଏହାର କୁପରିଣାମ ବିଶ୍ୱବ୍ୟାପୀ ଅନୁଭୂତ ହେବ। ଏହା ଆଣବିକ ବ୍ଲାକ୍‌ମେଲ୍ ନୁହେଁ ବୋଲି ଇମ୍ରାନ କହିଛନ୍ତି। ସେମାନଙ୍କ ଚିନ୍ତାଧାରା ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଛି। ଯଦି ବିଶ୍ୱ ନିଜ ଆଇନକୁ ବଜାୟ ରଖିବ ନାହିଁ ସେଥିପାଇଁ ଆମେ ଦାୟୀ ହେବୁନାହିଁ। କଶ୍ମୀରୀ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ ଜରୁରୀ। ଜାତିସଂଘ ସୁରକ୍ଷା ପରିଷଦ ସମେତ ସମସ୍ତ ମଞ୍ଚରେ ଆମେ ଲଢ଼େଇ କରିବୁ। ଏପରି କି ଅନ୍ତର୍ଜାତୀୟ ଅଦାଲତରେ ମଧ୍ୟ ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇବ ବୋଲି ଇମ୍ରାନ୍ କହିଛନ୍ତି।

ସେହିପରି ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ବାଜ୍‌ୱା ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ତାଙ୍କ ସେନା କଶ୍ମୀରୀଙ୍କୁ ସହାୟତା ପ୍ରଦାନ ପାଇଁ କୌଣସି ସ୍ତରକୁ ଯିବା ପାଇଁ ପ୍ରସ୍ତୁତ ହୋଇ ରହିଛି। କଶ୍ମୀରବାସୀଙ୍କ ଲଢ଼େଇକୁ ଶେଷ ଯାଏ ନେବା ପାଇଁ ପାକିସ୍ତାନ ସେନା ସେମାନଙ୍କ ସହ ଛିଡ଼ାହୋଇ ନିଜ ଉତ୍ତରଦାୟିତ୍ୱ ସମ୍ପାଦନ କରିବ ବୋଲି ବାଜ୍‌ୱା କହିଛନ୍ତି।

> ଜମ୍ମୁ-କଶ୍ମୀରକୁ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ନିୟନ୍ତ୍ରଣରେଖାରେ ପାକିସ୍ତାନ ଉଦ୍ୟମ ଜୋରଦାର କରିଛି। ସେପଟୁ କୌଣସି ପ୍ରକାର ବିଧ୍ୱଂସକାରୀ କାର୍ଯ୍ୟକଳାପ ଆରମ୍ଭ ହେଲେ ଭାରତୀୟ ସେନା ତା'ର ମୁହଁତୋଡ଼ ଜବାବ ଦେବ।
>
> **-ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂ,ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫ୍, ନର୍ଦ୍ଦର୍ନ କମାଣ୍ଡ**



# ଜମ୍ମୁ-କଶ୍ମୀର ରାଜ୍ୟପାଳଙ୍କୁ ଭେଟିଲେ ଡୋଭାଲ



ଶ୍ରୀନଗର,୬।୮(ପି.ଟି.)

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ମଙ୍ଗଳବାର ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ରାଜଭବନରେ ସାକ୍ଷାତ କରି ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ଜମ୍ମୁ-କଶ୍ମୀର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ସ୍ଥିତି ନେଇ ଏମାନଙ୍କ ମଧ୍ୟରେ ଆଲୋଚନା କରାଯାଇଥିବା ରାଜଭବନ ମୁଖପାତ୍ରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପାର୍ଲାମେଣ୍ଟରେ ସମ୍ବିଧାନର ଧାରା ୩୭୦, ୩୫ଏ ହଟାଯିବା ପରେ ଡୋଭାଲ ଜମ୍ମୁ-କଶ୍ମୀର ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ଉଭୟେ ସୁରକ୍ଷା ଓ ସତର୍କତା ଉପରେ ଗୁରୁତ୍ୱାରୋପ କରିଥିବାବେଳେ କୌଣସି ଅଘଟଣ ଲାଗି ବିଭିନ୍ନ ବିଭାଗୀୟ ପ୍ରସ୍ତୁତି ନେଇ ଆଲୋଚନା କରିଥିବା ମୁଖପାତ୍ର କହିଛନ୍ତି।

# 'ପାକିସ୍ତାନଠାରୁ କଶ୍ମୀରକୁ ରକ୍ଷାକରିବା ଲାଗି ବିଜୁ ବାବୁ ଯୁଦ୍ଧବିମାନ ଉଡ଼ାଇଥିଲେ'

## ଭାରତ ରତ୍ନ ଦାବି

ନୂଆଦିଲ୍ଲୀ,୬।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ପାକିସ୍ତାନ କବଳରୁ ରକ୍ଷାକରିବା ଲାଗି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଯୁଦ୍ଧବିମାନ ଉଡ଼ାଇଥିଲେ ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ବିଜେଡି ପୂର୍ଣ୍ଣ ସମର୍ଥନ କରୁଥିବା ସେ କହିଛନ୍ତି। ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ-୨୦୧୯ ଓ ଜମ୍ମୁ-କଶ୍ମୀର ସଂରକ୍ଷଣ (ଦ୍ୱିତୀୟ ସଂଶୋଧନ) ବିଲ-୨୦୧୯ ଆଗତ ବେଳେ ମିଶ୍ର ବିଜୁ ବାବୁଙ୍କ ଦେଶପ୍ରେମ ଲାଗି ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବାକୁ ଦାବି କରିଥିଲେ। ପାକିସ୍ତାନ କବଳରୁ ଶ୍ରୀନଗରକୁ ରକ୍ଷାକରିବା ଲାଗି ବହୁ ଯବାନ ଯାଇଥିଲେ ହେଁ ଓଡିଶାର ବିଜୁ ବାବୁ ବହୁବାର ଯୁଦ୍ଧବିମାନ ନେଇ ସେଠାକୁ ଯାଇଥିଲେ। ସରକାର ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ଲାଗି ସେ ଦାବି କରିଛନ୍ତି। କଶ୍ମୀରବାସୀଙ୍କୁ ଆମେ ନିଜ ପରିବାର ସଦସ୍ୟ ଭାବେ ଦେଖୁଛୁ। ଭାରତରେ ସେମାନେ କୌଣସି ବାଛବିଚାରର ସମ୍ମୁଖୀନ ହେବେନାହିଁ ବୋଲି ମିଶ୍ର ଗୃହରେ କହିଛନ୍ତି।



ପିନାକୀ ମିଶ୍ର

# ମୁହଁଖୋଲି ଅଡୁଆରେ ରାହୁଲ

ନୂଆଦିଲ୍ଲୀ,୬।୮(ପି.ଟି.)

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରିବା ସହ ସେଠାରୁ ୩୭୦ ଧାରା ଉଚ୍ଛେଦ ଲାଗି କ୍ଷମତାର ଅପବ୍ୟବହାର କରିଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଏହା ଜାତୀୟ ସୁରକ୍ଷା ଉପରେ ଭୟଙ୍କର ପ୍ରଭାବ ପକାଇବ ବୋଲି ସେ ଚେତାଇଛନ୍ତି। ଜମ୍ମୁ-କଶ୍ମୀରର ରାଜନେତାଙ୍କୁ ଗୁପ୍ତ ଜେଲ୍‌ରେ ରଖାଯିବା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ସେ କହିବା ସହ ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବି କରିଛନ୍ତି। ଏଭଳି ନିର୍ବୋଧତା ଯୋଗୁ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ମିଳିବ ବୋଲି ସେ ଅଭିଯୋଗ କରିଛନ୍ତି। ଏଦେଶ ଲୋକଙ୍କ ଦ୍ୱାରା ଗଠିତ ଭୂଭାଗକୁ ନେଇ ନୁହେଁ ବୋଲି ରାହୁଲ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି।



# ଶାହ ମିଛ କହୁଛନ୍ତି: ଫାରୁକ୍

## ଏକଚ୍ଛତ୍ରବାଦୀ କେନ୍ଦ୍ର ଆମକୁ ହତ୍ୟା କରିବାକୁ ଚାହୁଁଛି



ଶ୍ରୀନଗର/ନୂଆଦିଲ୍ଲୀ, ୬।୮(ପି.ଟି./ଆଇଏଏନ୍‌ଏସ୍)

ସମ୍ବିଧାନ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀନଗରସ୍ଥିତ ତାଙ୍କ ବାସଭବନରେ ଖବରଦାତାଙ୍କୁ ସମ୍ବୋଧିତ କରି ଫାରୁକ୍ କହିଛନ୍ତି, କେନ୍ଦ୍ର ଆମକୁ ହତ୍ୟା କରିବାକୁ ଚାହୁଁଛି। ଲୋକଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଉଛି। ପୁଅ ଓମାର ଅବ୍‌ଦୁଲ୍ଲାଙ୍କୁ ମଧ୍ୟ ବନ୍ଦୀ କରାଯାଇଛି। ଆମେ ଗ୍ରେନେଡ୍ ଫିଙ୍ଗିବା ବା ଟେକାମାଡ଼ କରିବା ଲୋକ ନୋହୁଁ। ମୋ ଭାରତ ସମସ୍ତଙ୍କ ପାଇଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ। ଆମେ ଶାନ୍ତିପୂର୍ଣ୍ଣ ଉପାୟରେ ପରିବର୍ତ୍ତନ ଚାହୁଁଛୁ। କେନ୍ଦ୍ର ସରକାର ଯାହା କରୁଛନ୍ତି, ତାହା ଅଗଣତାନ୍ତ୍ରିକ। ଆମକୁ ଗୃହବନ୍ଦୀ ରଖାଯାଇଥିବାବେଳେ ପ୍ରକୃତ ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମିଛ କହୁଛନ୍ତି ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅଭିଯୋଗ କରିଛନ୍ତି। ଫାରୁକ୍‌ଙ୍କ ମନ୍ତବ୍ୟ ପରେ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଥିବାବେଳେ ଶାହ ଏହାକୁ ଖଣ୍ଡନ କରିଛନ୍ତି। ଶାହ କହିଛନ୍ତି, ଫାରୁକ୍‌ଙ୍କୁ ଅଟକ ରଖାଯାଇନାହିଁ କିମ୍ବା ଗିରଫ କରାଯାଇନାହିଁ। ସେ ସ୍ୱଇଚ୍ଛାରେ ତାଙ୍କ ଘରେ ଅଛନ୍ତି। ଫାରୁକ୍ ତାଙ୍କ ଘରୁ ବାହାରିବାକୁ ନ ଚାହିଁଲେ ତାଙ୍କୁ କ'ଣ ବନ୍ଧୁକମୁନରେ ବାହାରକୁ ଅଣାଯିବ ବୋଲି ଶାହ ପ୍ରଶ୍ନ କରିଛନ୍ତି।

# ୩୭୦କୁ ନେଇ କଂଗ୍ରେସ ଦୁଇଭାଗ

ନୂଆଦିଲ୍ଲୀ,୬।୮(ପି.ଟି.)



ଜ୍ୟୋତିରାଦିତ୍ୟ ସିନ୍ଧିଆ



ଜନାର୍ଦ୍ଦନ ଦ୍ୱିବେଦୀ

ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିବା ସହ କେନ୍ଦ୍ର ସରକାର ସମ୍ବିଧାନର ଧାରା ୩୭୦କୁ ଉଚ୍ଛେଦ କରିବା ଘଟଣାକୁ ନେଇ କଂଗ୍ରେସ ଦୁଇ ଭାଗ ହୋଇଯାଇଛି। କଂଗ୍ରେସର ବରିଷ୍ଠ ନେତାମାନେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବିରୋଧ କରିଥିବାବେଳେ ଦଳର ଅନେକ ନେତା ଏହା ସପକ୍ଷରେ ମତ ଦେଇଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ, କଂଗ୍ରେସ ନେତା ଜନାର୍ଦ୍ଦନ ଦ୍ୱିବେଦୀ କେନ୍ଦ୍ରର ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସିନ୍ଧିଆ ଦେଶର ହିତ ଲାଗି କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଟୁଇଟ୍ କରି ସେ କହିଛନ୍ତି, ମୁଁ ଏହାକୁ ସମର୍ଥନ କରେ ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଏନେଇ କେହି ପ୍ରଶ୍ନ ଉଠାଇବା ଅନୁଚିତ। ବିଳମ୍ବରେ ହେଲେ ବି ଏହି ଐତିହାସିକ ଭୁଲ୍‌କୁ ସଂଶୋଧନ କରାଯାଇ ପାରିଛି ବୋଲି କଂଗ୍ରେସ ନେତା ଦ୍ୱିବେଦୀ ପ୍ରକାଶ କରିଛନ୍ତି। ସ୍ୱାଧୀନତା ପରେ ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀ ୩୭୦ ଧାରାକୁ ଗ୍ରହଣ କରିବାକୁ ରାଜି ନ ଥିଲେ ବୋଲି କହିଛନ୍ତି। ଦ୍ୱିବେଦୀଙ୍କ ସହଯୋଗୀ ଦୀପେନ୍ଦର ହୁଡ଼ା ମଧ୍ୟ ଜାତୀୟ ସ୍ୱାର୍ଥ ଲାଗି ଏଭଳି ପଦକ୍ଷେପର ଆବଶ୍ୟକତା ଥିଲା ବୋଲି ପ୍ରକାଶ କରିଛନ୍ତି। ମୁମ୍ବାଇ କଂଗ୍ରେସ ମୁଖ୍ୟ ମିଲିନ୍ଦ ଦେଓରା ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ଘଟଣା ବିମୁଦ୍ରୀକରଣଠାରୁ ଭଲ ବୋଲି ପ୍ରକାଶ କରିଛନ୍ତି। ଭାରତର ସାର୍ବଭୌମତ୍ୱ, ସ୍ୱାର୍ଥ ଲାଗି ଯାହା ଉଦ୍ଦିଷ୍ଟ ଓ ଜମ୍ମୁ-କଶ୍ମୀରରେ ଶାନ୍ତି ଓ ବିକାଶ ଲାଗି ଯାହା ଠିକ୍ ତାକୁ ଦଳ ଆଦର୍ଶଗତ ଭାବେ ବିଚାର କରିବା ଉଚିତ ବୋଲି ସେ କହିଛନ୍ତି।

ରାଜ୍ୟ ସଭାରେ କଂଗ୍ରେସର ମୁଖ୍ୟ ସଚେତକ ଭୁବନେଶ୍ୱର କଳିତା ଏହି ପ୍ରସଙ୍ଗକୁ ନେଇ ମଙ୍ଗଳବାର ଇସ୍ତଫା ଦେଇଥିଲେ। ବିଲ୍‌କୁ ବିରୋଧ କରିବା ଲାଗି କଂଗ୍ରେସ ସବୁ ସଦସ୍ୟଙ୍କୁ ହୁଇପ୍ ଜାରି କରିବା ଲାଗି ତାଙ୍କୁ କହିବାରୁ ସେ ଏଭଳି ପଦକ୍ଷେପ ନେଇଥିଲେ। ରାଏବରେଲିର କଂଗ୍ରେସ ବିଧାୟକ ଅଦିତି ସିଂ ଟୁଇଟର୍‌ରେ 'ଜୟହିନ୍ଦ' ଲେଖିବା ସହ ଆମେ ସମସ୍ତେ ଏକାଠି ଅଛୁ ବୋଲି ଉଲ୍ଲେଖ କରିଥିଲେ। ୩୭୦ ଉଚ୍ଛେଦ କରାଯିବା ଏକ ଐତିହାସିକ ନିଷ୍ପତ୍ତି ଓ ଏହାକୁ ନେଇ ରାଜନୀତି କରାଯିବା ଅନୁଚିତ ବୋଲି ସେ କହିଛନ୍ତି। ରାଜସ୍ଥାନର କଂଗ୍ରେସ ମନ୍ତ୍ରୀ ଆଶୋକ ଚନ୍ଦ୍ନା କେନ୍ଦ୍ର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କଂଗ୍ରେସର ବହୁ ନେତା ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଭାଗ ଭାଗ କରାଯିବା ସପକ୍ଷରେ ମତ ଦେଇଥିବା ଜଣାପଡ଼ିଛି।

# ଜମ୍ମୁ-କଶ୍ମୀରରେ ଲାଗୁହେବ ୧୦୬ କେନ୍ଦ୍ରୀୟ ଆଇନ

ନୂଆଦିଲ୍ଲୀ ,୬।୮(ଆଇଏଏନ୍‌ଏସ୍)




ଜମ୍ମୁ-କଶ୍ମୀରରୁ କେନ୍ଦ୍ର ସରକାର ସମ୍ବିଧାନର ଧାରା ୩୭୦, ୩୫ଏ ହଟାଇବା ସହ ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ତେଣୁ ଜମ୍ମୁ-କଶ୍ମୀର ଲାଗି ଭାରତ ସମ୍ବିଧାନର ସମସ୍ତ ବ୍ୟବସ୍ଥା ଲାଗୁ କରାଯିବ। ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ କେନ୍ଦ୍ର ସରକାର କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଲାଗି ୧୦୬ଟି କେନ୍ଦ୍ରୀୟ ଆଇନ ଲାଗୁ କରିବାକୁ ଯାଉଛି। ସମ୍ବଧାନର ପଞ୍ଚମ ଅନୁଚ୍ଛେଦରେ ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମକୁ ଛାଡ଼ି ଅନ୍ୟ ଅନୁସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତି ଉପରେ ପ୍ରଶାସନିକ ନିୟନ୍ତ୍ରଣ କଥା ଉଲ୍ଲେଖ ଅଛି। ହିନ୍ଦୁ ବିବାହ ଆଇନ, ହିନ୍ଦୁ ଉତ୍ତରାଧିକାରୀ ଆଇନ, ସମ୍ପତିଗତ ଅଧିକାର ଆଦି ସମ୍ପର୍କରେ ଆଇନ ମଧ୍ୟ ରହିଛି। ବରିଷ୍ଠ ଓକିଲ ତଥା ସମ୍ବିଧାନ ବିଶାରଦ ରାକେଶ ଦ୍ୱିବେଦୀ କହିଛନ୍ତି, ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ଏହା ଉପରେ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି।

ଜମ୍ମୁ-କଶ୍ମୀରର ସୁରକ୍ଷା ଲାଗି ସମ୍ବିଧାନର ଧାରା ୩୫ଏ ଏକ ବଳିଷ୍ଠ ଭୂମିକା ଗ୍ରହଣ କରୁଥିଲା। ଜମି ମାଲିକାନାସ୍ୱତ୍ୱ, ସ୍କଲାରଶିପ୍, କର୍ମସଂସ୍ଥାନ ଆଦି ରାଜ୍ୟ ବ୍ୟାପାରଭୁକ୍ତ ଥିଲା। ଏବେ ୩୭୦ ଓ ୩୫ଏ ଧାରା ହଟିଯିବା ପରେ ଜମ୍ମୁ-କଶ୍ମୀର ଭାରତର ସମ୍ପୂର୍ଣ୍ଣ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି। ସମ୍ବିଧାନର ଧାରା ୩ ଅନୁଯାୟୀ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ନୂଆ ଭୂଖଣ୍ଡର ସୀମାରେଖା ନିର୍ଦ୍ଧାରଣ କରାଯିବ। ବିଭିନ୍ନ ବିଚାରବିମର୍ଶ ପରେ ପାର୍ଲାମେଣ୍ଟରେ ଏନେଇ ଆଇନ ଅଣାଯିବା ସହ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବ। ଆର୍ଥିକ ଅନଗ୍ରସରଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ହେଲେ କେନ୍ଦ୍ର ସଂଶୋଧନ ପ୍ରସ୍ତାବ ଆଣିବ। ଜମ୍ମୁ-କଶ୍ମୀରରେ ପ୍ରଚଳିତ ପ୍ରଥା, ପରମ୍ପରା ଲାଗି କେନ୍ଦ୍ର ସରକାର ମଧ୍ୟ ନୂଆ ଆଇନ ପ୍ରସ୍ତୁତ କରିପାରିବେ। ଏଭଳି ଅନେକ ଆଇନ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ପାଇଁ ଲାଗୁ କରିପାରନ୍ତି ବୋଲି ସମ୍ବିଧାନ ବିଶାରଦ ତଥା ବରିଷ୍ଠ ଓକିଲ ନରେନ୍ଦ୍ର ହୁଡ଼ା ପ୍ରକାଶ କରିଛନ୍ତି।

# ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ- ୮ ଅଗଷ୍ଟ ୨୦୧୯

DSPL-57

ଚଳିତ ବର୍ଷ **ଅଗଷ୍ଟ ୮** ତାରିଖରେ ରାଜ୍ୟର ୫ଟି ଫାଇଲେରିଆ ବା ବାତଜ୍ୱର ପ୍ରବଣ ଜିଲ୍ଲା (ବାଲେଶ୍ୱର, କଟକ,ଢେଙ୍କାନାଳ,ଖୋର୍ଦ୍ଧା ଓ ନୂଆପଡା)ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି. ଓ ଆଲବେଣ୍ଡାଜଲ୍ ବଟିକା ସେବନ ବ୍ୟବସ୍ଥା କରାଯାଇଛି ।



- ଆଶାକର୍ମୀ କିମ୍ବା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବୟସ ଅନୁପାତରେ ବଟିକା ଖୁଆଇବେ ।
- କେବଳ ଗର୍ଭବତୀ ମହିଳା, ୨ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ।
- ଯଦି କୌଣସି କାରଣବଶତଃ ଉକ୍ତ ଦିନ ଏହି ବଟିକା ଖାଇପାରିନଥିବେ, ତେବେ ପରବର୍ତ୍ତି ଦୁଇଦିନ ଯଥା ୯ ଓ ୧୦ ତାରିଖରେ ଆଶାକର୍ମୀ କିମ୍ବା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବେ ।

ମନେରଖନ୍ତୁ - କିଛି ଖାଦ୍ୟ ଖାଇବା ପରେ ହିଁ ଏହି ବଟିକା ସେବନ କରିବା ଉଚିତ୍ ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0035/1920





## ଆଜି କ'ଣ କେଉଁଠି

**କଣ୍ଟାବାଞ୍ଜି**
- ଏନଏସିସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ଏନଏସି କନଫରେନ୍ସ ହଲ, ଅପରାହ୍ନ ୪।୩୦।

**ସମ୍ବଲପୁର**
- କଲେଜ ଓ ସ୍କୁଲ ସ୍ତରୀୟ କୁଇଜ ପ୍ରତିଯୋଗିତା, ଜିଲାପାଳ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ସନ୍ଧ୍ୟା ଆଳତୀ, ସମଲେଶ୍ୱରୀ ମନ୍ଦିର, ସନ୍ଧ୍ୟା ୭ଟା ୨୦ ମିନିଟ।

**ବୌଦ୍ଧ**
- ଡିଷ୍ଟିଲାରିଲର ଶୁଭ ଉଦ୍‌ଘାଟନ, ତିତିରିକଟା ହରଭଙ୍ଗା, ପୂର୍ବାହ୍ନ ୧୧ଟା।

**ଭେଡ଼ନ**
- ଧାରା ୩୭୦ ଉଚ୍ଛେଦ ନେଇ ଆନନ୍ଦ ଉତ୍ସବ ସହ ବାଇକ୍ ଶୋଭାଯାତ୍ରା, ବସ୍‌ଷ୍ଟାଣ୍ଡ, ସକାଳ ୮ଟା।

**ସୁବର୍ଣ୍ଣପୁର**
- ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ମହାରାଜା ହାଇସ୍କୁଲ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦।୩୦।

**ଦେବଗଡ଼**
- କୌତୁକ ପୋଷାକ ପ୍ରତିଯୋଗିତା, ପ୍ରି ନର୍ସରୀରୁ ପଞ୍ଚମ, ବାଳକ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।


ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ TM
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038



GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY) 8249598936- (DMLT),7982724451, 7381578301 (PHYSIOTHERAPY)


# 'ଫନୀ' କ୍ଷୟକ୍ଷତିଜନିତ ରିପୋର୍ଟ ଉନ୍ମୋଚିତ

ଭୁବନେଶ୍ୱର,୬।୮(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀଙ୍କ ଦ୍ୱାରା ସଚିବାଳୟରେ ଫନୀ ସମ୍ପର୍କୀତ ରିପୋର୍ଟ ଉନ୍ମୋଚନ କରାଯାଉଛି।

- ପୁନରୁଦ୍ଧାର ପାଇଁ ଆବଶ୍ୟକ ୨୯,୩୧୫ କୋଟି ଟଙ୍କା
- ସଚିବାଳୟରେ ପ୍ରଦର୍ଶିତ ହେଲା ବୃତ୍ତଚିତ୍ର
- କ୍ଷୟକ୍ଷତିର ପରିମାଣ ୨୪,୧୭୬ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଙ୍ଗଳବାର ସଚିବାଳୟରେ ସାମୁଦ୍ରିକ ଝଡ଼ ଫନୀ ବାତ୍ୟାଜନିତ କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କିତ ରିପୋର୍ଟ ଉନ୍ମୋଚନ ହୋଇଛି। ଭାରତରେ ଅବସ୍ଥାପିତ ମିଳିତ ଜାତିସଂଘର ମୁଖ୍ୟ ସମନ୍ୱୟକାରୀ ରେନାଟା-ଲୋକ୍-ଡେସାଲିଏନ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଗତ ମେ ମାସ ୩ରେ ହୋଇଥିବା ଏହି ସାମୁଦ୍ରିକ ବାତ୍ୟା ଦ୍ୱାରା ରାଜ୍ୟର ୧୪ଟି ଜିଲା ପ୍ରଭାବିତ ହୋଇଥିଲା। ପ୍ରାୟ ଏକ କୋଟି ୬୫ ଲକ୍ଷ ଲୋକ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ। ଫନୀ ଦ୍ୱାରା ସମୁଦାୟ ୨୪,୧୭୬ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ରିପୋର୍ଟରୁ ଜଣାପଡିଛି। ସେହିପରି ଏହି କ୍ଷତିର ଭରଣା ତଥା ପୁନରୁଦ୍ଧାର ପାଇଁ ୨୯,୩୧୫ କୋଟି ଟଙ୍କାର ଆବଶ୍ୟକତା ଥିବା କୁହାଯାଇଛି।

ଉନ୍ମୋଚନ ଉତ୍ସବରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଫନୀକୁ ଦୃଢ଼ ଭାବରେ ମୁକାବିଲା କରିପାରିଛି। ୨୪ ଘଣ୍ଟା ମଧ୍ୟରେ ରେକର୍ଡ ସଂଖ୍ୟକ ୧.୫ ମିଲିୟନ ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇଥିଲା, ଏହା ଇତିହାସରେ ଅନ୍ୟତମ ପ୍ରମୁଖ ସ୍ଥାନାନ୍ତରଣ ଥିଲା। ବିଶ୍ୱ ବ୍ୟାଙ୍କ୍ , ଏସିଆନ୍ ଉନ୍ନୟନ ବ୍ୟାଙ୍କ୍ ଏବଂ ମିଳିତ ଜାତିସଂଘ ଦ୍ୱାରା ୧୫ଟି କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇଛି। ଏଥିରେ ଉପରୋକ୍ତ ସଂସ୍ଥାଗୁଡିକ ପକ୍ଷରୁ ୧୦୦ଟି ବହୁମୁଖୀ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ଆକଳନ କରାଯାଇଛି। ପ୍ରସ୍ତୁତ ହୋଇଥିବା କ୍ଷୟକ୍ଷତି ରିପୋର୍ଟ ଦ୍ୱାରା ପୁନରୁଦ୍ଧାର ଏବଂ ତତ୍‌ଜନିତ ଯୋଜନା ପ୍ରସ୍ତୁତରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ପକ୍ଷରୁ ଅର୍ନ୍ତଜାତୀୟ ସଂସ୍ଥା, ଜାତୀୟସ୍ତରୀୟ ସ୍ୱେଚ୍ଛାସେବୀ ସଙ୍ଗଠନ , ସିଭିଲ ସୋସାଇଟି ଏବଂ ଘରୋଇ କ୍ଷେତ୍ରମାନଙ୍କୁ ଫନୀ ପରବର୍ତ୍ତୀ ପୁନରୁଦ୍ଧାରରେ ସହଯୋଗ କରିବା ନେଇ ମୁଖ୍ୟମନ୍ତ୍ରୀ କହିଥିଲେ।

ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ନିର୍ଦ୍ଧାରିତ ଅର୍ଥର ୪୨ ଭାଗ ଆବଶ୍ୟକତା ରହିଛି। ସାମାଜିକ କ୍ଷେତ୍ର, ଯେଉଁଥିରେ ଗୃହ ନିର୍ମାଣ ଅନ୍ତର୍ଭୁକ୍ତ ସେଥିପାଇଁ ୩୬ ଭାଗ ଅର୍ଥର ଆବଶ୍ୟକତା ରହିଛି। ଉକ୍ତ ରିପୋର୍ଟ ବାତ୍ୟାର ବ୍ୟାପକ ଅର୍ଥନୀତି ଓ ମାନବୀୟ ପ୍ରଭାବ ଉପରେ ଏକ ସମୀକ୍ଷା ଉପସ୍ଥାପନ କରୁଛି। ଭବିଷ୍ୟତରେ ଏହା ସୁବ୍ୟବସ୍ଥିତ ପୁନରୁଦ୍ଧାର କାର୍ଯ୍ୟ ତଥା ବିପର୍ଯ୍ୟୟ ପ୍ରତିରୋଧୀ ଓଡ଼ିଶା ଗଠନର ଦୂରଦୃଷ୍ଟି ହାସଲରେ ସହାୟକ ହେବ ବୋଲି କୁହାଯାଉଛି। ବିପର୍ଯ୍ୟୟ ପ୍ରତିରୋଧୀ ଗୃହ, ଭିତ୍ତିଭୂମି ନିର୍ମାଣ ତଥା ଜୀବିକା ଆଧାରିତ ଦୀର୍ଘସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟଶୈଳୀକୁ ରିପୋର୍ଟ ପ୍ରସ୍ତାବିତ କରୁଛି। ଏହି କାର୍ଯ୍ୟକ୍ରମ ଫନୀ ସମ୍ପର୍କିତ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଉନ୍ମୋଚନ ଅବସରରେ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।


SUIIT
(Sambalpur University Institute of Information Technology)
at Jyoti Vihar, Burla, Sambalpur, Odisha
Advt. No.: 943 / SUIIT Dated: 06 / 08 / 2019

SPOT ADMISSION: 2019-20

B. TECH (CSE, ECE, EEE)
(BOTH REGULAR AND LATERAL)
Admission for all OJEE-2019 allotted candidates will continue up to 1.00 PM on 9th August, 2019.
Spot admission will be done against the vacant seats for B. Tech CSE, ECE, EEE in SUIIT.
Date: 9th August, 2019 (Friday)
Reporting Time: 10.00 AM to 1.00 PM

PG Programmes
Spot admission will be done against few vacant seats for MCA, M. Sc Comp. Sc., M. Sc Electronics, M. Tech Comp. Sc. Engg., M. Tech Comm. System Engg., M. Tech Embedded System Design in SUIIT.
Date: 9th August, 2019 (Friday)
Reporting Time: 09.00 AM to 10.30 AM

For Detail information on eligibility criteria, fee structure, etc.
Visit www.suiit.ac.in and Contact:
Dr. S. Jena, HOD, CSE&A – 8247679467; Mrs. S. Kar, HOD, ECE – 9439657668; Dr. A. Panda, HOD, EEE – 9337347538; Mr. A. Nag, HOD, BS&H – 9338703277
Email: admin.office@suiit.ac.in/director@suiit.ac.in Director, SUIIT


■ରାୟପୁରରେ ଓଡ଼ିଶା-ଛତିଶଗଡ଼ ଅଧିକାରୀଙ୍କ ବୈଠକ

# ମହାନଦୀ ଜଳ ପରିଚାଳନା ଉପରେ ଆଲୋଚନା

ସମ୍ବଲପୁର,୬।୮(ବ୍ୟୁରୋ)

ଛତିଶଗଡ଼ ଜଳସମ୍ପଦ ବିଭାଗ ପକ୍ଷରୁ ରାୟପୁର ଅଟଳନଗର ଶିବାନାଥ ଭବନରେ ମହାନଦୀ ଜଳ ପରିଚାଳନା ନେଇ ଓଡ଼ିଶା ଓ ଛତିଶଗଡ଼ ଜଳସମ୍ପଦ ବିଭାଗ ଡ୍ୟାମ୍ ସୁରକ୍ଷା ଅଧିକାରୀଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହୀରାକୁଦ ଡ୍ୟାମ୍ ସୁରକ୍ଷା, ପଟୁମାଟି ପ୍ରବାହ ଉପରେ କଟକଣା ଲଗାଇବା, ବନ୍ୟାଜଳ ନିୟନ୍ତ୍ରଣ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ସେହିପରି ବନ୍ୟାଜଳ ଛାଡ଼ିବାର ୪୮ ଘଣ୍ଟା ପୂର୍ବରୁ ସୂଚନା ଦେବାକୁ ଛତିଶଗଡ଼କୁ ଓଡ଼ିଶା ଦାବି କରିଥିଲା। ଜଳସ୍ତର ଉପରେ ନିୟମିତ ସୂଚନା ଦେବା, ମହାନଦୀ ଉପର ମୁଣ୍ଡରେ ଥିବା ଛୋଟବଡ଼ ଡ୍ୟାମ୍‌ଗୁଡ଼ିକରେ କିଭଳି ପାଣି ଗଚ୍ଛିତ ରହିବ ସେ ଦିଗରେ ଗୁରୁତ୍ୱ ଦିଆଯାଇଥିଲା। ଉପର ମୁଣ୍ଡରେ ବର୍ଷା ପରିମାଣ କମ୍ ରହିଛି। ତେଣୁ ବର୍ଷା ପାଣିକୁ ସଂରକ୍ଷିତ କରାଯାଇ ପରିଚାଳନା କରାଯିବ ବୋଲି ସହମତି ପ୍ରକାଶ ପାଇଛି। ବୈଠକରେ ଓଡ଼ିଶା ପକ୍ଷରୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ, ମୁଖ୍ୟଯନ୍ତ୍ରୀ (ବୁର୍ଲା) ସୁନୀଲ କୁମାର ନାଏକ, ମୁଖ୍ୟ ଡ୍ୟାମ୍ ସୁରକ୍ଷା ଅଧିକାରୀ (ଭୁବନେଶ୍ୱର) ପୂର୍ଣ୍ଣଚନ୍ଦ୍ର ସାହୁ, ଡ୍ୟାମ୍ ସୁରକ୍ଷା ନିର୍ଦ୍ଦେଶକ ଅକ୍ଷୟ କୁମାର ଦାସ, ସିଡବ୍ଲ୍ୟୁସି ଅମରିଶ ପାଲ ସିଂ ଯୋଗଦେଇଥିଲେ। ସେହିପରି ଛତିଶଗଡ଼ ପକ୍ଷରୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଜୟନ୍ତ ପାୱାର, ମହାନଦୀ ପରିଯୋଜନା ମୁଖ୍ୟଯନ୍ତ୍ରୀ କେ.ଏସ୍. ଧ୍ରୁବ, ବିଳାସପୁର ହାସଦେଓ ବାଙ୍ଗୋ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ଏ.କେ. ସନୱାର, ମହାନଦୀ ଗୋଦାବରୀ ବେସିନ ମୁଖ୍ୟଯନ୍ତ୍ରୀ ବି.ସି. ଜୈନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୮ରେ ବୁର୍ଲା ଆଶୋକ ନିବାସଠାରେ ଦୁଇ ରାଜ୍ୟ ମଧ୍ୟରେ ଏଭଳି ବୈଠକ ହୋଇଥିଲା। ଚଳିତବର୍ଷ କମ୍ ବର୍ଷା ହେବାରୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର କମ୍ ରହିଛି। ମଙ୍ଗଳବାର ଡ୍ୟାମ୍ ଜଳସ୍ତର ୬୦୧.୮୧ ଫୁଟ ରହିଛି। ଜଳଭଣ୍ଡାରକୁ ୯୫୬୧ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୩୭୨୫ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ଚାଷ ପାଇଁ କେନାଲଗୁଡ଼ିକରେ ୩୫୫୫ କ୍ୟୁସେକ ପାଣି ଛଡ଼ାଯାଉଛି।

# ଲାଗୁ ହେବ ଇ-ଅବକାରୀ ବ୍ୟବସ୍ଥା

ଭୁବନେଶ୍ୱର,୬।୮(ବ୍ୟୁରୋ)

ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଇ-ଅବକାରୀ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ମଙ୍ଗଳବାର ବିଭାଗୀୟ ସଚିବ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରୁ ଏହା ଜଣାପଡିଛି। ଏହି ସମସ୍ତ ପ୍ରକ୍ରିୟାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ୧୧ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଇ-ଅବକାରୀ ପ୍ରକ୍ରିୟା ପାଇଁ ଆବଶ୍ୟକ ସଫ୍ଟୱେର, ହାର୍ଡୱେର ଏବଂ ବୈଷୟିକ ଦିଗରେ ଏହି ଅନୁଦାନ ଖର୍ଚ୍ଚ କରାଯିବ। ରାଜ୍ୟରେ ବେଆଇନ ମଦ କାରବାର ଏବଂ ଲାଇସେନ୍ସ ବଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଏହି ବ୍ୟବସ୍ଥା କରାଯାଉଥିବା କୁହାଯାଉଛି। ଇ-ଅବକାରୀ ବ୍ୟବସ୍ଥା ଦ୍ୱାରା ବିଭାଗୀୟ ଅଧିକାରୀ, ଲାଇସେନ୍ସ ପ୍ରଦାନକାରୀ ସଂସ୍ଥା ଓ ବିଭାଗ ସହ ଜଡିତ ବ୍ୟକ୍ତିବିଶେଷ ଏକୀକୃତ ହୋଇ ରହିବେ। HTTPS://WWW.STATEEXCISE.ODISHA.GOV.IN ୱେବସାଇଟ୍ ଦ୍ୱାରା ଇ-ଅବକାରୀ ବ୍ୟବସ୍ଥାକୁ ପ୍ରଚଳନ କରାଯିବ। ପ୍ରାୟ ୧୮୫୦ରୁ ଅଧିକ ଲେବଲ ରେଜିଷ୍ଟ୍ରେସନ ଏବଂ ଲାଇସେନ୍ସ ନବୀକରଣ ଗତ ଜୁଲାଇ ଶେଷ ସୁଦ୍ଧା ସମାପ୍ତ ହୋଇଥିବା ଜଣାପଡିଛି।


ADMISSION NOTICE - 2019
DIRECTORATE OF DISTANCE & CONTINUING EDUCATION
D.D.C.E., UTKAL UNIVERSITY
BHUBANESWAR-751007
NAAC Accredited A+
Admn Advt-4
COURSES OFFERED

| Courses | Admission |
|---|---|
| DISTANCE MODE (Management Courses)<br>• Master of Business Administration (MBA)<br>• BBA / IMBA<br>• Post Graduate Diploma in Mgt. :<br>• Human Resource • Marketing<br>• Production & Operation • Finance<br>• Tour & Travel • Agri Business<br>• Ditetics & Nutrition • Public Policy | Walk in Online , Entrance Test & Rolling Admission. |
| REGULAR MODE (Morning Programme)<br>• MCA (3 Yrs.) • M.Sc. I T&M<br>• M.Sc. Comp. Sc. • M.Sc. IT<br>• P.G.Dip. in Banking & Insurance Mgt. | Walk in Online Entrance Test cum PI and Rolling Admission. |
| DISTANCE MODE (Graduate Courses)<br>• BA (HONS.) • B.COM. (HONS.)<br>DISTANCE MODE (Post Graduate Courses)<br>• MSW • M.Com.<br>• MA in Public Admn. • MA in History<br>• MA in Pol.Science • MA in Sanskrit<br>• MA in Education • MA in English<br>• MA in Odia • MA in Sociology<br>• MA in Economics • MA in Hindi | Walkin Admission |

Last Date of Admission Extended to: 31.08.2019
APPLY ONLINE : www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE . NO ADMISSION ON 2ND AND 4TH SATURDAY.)
DIRECTOR

**କିଛି ତଥ୍ୟ**

ଚଳିତ ବର୍ଷ ଜୁନରେ ଭୀମ ପ୍ଲାଟଫର୍ମରେ ୧.୫ କୋଟି ସଂଖ୍ୟକ ଟ୍ରାଞ୍ଜାକଶନ ହୋଇଥିବା ବେଳେ ଏହାର ମୋଟ ମୂଲ୍ୟ ୬,୨୦୨ କୋଟି ଟଙ୍କା ରହିଛି।
– ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିଙ୍କି
ପରିବାରବର୍ଗ


ସାଇଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଆର୍.ପି. ଶର୍ମା ...

ଡା. ଶର୍ମା ପୋଲିସ ଡିଜି ପଦ ଛାଡ଼ିବା ପରେ ୧୯୮୭ ବ୍ୟାଚର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟଙ୍କୁ ଭାରପ୍ରାପ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ନୂଆ ପୋଲିସ ଡିଜି ମନୋନୀତ ନ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସେହିପରି କଟକସ୍ଥିତ ପୋଲିସ ମୁଖ୍ୟାଳୟର ଏଡିଜିପି ଭାବେ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ ଦାୟିତ୍ୱ ମିଳିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପରବର୍ତ୍ତୀ ପୋଲିସ ଡିଜି କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କେତେଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଆଇପିଏସ୍ ଅଫିସର ତଥା ନ୍ୟାଶନାଲ ଟେକ୍ନିକାଲ ରିସର୍ଚ୍ଚ ଅର୍ଗାନାଇଜେଶନ ସେଣ୍ଟର ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଦୀପ କପୁର, କେନ୍ଦ୍ରୀୟ ଡେପୁଟେଶନରେ ଥିବା ଏମ୍. ନାଗେଶ୍ୱର ରାଓ, ଅଗ୍ନିଶମ ଡିଜି ବିଜୟ କୁମାର ଶର୍ମା, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟଙ୍କ ସମେତ ସୁନୀଲ କୁମାର ବନ୍ସଲ, ସୁରେନ୍ଦ୍ର ପନ୍ୱର ଓ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ନାମ ଚର୍ଚ୍ଚାକୁ ଆସୁଛି।

## ଦ୍ୱିତୀୟ ଥର ପାଇଁ ରିପୋର୍ଟ ଦେଲେ ମନ୍ତ୍ରୀ

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ପାଇଁ ରାଜ୍ୟରେ ସରକାର କରିବା ପରେ ମନ୍ତ୍ରୀମାନଙ୍କୁ ପ୍ରତି ମାସ ୭ ତାରିଖ ପୂର୍ବରୁ ନିଜ କାର୍ଯ୍ୟର ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଦଳ ପକ୍ଷରୁ ନିର୍ବାଚନ ପୂର୍ବରୁ ଲୋକଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ସେହି କାମକୁ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ନିର୍ଦ୍ଦେଶ ପାଇବାପରେ ମନ୍ତ୍ରୀମାନେ ନିଜ ଦ୍ୱିତୀୟ ମାସ ରିପୋର୍ଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏଥର ଗଣଶିକ୍ଷା, ଅର୍ଥ, ଅବକାରୀ ଏବଂ କୃଷି ମନ୍ତ୍ରୀଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜ ରହିଛି।

## ‘ଜଲି ଏଲ୍ଏଲ୍ବି’ ଭଳି ଫିଲ୍ମରେ ଅଭିନୟ ଚାହାନ୍ତି ବରୁଣ



ନୂଆଦିଲ୍ଲୀ: ‘ଫୁକ୍ରେ’ ସିରିଜରେ ଚୁଚା ଚରିତ୍ର ପାଇଁ ଖୁବ୍ ପରିଚିତ ଅଭିନେତା ବରୁଣ ଶର୍ମା ‘ଜଲି ଏଲ୍ଏଲ୍ବି’ ଭଳି ଫିଲ୍ମରେ ଅଭିନୟ କରିବାକୁ ବେଶ୍ ପସନ୍ଦ କରିଛନ୍ତି। ୨୦୧୩ରେ ଫିଲ୍ମ ଦୁନିଆରେ ପାଦ ଦେବା ପରଠାରୁ ବରୁଣ ‘ଫୁକ୍ରେ’, ‘ଡଲି କି ଡୋଲି’, ‘କିସ୍ କିସ୍କୋ ପ୍ୟାର କରୁଁ’, ‘ଦିଲୱାଲେ’, ‘ଅର୍ଜୁନ ପାଟିଆଲା’ ଏବଂ ‘ଖାନ୍ଦାନି ଶାଫଖାନା’ରେ ଅଭିନୟ କରି ନିଜର କଳାତ୍ମକ ନିପୁଣତା ଦେଖାଇ ଆସିଛନ୍ତି। ଅଭିନୟରେ କିଛି ପୃଥକ୍ କରି ଦେଖାଇବାକୁ ସେ ସବୁବେଳେ ପସନ୍ଦ କରନ୍ତି। ୨୯ବର୍ଷ ବୟସ୍କ ବରୁଣ ‘ଜଲି ଏଲ୍ଏଲ୍ବି’ ଭଳି ଫିଲ୍ମ କରିବାକୁ ପସନ୍ଦ କରନ୍ତି। ଯେଉଁ ଫିଲ୍ମରେ ଭଲ ଚରିତ୍ର ଥିବ, ବିଶେଷକରି କାହାଣୀ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବ ସେଭଳି ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରନ୍ତି ବୋଲି ବରୁଣ ପ୍ରକାଶ କରିଛନ୍ତି।

### ଅଯୋଧା ଜମି ସ୍ୱତ୍ତ୍ୱ ବିବାଦ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ

## ଅଧିକାର ଜାହିର କଲା ନିର୍ମୋହୀ ଆଖଡ଼ା

ନୂଆଦିଲ୍ଲୀ ,୬।୮(ପି.ଟି.): ଅଯୋଧ୍ୟା ଜମି ସ୍ୱତ୍ତ୍ୱ ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟରେ ମଙ୍ଗଳବାରଠାରୁ ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇଛି। ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ୩ ମଧ୍ୟସ୍ଥ ଏଥିରେ ବିଫଳ ହେବାରୁ ଏହାର ସମାଧାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ମାମଲାରେ ପକ୍ଷ ଥିବା ନିର୍ମୋହୀ ଆଖଡ଼ା ପକ୍ଷରୁ ଖଣ୍ଡପୀଠଙ୍କ ଆଗରେ ସମସ୍ତ ବିବାଦୀୟ ୨.୭୭ ଏକର ଜମି ଉପରେ ନିଜର ଅଧିକାର ଜାହିର କରାଯାଇଛି। ରାମ ଜନ୍ମଭୂମି ବାବ୍ରୀ ମସ୍ଜିଦର ଏହି ଜମିଗୁଡ଼ିକ ଏବେ ନିର୍ମୋହୀ ଆଖଡ଼ା ଅଧୀନ ଓ ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ଦର୍ଶାଯାଇଛି। ୧୯୩୪ ପରଠାରୁ ଏହି ବିବାଦୀୟ ଅଞ୍ଚଳକୁ କୌଣସି ମୁସଲମାନଙ୍କୁ ପ୍ରବେଶ ଲାଗି ଅନୁମତି ଦିଆଯାଇନାହିଁ। ନିର୍ମୋହୀ ଅଖଡ଼ା ପକ୍ଷରୁ ଓକିଲ ସୁଶୀଲ ଜୈନ ନିଜ ପକ୍ଷ ରଖି ସେଠାରେ ଶହ ଶହ ବର୍ଷ ହେବ ରାମଲାଲାଙ୍କୁ ପୂଜା କରାଯାଇଆସୁଥିବା କହିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ କେଉଁ ଆଧାରରେ ଆଖଡ଼ାର ଦାବିକୁ ବିରୋଧ କରାଯାଉଛି ବୋଲି ଜାଣିବାକୁ ଚାହିଁଥିଲେ। ପ୍ରଥମ ଦିନରେ ଆଖଡ଼ା ପକ୍ଷରୁ ଏହାର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଯୁକ୍ତି ଦର୍ଶାଯାଇଥିଲା। ଜୈନ କହିଥିଲେ, ଯୁଦ୍ଧବେଳେ ଝାନ୍ସୀ ରାଣୀଙ୍କୁ ମଠର ସଦସ୍ୟମାନେ ସୁରକ୍ଷା ଦେଇଥିଲେ। ‘ସୀତା ରୋଷେଇ’, ‘ଚବୁତ୍ର’, ‘ଭଣ୍ଡାର ଘର’ ଆଦି ସବୁ ଆମ ନିୟନ୍ତ୍ରଣରେ ରହିଛି। ଏହା ଏକ ସ୍ୱତନ୍ତ୍ର ଭାବଧାର ସମ୍ପର୍କିତ ପ୍ରସଙ୍ଗ ହୋଇଥିବାରୁ ଏଥିଲାଗି ଆମେ ସଂଗ୍ରାମ ଜାରି ରଖିଛୁ ବୋଲି ନିର୍ମୋହୀ ଆଖଡ଼ା ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଦର୍ଶାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ନୂତନ କର୍ମାରମ୍ଭ ପାଇଁ ପ୍ରୀତିପ୍ରଦ ରହିବ। ବକ୍ରୀ କର୍ମାଧିପତି ପାପଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ କେତେକାଂଶରେ ସଫଳତା ପାଇବେ।

**ବୃଷ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅନ୍ୟମାନଙ୍କର କଥାକୁ ସହଜରେ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଶନିଙ୍କ ପ୍ରଭାବରେ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** ଆପଣଙ୍କ କାମରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଏକାଧିକ କାମରେ ହାତଦେଇ କୌଣସିଟିକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ, ଲେଖାପଢ଼ାରେ ସ୍ଥଗିତ କାମ ଦିଗରେ ପଦକ୍ଷେପ ନେଇ ପାରନ୍ତି। ଆଇନ ଅଦାଲତ, କ୍ରୀଡା, ପ୍ରତିଯୋଗିତାଦି କ୍ଷେତ୍ରରୁ ସଫଳତା ମିଳିବ।

**କର୍କଟ** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ମଙ୍ଗଳଙ୍କ ଦୁର୍ବଳତା ହେତୁ ସନ୍ତାନ ହେତୁକ ପୀଡା ଅନୁଭବ କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଆଜିର ଯାତ୍ରା, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** କେତେକ ସାମାନ୍ୟ ଭୁଲ୍ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ତଥାପି ପୂର୍ବାଫାଲ୍ଗୁନୀର ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍ରେ ଅଟଳ ରହି କାମ ହାସଲ କରିବେ। କର୍ମକ୍ଷେତ୍ରରେ କୌଣସି ଜଣେ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା** ମନରଭାବକୁ ଗୋପନ ରଖି ବନ୍ଧୁଙ୍କ ସହ ଆଲୋଚନାରେ ଭାଗନେବେ। ପାରିବାରିକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ନିଜକୁ କଷ୍ଟ ସହିବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରି ଅଶାନ୍ତି ରହିପାରନ୍ତି।

**ତୁଳା** ଭୁଲ୍ ବୁଝାମଣାରୁ ବଢି ଚାଲିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ସ୍ଥଗିତ ରହିଯାଇଥିବା ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିପାରନ୍ତି। ପିଲାମାନଙ୍କ କୃତି ଓ କୃତିତ୍ୱ ପାଇଁ ଗର୍ବ ଅନୁଭବ କରିବେ।

**ଧନୁ** ବନ୍ଧୁଙ୍କ ସହଯୋଗରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପୂର୍ବ ପରିକଳ୍ପିତ ଯୋଜନାଗୁଡିକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ଜମିଜମା ସମ୍ବନ୍ଧୀୟ ବାଦବିବାଦ କ୍ରମେ ଜଟିଳ ହେବାର ସୂଚନା ରହିଛି। ସତର୍କତା ଅଭାବରୁ ଯାନବାହନରେ ଭ୍ରମଣବେଳେ ଦ୍ରବ୍ୟ ହରଣ ହୋଇପାରେ।

**ମକର** ହାତରେ ବହୁତ କାମ ଥିଲେ ମଧ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ ସ୍ତରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ସକାଶେ ଚିନ୍ତିତ ରହିବେ।

**କୁମ୍ଭ** କେତେକ ସାମାନ୍ୟ ଭୁଲ୍ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ଦୁରବସ୍ଥା ବହୁଳାଂଶରେ ଦୂରୀଭୂତ ହୋଇଯିବ। ଘରେ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିପାରନ୍ତି। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ପରୋକ୍ଷ ଶତ୍ରୁତା କାର୍ଯ୍ୟହାନିର ପରୋକ୍ଷ କାରଣ ହୋଇପାରେ।

**ମୀନ** ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କଲେ ସଫଳତା ପାଇପାରିବେ । ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବିବାଦୀୟ ପରିସ୍ଥିତିରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲ୍କା କରିବାରେ ସମର୍ଥ ହେବେ।

ଆଜି ଶ୍ରାବଣ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ଶ୍ରୀରାମ ଚରିତ ମାନସ ପ୍ରଣେତା ଗୋସ୍ୱାମୀ ତୁଳସୀଦାସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ, ଘ୩।୦୪ମି. ଗତେ ଘ୪।୪୩ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ, ଘ୧୦।୦୭ମି. ଗତେ ଘ୧।୪୬ମି. ମଧ୍ୟେ ଘ୪।୪୩ମି. ଗତେ, ଘ୬।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302




**BRIDE WANTED**

Wanted Kayasta Bengali Science graduate, Post graduate, B.Tech, M.Tech, MBA, MCA girl or any job holder for our son (Software Engineer) at Bangalore. Contact: 9937619636, 8018542461. D-13715

Khandayat boy 1986, B.Tech working at Vedanta, 1987 working at PNB, 1987 working as Geologist required beautiful tall girls. 9040120506, 7608969523. D-62197

Karan boy 1989, B.Tech (CET), MBA (IIM), Software Engineer, Bangalore. 9437555525. D-67211

Brahmin boy 1986 / 5'8", +2, businessman required housewife. Barsha: 9338229705, 7749883585. D-66170

Brahmin 28/5'5", working in Gas company searching bride (Odisha). 8338083380. D-13756

Teli boy 1990, Manager MNC, Odisha, Vaisnabi. 06742362186, 2551286, 9238578590. D-66169

Khandayat 35/5'6", Bhubaneswar searching bride (any location). 8338083380, 8480611745. D-13758

**GROOM WANTED**

ତେଲି,39 ବର୍ଷ ବାଲେଶ୍ୱର Govt. job କରୁଥିବା ବିଧବା ଝିଅ ପାଇଁ ବ୍ୟବସାୟିକ ବରପାତ୍ର ଖୋଜା ଚାଲିଛି। 8763515536. D-13805

Brahmin MBBS 27/5'4", Cuttack, searching groom (Any location). 8338083380, 8480611745. D-13757

Match for beautiful, very fair, homely, brahmin girl, 34 yrs, 5'4", only to be housewife, no service, parents well settled at Bhubaneswar. Direct contact: 91-8144758880. D-66277

MA କରିଥିବା, 45 ବୟସ୍କା, BBSR, ଛାଡ଼ପତ୍ର ପ୍ରାପ୍ତ ନିଃସନ୍ତାନ ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381460017. D-13755

Govt.ର Technical Assistant, ସେଠୀ ଘରର ବିଧବା ଝିଅ, ବୟସ 49 ବର୍ଷ। ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 8763283720. D-63787

Beautiful Dama girl 1992, BSC working at PNB, 1994, BSC working at Kotak Mahindra groom wanted. 9040120506, 7608969523. D-62198

Now Matrimonial ads. only on Wednesday & Sunday
Book 1 Get 1 FREE




**SALE**

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

**ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/-ରେ plot ବିକ୍ରିହେବ। 6370292040.** D-66746

**Studio flats (350sqft) specious 1BR cubical (590sqft) besides Lokanath temple, Puri, very affordable price for booking. Contact: Susil Pradhan (MBA Marketing)-9348261173.** D-67331

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

2800sqft. building on 2400sqft. land, Acharyavihar, Bhubaneswar, 9348986710, 9437056848. D-65908

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/-ରେ outright ରେ ମିଳୁଅଛି । 9776974912, 8144706560.** D-66750

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709.** D-66749

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

ନଖରା mainroad ରୁ 9k.m. ଦୂର ଓଡ଼ିଶାର ସର୍ବବୃହତ Omfed plant ନିର୍ମାଣ ହେଉଥିବା Arilo ମୌଜାରେ sqft 350/- ଘରବାଡ଼ି plot କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। Contact: 8917492419, 9090950009. D-13808

2350 sqft residential plot near CET College, Ghatikia, Bhubaneswar, price-61lakh. Mobile: 9078151122. D-67341

Sthitiban & patta plot near Bigbazar Patia to 3 k.m. Singada mouza 0.100 decml 4356 sqft Rs. 12lakh. Contact No: 8270495179. D-13725

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278




**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806




3000 sqft. 3rd floor and 1300 sqft. 4th floor adjacent to BMC Mall, Sahid Nagar, Bhubaneswar for rent to Bank / Office / Corporates. Call: 9938014712. D-13746

Open space with boundary for rent of 30000sqft. for godown/ stockyard available opposite Synergy College, Nakhara, Bhubaneswar. Call: 9938014712. D-13747

3BHK apartment for to-let in Baishnav Vihar, Bomikhal, Bhubaneswar for family. 9238574993, D-13724




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Newly opening Ayurvedic body massage smart therapist, Shree herbal, 775 0020754. D-67343

All Health care services home available here in most income save 20000 only for Girls. 9583808247. D-13781

Ayurvedic herbal full body massage smart lady therapist:9437453813. D-66279




Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / Call: 9893869473, (Agent excuse). D-67345

Contact for tuition of CBSE mathematics (9 to 12). 7381218192. D-64993




ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍ରେ। 09521603776 096106-09485. D-13802

**AFFIDAVIT**

By virtue of affidavit before Executive Magistrate, Sukinda, Jajpur vide Sl.No- 564, dated 31.07.2019. We Dipak Kumar Pagad and Jhunubala Nath @ Pagad and our son Rajesh Kumar Pagad have changed our Surname from Pagad to Pal. Henceforth we will be known as on Dipak Kumar Pal, Jhunubala Pal and Rajesh Kumar Pal for all purposes. D-13801

By virtue of affidavit before Notary Public, Bhubaneswar, I have changed my name / surname from Dinabandhu Behera to Dinesh Kumar. Henceforth I shall be known as Dinesh Kumar for all purposes. D-13807


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL - 58



*"With implementation of our '5T' framework, Odisha has become the investment destination of choice for the investor community. We welcome you to join our journey of industrial growth"*

# Odisha: The New Manufacturing Hub of India

**In the past 20 months, ground-breaking/inauguration of 120 industrial units with an investment of Rs. 92,686 crore and employment potential for over 1.2 lakh people has been undertaken in the State**

***Following up on 6 phases of ground-breaking/inauguration and the successful organization of Make in Odisha Conclave 2018, Invest Odisha is pleased to announce ...***

## 7th Phase of Ground-breaking/Inauguration of 22 New Industrial Projects* spanning 10 Sectors

*by*

## Shri Naveen Patnaik

**Hon'ble Chief Minister**

**at 11:45 am on August 07, 2019**

### INAUGURATION

- Aarti Steel, Athagarh (expansion)
- Boudh Distillery, Boudh
- Jay Bharat Spices, Cuttack
- Hindalco Solar, Lapanga
- JK Lakshmi Cement, Cuttack
- JSW Cement, Kalinganagar
- MK Plast, Ramdaspur
- Nezone Tubes, Jajpur
- Oricon, Khurdha
- Shyam Metalics & Energy Ltd., Sambalpur

### GROUND-BREAKING

- ABP Energytek Industries (P) Ltd., Ramdaspur
- Aditya Birla Fashion Retail Ltd., Rayagada
- Astral Polytechnik Ltd., Ramdaspur
- Binu Industries, Ramdaspur
- CJ Darcl Logistics Ltd., Kalinganagar
- Khusi Industries, Ramdaspur
- Lalita Packaging, Ramdaspur
- Maheswari Packaging, Ramdaspur
- Mayfair Hotels & Resorts Ltd., Satapada
- Rungta Mines Ltd, Keonjhar
- Sai Binayak & Co., Ramdaspur
- Shree Hari Sponge Pvt. Ltd., Sundargarh

***Investment of Rs. 4,461 crore with potential employment for 9,230**

ODISHA
NEW OPPORTUNITIES

**For further information please visit https://www.investodisha.gov.in/**
**Contact us at email: info@investodisha.org | Toll Free Number: 1800 345 7111**

Download our mobile app **'InvestOdisha'** from

Follow us on @investInOdisha /investOdisha

14005/13/0006/1920

# ଉପହାର ଲୋଭ

ଉପହାର ଦିଆଯାଏ କାହିଁକି? ସେହି ମର୍ମରେ ଅଧିକ ଭାବିଲେ ପିଲାଙ୍କୁ ଚକୋଲେଟ କିମ୍ବା ବଡ଼ଙ୍କୁ ଉପଢ଼ୌକନ ବା ଉପହାର ଦେବାର ଏକମାତ୍ର କାରଣ ବା ଲକ୍ଷ୍ୟ ହେଉଛି ସେହି ପିଲା ବା ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇ ଖୁସି କରାଇବା। ଚକୋଲେଟ୍ ପାଇ ପିଲା କାନ୍ଦିବା ବନ୍ଦ କରି ନୀରବ ହୋଇଯାଏ କିମ୍ବା ପାଠ ପଢ଼ିବାକୁ ମଙ୍ଗେ। ଅନୁରୂପ ଭାବେ ବଡ଼ମାନଙ୍କୁ ଉପହାର ଦେଇ ସନ୍ତୁଷ୍ଟ କରାଇବା ପଛରେ କାର୍ଯ୍ୟସିଦ୍ଧିର ଅସଲ ଚିନ୍ତା ନିହିତ ଥାଏ। ମଣିଷ ଭିତରେ ଏଭଳି ମାନସିକତା କେବଳ ଭାରତବର୍ଷରେ ନୁହେଁ, ସମଗ୍ର ପୃଥିବୀର ଇତିହାସରୁ ଦେଖିବାକୁ ମିଳିଛି। ଏଥିରୁ ଖିଅ ଟାଣିଲେ ବୁଝିବା ସହଜ ହୋଇଯାଏ ଯେ, ଉପକୃତ ହେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା ଉପହାରକୁ ମାଧ୍ୟମ ଭାବେ ବ୍ୟବହାର କରିଥାଏ। ଭାରତ ଭଳି ଦୁର୍ନୀତିଗ୍ରସ୍ତ ଦେଶରେ କାମ ହାସଲର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ଉପହାର, ଯାହାର ଅନ୍ୟନାମ କୁହାଯାଇପାରେ ଲାଞ୍ଚ। ଏହି ଲାଞ୍ଚକୁ ନେଇ ଅନେକ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଆଲୋଚନା ହୋଇସାରିଛି। ଯେତେ ଚେଷ୍ଟା କଲେ ମଧ୍ୟ ମଣିଷ ଚରିତ୍ରରୁ ଲୋଭକୁ ଦୂର କରିବା ଅତ୍ୟନ୍ତ କଷ୍ଟକର। ସେଥିପାଇଁ ଭାରତ ଭଳି ଦେଶରେ କେହି କୌଣସି ଭାଗ ଛାଡ଼ିବାକୁ ଚାହାନ୍ତି ନାହିଁ। ଯେଉଁମାନେ ବ୍ୟକ୍ତିର ଏହି ଲୋଭକୁ ଚିହ୍ନି ତାହାକୁ ଉପଯୋଗ କରିପାରନ୍ତି, ସେମାନେ ହେଲେ ଲାଞ୍ଚଦାତା ଏବଂ ଯେଉଁମାନେ ଏହିସବୁ ଉପହାରକୁ ଗ୍ରହଣ କରିଥାନ୍ତି, ସିଏ ହେଲେ ଲାଞ୍ଚୁଆ। ଯେହେତୁ ଏ ଦେଶରେ ସରକାର ହେଉଛନ୍ତି ସବୁଠାରୁ ଧନୀ ଓ ବୃହତ୍ ସଂସ୍ଥା, ସେଥିପାଇଁ ସରକାରଙ୍କ ବିଭିନ୍ନ ଅଙ୍ଗରେ କାର୍ଯ୍ୟ କରୁଥିବା ପ୍ରଭାବଶାଳୀ ବ୍ୟକ୍ତି ନିଜ କାମ ପାଇଁ ଦରମା ଓ ଅନ୍ୟାନ୍ୟ ସୁବିଧା ବ୍ୟତୀତ ପାଉଣା ଖୋଜିଥାନ୍ତି। ତାଙ୍କ ଭିତରୁ ଅନେକେ ଏପରି ଅଛନ୍ତି, ଯେଉଁମାନେ ସିଧାସଳଖ ଅର୍ଥ ଗ୍ରହଣ କରିଥାଆନ୍ତି। ଅପରପଟରେ ଧରପଗଡ଼ ସହିତ ଟଙ୍କାକୁ ଗଚ୍ଛିତ ରଖିବା ସମସ୍ୟା ହୋଇପଡ଼ିଥିବାରୁ କେତେକେ ଲାଞ୍ଚ ନେବାର ପଦ୍ଧତି ବଦଳାଇ ଦେଲେଣି। ଅର୍ଥାତ୍ ସେମାନେ ସିଧାସଳଖ ଅର୍ଥ ନ ନେଇ ଉପହାର ନେବାକୁ ପସନ୍ଦ କରୁଛନ୍ତି। ଏବେ ଶୁଣିବାକୁ ମିଳୁଛି ଯେ, ସରକାରୀ କର୍ମଚାରୀ ଯଦି କାର୍ଯ୍ୟସ୍ଥଳରେ ଉପହାର ଗ୍ରହଣ କରନ୍ତି, ତାହାକୁ 'ଉପହାର ସଂଗ୍ରହାଳୟ'ରେ ଜମା କରିବାକୁ ପଡ଼ିବ। କେନ୍ଦ୍ର ସରକାର ଏ ନେଇ ଏକ ପ୍ରସ୍ତାବ ଆଣୁଛନ୍ତି ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହା ଲାଗୁ ହେଲେ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଅଫିସରଙ୍କ ସହ ଅନ୍ୟ ସରକାରୀ କର୍ମଚାରୀ ସରକାରଙ୍କ ନିୟମ ମାନିବାକୁ ବାଧ୍ୟ ହେବେ। କିନ୍ତୁ ପ୍ରଶ୍ନ ଉଠୁଛି, ଏସବୁ ତଦାରଖ କିଏ କରିବେ ଏବଂ ନିଷ୍ପତ୍ତି ନେବାର କର୍ତ୍ତୃପକ୍ଷ କିଏ ହେବେ। ଏଥିସହିତ କେଉଁ ଉପହାର ସରକାରୀ ପଦବୀ ପାଇଁ ମିଳିଛି ଏବଂ କେଉଁ ଉପହାର ପାରିବାରିକ ସମ୍ପର୍କରୁ ଆସିଛି, ତାହାର ବିଶ୍ଳେଷଣ କରିବା ଅସମ୍ଭବ ହୋଇପଡ଼ିବ। ପରିସ୍ଥିତି ଏଭଳି ଉପୁଜିପାରେ ଯେ, ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ବିରୋଧରେ ସରକାରଙ୍କୁ ମାମଲା ଦାଏର କରି କଚେରିରେ ଦୀର୍ଘକାଳ ଲଢ଼ିବାକୁ ପଡ଼ିପାରେ। ଏଠାରେ ଏକ ଉଦାହରଣ ମନକୁ ଆସୁଛି। ଧରାଯାଉ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ପାଖରେ ୩୦ କୋଟି ଟଙ୍କାର କାର୍ଯ୍ୟ ପାଇଁ ଟେଣ୍ଡର ପଡ଼ିଛି। ସେହି ଅଫିସର ବିଭିନ୍ନ ଆଳ ଓ ଆଲୋଚନା ମାଧ୍ୟମରେ ଟେଣ୍ଡର କାହାକୁ ଦେବେ ନିଷ୍ପତ୍ତି ନେବାର ପରିସ୍ଥିତି ସୃଷ୍ଟି କରିପାରନ୍ତି। ଅର୍ଥାତ୍ ତାଙ୍କ ସହ ଯାହାଙ୍କ ସେଟିଂ ହୋଇଯିବ ସେହି ଅନୁଯାୟୀ ଭିତିରିଆ ଚୁକ୍ତି ହୋଇପାରେ। ଏଠାରେ ଟେଣ୍ଡର ପାଇବାକୁ ଥିବା ବ୍ୟକ୍ତି ସମ୍ପୃକ୍ତ ଅଧିକାରୀଙ୍କୁ ସିଧାସଳଖ ଉପହାର ନ ଦେଇ ତାଙ୍କ ଶ୍ୱଶୁରଙ୍କୁ ଖଣ୍ଡେ ଜମି ଦେଇପାରନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ଜମି ସେହି ଅଧିକାରୀଙ୍କ ସ୍ତ୍ରୀଙ୍କୁ ତାଙ୍କ ପିତା ଉପହାର ଦେଇଦେଲେ ତାହା ଅଧିକାରୀଙ୍କୁ ଉପହାର ଦିଆଗଲା ବୋଲି ବିବେଚିତ ହୋଇପାରିବ ନାହିଁ। କିନ୍ତୁ ପରୋକ୍ଷରେ ଏଭଳି ଉପହାର ସେହି ଅଧିକାରୀ ଉପଭୋଗ କରିଥାନ୍ତି। ଏହିଭଳି ଅନେକ କ୍ଲିଷ୍ଟ ବିଷୟ ଆସିପାରେ ଯାହାର ସରକାରୀ ପ୍ରୋସିକ୍ୟୁଶନ ପ୍ରମାଣ କରିବା ଅସମ୍ଭବ ହେବ।

୨୦୧୫ ମସିହାରେ କେନ୍ଦ୍ର ସରକାର ସର୍ବଭାରତୀୟ ସେବା (ଚରିତ୍ର) ନିୟମରେ ସଂଶୋଧନ ଆଣିଥିଲେ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, ସରକାରୀ ଅଧିକାରୀ ୫୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଉପହାର କାର୍ଯ୍ୟକ୍ଷେତ୍ରରେ ପାଇଲେ ସେହି ବିଷୟରେ ସରକାରଙ୍କୁ ଜଣାଇବେ। ଏଥିରେ ଗାଡ଼ିଭଡ଼ା, ରହିବା, ଖାଇବା ଆଦି ଅନ୍ତର୍ଭୁକ୍ତ କରାଯାଇଥିଲା। ପୂର୍ବରୁ ଏଭଳି ଉପହାରର ସୀମା ରହିଥିଲା ୧୦୦୦ ଟଙ୍କା। ୨୦୧୫ର ୫୦୦୦ ଟଙ୍କିଆ ନିଷ୍ପତ୍ତି ପରେ କେତେ ସରକାରୀ କର୍ମଚାରୀ ଏହାର ସଦୁପଯୋଗ କରିଛନ୍ତି, ତାହାର ତଥ୍ୟ ସରକାରଙ୍କ ତରଫରୁ ଅଦ୍ୟାବଧି ପ୍ରକାଶ କରାଯାଇନାହିଁ। ଏବର ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ଯେଉଁ ଉପହାର ପାଇବେ ସେଗୁଡ଼ିକୁ ଉପହାର ସଂଗ୍ରହାଳୟରେ ଜମା କରିବେ। ପରବର୍ତ୍ତୀ ସମୟରେ ସେଥିରୁ ରାଜସ୍ୱ ସଂଗ୍ରହ କରାଯାଇପାରିବ। ଏ ସଂକ୍ରାନ୍ତ ନିୟମାବଳୀ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ତିଆରି ସରିଲାଣି। ଅଧିକାରୀଙ୍କ ଉପରେ ସରକାର ଏଭଳି ନିୟମ ଲାଗୁ କରିବା ବେଳେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଉଦାହରଣ ଦିଆଯାଇଛି। କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ପାଉଥିବା ଉପହାରକୁ 'କୋଷ ଘରେ' ସାଇତା ରଖାଯାଉଛି। ତେବେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଏଭଳି ନିୟମ ଲାଗୁ କରାଗଲେ, ସେମାନେ ଏହାକୁ ସ୍ୱତଃ ପ୍ରକାଶ କରିବାକୁ ଆଗେଇ ଆସିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଦେଖାଯାଇଛି ବ୍ୟକ୍ତିବିଶେଷର ଚରିତ୍ର ସୁଧାରିବା ଲାଗି କୌଣସି ଆଇନ, ନିୟମ ବା ଦଣ୍ଡ କାମ ଦେଇ ନ ଥାଏ। ଏଭଳିସ୍ଥଳେ ସରକାରୀ ଅଧିକାରୀଙ୍କ ସାଧୁତା ଗୁରୁତ୍ୱ ବହନ କରିଥାଏ। ସରକାର ନିୟମ କରି କାର୍ଯ୍ୟସ୍ଥଳରେ ସରକାରୀ ଅଧିକାରୀ ପାଉଥିବା ଉପହାରକୁ 'ଉପହାର ସଂଗ୍ରହାଳୟ'କୁ ପଠାଇ ଦେଇପାରନ୍ତି। କିନ୍ତୁ ଅଧିକାରୀଙ୍କ ବ୍ୟକ୍ତିଗତ ଲୋଭ ହଟାଇବା କଷ୍ଟକର। ସେଥିପାଇଁ ଏଭଳି ନିୟମ ସୃଷ୍ଟି କରାଗଲେ ଯେଉଁ କ୍ୱଚିତ୍ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ସରକାରୀ କର୍ମଚାରୀ ଅଛନ୍ତି, ସେମାନେ ମଧ୍ୟ ଭୟଭୀତ ହୋଇ ବାସ୍ତବତାକୁ ଲୁଚାଇବାକୁ ଚେଷ୍ଟା କରିବେ। ଅର୍ଥାତ୍ ଅବାସ୍ତବ ନିୟମ ସୃଷ୍ଟି କଲେ ତାହା ପ୍ରଶାସନରେ ବାଧା ଦେଇପାରେ।

# ଜଳ ସଂରକ୍ଷଣ ମାନସିକତା


ବୈକୁଣ୍ଠନାଥ ମିଶ୍ର

ଆମେମାନେ ଶିଶୁ ଥିବାବେଳେ ପରିବାରରେ ଗୋଟିଏ କଥା ଆମମାନଙ୍କୁ କୁହାଯାଉଥିଲା ଯେ ଖାଦ୍ୟ ନଷ୍ଟ କରନାହିଁ। ଏପରିକି ଖାଦ୍ୟ ବଳକା ରହିଲେ କିମ୍ବା ଥାଳି ପାର୍ଶ୍ୱରେ ବିଞ୍ଚିଗଲେ ପରିବାରରୁ ଗାଳି ଶୁଣିବାକୁ ହେଉଥିଲା। କୁହାଯାଉଥିଲା ଅନ୍ନ ହିଁ ଲକ୍ଷ୍ମୀ। ଅନ୍ନ ନଷ୍ଟ କଲେ ଲକ୍ଷ୍ମୀଙ୍କ ରୋଷର ଶିକାର ହେବାକୁ ପଡ଼େ। ଏ ପ୍ରକାର ଅନୁଭୂତି ବୟସାଧିକ ବ୍ୟକ୍ତିମାନଙ୍କର ଅବଶ୍ୟ ରହିଛି। ଏହାର କାରଣସ୍ୱରୂପ କୁହାଯାଇପାରେ ଯେ, ପ୍ରାୟ ଚାଳିଶ/ପଚାଶ ବର୍ଷ ତଳେ ଭାରତ ଥିଲା ଖାଦ୍ୟପଦାର୍ଥରେ ଏକ ନିଅଣ୍ଟିଆ ଦେଶ। ଯେତିକି ଫସଲ ଅମଳ ହେଉଥିଲା, ତାହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିଲା। ଗ୍ରାମାଞ୍ଚଳରେ ଭିକାରିଙ୍କ ସଂଖ୍ୟା ବହୁତ ଥିଲା। ଏପରିକି ମଜୁରିଆ ପଇସା ପରିବର୍ତ୍ତେ ଚାଉଳ ନେବାର ଚୁକ୍ତି କରୁଥିଲା। ସନ୍ଧ୍ୟା ହେଲେ ଗରିବ ଲୋକଟି ହାତରେ ପଇସା ଧରି ଚାଉଳ ଗଣ୍ଡେ ପାଇଁ ବାରଦୁଆର ବୁଲୁଥିଲା। ଚାଉଳ ଗଣ୍ଡେ ମିଳିଗଲେ ମନରେ ପ୍ରସନ୍ନତା ଆସୁଥିଲା, ଯାହାହେଉ ପିଲାଙ୍କ ପାଇଁ ଦିନକର ଆହାର ଯୋଗାଡ଼ ହୋଇଗଲା।

ଆମେ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ କେୟାର ଫିଡିଙ୍ଗ ଦିଆଯାଉଥିଲା। କେଆର (କଣ୍ଟ୍ରିବ୍ୟୁଶନ ଅଫ୍ ଆମେରିକାନ୍ ରିଲିଫ୍ ଏଭ୍ରିହୋୟାର) ଥିଲା ବଦାନ୍ୟ ଆମେରିକାର ଦାନ, ଯାହା ଅନେକାଂଶରେ ଭାରତୀୟ ଶିଶୁଙ୍କର କ୍ଷୁଧା ନିବାରଣ ଓ ଅପପୁଷ୍ଟି ବିମୋଚନରେ ସାହାଯ୍ୟ କରୁଥିଲା। ସମୟ ବଦଳିଛି, ତା' ସହିତ ସମତାଳରେ ବଦଳିଛି ଭାରତୀୟ କୃଷକର ଖାଦ୍ୟଶସ୍ୟ ନିଅଣ୍ଟ ସ୍ଥିତି। ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ସମେତ ସମଗ୍ର ଦେଶ ସ୍ୱାବଲମ୍ବୀ ହୋଇଛି। ନିଜ ପରିବାରର ଖାଦ୍ୟ ଚାହିଦା ପୂରଣ ପରେ ବଳକା ଶସ୍ୟକୁ କୃଷକ ବିକ୍ରି କରୁଛି। ଖାଦ୍ୟ ନିଅଣ୍ଟ ସ୍ଥିତି ସିନା ଆଉ ନାହିଁ, ହେଲେ ଜଳକ୍ଲିଷ୍ଟତା ବର୍ତ୍ତମାନ ପୃଥିବୀବ୍ୟାପୀ ମଣିଷକୁ ଏକ ମହାସଙ୍କଟରେ ନିକ୍ଷେପ କରିବାକୁ ଯାଉଛି। ଖାଦ୍ୟର ଅଭାବ ସିନା ମଣିଷ ବିଜ୍ଞାନ ବଳରେ ଦୂର କରିପାରିଛି, ହେଲେ ଜଳର ଅଭାବ କିପରି ଦୂର ହେବ, ସେ ଉତ୍ତର କାହା ପାଖରେ ନାହିଁ। ପୃଥିବୀର ପାଖାପାଖି ତିନିଚତୁର୍ଥାଂଶ ଜଳପୂର୍ଣ୍ଣ। ଆମମାନଙ୍କର ଧାରଣା ଯେ ବସୁଧା ସତତ ଜଳପ୍ରସୂ ଓ ଜଳଯୋଗାଣ ଏକ ଅସୀମିତ ପ୍ରକ୍ରିୟା। ପଚାଶ ବର୍ଷ ତଳର ଖାଦ୍ୟ କଷଣ ସିନା ନାହିଁ, ହେଲେ ପଚାଶବର୍ଷ ତଳର ସେ ଜଳ ସୁଲଭତା ମଧ୍ୟ ଆଉ ନାହିଁ। ଅସୀମିତ ମନେ ହେଉଥିବା ଜଳସମ୍ପଦ ସମ୍ପ୍ରତି ଭୟଙ୍କର ସ୍ଥିତି ଆଡକୁ ପୃଥିବୀବାସୀଙ୍କୁ ଟାଣି ନେଉଛି। କୌଣସି ସ୍ଥାନର ଖାଦ୍ୟାଭାବକୁ ପରିବହନ ଦ୍ୱାରା ଅନ୍ୟ ସ୍ଥାନରୁ ଆଣି ପୂରଣ କରାଯାଇପାରେ, ମାତ୍ର ଗୋଟିଏ ସ୍ଥାନର ଜଳାଭାବକୁ ଅନ୍ୟ ସ୍ଥାନରୁ ପରିବହନ ଦ୍ୱାରା ପୂରଣ କରିବା ଏକାନ୍ତ ଅସମ୍ଭବ। ଦକ୍ଷିଣ ଆଫ୍ରିକାର ଜଳାଭାବକୁ ଭାରତ ଦୂର କରିପାରିବ ନାହିଁ କିମ୍ବା ଭାରତର ଜଳାଭାବକୁ ଆମେରିକା ଦୂର କରିପାରିବ ନାହିଁ। ଭୂ-ଅଭ୍ୟନ୍ତରରେ ଗଚ୍ଛିତ ଥିବା ଜଳକୁ କିପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାହିତ କରାଯାଇପାରିବ?

ଦ୍ୱିତୀୟତଃ ଖାଦ୍ୟ ନଷ୍ଟ ପ୍ରତି ଆମେ ଯେତେ ସଚେତନ, ଜଳସଙ୍କଟ ପ୍ରତି ସେ ସଚେତନତା ଆମର ନାହିଁ। ଜଳଯୋଗାଣ ଓ ସଂରକ୍ଷଣ ମଣିଷର ପ୍ରକୃତି ଉପରେ ନିର୍ଭରଶୀଳ, ଏପରି ମାନସିକତା ଆମର ନାହିଁ। ଜଳ ପରିଚାଳନାରେ ମିତବ୍ୟୟିତା ଅବଲମ୍ବନ ଜରୁରୀ। ପୃଥିବୀର ସମୁଦାୟ ଜଳର ୯୭ ପ୍ରତିଶତ ମହାସାଗରରେ ଅଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। ଅବଶିଷ୍ଟ ମାତ୍ର ତିନି ଶତାଂଶ ମଧୁର ଜଳ ବ୍ୟବହାର ଉପଯୋଗୀ, ଯାହାର ପରିମାଣ ପ୍ରାୟ ୩୦ ଟ୍ରିଲିୟନ ଏକର ଫୁଟ। ଉକ୍ତ ମଧୁର ଜଳର ୬୯.୫ ପ୍ରତିଶତ ହିମବାହ ଓ ବରଫ ଆକାରରେ ଗଚ୍ଛିତ ଅଛି। ଅବଶିଷ୍ଟ ୩୦.୫ ଶତାଂଶ ଜଳ ଭୂଗର୍ଭ, ନଦୀ, ହ୍ରଦ ଓ ଜଳାଶୟଗୁଡ଼ିକରେ ଗଚ୍ଛିତ ରହି ପ୍ରାଣୀମାନଙ୍କର ବ୍ୟବହାର ଉପଯୋଗୀ ହୋଇପାରୁଛି। ଅନ୍ୟ ଏକ ହିସାବ ଅନୁଯାୟୀ ମଣିଷ ପାଇଁ ବାର୍ଷିକ ମୁଣ୍ଡପିଛା ହାରାହାରି ୧.୪ ମିଲିୟନ ଲିଟର ମଧୁର ଜଳ ଉପଲବ୍ଧ। ଏହା ସର୍ବତ୍ର ସବୁ ସମୟରେ ସମାନ ନୁହେଁ। ନଦୀଗୁଡ଼ିକ ବର୍ଷାଋତୁରେ ଜଳପ୍ଲାବିତ ହୋଇ ବର୍ଷାଋତୁ ଶେଷବେଳକୁ ଜଳଶୂନ୍ୟତାର ସମ୍ମୁଖୀନ ହେଉଛନ୍ତି। ସୀମିତ ଜଳଯୋଗାଣ ଓ ଜଳର କ୍ରମବର୍ଦ୍ଧମାନ ଆବଶ୍ୟକତା ଜଳସଙ୍କଟର ଭୟାବହତାକୁ ବହୁଗୁଣିତ କରୁଛି।

ଅନେକ ସମୟରେ ଆମେ ଫଳାଫଳକୁ ଭ୍ରୂକ୍ଷେପ ନ କରି ଅବିଚାରିତ ଭାବେ ଜଳ ନଷ୍ଟ କରିଚାଲିଛୁ। ମିଳିତ ଜାତିସଂଘର ଚେତାବନୀ ଅନୁଯାୟୀ ଜଳସଙ୍କଟ ସମସ୍ତ ମହାଦେଶକୁ ଆକ୍ରାନ୍ତ କଲାଣି। ପ୍ରତିବର୍ଷ ବିଶ୍ୱର ୧.୮ ନିଯୁତ ଶିଶୁ ଜଳବାହିତ ରୋଗରେ ଓ ୩୦ ହଜାର ଶିଶୁ ଦୂଷିତ ଜଳ ଯୋଗୁ ପ୍ରାଣ ହରାଉଛନ୍ତି। ଭାରତରେ ସମ୍ପ୍ରତି ଜଳ ସମସ୍ୟା ଉଦ୍‌ବେଗଜନକ। 'ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ'ର ଏକ ଆକଳନ ଅନୁଯାୟୀ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଚେନ୍ନାଇ ଭଳି ଭାରତର ୨୧ଟି ସହରରେ ଭୂତଳଜଳ ୨୦୨୦ ବେଳକୁ ନିଃଶେଷ ହୋଇଯିବ। ସେହିପରି ୨୦୧୮ ୟୁଏନ୍‌ଡିପି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ପୃଥିବୀର ଜଳ ସ୍ଥିତି ବିପନ୍ନ ହେବ। ପାନୀୟ ଜଳ ପାଇଁ ମହାସଂଘର୍ଷର ସୂତ୍ରପାତ ହେବ।

ବେଦ, ଉପନିଷଦ୍ ଆମମାନଙ୍କୁ ପ୍ରତିକ୍ଷଣ ସତର୍କ କରାଉଛନ୍ତି ଯେ, ଆମେ ଆମ ପୃଥିବୀର ଜଣେ ଜଣେ ତତ୍ତ୍ୱାବଧାରକ। ଏହାର ଧ୍ୱଂସକର୍ତ୍ତା ନୋହୁଁ। ପ୍ରକୃତିର ଆମ ପ୍ରତି ସମସ୍ତ ଦାନକୁ ଆମେ ଭବିଷ୍ୟତ ବଂଶଧରଙ୍କ ନିମିତ୍ତ ସୁରକ୍ଷିତ ରଖିଯିବା ଉଚିତ। କୋରାନ୍ କହେ- "ଜଳ ହେଉଛି ଈଶ୍ୱରଙ୍କର ଆମ ପ୍ରତି ସର୍ବୋତ୍କୃଷ୍ଟ ଦାନ। ସ୍ରଷ୍ଟାଙ୍କର ବଦାନ୍ୟତାକୁ ଆମେ କୃତଜ୍ଞତାର ସହ ଗ୍ରହଣ କରି ତା'ର ସମୁଚିତ ବ୍ୟବହାର କରିବା ଉଚିତ। ସମସ୍ତ ଜୀବନ୍ତ ପଦାର୍ଥ ଜଳରୁ ସମ୍ଭୂତ। ତେଣୁ ଜଳ ସଂରକ୍ଷଣକୁ ଏକ ଉପାସନା ଭାବେ ଆମକୁ ଗ୍ରହଣ କରିବାକୁ ହେବ।" (କୋରାନ ୨୧.୩୦) ଡବ୍ଲ୍ୟୁ.ଏଚ୍. ଆଡେନଙ୍କ ଭାଷାରେ "ପ୍ରେମ ବିନା ହଜାର ହଜାର ମଣିଷ ବଞ୍ଚିଛନ୍ତି, କିନ୍ତୁ ଜଳ ବିନା ଜଣେ ହେଲେ ବଞ୍ଚିଥିବାର ଦୃଷ୍ଟାନ୍ତ ନାହିଁ। ପ୍ରତି ଜଳବିନ୍ଦୁକୁ ସଞ୍ଚୟ କର, କାରଣ ବିନ୍ଦୁ ବିନ୍ଦୁ ଜଳରେ ମହାସାଗରର ସୃଷ୍ଟି।" ଯେପରି ନିଜ ସମ୍ପତ୍ତି ବା ପୈତୃକ ସମ୍ପତ୍ତିକୁ ଆମେ ସୁରକ୍ଷିତ ରଖୁଛୁ, ଠିକ୍ ସେହିପରି ଜଳ ସମେତ ପ୍ରକୃତିର ସମସ୍ତ ଦାନକୁ ଆମେ ଉତ୍ତରାଧିକାର ସୂତ୍ରରେ ପରପିଢ଼ି ପାଇଁ ସଂରକ୍ଷିତ ରଖିବା ଆବଶ୍ୟକ।

ଜଳ ହିଁ ଜୀବନ। ଏପରି ଏକ ଗୁରୁ ଚିନ୍ତନ ସର୍ବଦା ଆମ ମନ ଓ ହୃଦୟକୁ ଆନ୍ଦୋଳିତ କରୁ। ଆଜି ନଷ୍ଟ ହେଉଥିବା ଜଳବିନ୍ଦୁ କାଲି ହୁଏ ତ କାହାର ଜୀବନ ରକ୍ଷାରେ ସହାୟକ ହୋଇପାରେ। ଇଂଲିଶ କବି ଏସ୍.ଟି. କୋଲେରିଜଙ୍କ ମତରେ "ୱାଟର ୱାଟର ଏଭ୍ରିହୋୟାର, ବଟ୍ ନଟ୍ ଏ ଡ୍ରପ୍ ଟୁ ଡ୍ରିଙ୍କ୍।" ଜଳରୂପକ ଜୀବନ ଅବକ୍ଷୟମୁଖୀ। ଜଳାଭାବର ଉତ୍କଟ ସ୍ଥିତି ଭୟଙ୍କର ରୂପ ନେଉଛି। କେବଳ ସରକାର ନୁହେଁ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ଜଳ ସଚେତନତାର ଆବଶ୍ୟକତା ଅଛି। ଚ୍ୟାରିଟି ବିଗିନ୍ସ ଆଟ୍ ହୋମ୍। ଅର୍ଥାତ୍ ସର୍ବନିମ୍ନ ଅନୁଷ୍ଠାନ ପରିବାରରୁ ହିଁ ବଦାନ୍ୟତାର ସୃଷ୍ଟି। ଖାଦ୍ୟ ପ୍ରତି ସଚେତନତା ଯେପରି ପରିବାରରୁ ଆରମ୍ଭ ହେଉଥିଲା, ଠିକ୍ ସେହିପରି ଜଳ ସଚେତନତା ପ୍ରତି ପରିବାରରୁ ଆରମ୍ଭ ହେବା ଉଚିତ। ସମୟର ଆହ୍ୱାନ- ଭାରତର ଜଳ ସ୍ୱାବଲମ୍ବନ ଏକାନ୍ତ ଅପରିହାର୍ଯ୍ୟ। ଜଳ ଅପଚୟକୁ ନିରୋଧ କରିବା ପାଇଁ ସଂଯମ ଆଚରଣ କଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ଆମେ କିଛି କରିପାରିଛୁ ବୋଲି ଆତ୍ମସନ୍ତୋଷ ଲାଭ ହେବ। ବସୁଧାକୁ ଜଳକଷ୍ଟରେ ଛଟପଟ ହେବାରୁ ରକ୍ଷା ମିଳିବ। ବୁଝିବାକୁ ହେବ ଜଳ ଅସରନ୍ତି ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଚାଇନା-ଭାରତ ବାଣିଜ୍ୟ ସମ୍ପର୍କ


ଇଂ. ମାୟାଧର ସ୍ୱାଇଁ

ଭାରତ ଓ ଚାଇନା ପୃଥିବୀର ଦୁଇଟି ପ୍ରାଚୀନ ସଭ୍ୟତା। ଏହି ଦୁଇ ଦେଶରେ ଅନେକ ଜ୍ଞାନବିଜ୍ଞାନ ବିକଶିତ ହୋଇ ସମଗ୍ର ବିଶ୍ୱରେ ପ୍ରସାରିତ ହୋଇଛି। ଚାଇନା ଗତ ଶତାବ୍ଦୀର ପଚାଶ ଦଶକରେ ତିବ୍ବତ ଅଧିକାର କରିନେବା ପରେ ଆମେ ବର୍ତ୍ତମାନ ପଡୋଶୀ ହୋଇ ରହିଛେ। ଜନସଂଖ୍ୟା ହିସାବରେ ଚାଇନା ଓ ଭାରତ ହେଉଛି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଜନବହୁଳ ରାଷ୍ଟ୍ର। ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଦୁଇ ଦେଶ ପୃଥିବୀରେ ଆଗୁଆ ଅଛନ୍ତି। ଏସବୁ ସତ୍ତ୍ୱେ ଦୁଇ ଦେଶର ସଂସ୍କୃତି, ଆଚାର ବ୍ୟବହାର ହେଉଛି ପୃଥକ୍। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏପରି ଯେ ଗୋଟିଏ ଦେଶ ଅନ୍ୟକୁ ବନ୍ଧୁ ଭାବୁନାହିଁ। ବିଶେଷକରି ଚାଇନାର କୁଟିଳ ନୀତି ଏଥିରେ ବାଧକ ହୋଇଛି। ଚାଇନା ସମ୍ମୁଖରେ ଯାହା କୁହେ କାର୍ଯ୍ୟରେ ତା'ର ବିପରୀତ କରିଥାଏ। ଇତିହାସ ହେଉଛି ଏହାର ସାକ୍ଷୀ। ଏହାର ପ୍ରଥମ ଶିକାର ହୋଇଥିଲେ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ଉପରେ ବନ୍ଧୁତା ସ୍ଥାପନ କରି ଏହା ଅତର୍କିତ ଭାବେ ୧୯୬୨ ମସିହାରେ ଆକ୍ରମଣ କରି ଭାରତକୁ ପରାସ୍ତ ଓ ଅପଦସ୍ଥ କରିଥିଲା। ଚାଇନାର ବିଶ୍ୱାସଘାତକତାରେ ନେହେରୁ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଏବଂ ଏହା ହିଁ ତାଙ୍କ ମୃତ୍ୟୁର କାରଣ ହୋଇଥିଲା। ଏବେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ଓ ଚାଇନାର ପ୍ରଧାନମନ୍ତ୍ରୀ ବିଭିନ୍ନ ସମ୍ମିଳନୀରେ ମିଳିତ ହେଉଛନ୍ତି ଏବଂ ପୂର୍ବପରି ଚାଇନା ବନ୍ଧୁଭାବ ପ୍ରଦର୍ଶନ କରୁଛି। କିନ୍ତୁ ଅନ୍ତର୍ଜାତୀୟ କ୍ଷେତ୍ରରେ ଆଣବିକ ସାମଗ୍ରୀ ଯୋଗାଣକାରୀ ଗୋଷ୍ଠୀର ସଦସ୍ୟ ହେଉ କିମ୍ବା ଅନ୍ୟ ଘଟଣାରେ ଏହା ଭାରତକୁ ବିରୋଧ କରୁଛି। ଭାରତରେ ଆତଙ୍କବାଦ ସୃଷ୍ଟି କରୁଥିବା ମାସୁଦ ଆଝାରଙ୍କୁ ଜାତିସଂଘ ତରଫରୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା ପାଇଁ ଅନେକ ଦେଶ ପ୍ରସ୍ତାବ ଦେଇଥିଲେ ସୁଦ୍ଧା ଚାଇନା ଏଥିରେ ରାଜି ହୋଇ ନ ଥିଲା। ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇ ରାଜି ହୋଇଛି।

ଚାଇନାର ଭାରତବିରୋଧୀ ମନୋଭାବ ଦେଖି ଆମ ଦେଶରେ ସାମାଜିକ ଗଣମାଧ୍ୟମରେ ଚାଇନା ପଦାର୍ଥକୁ ବର୍ଜନ କରିବା ପାଇଁ ୨୦୧୬ ମସିହାଠାରୁ ଅନେକ ବ୍ୟକ୍ତି ଆହ୍ୱାନ ଦେଉଛନ୍ତି। ଛୋଟ ଛୁଞ୍ଚିଠାରୁ ଆରମ୍ଭକରି ବଡ଼ ବଡ଼ କଳକବ୍ଜା ଆଦି ଚାଇନାରୁ ଭାରତକୁ ଆସୁଛି। ବିଶ୍ୱ ବାଣିଜ୍ୟ ସଙ୍ଗଠନର ଚୁକ୍ତି ଅନୁଯାୟୀ ଭାରତ ଚାଇନା ଜିନିଷ ଆମଦାନିକୁ ବନ୍ଦ କରିପାରିବ ନାହିଁ। ଚାଇନା ଜିନିଷ ବର୍ଜନ କଲେ ଆମର କ'ଣ ଲାଭ ହେବ ଓ କ'ଣ ଅସୁବିଧା ହେବ?

ଚାଇନା ଜିନିଷ ବହୁ ଶସ୍ତା। ଏଥିପାଇଁ ଭାରତରେ ଏହାର ବିକ୍ରି ଅଧିକ। ଚାଇନାରେ ଶସ୍ତା ଶ୍ରମ ଏବଂ ସରକାରୀ ସ୍ତରରେ ରପ୍ତାନିକୁ ପ୍ରୋତ୍ସାହନ ଦିଆଯାଉଥିବାରୁ ଏହାର ଜିନିଷର ମୂଲ୍ୟ କମ୍ ରହୁଛି। ଆମଦାନି ମଧ୍ୟରେ ଛୋଟ ଛୋଟ ଜିନିଷ ସମେତ ଟେଲିଫୋନ, ପାୱାର ଓ ବିଦ୍ୟୁତ୍ ସରଞ୍ଜାମ ଅଛି। ଏଥିରେ ଶସ୍ତା ଛୋଟ ଛୋଟ ଜିନିଷର ଅଂଶ ୫ ପ୍ରତିଶତରୁ କମ୍, ଯାହାକୁ ଦେଖି ଚାଇନା ଜିନିଷ ବର୍ଜନ ପାଇଁ ଦାବି କରାଯାଉଛି। ବାସ୍ତବରେ ଚାଇନାରୁ ବିଦ୍ୟୁତ୍ ସାମଗ୍ରୀ, ଟେଲିକମ୍ ଯନ୍ତ୍ରପାତି ଆଦି ନ ଆସିଲେ ଭାରତରେ ଅନେକ ଅସୁବିଧା ହେବ। ଏଥିପାଇଁ ଗତ ତିନିବର୍ଷ ମଧ୍ୟରେ ଚାଇନାରୁ ଭାରତର ଆମଦାନି ବଢ଼ିଥିବା ବେଳେ ଭାରତରୁ ଚାଇନାର ଆମଦାନି ହ୍ରାସ ପାଇଛି। ୨୦୧୭-୧୮ରେ ଭାରତରୁ ଚାଇନାକୁ ୯୧,୭୭୦ କୋଟି ଟଙ୍କାର ଜିନିଷ ରପ୍ତାନି ହୋଇଥିବା ବେଳେ ସେଠାରୁ ୫.୩ ଲକ୍ଷ କୋଟି ଟଙ୍କାର ଜିନିଷ ଆମଦାନି ହୋଇଛି। ଆମେ ବ୍ୟବହାର କରୁଥିବା ମୋବାଇଲ ଫୋନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଚାଇନାରୁ ଆସୁଛି। ଆମ ଦେଶରେ ଏହାର ଉତ୍ପାଦନ ହେଉ ନ ଥିବାରୁ ଚାଇନା ତାହାର ସୁବିଧା ନେଉଛି। ଔଷଧ ଉତ୍ପାଦନରେ ବ୍ୟବହୃତ ୭୫ ପ୍ରତିଶତ ଉପାଦାନ ଆମେ ଚାଇନାରୁ ଆମଦାନି କରୁଛେ। ୨୦୧୭-୧୮ରେ ଏହି ଉପାଦାନର ମୂଲ୍ୟ ୧୭,୨୫୦ କୋଟି ଟଙ୍କା ଥିଲା। ଚାଇନାରୁ ଏହା ନ ଆଣିଲେ ଭାରତରେ ଔଷଧର ମୂଲ୍ୟ ବହୁତ ବଢ଼ିଯିବ।

ଚାଇନା ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନେକ ପ୍ରକଳ୍ପ ଆରମ୍ଭ କରିଛି। ଫଳରେ ଏହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶରେ ଅଗ୍ରଣୀ ଦେଶ ହୋଇପାରିଛି। ଗୋଟିଏ ଉଦାହରଣ ଦେଖିବା। ବାୟୁ ପ୍ରଦୂଷଣ ବୃଦ୍ଧି ଏବଂ ପେଟ୍ରୋଲିୟମ୍ ପଦାର୍ଥର ଗଚ୍ଛିତ ପରିମାଣ କ୍ରମଶଃ ହ୍ରାସ ଯୋଗୁ ଅନେକ ଦେଶ ବିଦ୍ୟୁତ୍‌ଚାଳିତ ଗାଡ଼ିର ବିକାଶ କରୁଛନ୍ତି। ବର୍ତ୍ତମାନ ଏହା ସୀମିତ ସଂଖ୍ୟାରେ ପ୍ରଚଳନ ହେଉଥିଲେ ସୁଦ୍ଧା ଆସନ୍ତା ଦଶବର୍ଷ ମଧ୍ୟରେ ଏହା ପ୍ରାୟ ସମସ୍ତ ରାସ୍ତାରେ ଦେଖିବାକୁ ମିଳିବ। ଏହାର ମୁଖ୍ୟ ଅଂଶ ହେଉଛି ଲିଥିୟମ-ଆୟନ ବ୍ୟାଟେରି। ଏହି ବ୍ୟାଟେରିର ଅଧିକ ମୂଲ୍ୟ ଯୋଗୁ ବିଦ୍ୟୁତ୍ ଗାଡ଼ି ମହଙ୍ଗା ହେଉଛି। ଏହି ବ୍ୟାଟେରିରେ ବ୍ୟବହୃତ ଦୁଇ ମୁଖ୍ୟ ଧାତୁ ଲିଥିୟମ୍ ଓ କୋବାଲ୍‌ଟ। ଏହି ଦୁଇ ଧାତୁ ପୃଥିବୀର ବହୁ କମ୍ ଦେଶରେ ଉପଲବ୍ଧ। ଚାଇନାରେ ଲିଥିୟମ୍ ଖଣି ଅଛି, କିନ୍ତୁ କୋବାଲ୍‌ଟ ଖଣି ନାହିଁ। କିନ୍ତୁ ଏହା ଯୋଜନା ମୁତାବକ କଙ୍ଗୋ, ଚିଲି ଓ ବଲିଭିଆରେ ଏହି ଖଣିକୁ ବହୁ ପୂର୍ବରୁ କିଣି ନେଇଛି। ଏଣୁ ବର୍ତ୍ତମାନ ଲିଥିୟମ୍-ଆୟନ ବ୍ୟାଟେରି ଉତ୍ପାଦନରେ ଏହା ପୃଥିବୀରେ ପ୍ରଥମ ଏବଂ ଆମକୁ ବିଦ୍ୟୁତ୍ ଗାଡ଼ିର ବିକାଶ ପାଇଁ ଏହା ଉପରେ ନିର୍ଭର କରିବାକୁ ପଡ଼ିବ। ସେହିପରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବାରୁ ଜାଗତିକ ଉଷ୍ମତା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ହେଉଛି। ପ୍ରତିକାର ସ୍ୱରୂପ ସୌରଶକ୍ତିର ବିକାଶ କରାଯାଇଛି। ସୌର ବ୍ୟାଟେରି ସିଲିକନରୁ ନିର୍ମିତ ଯାହା ଚାଇନାରେ ପ୍ରଚୁର ପରିମାଣରେ ଅଛି ଏବଂ ଆମେ ତା'ଠାରୁ ଏହା ଆଣିବା ପାଇଁ ବାଧ୍ୟ।

ଏହିସବୁ କାରଣରୁ ଚାଇନା ଜିନିଷ ବର୍ଜନ କଲେ ଭାରତର ଅଧିକ କ୍ଷତି ହେବ। ସୂଚନାଯୋଗ୍ୟ ଯେ ଚାଇନାର ମୋଟ ରପ୍ତାନି ଦ୍ରବ୍ୟର ମାତ୍ର ତିନି ପ୍ରତିଶତ ଭାରତକୁ ୨୦୧୭ ମସିହାରେ ଆସିଥିଲା। ମୋବାଇଲ ଫୋନ୍ ସମେତ ଯୋଗାଯୋଗ ଉପକରଣ ପାଇଁ ଭାରତ ହେଉଛି ଚାଇନାର ଷଷ୍ଠ ବୃହତ୍ତମ ବଜାର ଏବଂ ୨୦୧୭ରେ ଏହା ଥିଲା ଚାଇନାର ମାତ୍ର ଚାରି ପ୍ରତିଶତ। ଅବଶ୍ୟ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ପରେ ଏହା ବଢ଼ିପାରେ। ଏଣୁ ଚାଇନା ଜିନିଷ ବର୍ଜନ ନ କରି କୂଟନୀତି ଦ୍ୱାରା ସୁସମ୍ପର୍କ ରଖାଯାଇପାରେ।

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ଭାରତରେ ରହିଛି ଏପରି ଏକ ଗାଁ ଯେଉଁଠି ଦେଶର ଆଇନ ବ୍ୟବସ୍ଥା ଚଳି ନ ଥାଏ। ହିମାଚଳପ୍ରଦେଶର କୁଲ୍ଲୁ ନିକଟରେ ଥିବା ଏହି ଗାଁର ନାମ ହେଉଛି ମଲାଣା। ଏହି ଗାଁରେ ନିଜସ୍ୱ ସଂସଦ ରହିଛି। ଗୋଟିଏ ହେଉଛି ଜ୍ୟେଷ୍ଠାଙ୍ଗ ଏବଂ ଅନ୍ୟଟି ହେଉଛି ନିମ୍ନାଙ୍ଗ। ଗାଁ ଲୋକେ ନିଜକୁ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡରଙ୍କ ବଂଶଧର ବୋଲି କୁହନ୍ତି। ଏଠାକାର ଆଇନ ବ୍ୟବସ୍ଥା ପୁରାତନ ଏଥେନ୍ସ ସହିତ ମେଳ ଖାଇଥାଏ। ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ସମୟରେ କିଛି ଗ୍ରୀକ୍ ସୈନ୍ୟ ଏଠାରେ ରହିଯାଇଥିବା କୁହାଯାଏ। ପରେ ସେମାନଙ୍କ ବଂଶ ଧୀରେ ଧୀରେ ବଢ଼ିଥିଲା। ଏବେ ଗାଁରେ ୧୨୫ ପରିବାର ବାସ କରୁଛନ୍ତି। ଗାଁର ଜନସଂଖ୍ୟା ପାଖାପାଖି ୧୨ଶହ। ବାହାର ଲୋକଙ୍କ ସହିତ ଗାଁ ଲୋକେ ସମ୍ପର୍କ ରଖିବାକୁ ପସନ୍ଦ କରି ନ ଥାନ୍ତି। ଗାଁ ଲୋକେ କନାସା ଭାଷାରେ କଥାବାର୍ତ୍ତା ହୋଇଥାନ୍ତି। ଏଠାକୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଆସିଥାନ୍ତି। ତେବେ ସେମାନେ ଏଠାକାର କୌଣସି ଦ୍ରବ୍ୟ ଛୁଇଁବାକୁ ମନା। କୌଣସି ପର୍ଯ୍ୟଟକ ଗାଁର ଦ୍ରବ୍ୟାଦି ଛୁଇଁଲେ ସେଥିଲାଗି ୧ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅଗଷ୍ଟ ୧୯୯୪

- ଶ୍ରୀଲଙ୍କାର ବିରୋଧୀ ଦଳ ପିପୁଲସ୍ ଆଲାଏନ୍ସର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶିରିମାଭୋ ବନ୍ଦରନାଏକେ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କଲେ।
- ଭୁବନେଶ୍ୱର ବିମାନଘାଟି ଦେଇ ବିଦେଶକୁ ଜିନିଷପତ୍ର ଆମଦାନୀ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି।

## ଚିରନ୍ତନୀ

ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ-ଧନୁ
ନିମେଷେ ସବୁ ମିଳାଇଯାଏ
ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!

(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | 4 | | A | C | 6 | 5 | | 0 | | | | |
| | | E | | | | | 1 | 0 | | 3 | | | 4 | |
| | | | | | C | | 4 | | | | | | | 9 |
| | | | 6 | | | | | | 4 | 1 | | | B | A |
| 3 | | 7 | 0 | E | | | | | 8 | 5 | 9 | | C | 6 |
| 1 | | | | | | 4 | 3 | | | | B | | | |
| | | 0 | | B | | | | D | 3 | 4 | | | 6 | |
| | D | | | | | | 2 | | | A | 7 | B | | 8 |
| A | | | | | 7 | 6 | | | 9 | E | | | 3 | |
| | | B | 5 | | | | | | | D | | 4 | 0 | |
| | | | 2 | 1 | | | | | | | | E | 8 | |
| 8 | | C | | A | | | E | | 6 | | 1 | | 9 | B |
| | 1 | A | | 9 | | | 5 | | D | C | | 7 | | 3 |
| | | | | 7 | | | 9 | 4 | | | | | 5 | |
| | E | D | | | | | 7 | | | | | A | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | 7 | E | 8 | D | 3 | 9 | 1 | 6 | 0 | 2 | B | 5 | 4 |
| D | 1 | B | 5 | 2 | 6 | E | C | A | 8 | 7 | 4 | 3 | 9 | 0 |
| 6 | 0 | 9 | 7 | 1 | 4 | 8 | B | 2 | 3 | D | 5 | A | E | C |
| 3 | 8 | 5 | 9 | 0 | B | D | 6 | 4 | A | E | C | 1 | 2 | 7 |
| 2 | 4 | E | C | A | 3 | 0 | 7 | 5 | B | 1 | 9 | 6 | D | 8 |
| 4 | E | 2 | 6 | B | 8 | A | 1 | 7 | 9 | C | D | 5 | 0 | 3 |
| B | D | 6 | 2 | 3 | 7 | 4 | E | 0 | 5 | 8 | A | 9 | C | 1 |
| 0 | 3 | 8 | 4 | 5 | A | C | 2 | 9 | 7 | B | 1 | D | 6 | E |
| C | 9 | A | 1 | D | E | 5 | 8 | 3 | 4 | 6 | 0 | 7 | B | 2 |
| 5 | 7 | 1 | 0 | 9 | C | 6 | D | B | 2 | 3 | E | 8 | 4 | A |
| 1 | 2 | C | D | 6 | 0 | B | 3 | 8 | E | 5 | 7 | 4 | A | 9 |
| 9 | B | 0 | 3 | 4 | 5 | 1 | A | D | C | 2 | 8 | E | 7 | 6 |
| E | A | D | B | C | 9 | 7 | 0 | 6 | 1 | 4 | 3 | 2 | 8 | 5 |
| 7 | 5 | 3 | 8 | E | 2 | 9 | 4 | C | D | A | 6 | 0 | 1 | B |
| 8 | 6 | 4 | A | 7 | 1 | 2 | 5 | E | 0 | 9 | B | C | 3 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅକୁହା କଥା

ମହାଶୟ,

ଧରିତ୍ରୀରେ ବିପିନ ବିହାରୀ ମିଶ୍ରଙ୍କ ଭିନ୍ନ ପ୍ରକାର ସନ୍ତ୍ରାସବାଦ ଶୀର୍ଷକ ଏକ ପ୍ରବନ୍ଧ ପାଠ କରିବାର ସୁଯୋଗ ପାଇଥିଲି। ଏ ପ୍ରବନ୍ଧଟି ଯିଏ ବି ପଢ଼ିବ ସେ ନିଶ୍ଚିତ ଭାବରେ ଅନୁଭବ କରିବ ତାହା ଜୀବନରେ ସେ ବି ଦିନେ ସେହିଭଳି ସନ୍ତ୍ରାସବାଦର ସମ୍ମୁଖୀନ ହୋଇଛି। ୪୦/୫୦ ବର୍ଷ ତଳେ ବିଭିନ୍ନ ବିଭାଗ ମୁଖ୍ୟମାନଙ୍କର ଅମାପ କ୍ଷମତା ଥିଲା। ସେମାନେ ସିଧାସଳଖ ନିଯୁକ୍ତ କରୁଥିଲେ। ଟ୍ରାନ୍ସଫର କରିଦେଉଥିଲେ, ଉତ୍କୋଚ ନେଇ ବର୍ଷ ବର୍ଷ ଧରି କାହାକୁ ଗୋଟିଏ ଜାଗାରେ ରଖିଦେଉଥିଲେ। ବିଭାଗରେ ଉଚ୍ଚଶିକ୍ଷିତ କର୍ମଚାରୀ ଥିଲେ ବି ସେମାନଙ୍କର ପଦୋନ୍ନତିକୁ ଏଡେଇ ଦେଇ ବାହାରୁ ଆପଏଣ୍ଟମେଣ୍ଟ କରୁଥିଲେ। ଜାଣିଶୁଣି ହଇରାଣ କରିବାକୁ ଅଗମ୍ୟ ସ୍ଥାନକୁ ଟ୍ରାନ୍ସଫର କରିଦିଆଯାଉଥିଲା। ହାକିମଙ୍କର ପାଣି, ଇଲେକ୍ଟ୍ରିକ ବିଲ୍, ପିଲାଙ୍କ ସ୍କୁଲ କଲେଜରେ ଦରମା ପୈଠ କରିବା କିମ୍ବା ବଜାର ସଉଦା କରିବା ଦାୟିତ୍ୱ ମଧ୍ୟ ତଳିଆ କର୍ମଚାରୀଙ୍କ ଉପରେ ଥାଏ। ବେଳେବେଳେ ହାତରୁ ପଇସା ଦେବାକୁ ପଡ଼େ। କଲେଜରେ ପିଏଚ୍‌ଡି ଏବଂ ଏମ୍‌ଫିଲ କରୁଥିବା ସ୍କଲାରମାନଙ୍କ କ୍ଷେତ୍ରରେ ବି ସେପରି ଘଟେ। ପ୍ରଫେସର ଜାଣିଶୁଣି ସେ ଅର୍ଥ ଫେରାଇବାକୁ ଭୁଲିଯାନ୍ତି। ସ୍କଲାର ମୁହଁ ଖୋଲନ୍ତି ନାହିଁ। ମୁହଁ ଖୋଲିଲେ କ୍ୟାରିୟର ନଷ୍ଟ ହୋଇଯିବ। ବିଭିନ୍ନ ଅଫିସ ଏବଂ ସିନେମା ଶିଳ୍ପରେ ମହିଳାଙ୍କୁ ଯୌନଶୋଷଣ କରାଯାଏ। ମୁହଁ ଖୋଲିଲେ ବଦନାମ ଏବଂ ଚାକିରି ଯିବାର ଭୟ ମଧ୍ୟ ରହିଛି। ଏହିଭଳି ଦୁର୍ବଳ ଉପରେ ସବଳର ଅତ୍ୟାଚାର ହୋଇଥାଏ। ଏ ପତ୍ରପ୍ରେରକ ମଧ୍ୟ ଏପରି ଭିନ୍ନ ସନ୍ତ୍ରାସବାଦର ଶିକାର ହୋଇ ଶେଷରେ ଚାକିରି ଛାଡିଦେଇଛି। ଅନେକ ଅକୁହା କଥାକୁ ଲେଖକ ମହୋଦୟ ପ୍ରକାଶ କରିଛନ୍ତି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ୫ 'ଟି' କାର୍ଯ୍ୟକାରୀ ହେଉନାହିଁ

ମୁଁ ରାଶନ କାର୍ଡ ପାଇ ନ ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଉପରେ ତଦନ୍ତ ନିର୍ଦ୍ଦେଶ ଆସିଥିଲା। ଧର୍ମଶାଳା ବ୍ଲକ୍ ତରଫରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏଥିରେ ମୋତେ ଯୋଗ୍ୟ ହିତାଧିକାରୀ ଭାବେ ରାସନ କାର୍ଡ଼ ଦେବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ୫'ଟି'ରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କାର୍ଯ୍ୟର ସମାଧାନ କରିବାକୁ କୁହାଯାଇଥିଲେ ବି ୨୦୧୭ରୁ ଅଦ୍ୟାବଧି ଜଣେ ଗରିବଙ୍କୁ ରାସନ ସାମଗ୍ରୀରୁ ବଞ୍ଚିତ କରାଯାଇଛି। ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରୁଛି।

ପ୍ରକାଶ ମହାନ୍ତି, ବ୍ରହ୍ମପୁର, ଜେନାପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପାଠ୍ ପଢ଼ାରୁ ବଁଚିତ୍ ନିରିହ ଆଦିବାସୀ ଛାତ୍ରୀ

# ଗାଁକେ ଯାଇ ଟି.ସି. ଦେଲେ ପ୍ରଧାନଶିକ୍ଷକ

କନ୍ଧମାଲ, ୬।୮ (ଡି.ଏନ୍.ଏ)

ବୌଦ୍ଧ ଜିଲା କନ୍ଧମାଲ ବ୍ଲକ ଅଇଁଲାତୁଆଁ ଆଦର୍ଶ ବିଦ୍ୟାଲୟର ଅଶୋଭନୀୟ ନୀତିର ଶିକାର ହେଇଛନ୍ ଝନେ ନିରିହ ଆଦିବାସୀ ଛାତ୍ରୀ। ବିଦ୍ୟାଲୟରୁ ୧୨ କି.ମି. ଗାଁକେ ଯାଇ ପ୍ରଧାନଶିକ୍ଷକ ଛାତ୍ରୀକଁର ବାପାକେ ଟି.ସି ଦେଇଛନ୍। ଏନ୍‌ତାଥି ଛାତ୍ରୀ ଝନ୍‌କର ପାଠ୍‌ପଢ଼ାରେ ଗଁଠି ପଡ଼ିଛେ।

ସୂଚନା ଅନ୍‌ସାରେ କନ୍ଧମାଲ ବ୍ଲକ ବଡ଼ ଝାରମୁଣ୍ଡା ଗାଁର ଉପେନ୍ଦ୍ର ନାଏକ। ପରିବାର କହେଲେ ମାଏକିନା, ୪ ଝିଁ ଆର ଗୁଟେ ପୁଓକେ ନେଇ ତାକର ସଁସାର। ପରିବାରଟା ଆଦିବାସୀ ସମାଜର ହେଇଥିଲାବେଲେ ଦୁଖ୍‌ସୁଖ କରି ଚଲୁଛନ୍। ଉପେନ୍ଦ୍ର ଦୁଖ୍‌ସୁଖ କରି ଉପରର ଦୁଇ ଝିଁକେ ବିହା କଲେନ। ସବୁଥିରୁ ସାନ ହେଉଛନ୍ ରଶ୍ମିତା। ସେ ଥାନୀୟ ସ୍କୁଲରେ ୭ମ ଶ୍ରେଣୀ ପଢ଼ଲାବେଲେ ଅଇଁଲାତୁଆଁ ଆଦର୍ଶ ବିଦ୍ୟାଲୟରେ ଭରତି ହେବାର ଲାଗି ପ୍ରବେଶିକା ପରୀକ୍ଷା ଦେଇ ପାସ କରିଥିଲେ। ଏନ୍‌ତାଥି ବାପା ଝିଁର ଉଚ ଶିକ୍ଷାର ଲାଗି ଶପନ ଦେଖିଥିଲେ। ହେଲେ ଗଲା ୩୧ ତାରିଖ ଉପେନ୍ଦ୍ର ଖେତେ କାମ୍ କରୁଥିଲାବେଲେ ହଠାତ୍ ଆଦର୍ଶ ବିଦ୍ୟାଲୟର ପ୍ରଧାନଶିକ୍ଷକ ଆଉର ଝନେ ଶିକ୍ଷକ ସଂଗେ ବଡ଼ ଝାରମୁଣ୍ଡା ଗାଁରେ ପୁହୁଁଚିଥିଲେ। ଝିଁର ହାତେ ବାପାକେ ଡକେଇ ପଠାଲେ। ଉପେନ୍ଦ୍ରକୁଁ ସେମାନେ ଝିଁ ପଢ଼ି ନାଇଁଯିବାର କାରନ୍ ପଚରାଲେ। ଉତରରେ ଉପେନ୍ଦ୍ର ଝିଁ ରଶ୍ମିତାର ଦିହିପା ଖରାପ ଥିଲା ଆର ଦିନେ ଦୁଇଦିନ୍ ଭିତରେ ପଢ଼ିଯିବା ବଲି କହିଥିଲେ। ହେଲେ ସେମାନେ ଗାଁ ଖୁଲିରେ ନ ଉପେନ୍ଦ୍ରନୁ ଦସ୍ତଖତ ନେଇ ରଶ୍ମିତାର ଟି.ସି. ଧରେଇ ଦେଲେ। ସ୍କୁଲକେ ପଢ଼ି ନାଇଁଯିବାର ଲାଗି ତାର ନାଁ କଟି ଯାଇଛେ। ଝିଁ ଯେନ୍‌ଠାନେ ପଢ଼ବା ଅସ୍‌ବିଧା ହେଲେ ବୌଦ୍ଧ ଡିଇଓ ଅଫିସକେ ଯିବ ବଲି କହିଦେଇଗଲେ। ଏନ୍‌ତାଥି ଉପେନ୍ଦ୍ର ଉପେ ଶୁଇନ୍, ଆସେ ପାସେ ହାଇସ୍କୁଲ ବି ନାଁଇନ। ସପ୍ତମ ଶ୍ରେଣୀରୁ ରଶ୍ମିତା ଇଂଲିଶରେ ପଢ଼ି ଆସୁଛେ। ଏହେଦେ ଫେନ୍ ଓଡ଼ିଆରେ କେନ୍‌ଥେଇ ପଢ଼ବା ରଶ୍ମିତା ବି ଚିନ୍‌ତାରେ ପଡ଼ିଛେ। ଶିକ୍ଷା ବିଭାଗର ନିୟମ ହିସାବେ, ଛାତ୍ରୀଛାତ୍ର ବହୁତ୍ ଦିନ୍ ଧରି ସ୍କୁଲ ନାଇଁଗଲେ ଶିକ୍ଷକ ଅଭିଭାବକକୁଁ ଜନାବାର ନିୟମ ରହିଛେ। ହେଲେ ଇ ବାବ୍‌ଦେ ଉପେନ୍ଦ୍ରକୁଁ ଆଦର୍ଶ ବିଦ୍ୟାଲୟର ପ୍ରଧାନଶିକ୍ଷକ ଆଗ୍‌ତୁରା କିଛି ନାଇଁ ଜନେଇଥିବାର ସେ କହିଛନ୍। ଆଦର୍ଶ ବିଦ୍ୟାଲୟରେ ଭିନେ ଭିନେ କାରନ୍‌ରୁ ଚଲତି ଶିକ୍ଷା ବଛରରେ ୩୭ ଝନ୍ ଛାତ୍ରୀଛାତ୍ର ଟି.ସି. ନେଇ ସାରିଛନ୍। ହେଲେ କେନ୍ କାରନ୍‌ରୁ ଆର ପରିସ୍ଥିତିରେ ଇମାନେ ଟି.ସି. ନେଇଛନ୍, ସେମାନେ କେନ୍ ସ୍କୁଲରେ ପଢ଼ୁଛନ୍ କି ନାଇଁ ସେଟା ତଦଁତ୍ କରବାର ନିହାତି ଜରୁରି ଆଏ। ଇଆଡ଼େ ସ୍କୁଲରେ ଖାଲିପଡ଼ିଥିବାର ଜାଗାରେ ନୂତନ ଛାତ୍ରୀଛାତ୍ରକୁଁ ଭରତି କରାଯାଇଛେ। ସେମାନେ କେନ୍ ଆଧାରରେ ନାଁ ଲେଖେଇଛନ୍ ଇ ବାବ୍‌ଦେ ବି ଖୋଲତାଡ଼ ହେବାର ନିହାତି ଜରୁରି ଆଏ ବଲି ବୁଧିଜୀବୀ ବହଲରେ ଦାବି ହେଉଛେ। ଇ ବାବ୍‌ଦେ ଆଦର୍ଶ ବିଦ୍ୟାଲୟର ପ୍ରଧାନଶିକ୍ଷକ ଶ୍ୟାମଲାଲ ଭୋଇକୁଁ ପଚରାଲାରୁ ବହୁତ୍ ଦିନ୍ ଧରି ସ୍କୁଲ ନାଇଁଗଲେ ଆମେ ଡାକ୍‌ରେ ବି ଟି.ସି. ପଠେଇ ଦେଉଛୁଁ ବଲି କହିଥିଲେ।


ପାଠ୍ ପଢ଼ାରୁ ବଁଚିତ୍ ଛାତ୍ରୀ ରଶ୍ମିତା ନାଏକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଲଗାଇବ ହାବୁହାବୁକା,**
**ଭାତ ଖାଇବ ଆଗା;**
**ଚିତ୍ ହୋଇ ଶୋଇପଡ଼ିବ,**
**ମାରି ନେଉଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇଛନ୍ତି। କାରଣ ଏପରି ନ ହେଲେ କାଳେ ପଛରେ ରହିଗଲେ ସୁବିଧା ସୁଯୋଗ ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଆଗତୁରା ନିଜ ନିଜର କାର୍ଯ୍ୟ କରାଇ ନେବାକୁ ଉଚିତ ମଣିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କଠାରେ ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତଳେ ତଳେ ଯାଏ ତଳ ଗଡ଼ିଶା**
**ସମ୍ଭି ମରୁଥାଇ ସାଇପଡ଼ିଶା ।**

ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅତ୍ୟନ୍ତ ହୁସିଆରରେ ବା ଲୁଚାଛପାରେ ନିଜର ଈପ୍‌ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଲୋକଲୋଚନରେ ଏପରି ବ୍ୟକ୍ତି ନିନ୍ଦିତ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଏନ୍‌କାଉଣ୍ଟର, ମେହେତାବ ଗୁରୁତର

କେନ୍ଦ୍ରାପଡ଼ା ଅଫିସ, ୬।୮

ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚମ୍ପଟ ମାରୁଥିବା ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ସେକ୍ ମେହେତାବ (୨୩)ଙ୍କୁ କେନ୍ଦ୍ରାପଡ଼ା ପୋଲିସ ସୋମବାର ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର କରିଛି। ତାଙ୍କ ୨ ଗୋଡ଼ର ଆଣ୍ଠୁ ଉପରେ ଗୁଳି ବାଜିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମେହେତାବଙ୍କ ନିକଟରୁ ଗୋଟିଏ ୯ ଏମଏମ୍ ପିସ୍ତଲ, ନମ୍ବର ବିହୀନ ବାଇକ, ୯ ହଜାର ଟଙ୍କା, କିଛି କାଗଜପତ୍ର ଓ ୨ଟି ମୋବାଇଲ ଜବତ ହୋଇଛି। ତାଙ୍କ ନାମରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିସହ ଗତ ଜୁଲାଇ ୧୩ରେ ସହରର ଜଇପୁରା ଗ୍ରାମରେ ଧର୍ମରକ୍ଷା ସେନାର ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ ଘଟଣାର ସେ ମାଷ୍ଟରମାଇଣ୍ଡ ଥିଲେ ବୋଲି କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ବାବୁଲିଙ୍କୁ ଜୀବନରୁ ମାରିଦେବା ପାଇଁ ମେହେତାବ ଗ୍ୟାଙ୍ଗଷ୍ଟର ଟିଟୋଙ୍କଠାରୁ ୫ଲକ୍ଷ ଟଙ୍କା ସୁପାରୀ ନେଇଥିଲେ। ଏନେଇ ସୂଚନା ମିଳିବା ପରେ ସେ ଜିଲା ପୋଲିସ ନଜରରେ ଥିଲେ।

ସୋମବାର ରାତି ପ୍ରାୟ ୩ଟା ୧୫ ମିନିଟ୍‌ରେ ମେହେତାବ ପଟ୍ଟାମୁଣ୍ଡାଇରୁ ସହର ଆଡକୁ ଗଣ୍ଡାକିଆ ରାସ୍ତା ଦେଇ ସହଯୋଗୀଙ୍କ ସହ ଆସୁଥିଲେ। ପୂର୍ବରୁ କୌଣସି ସୂତ୍ରରୁ ଖବରପାଇ ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ ଓ ଜିଲା ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଆଇ ପିକେ କାନୁନଗୋଙ୍କ ନେତୃତ୍ୱରେ ୨ଟି ଟିମ୍ ନିକଟସ୍ଥ ଏରା ଛକରେ ଛକି ରହିଥିଲେ। ପୋଲିସକୁ ଦେଖି ମେହେତାବ ଓ ତାଙ୍କ ସହଯୋଗୀ ଫେରାର ହେବାକୁ ଉଦ୍ୟମ କରି ପଟ୍ଟାମୁଣ୍ଡାଇ ଆଡକୁ ଗାଡ଼ି ବୁଲାଇଥିଲେ। ଏହି ସମୟରେ ସେ ପୋଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ଜବାବ୍‌ରେ ପୋଲିସ ପାଲଟା ଗୁଳି ଚାଳନା କରିଥିଲା। ଏହି ଗୁଳି ମେହେତାବଙ୍କ ୨ ଆଣ୍ଠୁ ଉପରେ ବାଜିବା ପରେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ତେବେ ତାଙ୍କ ସହଯୋଗୀ ଫେରାର ହୋଇଯାଇଥିଲେ। ମେହେତାବଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ, ମାଡ଼ ମାରିବା, ଗାଡ଼ି, ମୋଟର ସାଇକେଲ ଆଦି ଚୋରି ମାମଲା ରହିଛି ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ଏନେଇ ସଦର ଥାନାରେ ମାମଲା (ନଂ.୧୮୯/୧୯) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ମେରୁ ଅଦ୍ୟାବଧି ୯ଟି ଏନକାଉଣ୍ଟର କରି ଜିଲା ପୋଲିସ ଚର୍ଚ୍ଚାରେ ରହିଛି।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩କୋଟି ଟଙ୍କା ସହାୟତା

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଏବଂ ପୁନରୁଦ୍ଧାର ପାଇଁ ମଙ୍ଗଳବାର କେତୋଟି ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ ଦିଆଯାଇଛି। ନିୟୁ ଇଣ୍ଡିଆ ଆସ୍ୟୁରାନ୍ସ କୋ ଲିମିଟେଡ ପକ୍ଷରୁ ୩ କୋଟି, ଅଲ୍ ଇଣ୍ଡିଆ ୟୁନିୟନ ବ୍ୟାଙ୍କ ଅଫିସର୍ସ ଫେଡେରେଶନ ପକ୍ଷରୁ ୩୬ ହଜାର, ଇଣ୍ଡେନ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟର୍ସ ଅଫ ଇଣ୍ଡିଆ ପକ୍ଷରୁ ୨ଲକ୍ଷ ୫୫ ହଜାର, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ଭୁବନେଶ୍ୱର କର୍ମଚାରୀଙ୍କ ପକ୍ଷରୁ ୨ଲକ୍ଷ ୩୭ ହଜାର ଏବଂ ଘାନା ଭାରତୀୟ ସଂଘ ପକ୍ଷରୁ ୫୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହିପରି ବିଭିନ୍ନ ସଂସ୍ଥା ପକ୍ଷରୁ ମୋଟ ୩ କୋଟି ୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

## ଆଜି ଜାତୀୟ ହସ୍ତତନ୍ତ ଦିବସ | ଅନ୍ତର୍ଜାତୀୟ ବଜାରରେ ବଢୁଛି ଓଡ଼ିଶା ହସ୍ତତନ୍ତର ଚାହିଦା

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ଫେରୁଛି ହସ୍ତତନ୍ତର ଲୋକପ୍ରିୟତା। ପୁଣିଥରେ ଆଦୃତ ହେଉଛି ଭାରତର ପାରମ୍ପରିକ ହସ୍ତତନ୍ତ। କେବଳ ବୟସ୍କ ନୁହଁନ୍ତି, ବର୍ତ୍ତମାନର ଯୁବପିଢ଼ୀମାନେ ହସ୍ତତନ୍ତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତକୁ ଆଧୁନିକ ଡିଜାଇନ୍ ଓ ନୂତନ ରଙ୍ଗରେ ପ୍ରସ୍ତୁତ କରାଯିବା ପରେ ତାହାର ଚାହିଦା ବଜାରରେ ବଢୁଛି। ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ପାରମ୍ପରିକ ହସ୍ତତନ୍ତ ଆଧୁନିକ ଫ୍ୟାଶନର ଏକ ପ୍ରମୁଖ ଅଂଶଭାବେ ପରିଗଣିତ ହେଉଛି। ଏପଟେ ଉତ୍କୃଷ୍ଟ ଓ ସୂକ୍ଷ୍ମ କାରିଗରୀରେ ପ୍ରସ୍ତୁତ ଓଡ଼ିଶା ହସ୍ତତନ୍ତର ଚାହିଦା ଅନ୍ତର୍ଜାତୀୟ ବଜାରରେ ବଢୁଛି। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ତଥ୍ୟ ମୁତାବକ ଗତ ୪ବର୍ଷ ମଧ୍ୟରେ ଓଡ଼ିଶାର ହସ୍ତତନ୍ତ ଦେଶ ତଥା ବିଦେଶରେ ଆଦୃତ ଲାଭ କରିଛି। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଓ ଟ୍ରେଡ୍ ଶୋ' ଆଦିରେ ଓଡ଼ିଶା ବସ୍ତ୍ରର ଚାହିଦା ଦେଖିବାକୁ ମିଳୁଛି। ବିଭିନ୍ନ ଫ୍ୟାଶନ ଶୋ'ରେ ପାଶ୍ଚାତ୍ୟ ପୋଷାକ ସହ ଓଡ଼ିଶା ହ୍ୟାଣ୍ଡଲୁମ୍‌ର ଫ୍ୟୁଜନ କରାଯାଇ ପ୍ରଦର୍ଶିତ ହେଉଛି।

ଇ-ମାର୍କେଟିଂ କ୍ଷେତ୍ରରେ ଧୀରେ ଧୀରେ ଆଗକୁ ବଢୁଥିବା ଓଡ଼ିଶା ଅନ୍‌ଲାଇନ୍‌ରେ ନିଜର ବ୍ୟବସାୟକୁ ବ୍ୟାପକ କରିଛି। ଏକାଧିକ ଇ-କମର୍ସ ପ୍ଲାଟଫର୍ମରେ ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତତନ୍ତର ଅନ୍‌ଲାଇନ୍ ବିକ୍ରିବଟା ହେଉଥିବା ଦେଖିବାକୁ ମିଳୁଛି। ସମ୍ବଲପୁରୀ ବସ୍ତ୍ରାଳୟ ସହ ବୟନିକା ଏବଂ ଉତ୍କଳିକା ଇ-ମାର୍କେଟିଂ କ୍ଷେତ୍ରରେ ବିଶେଷ ସଫଳତା ପାଇଛନ୍ତି। 'ଫ୍ୟାବ୍ ଇଣ୍ଡିଆ' ସହ 'କୁଭ୍‌ସ', 'ଫ୍ଲିପ୍‌କାର୍ଟ', 'ଆମାଜନ୍', କ୍ରାଫ୍ଟଲୀ ଓ 'ଠୁମ୍‌ରୀ' ଭଳି ଅନ୍‌ଲାଇନ ପ୍ଲାଟଫର୍ମରେ ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତତନ୍ତର ଚାହିଦା ରହିଛି। ସମ୍ବଲପୁରୀ, ଇକ୍କତ୍, ପସାପାଲି, ଟସର ସିଲ୍କ ଭଳି ହସ୍ତତନ୍ତର ଚାହିଦା ବିଶ୍ୱ ବଜାରରେ ବଢ଼ିଛି।

### ଆମାଜନ୍‌ରେ ସମ୍ବଲପୁରୀକୁ ସ୍ୱତନ୍ତ୍ରସ୍ଥାନ

ଏଭଳିସ୍ଥଳେ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଇ-ମାର୍କେଟିଂ ପ୍ଲାଟ୍‌ଫର୍ମ 'ଆମାଜନ୍' ପକ୍ଷରୁ ଆରମ୍ଭ ହୋଇଥିବା 'କାରିଗର୍ ଷ୍ଟୋର୍'ରେ ସମ୍ବଲପୁରୀ ବସ୍ତ୍ରକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ଭାରତର ୨୦ଟି ରାଜ୍ୟର ୨୭୦ଟି ବିରଳ କଳା ଓ କଳାକୃତିକୁ ନେଇ ଆରମ୍ଭ ହୋଇଥିବା 'ଆମାଜନ୍ କାରିଗର'ରେ ଆର୍ଷଣୀୟ ସମ୍ବଲପୁରୀ ଇକ୍କତ ଶାଢୀ ଦେଖିବାକୁ ମିଳୁଛି। ନୂଆ ନୂଆ ରଙ୍ଗ ଓ ଆକର୍ଷଣୀୟ ଡିଜାଇନ୍‌ରେ ଉପଲବ୍ଧ ନୂଆପାଟଣା ଶାଢୀ, ସମ୍ବଲପୁରୀ ଶାଢୀ, ସମ୍ବଲପୁରୀ ସାଲଓ୍ୱାର ସୁଟ୍, ଇକ୍କତ ଟାଇ ଆଣ୍ଡ ଡାଇ ଶାଢୀ, ସମ୍ବଲପୁରୀ ସିଲ୍କ, ବୋମକାଇ ପାଟ ଆଦିକୁ ଏହି ଇ-କମର୍ସ ପ୍ଲାଟଫର୍ମର ସ୍ୱତନ୍ତ୍ର ସେଗ୍‌ମେଣ୍ଟରେ ସ୍ଥାନିତ କରାଯାଇଛି। ଏହାସହ ହସ୍ତତନ୍ତ ବିକ୍ରିବଟା ପାଇଁ ୧୩ଟି ରାଜ୍ୟର ସରକାରୀ ସଂସ୍ଥା ସହ ଚୁକ୍ତି କରିଥିବା ଆମାଜନ୍ ଓଡ଼ିଶାର 'ବୟନିକା' ସହ ଯୋଡ଼ିହୋଇଛି। ଫଳରେ ଆମାଜନ୍ ମାଧ୍ୟମରେ ବୟନିକାର ଏକାଧିକ ଡିଜାଇନ୍ ଏବେ ଜଣେ ଘରେବସି କିଣିପାରିବ। ଅନ୍ୟପକ୍ଷରେ ଇ-ମାର୍କେଟିଂ ପଲିସି ହସ୍ତତନ୍ତ ଓ ହସ୍ତଶିଳ୍ପ ଇଣ୍ଡଷ୍ଟ୍ରୀକୁ ସୁହାଉ ନ ଥିବାରୁ ଏହା ଅନ୍‌ଲାଇନ୍ ବିକ୍ରିରେ ସମସ୍ୟା ସୃଷ୍ଟିକରୁଛି। ଗୋଟିଏ ଗୋଟିଏ ଶାଢୀ ପ୍ରସ୍ତୁତ କରିବାକୁ ପାରମ୍ପରିକ ପଦ୍ଧତିରେ ପ୍ରାୟ ଏକମାସ ସମୟ ଲାଗିଯାଉଥିବା ବେଳେ ଗ୍ରାହକଙ୍କ ଚାହିଦା ପୂରଣ କରିବା କଷ୍ଟକର ହୋଇପଡୁଛି। ଇ-ମାର୍କେଟିଂ ପାଇଁ ଗୋଟିଏ ଶାଢୀର ଏକାଧିକ କପି ଆବଶ୍ୟକ ହେଉଥିବା ବେଳେ ପାରମ୍ପରିକ ପ୍ରଣାଳୀରେ ତାହା ପ୍ରସ୍ତୁତି କରିବା ବୁଣାକାରଙ୍କ ପାଇଁ ଅସମ୍ଭବ ହୋଇପଡୁଛି। ଏଭଳିସ୍ଥଳେ ରାଜ୍ୟ ସରକାର ଇ-ମାର୍କେଟିଂ ବିକାଶ ଉପରେ ସ୍ୱତନ୍ତ୍ରଭାବେ ଫୋକସ୍ କରିବା ସହ ଅତ୍ୟାଧୁନିକ ପଦ୍ଧତିର ବ୍ୟବହାର ପାଇଁ କାରିଗରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଦାବି ହୋଇଛି।

CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

See Color Display Classified on every Tuesday & Friday

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସେଲ୍ଫି କର୍ଣ୍ଣର



@ ଆଶୁତୋଷ



@ କୃପା



@ ଠାକୁର



@ ବିଏମ୍ ସ୍କୁଲ



@ ଜଙ୍ଘସିନୀ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବିଜେପୁର ପରୀକ୍ଷା, ୩ ଦଳର ପ୍ରସ୍ତୁତି ଉପରେ ନଜର

ଭୁବନେଶ୍ୱର,୬।୮(ବ୍ୟୁରୋ)

■ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ହୋଇପାରେ ଉପନିର୍ବାଚନ ତାରିଖ ଘୋଷଣା

■ସାଙ୍ଗଠନିକ ପ୍ରସ୍ତୁତି ନେଇ ବିଜେଡି, ଭାଜପା ତତ୍ପର

■ବିଜେଡିର ସଂଗଠନ ସଜଡ଼ା ପର୍ବରେ ପରାଜିତ ପ୍ରାର୍ଥୀଙ୍କ ମିଳିପାରେ ଅଗ୍ରାଧିକାର

୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୧୧୨ ଆସନରେ ବିଜୟୀ ହୋଇ ରାଜ୍ୟରେ ୫ମ ଥର ଲାଗି ସରକାର ଗଠନ କରିଛି । ଗତ ନିର୍ବାଚନରେ ନବୀନ ୨ଟି ବିଧାନସଭା ଆସନ(ହିଞ୍ଜିଳି ଓ ବିଜେପୁର)ରୁ ବିଜୟୀ ହୋଇଥିଲେ । ଜୁନ୍ ୨ ତାରିଖରେ ସେ ବିଜେପୁର ଆସନରୁ ଇସ୍ତଫା ଦେଇଥିଲେ । ତେଣୁ ଖୁବ୍‌ଶୀଘ୍ର ବିଜେପୁର ଆସନ ପାଇଁ ଉପନିର୍ବାଚନ ହେବ । ମିଳିଥିବା ସୂଚନା ମୁତାବକ, ନିର୍ବାଚନ କମିଶନ ଆସନ୍ତା ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବର ପ୍ରଥମ ସପ୍ତାହରେ ଏହି ଉପନିର୍ବାଚନ ତାରିଖ ଘୋଷଣା କରିପାରନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଫେରିବା ପରେ ଏନେଇ ଚର୍ଚ୍ଚା ଜୋର୍ ଧରିଛି । ଅନ୍ୟପଟେ ନିକଟରେ ଶେଷ ହୋଇଥିବା ପାଟକୁରା ନିର୍ବାଚନରେ ବିଜେଡି ବାଜିମାତ୍ କରିବା ପରେ ବିଜେପୁର ଆସନରେ ହେବାକୁ ଥିବା ଲଢେଇ ଉପରେ ସମସ୍ତଙ୍କ ନଜର ମଧ୍ୟ ରହିଛି । ପଶ୍ଚିମ ଓଡ଼ିଶାରେ ଭାଜପାର ପ୍ରଦର୍ଶନ ସାଧାରଣ ନିର୍ବାଚନରେ ଭଲ ରହିଥିବା କାରଣରୁ ଏ ଦିଗରେ ବିଶେଷ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି ।

ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ ଧାର୍ଯ୍ୟ ସମୟର ୪ ଦିନ ପୂର୍ବରୁ ଅର୍ଥାତ୍ ଗତ ଶନିବାର ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଛନ୍ତି । ଏଥର ବିଧାନସଭାରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଭାଜପା ରହିବା ସତ୍ତ୍ୱେ ଶାସକ ଦଳ ବିରୋଧରେ ଆକ୍ରମଣାତ୍ମକ ଢଙ୍ଗରେ ପ୍ରସଙ୍ଗ ଉଠାଇପାରିଲା ନାହିଁ । ଅନେକ ପ୍ରସଙ୍ଗ ଭାଜପା ଗୃହରେ ପ୍ରଥମେ ଉଠାଉଥିଲେ ମଧ୍ୟ କଂଗ୍ରେସ ଏହାକୁ ବାରମ୍ବାର ହାଇଜାକ କରିନେଉଥିବା ଦେଖିବାକୁ ମିଳିଥିଲା । ଭାଜପାରୁ ଜିତିଥିବା ୨୩ ବିଧାୟକଙ୍କ ମଧ୍ୟରୁ ଅଧିକାଂଶ ନବନିର୍ବାଚିତ ହୋଇଥିବା ବେଳେ କଂଗ୍ରେସର ସଂଖ୍ୟା କମ୍ ଥିଲେ ମଧ୍ୟ ବହୁ ଅନୁଭବୀ ନେତା ଏଥର ଗୃହରେ ରହିଛନ୍ତି, ଯେଉଁଥିଲାଗି କଂଗ୍ରେସ ସହଜରେ ଗୃହରେ ଗୋଟି ଚଳାଇପାରୁଥିବା ଲକ୍ଷ୍ୟ କରାଯାଇଥିଲା । ଅନ୍ୟପଟେ କେନ୍ଦ୍ର ସରକାର ଏଥର ଲୋକ ସଭା ଏବଂ ରାଜ୍ୟ ସଭାରେ ଆଗତ କରିଥିବା ପ୍ରାୟ ସମସ୍ତ ବିଲ୍‌କୁ ବିଜେଡି ସମର୍ଥନ କରିଥିବା ଦେଖିବାକୁ ମିଳିଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଭୟ ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବା କଥା କହି ଆସୁଥିଲେ । କିନ୍ତୁ କେନ୍ଦ୍ର ଶାସିତ ଭାଜପା ସରକାରଙ୍କ ସମସ୍ତ ପଦକ୍ଷେପକୁ ପାର୍ଲାମେଣ୍ଟରେ ବିଜେଡି ସମର୍ଥନ କରିବା ଘଟଣା କଂଗ୍ରେସ ବିଧାୟକ ଦଳକୁ ବେଶ୍ ସୁହାଇଥିଲା । ସେହିପରି ଓଡ଼ିଶାର ଗୋଟିଏ ରାଜ୍ୟ ସଭା ଆସନ ଭାଜପାକୁ ବିଜେଡି ଛାଡି ଦେବାପରେ ଦୁଇ ଦଳର ଭିତିରି ବୁଝାମଣା କଥାକୁ କଂଗ୍ରେସ ଆହୁରି ଶାଣିତ ଢଙ୍ଗରେ ଉପସ୍ଥାପିତ କରିଆସୁଛି । ଏହି ଗୋଟିଏ ଆସନକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ ବୁଝାମଣା କଥା ସାଧାରଣରେ ଏବଂ ଦୁଇ ଦଳର କର୍ମୀ ସ୍ତରରେ ମଧ୍ୟ ବେଶ୍ ନକାରାତ୍ମକ ପ୍ରଭାବ ପକାଇଥିବା କୁହାଯାଉଛି । ଏ ପରିସ୍ଥିତିରେ ରାଜ୍ୟ କଂଗ୍ରେସ ପାଖରେ ଲୋକମାନଙ୍କ ନିକଟତର ହେବା ପାଇଁ ଏକ ବଡ଼ ସୁଯୋଗ ଥିଲେ ମଧ୍ୟ ଦଳର ଦୁର୍ବଳ ସ୍ଥିତି ଯୋଗୁ ତାହା ସମ୍ଭବ ହୋଇପାରୁନାହିଁ । କିଛିଦିନ ମଧ୍ୟରେ ପାର୍ଲାମେଣ୍ଟ ଅଧିବେଶନ ଶେଷ ହେବାକୁ ଥିବାବେଳେ ରାଜ୍ୟ ବଜେଟ ଅଧିବେଶନ ଶେଷ ହୋଇଯାଇଛି । ଆଗକୁ ରାଜ୍ୟର ୩ ପ୍ରମୁଖ ଦଳ କିପରି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ତା'ଉପରେ ସମସ୍ତଙ୍କ ନଜର ରହିଛି ।

ବିଜେଡି ପକ୍ଷରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଦଳୀୟ ସଙ୍ଗଠନ ସଜଡା ପର୍ବ ଆରମ୍ଭ ହେବ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଗତ ନିର୍ବାଚନରେ ପରାଜିତ ହୋଇଥିବା ନେତାମାନଙ୍କୁ ଦଳ ଏଥର ପ୍ରଥମେ ସୁଯୋଗ ଦେବ । ଯେଉଁମାନେ ସୁଯୋଗ ପାଇବେ ସେମାନେ ଅନ୍ୟ ଦଳରୁ ଆସି ନ ଥିବେ । ପ୍ରଥମ ପର୍ଯ୍ୟାୟରେ ଦଳ ପ୍ରାୟ ୧୦ ଜଣ ନେତାଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରୁଛି । ଏହାପରେ ଟିକେଟ ନ ପାଇ ଦଳରେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିଥିବା କେତେଜଣ ନେତାଙ୍କୁ ସନ୍ତୁଷ୍ଟ କରିବା ପରେ ଆରମ୍ଭ ହେବ ଦଳର ସାଙ୍ଗଠନିକ ପ୍ରକ୍ରିୟା । ଦଳର ସବୁ ସଙ୍ଗଠନର ରାଜ୍ୟ ମୁଖିଆମାନେ ମଧ୍ୟ ବଦଳିବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେବାରେ ଲାଗିଛି ।

ଅନ୍ୟପକ୍ଷରୁ ଭାଜପା ପକ୍ଷରୁ ନୂତନ ସଦସ୍ୟତା ଅଭିଯାନ ଚାଲିଛି । ଦଳ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଆସନ୍ତା ୧୧ ତାରିଖରେ ଏହି ପ୍ରକ୍ରିୟା ଶେଷ ହୋଇଯିବ । କିନ୍ତୁ ଏହାକୁ ଅଧିକ ୭ ଦିନ ବୃଦ୍ଧି କରାଯିବ ବୋଲି ଶୁଣିବାକୁ ମିଳିଛି । ଶିବରାଜ ସିଂ ଚୌହ୍ୱାନ ରାଜ୍ୟ ଗସ୍ତରେ ଆସି ସଦସ୍ୟତା କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି । ସେହିପରି ୨୦୧୪ରେ ବିଜୟୀ ହୋଇଥିବା ଭାଜପାର ସମସ୍ତ ୧୦ ବିଧାୟକ ୨୦୧୯ ନିର୍ବାଚନରେ ପରାଜିତ ହୋଇଛନ୍ତି । ସେମାନେ ମଧ୍ୟ ଦଳର କିଛି ପଦପଦବୀ ନେବା ଲାଗି ଅନେଇ ବସିଥିବା ଆଲୋଚନା ହେଉଛି । ସେହି କ୍ରମରେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଭାଜପାର ରାଜ୍ୟ ସଭାପତି ପଦ ସହ ବହୁ ପଦ ପଦବୀରେ ନୂଆ ନେତାଙ୍କୁ ଦାୟିତ୍ୱ ମିଳିବ । ଏଥିପାଇଁ ମଧ୍ୟ ଜୋର୍‌ଦାର କାର୍ଯ୍ୟକ୍ରମ ଚାଲିଛି । ହେଲେ ନିର୍ବାଚନ ପୂର୍ବରୁ ଯେପରି ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେଡି ଏବଂ ଭାଜପା ପରସ୍ପର ବିରୋଧରେ ଆନ୍ଦୋଳନକୁ ଓହ୍ଲାଉଥିଲେ ତାହା ବର୍ତ୍ତମାନ ଦେଖିବାକୁ ମିଳିବନାହିଁ । ଏ ପରିସ୍ଥିତିରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଜାତୀୟ ସ୍ତରର ସାଙ୍ଗଠନିକ ପ୍ରକ୍ରିୟାକୁ ଅନେଇ ବସିଛି । ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାପରେ ଏହି ଆସନ ଖାଲି ରହିଛି । ଏହି ଆସନରେ କୌଣସି ନୂଆ ନେତା ଦାୟିତ୍ୱ ନେବାପରେ ରାଜ୍ୟ ନେତୃତ୍ୱରେ ମଧ୍ୟ ପରିବର୍ତ୍ତନ କରାଯିବା ନେଇ ଚର୍ଚ୍ଚା ହେଉଛି । ଏସବୁ ଭିତରେ ବିଜେପୁର ଉପନିର୍ବାଚନ ପୂର୍ବରୁ କେଉଁ ଦଳ କେମିତି ପ୍ରସ୍ତୁତି କରୁଛି ତାହା ଦେଖିବା ଗୁରୁତ୍ୱପୂର୍ଣ୍ଣ ।

## ଜିଲ୍ଲା ଚିଠି ଜଗତ୍‌ସିଂହପୁର



## ଶ୍ରୀହୀନ ଅଳକା

ଏକଦା ଜଗତ୍‌ସିଂହପୁର ଜିଲାରେ ପ୍ରବାହିତ ଅଳକା ନଦୀ ସୁନାବ୍ୟା ଓ ସୁଗଭୀର ଥିଲା । ଇତିହାସ କୁହେ ଇଂରେଜ ଶାସନ କାଳରେ ବଣିକମାନେ ଏହି ନଦୀକୁ ସେମାନଙ୍କ ବାଣିଜ୍ୟ ପଥ କରିଥିଲେ । ବଙ୍ଗୋପସାଗରରୁ ଅବାଧରେ ଜାହାଜମାନ ଏହି ଜଳପଥ ଦେଇ ହରିହରପୁର (ବର୍ତ୍ତମାନର ଜଗତ୍‌ସିଂହପୁର) ପର୍ଯ୍ୟନ୍ତ ଚଳାଚଳ କରିପାରୁଥିଲା । କାରଣ ହରିହରପୁର ସେତେବେଳେ ସମଗ୍ର ବଙ୍ଗଳା ଡିଭିଜନରେ ଇଂରେଜମାନଙ୍କ ପ୍ରଥମ ବାଣିଜ୍ୟକୋଠି ଥିଲା । ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ତତ୍କାଳୀନ ଶାସନକର୍ତ୍ତା ଟି.ଏମ୍. ରେଭେନ୍‌ଶା ନଦୀବନ୍ଧ ଓ ଜଳସେଚନ ପ୍ରତି ଯତ୍ନବାନ ହୋଇଥିଲେ । ମହାନଦୀର ଯୋବ୍ରାଠାରେ ଆନିକଟ ନିର୍ମାଣ କରାଯାଇଥିଲା । ୧୮୬୯ରେ ଆନିକଟ ଶେଷ ହେବା ପରେ ବିପନ୍ନଙ୍କୁ କାମଧନ୍ଦା ଯୋଗାଇଦେବାକୁ କେନାଲ ଖୋଳା ଆରମ୍ଭ ହୋଇଥିଲା । ୧୮୭୦ରୁ ୧୮୭୩ ମଧ୍ୟରେ ଜଳ ଯୋଗାଣ ଆରମ୍ଭ ହୋଇପାରିଥିଲା । ଅଳକା ଦେବୀ ନଦୀର ବାଗଲପୁର କସ୍ବା ନିକଟରୁ ବାହାରି ପଦୁଆଠାରେ ବଙ୍ଗୋପସାଗରରେ ମିଶିଥିବା କୁହାଯାଏ । ସେତେବେଳେ ଅଳକା ପଠା ଶସ୍ୟଶାମଳା ଥିଲା । ଜଳସେଚନ ସୁବିଧା ଯୋଗୁ ବର୍ଷସାରା ପରିବା ଓ ଅନ୍ୟ ଫସଲ ହେଉଥିଲା । ନଦୀରୁ ପ୍ରଚୁର ମାଛ ମଧ୍ୟ ଉତ୍ପାଦନ ହେଉଥିଲା । ସମୟଚକ୍ରରେ ଅଳକା ଏବେ ମୃତ ପ୍ରାୟ । କେନାଲ ସମ୍ପ୍ରସାରଣ ଓ ରାଜପଥ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନରେ ଅଳକା ବକ୍ଷରେ ବନ୍ଧ ପଡିବାରୁ ଏହା କ୍ରମଶଃ ଖଣ୍ଡ ବିଖଣ୍ଡିତ ହୋଇଗଲା । ଏହାର ଶଯ୍ୟା ପୋତି ହୋଇଚାଲିଛି । ଅସାଧୁ ଓ ପ୍ରଭାବଶାଳୀ ଲୋକେ ନଦୀ ଶଯ୍ୟା ଜବରଦଖଲ କରି ଚାଲିଛନ୍ତି । ଏପରି କି କେତେଜଣ ଲାଭଖୋର ରାଜସ୍ୱ ଅଧିକାରୀ ଏହାର କିଛି ଅଂଶ ସେମାନଙ୍କ ହାତକୁ ବେଆଇନ ଭାବେ ଟେକି ଦେଇଛନ୍ତି । ଏବେ ସମ୍ପୃକ୍ତ ଜବରଦଖଲକାରୀ ଉକ୍ତ ଜମିକୁ ବିକ୍ରି ଓ ଲିଜ୍ ଦେଇ ଲାଭବାନ ହେଉଛନ୍ତି । ଆଶ୍ଚର୍ଯ୍ୟର କଥା ଅଳକା ନଦୀର ସ୍ଥିତି ସମ୍ପର୍କରେ ଏବେ ଆଉ ପୂର୍ଣ୍ଣାଙ୍ଗ ତଥ୍ୟ ମିଳୁନି । ସୂଚନା ଅଧିକାର ଆଇନ ବଳରେ ଜଗତ୍‌ସିଂହପୁର, ବିରିଡ଼ି, ରଘୁନାଥପୁର ଓ ବାଲିକୁଦା ତହସିଲକୁ ତଥ୍ୟ ମଗାଯାଇଥିଲା । ଜଗତ୍‌ସିଂହପୁର ଓ ବାଲିକୁଦା ତହସିଲଦାର ଅଳକାର ସ୍ଥିତି ସମ୍ପର୍କରେ କିଛି ତଥ୍ୟ ଦେଇଥିବାବେଳେ ବିରିଡ଼ି ତହସିଲ ପକ୍ଷରୁ ଏଭଳି ନଦୀ ନ ଥିବା ଉଲ୍ଲେଖ କରାଯାଇଛି । ବାସ୍ତବରେ ଅଳକା ବିରିଡ଼ି ଦେଇ ଜଗତ୍‌ସିଂହପୁର ଓ ବାଲିକୁଦା ଅଞ୍ଚଳ ପର୍ଯ୍ୟନ୍ତ ଲମ୍ବି ବଙ୍ଗୋପସାଗରରେ ମିଶିଛି । ୧୯୩୦ ମସିହା ରେକର୍ଡ ଓ ପରବର୍ତ୍ତୀ ସେଟଲମେଣ୍ଟ ରେକର୍ଡ ଯାଞ୍ଚ କରା ନ ଯାଇ ଔପଚାରିକ ଭାବେ ହାଲ ରେକର୍ଡ ପ୍ରଦର୍ଶନ କରାଯାଉଛି । ମାତ୍ର ସାବକ ପ୍ଲଟର ସ୍ଥିତି ଲୁଚାଇବାକୁ ଚେଷ୍ଟା ହୋଇଛି । ଗତବର୍ଷ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ଉଦ୍ୟମ ଫଳରେ କେନ୍ଦ୍ରୀୟ ଅନ୍ତଃଦେଶୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ପ୍ରତିନିଧି ଦଳ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅଳକା ସମେତ ବାଲିଆ ଓ କାଠଯୋଡ଼ି ନଦୀ ପରିଦର୍ଶନ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ମୃତ ନଦୀ ଗର୍ଭରେ ମାଛ ଚାଷ କରିବା ସହ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା । ଉକ୍ତ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରାଥମିକ ପର୍ଯ୍ୟାୟରେ ଜିଲାର ପ୍ରାୟ ୧୫୦ ହେକ୍ଟର ନଦୀ ଶଯ୍ୟାରେ ମାଛ ଚାଷ ହୋଇପାରନ୍ତା । ଏଥିସହ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୁଅନ୍ତା, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ । ଶତାଧିକ ବେକାର ଯୁବକ ଆତ୍ମନିର୍ଭରଶୀଳ ହୋଇପାରନ୍ତେ । ସ୍ୱୟଂ ସହାୟିକା ଗୋଷ୍ଠୀ, ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ । କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ ଯୋଜନା କେବଳ ଯୋଜନାରେ ରହିଯାଇଛି । ସମ୍ପୃକ୍ତ ସଂସ୍ଥା ଡିପିଆର୍ (ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ) ଦେଇ ନ ଥିବା ଜଣାଯାଏ । ଅତୀତରେ ଅଳକା ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା । କିନ୍ତୁ ତାହା କ୍ରମଶଃ ଦୁର୍ବଳ ହୋଇଯାଇଛି । ଏବେ ପ୍ରଶ୍ନ ଉଠୁଛି ସରକାର ସତରେ ଅଳକା ଉଦ୍ଧାର କରିବେ ନା ପୂର୍ବଭଳି ଯୋଜନା ଶୀତଳ ଭଣ୍ଡାରକୁ ଚାଲିଯିବ ।

– ପ୍ରମୋଦ କୁମାର ନାୟକ


## ଆଲ୍ଲାହାବାଦ ବ୍ୟାଙ୍କ

(ଭାରତ ସରକାରଙ୍କ ଉପକ୍ରମ)

ମୁଖ୍ୟ କାର୍ଯ୍ୟାଳୟ :୨, ନେତାଜୀ ସୁବାଷ ରୋଡ, କୋଲକାତା-୭୦୦୦୦୧

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର-II: ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୧୫**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଶାଖାର ନାମ/ଆକାଉଣ୍ଟର ନାମ/ ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଭିଏସ୍‌ଏସ୍ ମାର୍ଗ, ସମ୍ବଲପୁର ଶାଖା** ଋଣଗ୍ରହୀତା: **ଶ୍ରୀମତୀ କନକଲତା ମହାପାତ୍ର, (ସମ୍ପତ୍ତିର ମାଲିକ)**, ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ପାତ୍ର ଏବଂ **ଶ୍ରୀ ପ୍ରଶାନ୍ତ କୁମାର ପାତ୍ର,** ପିତା- ଶ୍ରୀ ବିଶ୍ୱନାଥ ପାତ୍ର, ଉଭୟଙ୍କ ଠିକଣା: ସା-ଗାନ୍ଧି ନଗର, ପୋଷ୍ଟ- ହିରାକୁଦ, ଜିଲ୍ଲା-ସମ୍ବଲପୁର-୭୬୮୦୧୬ | ଶ୍ରୀମତୀ କନକଲତା ମହାପାତ୍ର, ସ୍ୱା-ଶ୍ରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଖାତା ନଂ.-୧୭୧/୧୭୯୯, ପ୍ଲଟ ନଂ.-୧୯୬/୩୩୯୯, ଏରିଆ- ଏକର୦.୦୧୦ ଡିସିମିଲି, ମୌଜା-ସାରଲା ଟାଉନ୍, ୟୁନିଟ୍ ନଂ.-୧୬, ଏସ୍‌ଆରଓ-ସମ୍ବଲପୁର, ଜିଲ୍ଲା-ସମ୍ବଲପୁର-୭୬୮୦୦୬, ଚଉହଦି: ଉତର-ପ୍ଲଟ ନଂ.-୨୭୬୬(ପି), ଦକ୍ଷିଣ-ପ୍ଲଟ ନଂ.୧୯୬(ପି) ରାସ୍ତା, ପୂର୍ବ-ପ୍ଲଟ ନଂ.୧୭୪୫, ପଶ୍ଚିମ-ପ୍ଲଟ ନଂ.୧୯୬, (୨)ଖାତା ନଂ. ୧୭୧/୧୭୯୯, ପ୍ଲଟ ନଂ.- ୧୯୭/୩୩୯୮, ଏରିଆ- ଏକର୦.୦୩୬ ଡିସିମିଲି ସହିତ ଏରିଆ ଏକର୦.୦୨୦ ଡିସିମିଲି, ମୌଜା-ସାରଲା ଟାଉନ୍, ୟୁନିଟ୍ ନଂ.-୧୬, ଏସ୍‌ଆରଓ-ସମ୍ବଲପୁର, ଜିଲ୍ଲା-ସମ୍ବଲପୁର-୭୬୮୦୦୬, ଚଉହଦି: ଉତର-ପ୍ଲଟ ନଂ.୧୭୪୫(ପି), ଦକ୍ଷିଣ-ପ୍ଲଟ ନଂ. ୧୯୭ ରେ ରାସ୍ତା, ପୂର୍ବ- ପ୍ଲଟ ନଂ.୧୭୪୫(ପି) ଏବଂ ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୭୬୬ । | ୨୪.୦୪.୨୦୧୯ | ୩୧.୦୭.୨୦୧୯ | ତା.୨୨.୦୪.୨୦୧୯ ସୁଦ୍ଧା ଟ.୯,୧୮,୭୭୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୬.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



## ଜାତୀୟ କୃମିନାଶ ଦିବସ

୮ ଅଗଷ୍ଟ, ୨୦୧୯ (ଗୁରୁବାର)

DSPL-59

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ । ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୮ ଅଗଷ୍ଟ ୨୦୧୯ ରିଖରେ କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

10003/13/0036/1920

**ଧ୍ୟାନ ଦିଅନ୍ତୁ :**

ବାଲେଶ୍ୱର,କଟକ,ଢେଙ୍କାନାଳ,ଖୋର୍ଦ୍ଧା ଓ ନୂଆପଡା ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ତା ୮ ଅଗଷ୍ଟ ୨୦୧୯ ରିଖରେ କୃମିନାଶକ ଔଷଧ ଖାଇପାରି ନଥିବା ପିଲାମାନେ ତା ୧୬ ଅଗଷ୍ଟ ୨୦୧୯ ରିଖରେ ଖାଇପାରିବେ ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

facebook.com/HFWOdisha http://www.health.odisha.gov.in/ @HFWOdisha



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ପ୍ରବଳ ବର୍ଷା: ଭାଙ୍ଗିଲା ବିଦ୍ୟୁତ୍‌ଖୁଣ୍ଟ, ଗଛ

**କୁଚିଣ୍ଡା,୬।୮(ଡି.ଏନ୍.ଏ.):** କୁଚିଣ୍ଡା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ତୋଫାନ ହେତୁ ବହୁ ସ୍ଥାନରେ ପ୍ରକାଣ୍ଡ ଗଛ ଓ ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। କିଛି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଛି। କୁଡ଼ାପଡ଼ା, କୁଟୁରାଚୁଆଁ ପଞ୍ଚାୟତର ଅଧିକ କ୍ଷୟକ୍ଷତି ଘଟିଛି। କୁଚିଣ୍ଡା ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସୋମନାଥ ସେଠ କର୍ମଚାରୀଙ୍କ ସହ ମିଶି ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି।

### ଦୋକାନରେ ଚଢ଼ାଉ: ୫୫୦୦ ଟଙ୍କା ଜରିମାନା ଆଦାୟ

**ସମ୍ବଲପୁର,୬।୮(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଧନୁପାଲି ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଜିଲା ସ୍କୁଲ, ବୁଦ୍ଧହିଲ, ସେଣ୍ଟ ଜନ୍ ସ୍କୁଲ, ସିଟି ରେଲୱେ ଷ୍ଟେଶନ, ସୋନାପାଲି ସ୍କୁଲ, ବିଇଡି କଲେଜ, ମହିଳା କଲେଜ ପ୍ରଭୃତି ଶିକ୍ଷାନୁଷ୍ଠାନ ନିକଟରେ ବେଆଇନ ଭାବେ ଗୁଟ୍‌ଖା ବିକ୍ରି ହେଉଥିଲା। ୨୯ ଦୋକାନରେ ଚଢ଼ାଉ କରାଯାଇଥିଲା ସେଗୁଡ଼ିକରୁ ୫୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ସ୍ୱାଗତିକା ବେହେରା, ଡ୍ରଗ୍ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତାପରୁଦ୍ର ମଣ୍ଡଳ, ଅବକାରୀ ଇନ୍ସପେକ୍ଟର ଜୟଦେବ ପ୍ରଧାନ, ଦେବାର୍ଚ୍ଚନ କଲେତ ପ୍ରମୁଖ ସାମିଲ ଥିଲେ।

### ବିଦ୍ୟୁତ୍‌କାଟ ବେଳେ ବିଏସ୍‌ଏନ୍‌ଏଲ୍ ସେବା ଠପ୍

**ବାମରା,୬।୮(ସ୍ୱ.ପ୍ର.):** ସମ୍ବଲପୁର ଜିଲା ବାମରା ଅଞ୍ଚଳରେ ବିଦ୍ୟୁତ୍‌କାଟ ବେଳେ ବିଏସ୍‌ଏନ୍‌ଏଲ୍ ସେବା ଠପ୍ ହୋଇଯାଉଥିବାରୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅଞ୍ଚଳର ଅନେକ ଲୋକ ବିଏସ୍‌ଏନ୍‌ଏଲ୍ ସେବା ବ୍ୟବହାର କରୁଛନ୍ତି। ତେବେ ବିଭିନ୍ନ କାରଣରୁ ଏଠାରେ ନିରନ୍ତର ସେବା ପ୍ରଦାନରେ କମ୍ପାନୀ ବିଫଳ ହେଉଛି। ଏବେ ବିଦ୍ୟୁତ୍‌କାଟ ହେଲେ ନେଟୱାର୍କ ରହୁନାହିଁ। ବାମରା ବିଏସଏନଏଲ କାର୍ଯ୍ୟାଳୟରେ ବ୍ୟାଟେରି ଜେନେରେଟର ବ୍ୟବସ୍ଥା ଥିଲେ ମଧ ଏହାକୁ ଚାଲୁ କରାଯାଉ ନ ଥିବାରୁ ଉପଭୋକ୍ତା ହଇରାଣ ହେଉଛନ୍ତି। ଏନେଇ କୁଚିଣ୍ଡା ଜେଟିଓ ବିବେକ ବରଗାଙ୍କୁ ପଚାରିବାରୁ ସେ ଗତ ୩ଦିନ ଧରି କୁଚିଣ୍ଡା ଅଞ୍ଚଳରେ ଅନ୍ୟ କାମ ପାଇଁ ବ୍ୟସ୍ତ ଥିବାରୁ ଏପରି ପରିସ୍ଥିତି ହୋଇଛି ବୋଲି କହିଛନ୍ତି। ବ୍ୟାଟେରି ଓ ଜେନେରେଟର ଥାଇ ମଧ କାହିଁକି ଅସୁବିଧା ହେଉଛି ବୋଲି ପଚାରିବାରୁ କହିଲେ ବ୍ୟାଟେରି ବହୁ ପୁରୁଣା ହୋଇଯାଇଛି। ଜେନେରେଟରରେ ଡିଜେଲ ପହଞ୍ଚାଇବା ପାଇଁ ସାଧନ ନ ଥିବାରୁ ଏପରି ପରିସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି। ହେଲେ ବିଭିନ୍ନ ସମୟରେ ନାନା ଆଳ ଦେଖାଇ ସେବା ବନ୍ଦ ରଖାଯାଇଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ସମ୍ବଲପୁର,୬।୮(ବ୍ୟୁରୋ)**




ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ନ୍ୟୁଜ୍ ଲେଟରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଶିକ୍ଷକମାନେ ଛାତ୍ର ସ୍ତରକୁ ଆସିବା ସମୟ ଆସିଛି। ଏହାଦ୍ୱାରା ସେମାନେ ଛାତ୍ରର ପ୍ରତିଟି ଭାବନା, ଭାବାବେଗକୁ ଜାଣିପାରିବେ। ତେବେ ଯାଇ ସେମାନେ ଭଲ ଶିକ୍ଷକ ହୋଇପାରିବେ। ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ବନ୍ଧୁ, ପଥପ୍ରଦର୍ଶକ ଓ ଦାର୍ଶନିକ ଅଟନ୍ତି। ତେଣୁ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ଜ୍ଞାନର ଭଣ୍ଡାର ବୋଲି ଭାବିବା ଜରୁରୀ। ଏହାଦ୍ୱାରା ଛାତ୍ରୀଛାତ୍ର ସଫଳତାର ଶେଷ ସୋପାନରେ ପହଞ୍ଚିପାରିବେ। ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହା କହିଛନ୍ତି। ସେ ଆହୁରି କହିଥିଲେ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ସାମାଜିକ, ପାରିବାରିକ, ରାଜନୈତିକ ଓ ବୈଷୟିକ ଜ୍ଞାନ ବିଷୟରେ ବୁଝିବାର ଉଦ୍ଦିଷ୍ଟ ସମୟ। ଏହି ସମୟକୁ ସେମାନେ ସଦ୍‌ବିନିଯୋଗ କରିବା ଉଚିତ। ସମୟର ସଦ୍‌ବିନିଯୋଗ କଲେ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ସାକାର ହୋଇପାରିବ। ସେମାନେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ। ବିଗତ ଦିନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ନାକ୍‌ରୁ ଏ-ଗ୍ରେଡ ମାନ୍ୟତା ପାଇଛି। ଆଗାମୀ ଦିନରେ ଏହି ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ସ୍ତରରେ ୧ଶହ ନମ୍ବର ମଧ୍ୟରେ ରହିବ। ଏଥିପାଇଁ ସମସ୍ତ ସ୍ତରରେ ଉଦ୍ୟମ ଓ ନିଷ୍ଠା ଜରୁରୀ ବୋଲି ମନ୍ତ୍ରୀ ସାହୁ କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଉତ୍ସବ ହୋଇଥିଲା। ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ନୀତି ଓ ମୂଲ୍ୟବୋଧ ବିଷୟରେ ଶିକ୍ଷା ଗ୍ରହଣ କରିବା ଆବଶ୍ୟକତା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ଯୋଗଦେଇଥିଲେ। କୁଳପତି ପ୍ରଫେସର ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ଛାତ୍ରୀଛାତ୍ରଙ୍କ କୃତିତ୍ୱ ବିଷୟରେ ଆଲୋକପାତ କରିଥିଲେ। ପ୍ରଫେସର ଏ.କେ. ଦାସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୁଳସଚିବ ପ୍ରଫେସର ସଞ୍ଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଅଲୋକ ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର ୨୭ଟି ବିଭାଗର ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସମେତ ପୁରୁଣା ବର୍ଷର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବିଶ୍ୱବିଦ୍ୟାଳୟର ନ୍ୟୁଜ୍ ଲେଟର ଉନ୍ମୋଚନ କରିଥିଲେ।

# ଅଫିସରେ ତାଲା ପକାଇଲେ ଦୁଗ୍ଧଚାଷୀ

**ସମ୍ବଲପୁର,୬।୮(ବ୍ୟୁରୋ)**

ସମ୍ବଲପୁର ସର୍ଲାକାନୀସ୍ଥିତ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସମବାୟ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ଦୁଗ୍ଧ ଚାଷୀମାନେ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଡକାଯାଇଥିବା ବୋର୍ଡ ବୈଠକକୁ ବାତିଲ କରାଯାଉ। ପ୍ରଥମେ ସାଧାରଣ ସଭା ଓ ପରେ ବୋର୍ଡ ବୈଠକ କରାଯାଉ ବୋଲି ଚାଷୀମାନେ ଦାବି କରିଥିଲେ। ସମବାୟ ସମିତି ଉପନିର୍ଦ୍ଦେଶକ ଡା. ସଞ୍ଜୟ ସାହୁ ଚାଷୀଙ୍କ ସହ ଆଲୋଚନା କରିଥିଲେ। ହେଲେ ତାହା ବିଫଳ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ଚାଷୀଙ୍କ ଅଭିଯୋଗ କ୍ରମେ ସଭାପତି ଶତ୍ରୁଘ୍ନ ସାହୁ ଦୁର୍ନୀତି ଓ ଆର୍ଥିକ ଅନିୟମିତତା କରୁଛନ୍ତି। ଏହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏବେ ଯେଉଁ ଆଲୋଚନା ପାଇଁ ବୋର୍ଡ ବୈଠକ ଡକାଯାଇଥିଲା ସେଥିରେ ଦୁଗ୍ଧ ଚାଷୀଙ୍କ କୌଣସି ସ୍ୱାର୍ଥ ନାହିଁ। ତେଣୁ ଏହାକୁ ଚାଷୀମାନେ ବିରୋଧ କରୁଛନ୍ତି। ଯଦି ବୈଠକ କରାଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



କାର୍ଯ୍ୟାଳୟରେ ତାଲା ପକାଇ ଦୁଗ୍ଧ ଚାଷୀମାନେ ଫାଟକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।




ସଫେଇ କାର୍ଯ୍ୟ କରାଯାଉଛି।

# ସଫେଇ କାମ ପାଇଁ ପଞ୍ଚାୟତର ତତ୍ପରତା

**ଜମନକିରା,୬।୮(ଡି.ଏନ୍.ଏ.)**

ଧରିତ୍ରୀ ପ୍ରଭାବ

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା କୁଢ଼ କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବା ନେଇ ଗତ ୪ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ମଙ୍ଗଳବାର ପଞ୍ଚାୟତ ପକ୍ଷରୁ ଏ ଦିଗରେ ତତ୍ପରତା ପ୍ରକାଶ ପାଇଛି। ସ୍ଥାନୀୟ ଯୁବକଙ୍କ ସହଯୋଗରେ ପଞ୍ଚାୟତ କର୍ତ୍ତୃପକ୍ଷ ନାଳନର୍ଦ୍ଦମା ସଫେଇ କରିଥିଲେ। ଜମନକିରା ପଞ୍ଚାୟତ ଅଧୀନରେ ଥିବା ୧୫ ୱାର୍ଡ ମଧ୍ୟରୁ ସଦର ମହକୁମାର ୫ ୱାର୍ଡର ସଫେଇ କାମ ପଞ୍ଚାୟତ ଦାୟିତ୍ୱରେ ରହିଛି। ମାତ୍ର କର୍ତ୍ତୃପକ୍ଷ ତଥା ସରପଞ୍ଚଙ୍କ ଉଦାସୀନତା ଯୋଗୁ ଆଦୌ ସଫେଇ ହେଉ ନ ଥିବା ଅଭିଯୋଗ ହେଉଥିଲା। ମାସ ମାସ ଧରି ସଫେଇ କାର୍ଯ୍ୟ ହେଉ ନ ଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀ ଏ ନେଇ ପଲ୍ଲୀସଭା ତଥା ଗ୍ରାମସଭାରେ ଅଭିଯୋଗ କରିବା ସତ୍ତ୍ୱେ ପ୍ରତିକାର କରାଯାଉ ନ ଥିଲା। ତେବେ ଧରିତ୍ରୀରେ ଖବର ପ୍ରକାଶ ପରେ ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦଚନ୍ଦ୍ର ଖାଡ଼ିଆ ସ୍ଥାନୀୟ ଯୁବକଙ୍କ ସହଯୋଗରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ଆଗକୁ ନିୟମିତ ସଫେଇ କାର୍ଯ୍ୟ କରାଯିବ ବୋଲି ସରପଞ୍ଚ କହିଛନ୍ତି।

■ ଧାରା ୩୭୦ ଉଚ୍ଛେଦ

# ହୀରାକୁଦ ଭାଜପା ମଣ୍ଡଳ ପକ୍ଷରୁ ଉତ୍ସବ

**ହୀରାକୁଦ,୬।୮(ଡି.ଏନ୍.ଏ.)**

ହୀରାକୁଦ ଭାଜପା ମଣ୍ଡଳ ପକ୍ଷରୁ ସଭାପତି ଲଳିତ କିଶୋର ପାଇକରାୟଙ୍କ ସଭାପତିତ୍ୱରେ ମଣ୍ଡଳ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀମାଞ୍ଚଳ ଖଟାଇ ଯୋଗଦେଇ ମୋଦି ସରକାରଙ୍କ ଦ୍ୱାରା ଧାରା ୩୭୦, ୩୫ (କ) ଉଚ୍ଛେଦ ଭଳି ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଭାରତବର୍ଷର ଇତିହାସରେ ଏହି ନିଷ୍ପତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ସେ କହିଥିଲେ। ଏଥିପାଇଁ ସେ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସନ୍ତୋଷ ହସ୍ତି, ସଞ୍ଜୀବ ହୋତା, ରାଜେଶ ନନ୍ଦ, ବାସନ୍ତୀ ପାଣିଗ୍ରାହୀ, ସୁବାସିନୀ ବେହେରା, ଗୀତାଞ୍ଜଳି ସ୍ୱାଇଁ, ମଣ୍ଟୁ ପୁରଷେଟ, ସଞ୍ଜୟ ପଣ୍ଡା, ଗୁଗା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ଶ୍ୟାମ ମେଟାଲିକ୍ସର ପାଉଁଶ ପକାଇବା ଘଟଣା

# ଏନ୍‌ଜିଟିକୁ ରିପୋର୍ଟ ଦେଲେ ଜିଲାପାଳ

**ସମ୍ବଲପୁର,୬।୮(ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍ ପ୍ରଦୂଷଣ ଓ ଜଙ୍ଗଲ ଆଇନ ପାଳନ କରୁ ନ ଥିବା ନେଇ କୋଲକାତାସ୍ଥିତ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ହୋଇଥିଲା। ଏ ନେଇ ଟ୍ରିବ୍ୟୁନାଲ ରିପୋର୍ଟ ପ୍ରଦାନ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରିବ୍ୟୁନାଲ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଅଗଷ୍ଟ ୨ ତାରିଖ ଜିଲାପାଳ ଶୁଭମ ସକସେନା, ଡିଏଫ୍‌ଓ ଡ. ସଞ୍ଜିତ କୁମାର, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀ ଏ ନେଇ ତଦନ୍ତ କରିଥିଲେ। ସୋମବାର ତଦନ୍ତ ରିପୋର୍ଟ ଏନ୍‌ଜିଟିକୁ ପଠାଯାଇଥିବା ଜଣାପଡ଼ିଛି। କମ୍ପାନୀ ଜଙ୍ଗଲ ଜମି ହାତେଇଥିବା ଏବଂ ପ୍ରଦୂଷଣ ନିୟମ ଉଲ୍ଲଂଘନ କରିଥିବା ରିପୋର୍ଟରେ ଦର୍ଶାଯାଇଥିବା ସୂଚନା ମିଳିଛି। ତେବେ ଏନ୍‌ଜିଟି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଅଭିଯୋଗକାରିଣୀ ରେଙ୍ଗାଲିର ସୌରେନ୍ଦ୍ରୀ ଦେହୁରୀ କରିଛନ୍ତି ବିଳମ୍ବରେ ହେଲେ ମଧ ଜିଲା ପ୍ରଶାସନର ନିଦ ଭାଙ୍ଗିଛି। ଶ୍ୟାମ ମେଟାଲିକ୍ସ ନିୟମ ପାଳନ କରୁ ନ ଥିବା ନେଇ ପ୍ରମାଣ ମିଳିଛି। ଏବେ ଜିଲା ପ୍ରଶାସନ କମ୍ପାନୀକୁ ଅନୁକମ୍ପା ଦେଖାଉଛି ନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ରେଙ୍ଗାଲି ତହସିଲ ଅଧୀନ ବାବୁ ଚକଳି ଗ୍ରାମ ନିକଟରେ ଥିବା ଜଙ୍ଗଲ ଜମିରେ ବର୍ଷ ବର୍ଷ ଧରି ଶ୍ୟାମ ମେଟାଲିକ୍ସ ପକ୍ଷରୁ ପାଉଁଶ ଗଦା କରାଯାଉଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶେଷରେ ସୌରେନ୍ଦ୍ରୀ ୨୦୧୯ ଏପ୍ରିଲ ମାସରେ ଏ ନେଇ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ସୌରେନ୍ଦ୍ରୀଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ବେହେରା ମାମଲା ପରିଚାଳନା କରିଥିଲେ। କମ୍ପାନୀ ଜଙ୍ଗଲ ଜମିରେ ପାଉଁଶ ଗଦା କରୁଛି। ହଜାର ସଂଖ୍ୟାରେ ଗଛ କଟାଯାଉଛି। ପ୍ରାୟ ୪୫୦ ଏକର ଜଙ୍ଗଲ ଜମି କମ୍ପାନୀ ନିଜ ଅଧୀନରେ ରଖିଛି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।




ବଡ଼ମାଲ କଲେଜ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

# ବଡ଼ମାଲ କଲେଜ ପ୍ରତିଷ୍ଠା ଦିବସ

**ରେଢ଼ାଖୋଲ,୬।୮(ଡି.ଏନ୍.ଏ.)**

ରେଢ଼ାଖୋଲ ବ୍ଲକ ବଡ଼ମାଲସ୍ଥିତ ଜୟଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ପରିଚାଳନା କମିଟି ସଭାପତି ଶମ୍ଭୁ ପ୍ରସାଦ ହୋତା, ସମ୍ପାଦକ ହିମାଂଶୁ ଶେଖର ସାହୁ, ସରପଞ୍ଚ ଷଡ଼ାନନ ପ୍ରଧାନ, ବିମ୍ବାଧର ପ୍ରଧାନ, ରାଧାକାନ୍ତ ନନ୍ଦ, ପ୍ରସାଦି ଧଳ, ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ରତ୍ନମଣି ପ୍ରଧାନ, ପବିତ୍ର ମୋହନ ମେଣ୍ଡଲୀ, ବାବୁଲାଲ ପ୍ରଧାନ, ଯାମିନୀ ପ୍ରଧାନ, ଅନୁସୟା ପ୍ରଧାନ, ରମେସ ଚନ୍ଦ୍ର ସାହୁ, ରମେଶ ହୋତା, ଉଗ୍ରସେନ ବେହେରା, ପଦ୍ମନାଭ ଧଳ, ଉମ୍ବରୁଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରହଲ୍ଲାଦ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

**ନାକଟିଦେଉଳ,୬।୮(ଡି.ଏନ୍.ଏ.)**



କାଶୀଲାଲ ଅଗ୍ରୱାଲାଙ୍କ ଫାଇଲ ଫଟୋ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ କାଶୀଲାଲ ଅଗ୍ରୱାଲାଙ୍କର ୮୬ବର୍ଷ ବୟସରେ ମଙ୍ଗଳବାର ସକାଳେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ଗତ ୬ମାସ ହେଲା ଚିକିତ୍ସାଧୀନ ଥିଲେ। ଶନିବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଭୋର୍ ୪ଟାରେ ସେଠାରେ ତାଙ୍କର ପରଲୋକ ଘଟିଛି। ଭୁବନେଶ୍ୱରରୁ ମୃତଦେହ ଆସି ବାଟଗାଁରେ ପହଞ୍ଚିବା ପରେ ଅପରାହ୍ନରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସାୱରିଆ ଅଗ୍ରୱାଲା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପଞ୍ଚାୟତସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ସମ୍ବଲପୁର,୬।୮(ବ୍ୟୁରୋ)**

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଧନକଉଡ଼ା ବ୍ଲକ ଅଞ୍ଚଳରେ ପଞ୍ଚାୟତସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। କଳାମାଟି ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୧୫୧ ଭିନ୍ନକ୍ଷମ ଯୋଗଦେଇଥିଲେ। ସେମାନଙ୍କୁ ସାମାଜିକ ସୁରକ୍ଷାର ବିଭିନ୍ନ ଜନହିତକର ସୁବିଧା ବିଷୟରେ ସୂଚନା ଦିଆଯାଇଥିଲା। ପରେ ୧୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୧୫ ଜଣଙ୍କୁ ଏଲ୍‌ଏସ୍ ବେଲ୍ଟ, ୪୨ଟି ନି' କ୍ୟାପ, ୫ଟି ଶ୍ରବଣଯନ୍ତ୍ର, ୫ଟି ଟ୍ରାଇସାଇକେଲ, ୫ଟି ହ୍ୱିଲଚେୟାର, ଗୋଟିଏ କର୍ନଚେୟାର ପ୍ରଦାନ କରାଯାଇଥିଲା। ସେହିପରି ବସନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୧୩୯ ହିତାଧିକାରୀ ଉପସ୍ଥିତ ଥିଲେ। ୮ଜଣଙ୍କୁ ନି' କ୍ୟାପ୍, ୮ଜଣଙ୍କୁ ଏଲ୍‌ଏସ୍ ବେଲ୍ଟ ଓ ୧୪ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ ସହ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅଞ୍ଚଳରେ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଞ୍ଚଳିକ ପୁନର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ ଶିବିର ସଂଯୋଜନା କରିଥିଲେ।




ପଞ୍ଚାୟତସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଔଷଧ ବଣ୍ଟନ କରାଯାଉଛି।






ଜିଏମୟୁ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଉପସ୍ଥିତ ଛାତ୍ରୀଛାତ୍ର(ବାମ)। ମଙ୍ଗଳବାର ଜିଏମ୍‌ୟୁ ଅଧ୍ୟାପନା ପ୍ରକୋଷ୍ଠ-୧ରେ ପ୍ରଫେସର ଗୌରାଙ୍ଗ ଚରଣ ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଜିଏମ୍‌ୟୁରେ ଭୀମ ଭୋଇ ବକ୍ତୃତାମାଳା

**ସମ୍ବଲପୁର,୬।୮(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଭୀମ ଭୋଇ ଗବେଷଣା କେନ୍ଦ୍ର ପକ୍ଷରୁ ମଙ୍ଗଳବାର ପ୍ରଥମ ଭୀମ ଭୋଇ ବକ୍ତୃତାମାଳା ଅମୃତବିହାର ପରିସରରେ ଅନୁଷ୍ଠିତ ହୋଇଛି। ଭୀମ ଭୋଇ ଗବେଷଣା କେନ୍ଦ୍ର ପ୍ରଫେସର ସନ୍ତୋଷ କୁମାର ରଥଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଫେସର ଦେବେନ୍ଦ୍ର କୁମାର ଦାସ ଯୋଗଦେଇ ଭୀମ ଭୋଇ ଚର୍ଚ୍ଚା, ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ଦାସ ଭୀମ ଭୋଇ ସାହିତ୍ୟ-କେତେକ ଗୁମର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଅତନୁ କୁମାର ପତି ଭୀମ ଭୋଇଙ୍କ ରଚନା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଉପକୁଳସଚିବ ଉମାଚରଣ ପତି ପ୍ରାରମ୍ଭିକ ସୂଚନା ଓ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ଶିକ୍ଷାବିତ୍, କବି, ଲେଖକ, ପ୍ରାବନ୍ଧିକ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୭ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ଗାନ୍ଧୀ ଛକ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଚୟନ

ବ୍ରଜରାଜନଗର,୬।୮(ଡି.ଏନ୍.ଏ.) ସ୍ଥାନୀୟ ଗାନ୍ଧୀ ଛକ ଦୁର୍ଗାପୂଜା କମିଟିର ବୈଠକ ଅନୁଷ୍ଠିତ ହୋଇ। ଚଳିତବର୍ଷ କମିଟି ସଦସ୍ୟ ପରିବର୍ତ୍ତନ କରାଯିବା ସହ କେତେଜଣ ନୂତନ ସଦସ୍ୟଙ୍କୁ ଏଥିରେ ସାମିଲ କରାଯାଇଛି। ଶେଷଦେବ ସାହୁ ସଭାପତି, ଜୟଦେବ ପ୍ରଧାନ ସାଧାରଣ ସମ୍ପାଦକ, ଅଶୋକ ବଡ଼ପଣ୍ଡା କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ବହନ କରୁଛନ୍ତି। ବ୍ରଜରାଜନଗର ସହର ମଧ୍ୟରେ ପ୍ରତ୍ୟେକ ବର୍ଷ ୧୭ଟି ସ୍ଥାନରେ ଦୁର୍ଗା ମେଢ଼ ତିଆରି ହୋଇଥାଏ। ତନ୍ମଧ୍ୟରୁ ଗାନ୍ଧୀ ଛକ ମେଢ଼ର ସ୍ୱତନ୍ତ୍ରତା ରହିଛି। ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ନୂତନ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

### ଭଦ୍ରକ ମଦମୃତ୍ୟୁ ମାମଲା
### ଆର୍‌ଡିସିସ୍ତରୀୟ ତଦନ୍ତ ଆରମ୍ଭ

**କଟକ ଅଫିସ,୬।୮:** ଚଳିତବର୍ଷ ସାଧାରଣ ନିର୍ବାଚନ ସମୟରେ ଭଦ୍ରକରେ ମଦମୃତ୍ୟୁ ଘଟିଥିଲା। ଏହି ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ ଆରମ୍ଭହୋଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ ସାମଲ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସିବିକେ ମହାନ୍ତି ଓ ଅବକାରୀ ବିଭାଗ ଅଧିକାରୀଙ୍କୁ ନେଇ ସୋମବାର ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମଦମୃତ୍ୟୁର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିବାବେଳେ ଆହତମାନଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ ରିପୋର୍ଟ ଦାଖଲ କରାଯାଇଥିଲା। ସେହିପରି ମୃତଦେହ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ସମ୍ପର୍କରେ ରିପୋର୍ଟ ମଗାଯାଇଛି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍ ୨୯ରେ ଭଦ୍ରକ ଜିଲା ତିହିଡି ଥାନା ଅନ୍ତର୍ଗତ ପୀରହାଟ ଅଞ୍ଚଳରେ ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୩୦ ଜଣ ଅସୁସ୍ଥ ହୋଇଥିଲେ। ଅସୁସ୍ଥମାନଙ୍କୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଏହି ମଦ ବଣ୍ଟା ଯାଇଥିବା ଅଭିଯୋଗ ହୋଇଥିଲା। ପରେ ରାଜ୍ୟ ସରକାର ଏହି ମାମଲାର ଆର୍‌ଡିସିସ୍ତରୀୟ ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ଯୁକ୍ତ୨ ସପ୍ଲିମେଣ୍ଟାରି ପରୀକ୍ଷା ଫଳ
### ପାସ୍ ହାର ୭୪.୮୪%

**ଭୁବନେଶ୍ୱର, ୬।୮(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ମୋଟ ପାସ୍ ହାର ୭୪.୮୪% ରହିଛି। ଏଥିମଧ୍ୟରେ କଳା ବିଭାଗରେ ୮୨.୬%, ବିଜ୍ଞାନରେ ୬୭.୭%, ବାଣିଜ୍ୟରେ ୮୭.୩୭% ଓ ଧନ୍ଦାମୂଳକ ଶିକ୍ଷାରେ ୩୫.୭% ପାସ୍‌ହାର ରହିଛି। ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନେ www.orissaresults.nic.in ଓ www.chseodisha.nic.in ୱେବ୍‌ସାଇଟ୍‌ରେ ରେଜଲ୍ଟ ଦେଖିପାରିବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୧୮ରୁ ୨୦ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

### ପୌରପରିଷଦର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପ୍ରସଙ୍ଗ
# ଭାଙ୍ଗି ଦେଲେ, ମରାମତି କଲେ ନାହିଁ

■ଅପେକ୍ଷାରେ ଜନସାଧାରଣ
■ ନିଜେ କରିବେ ନା ପୌରପରିଷଦ କରିବ
■ବ୍ୟବସାୟୀଙ୍କ ବ୍ୟବସାୟ ମାନ୍ଦା

**ଦେବଗଡ଼,୬।୮(ଡ଼ି.ଏନ.ଏ)**

ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଡ୍ରେନ ବ୍ୟବସ୍ଥା ସୁଧାରିବା ପାଇଁ ଦେବଗଡ ମ୍ୟୁନିସିପାଲିଟି ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଗତ ଜୁଲାଇ ୧୫ରୁ ଆରମ୍ଭ ୫ଦିନ କଲା ପରେ ବର୍ତ୍ତମାନ ବନ୍ଦ ଅଛି। ଇତି ମଧ୍ୟରେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିବା ଡ୍ରେନ ଉପରୁ ସ୍ଲାବ ନୂତନ ଭାବେ ଏ ପର୍ଯ୍ୟନ୍ତ ତିଆରି ହେଲା ନାହିଁ। ଯଦ୍ୱାରା ବ୍ୟବସାୟୀମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଦୋକାନମାନଙ୍କୁ ଦିଆଯାଇଥିବା ପଟା ଉପରେ ଗ୍ରାହକମାନେ ଯିବା ପାଇଁ ସୁରକ୍ଷା ମଣୁ ନାହାନ୍ତି। ବିଶେଷକରି ବଣିଆ ସାହିରୁ ମୂଖ୍ୟ ଡାକ୍ତରଖାନା ପର୍ଯ୍ୟନ୍ତ ଥିବା ପାଥ କ୍ଲିନକ ଓ ମେଡିସିନ ଦୋକନକୁ ଯିବା ପାଇଁ ପ୍ରତ୍ୟେକ ଦିନ ଶହଶହ ରୋଗୀ ହଇରାଣ ହେଉଥିବା ଜଣାପଡୁଛି। ଏଥିପାଇଁ ବ୍ୟବସାୟୀମାନଙ୍କର ବ୍ୟବସାୟ ମାନ୍ଦା ହେଉଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ମ୍ୟୁନିସିପାଲିଟି ତରଫରୁ ଡାକଯନ୍ତ୍ରରେ ଡାକିଦେଇ କଉ ଜାଗାଟା ଉଛେଦ ହେବ ଚିହ୍ନଟ ନ କରି ମନଇଛା ଭାଙ୍ଗି ଦେଇଛି। ଭାଙ୍ଗି ଦେଇଥିବାର କ୍ଷତିଗ୍ରସ୍ତଙ୍କ କ୍ଷତି ଆକଳନ ବି ନାହିଁ କି ମରାମତି ମଧ ପ୍ରଶାସନ କଲା ନାହିଁ। ଜୁଲାଇ ୧୫ ତାରିଖରୁ ପୌରପରିଷଦ ଏହି ଉଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ସେହି ସମୟରେ ପ୍ରତ୍ୟେକ ଦିନ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଥିପାଇଁ ପୋଲିସ ଫୋର୍ସ ମୁତୟନ କରି ରାସ୍ତା ଦ୍ୱିପାର୍ଶ୍ୱରେ ପୋଲିସ ଛିଡା ହୋଇ ଗାଡିମୋଟର ବନ୍ଦକରି ଉଚ୍ଛେଦ କରିଥିଲେ। ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି କେତେକ ବ୍ୟବସାୟୀ ଏକ ଅସ୍ଥାୟୀ କମିଟି ଗଠନ କରି ବୈଠକରେ ନିଷ୍ପତି କ୍ରମେ ଜୁଲାଇ ୨୪ ତାରିଖ ୨୪ ଘଣ୍ଟିଆ ଦେବଗଡ ସହର ବନ୍ଦ ପାଳନ କରାଯାଇଥିଲା । ଆଗକୁ ପ୍ରଶାସନ କଣ ପଦେକ୍ଷପ ନେବ ତାହା ଦେଖିବ କଥା ।


ଡ୍ରେନ ଉପରୁ ସ୍ଲାବ ଭାଙ୍ଗି ଦେଲେ ଏପର୍ଯ୍ୟନ୍ତ ତିଆରି ହେଲା ନାହିଁ।

## ଅସରାଏ ବର୍ଷାରେ ମୁଖ୍ୟ ରାସ୍ତାରେ ଜମିଲା ନର୍ଦ୍ଦମା ପାଣି

**ବେଲପାହାଡ଼,୬।୮(ଡି.ଏନ୍.ଏ.)**

ଅସରାଏ ବଡ଼ ବର୍ଷାରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳର ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି ଜମିବାରେ ଲାଗିଛି। ଆଗକୁ ଅଧିକ ବର୍ଷା ହେଲେ ରାସ୍ତା ଅବସ୍ଥା ଆହୁରି ଅଧିକ ଶୋଚନୀୟ ହୋଇପଡ଼ିବା ଆଶଙ୍କା ଉପୁଜିଛି। ରାସ୍ତାରେ ପାଣି ଜମିବାର ମୁଖ୍ୟ କାରଣ ହେଉଛି ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଡ୍ରେନ୍‌ରେ ଠିକ୍ ଭାବରେ ପାଣି ନିଷ୍କାସନ ହୋଇପାରୁନି। ବରଂ ଡ୍ରେନ ପାଣି ରାସ୍ତାରେ ବହୁଛି। ପୂର୍ବ ପରିଷଦ ସମୟରେ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବେଲପାହାଡ଼-ଗୁମାଡେରା ମୁଖ୍ୟ ରାସ୍ତାର ନବୀକରଣ ସହ ପ୍ରଶସ୍ତୀକରଣ କରାଯାଇଥିଲା। ମାତ୍ର ଡ୍ରେନେଜ୍ ବ୍ୟବସ୍ଥା ପ୍ରତି କୌଣସି ଯୋଜନା କରାଯାଇ ନ ଥିଲା। ବର୍ଷା ହେଉ ହେଉ ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ନିଷ୍କାସିତ ହୋଇ ନ ପାରି ଜମିରହୁଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଅଞ୍ଚଳରେ କିଛି ସମୟ ବର୍ଷା ହୋଇଥିଲା। ଏହା ପ୍ରଭାବରେ ପୌର ଅଫିସ ନିକଟରେ ଥିବା ଏକ ଡ୍ରେନରୁ ଆବର୍ଜନା ପାଣି ଉଛୁଳି ରାସ୍ତାରେ ଭାସିଥିଲା। ସେହି ପାଣି ପୋଲ ତଳ ଦେଇ ଏକ ପୋଖରୀ ମଧ୍ୟକୁ ପ୍ରବେଶ କରିଥିଲା। ସେହି ସମୟରେ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଓ ବାଇକ୍ ଆରୋହୀମାନେ ଅବର୍ଜନା ପାଣି ସଂସ୍ପର୍ଶରେ ଆସି ନାକ ଟେକୁଥିଲେ। ପୌର ପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମାଉସୀ ମା' ମନ୍ଦିରରୁ ସାନ ପୋଲ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏକ କଂକ୍ରିଟ ଡ୍ରେନ୍ ନିର୍ମାଣ କରାଯାଇଛି। ଏହି ଡ୍ରେନ୍‌ର ଉଚ୍ଚତା ରାସ୍ତାର ଉଚ୍ଚତାଠାରୁ ଅଧିକ ରହିଛି। ଏଥିପାଇଁ ଟିକିଏ ଅଧିକ ବର୍ଷା ହେଲେ ଡ୍ରେନ ପାଣି ରାସ୍ତାରେ ଭାସୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବେଲପାହାଡ଼ ଟାଉନ କଂଗ୍ରେସ ସଭାପତି ବୁଲୁ ପଣ୍ଡା ପୌର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଟ୍ରକରେ ବାଇକ୍ ବାଡ଼େଇ ହୋଇ ଆରୋହୀ ମୃତ

**ସୁନ୍ଦରଗଡ, ୬।୮ (ଡି.ଏନ୍.ଏ)**

ସୁନ୍ଦରଗଡ ସହରଉପକଣ୍ଠ ଭୋଜପୁରର ଏକ ଢାବା ନିକଟରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ଏକ ବାଇକ ଆରୋହୀ ବାଡେଇ ହୋଇ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାକୁ ଅଣାଯାଇଥିଲା। ମୃତ ବାଇକ ଆରୋହୀଙ୍କ ନାମ ଅନୀଲ ଲାକ୍ରା ଓ ତାଙ୍କ ଘର ସମ୍ବଲପୁର ବୁଢାରଜାରେ ବୋଲି ଜଣାଯାଇଛି। ସେ ରାଉରକେଲା ପଟୁ ସମ୍ବଲପୁରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରାତି ପ୍ରାୟ ସାଢେ ୮ଟାରେ ବିଜୁ ଏକ୍ସପ୍ରେସ୍ ୱେର ସୁନ୍ଦରଗଡ ସହର ଉପକଣ୍ଠ ଏହି ଢାବା ନିକଟରେ ଟ୍ରକ ପଛରେ ବାଡେଇ ହୋଇ ଦୁର୍ଘଟଣା ଘଟିଥିଲା। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ନାଗରିକ ମଞ୍ଚ ଆବାହକଙ୍କ ବିରୋଧରେ ଥାନାରେ ଅଭିଯୋଗ

**ବେଲପାହାଡ଼,୬।୮(ଡି.ଏନ୍.ଏ.)**

ମାଡ଼ ମାରିଥିବା ଓ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଝାରସୁଗୁଡ଼ା ଜିଲା ବେଲପାହାଡ଼ ନାଗରିକ ମଞ୍ଚ ଆବାହକ ଶ୍ୟାମସୁନ୍ଦର ଶତପଥୀଙ୍କ ବିରୋଧରେ ଜଣେ ଯୁବକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ବେଲପାହାଡ଼ ଥାନାରେ ୩୪୧, ୩୨୩, ୨୯୪ ଓ ୫୦୬ ଦଫାରେ ଏକ ମାମଲା ରୁଜୁ ହୋଇଛି। ବେଲପାହାଡ଼ ଗାନ୍ଧୀନଗରରେ ରହୁଥିବା ହୃଦାନନ୍ଦ ଭୋଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ସନ୍ଧ୍ୟାରେ ସେ ଫାଟକ ନିକଟ ଏକ ଦୋକାନରେ ବସିଥିଲେ। ଏହି ସମୟରେ ଶ୍ୟାମସୁନ୍ଦର ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏଥିସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ତେବେ ମାଡ଼ ମାରିବାର କୌଣସି କାରଣ କିମ୍ବା ପୂର୍ବ ବିବାଦ ବିଷୟରେ ହୃଦାନନ୍ଦ ଅଭିଯୋଗରେ ଉଲ୍ଲେଖ କରିନାହାନ୍ତି। ସେ କେବଳ ଶ୍ୟାମସୁନ୍ଦରଙ୍କୁ ମନ୍ଦିର ଚାନ୍ଦା ରଶିଦ ବହି ଦେଇଥିବା ବିଷୟରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ହୃଦାନନ୍ଦ ଗତ ରବିବାର ବେଲପାହାଡ଼ ଥାନାରେ ଅଭିଯୋଗ କଲା ପରେ ପୋଲିସ ମାମଲା (ନଂ ୧୨୮/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି।

## ଆହତ ଗୋରୁର ଚିକିତ୍ସା କଲେ ଭିମ୍‌ସାର ଡାକ୍ତର

**ଚିପିଲିମା,୬।୮(ଡି.ଏନ.ଏ.)**

ବୁର୍ଲା ଜୁନାପାଣି ନିକଟ କୁଷ୍ଠ କଲୋନୀ ନିକଟରେ ରାସ୍ତା ଉପରେ ବୁଲୁଥିବା ଏକ ଗୋରୁକୁ ଦ୍ରୁତ ଗତିରେ ଆସୁଥିବା ଗୋଟିଏ ବୋଲେରୋ ଧକ୍କା ଦେଇଛି। ଫଳରେ ଗୋରୁଟି ରକ୍ତାକ୍ତ ହୋଇଥିଲା। ମାଲିକ ପହଞ୍ଚି ବୋଲେରୋଠାରୁ କ୍ଷତିପୂରଣ ନେଇ ଚାଲି ଯାଇଥିଲେ। ହେଲେ ଏହି ସମୟରେ ସେହି ବାଟ ଦେଇ ଯାଉଥିବା ଭିମ୍‌ସାରର ଡାକ୍ତର (ମେଡିସିନ ବିଶେଷଜ୍ଞ)ଶଙ୍କର ରାମଚନ୍ଦାନୀଙ୍କ ଦୃଷ୍ଟିରେ ଏହା ପଡିଥିଲା। ସେ ଗୋରୁଟିର ଯନ୍ତ୍ରଣାକୁ ସହ୍ୟ କରି ପାରି ନ ଥିଲେ। କିଭଳି ତାହାର ଚିକିତ୍ସା କରିବେ ସେ ନେଇ କିଛି ସମୟ ଚିନ୍ତା କରିଥିଲେ। ବଲାଙ୍ଗୀର ଜିଲା ଖପ୍ରାଖୋଲରେ ପ୍ରାଣୀଧନ ଚିକିତ୍ସକ ଭାବେ କାମ କରୁଥିବା ତାଙ୍କର ବନ୍ଧୁ ଡାକ୍ତର ସୁଜିତ ଶତପଥୀଙ୍କୁ ସେ ଫୋନ୍ କରି ଗୋରୁଟିର ଚିକିତ୍ସା ପଦ୍ଧତି ପଚାରି ବୁଝିଥିଲେ। ଏହାପରେ ପାଖରୁ ଆବଶ୍ୟକ ଚିକିତ୍ସା ସାମଗ୍ରୀ ଆଣି ଗୋରୁଟିର ଚିକିତ୍ସା କରିଥିଲେ। ଏବେ ଗୋରୁଟି ସୁସ୍ଥ ଅଛି। ଡାକ୍ତର ରାମଚନ୍ଦାନୀଙ୍କ କହିବା ଅନୁସାରେ ପଇସା ନେଇ ମାଲିକ ଗୋରୁଟିକୁ ନ ଅନେଇବା ଅମାନବୀୟତା ପ୍ରଦର୍ଶନ କରୁଛି। ଅନ୍ୟପକ୍ଷେ ସେ ମଣିଷଙ୍କ ଚିକିତ୍ସା କରୁଛନ୍ତି ସତ ହେଲେ ଆହତ ଗୋରୁଟିର ଚିକିତ୍ସା କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏହା ଦ୍ୱାରା ଏକ ନୂଆ ଅନୁଭବ ମିଳିଲା।

### ■ଝାରସୁଗୁଡା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ଣ୍ଣକ୍ଷମ ଦାବି ପ୍ରସଙ୍ଗ
# ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ


ଆଲୋଚନାରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

**ଝାରସୁଗୁଡା ଅଫିସ୍ / ଲଖନପୁର,୬।୮(ଡି.ଏନ୍.ଏ)**

ଝାରସୁଗୁଡା ମଙ୍ଗଳବାଜାରସ୍ଥିତ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣ୍ଣକ୍ଷମ କରିବା ଦାବିରେ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଝାରସୁଗୁଡା ସର୍କିଟ୍‌ହାଉସ୍‌ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ନବକିଶୋର ଦାସ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ଅଶ୍ୱିନୀ ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପିଡି ଡିଆର୍‌ଡିଏ ତପିରାମ ମାଝି, ସିଡିଏମ୍‌ଓ ଡାକ୍ତର କୌଶଲ୍ୟ ପ୍ରଧାନ, ପୌରନିର୍ବାହୀ ଅଧିକାରୀ ରାମ ପ୍ରଧାନ, ତାପସରାୟ ଚୌଧରୀ, ସନ୍ଦୀପ ଅଗସ୍ତି, ତ୍ରିନାଥ ଗୁଆଲ, ବେଣୁଗୋପାଳ ପାଣିଗ୍ରାହୀ, ଘାସି ସମାଜ ସଭାପତି ଉମେଶ ବେହେରା, ସମ୍ପାଦକ ଜୟ ମହାନନ୍ଦିଆ ପ୍ରମୁଖଙ୍କୁ ନେଇ ବୈଠକ ହୋଇଥିଲା। ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣ୍ଣକ୍ଷମ କରି ୨୪ଘଣ୍ଟା ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ୯ମାସର ଶିଶୁପୁତ୍ର ସାହିଲଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ଗତ ୩ତାରିଖରେ ଘାସି ସମାଜର କେତେକ ଆନ୍ଦୋଳନକାରୀଙ୍କୁ ପୋଲିସ୍ ବଳପୂର୍ବକ ଉଠାଇନେଇ ସେମାନଙ୍କ ନାମରେ କରିଥିବା ମାମଲାକୁ ନିଷର୍ତ୍ତଭାବେ ପ୍ରତ୍ୟାହର କରିବାକୁ ଆନ୍ଦୋଳନକାରୀ ଘାସି ସମାଜ ଦାବି ରଖିଥିଲା । ମନ୍ତ୍ରୀ ଦାସ ଆନ୍ଦୋଳନକାରୀଙ୍କ ଏହି ୪ଦଫା ଦାବିକୁ ମାନି ନେଇଛନ୍ତି। ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ୫ଜଣ ଡାକ୍ତର ନିଯୁକ୍ତି ହେବା ସହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ମନ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତଶିଶୁଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘାସି ସମାଜ ତରଫରୁ ଚାଲିଥିବା ଧାରଣାରେ ସହରର ସଫେଇ କର୍ମଚାରୀମାନେ ସାମିଲ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଏଣୁ କର୍ମଚାରୀଙ୍କ ଦରମା ନ କାଟିବାପାଇଁ ମନ୍ତ୍ରୀ ପୌରନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ନାମରେ ହୋଇଥିବା ମାମଲାକୁ ନିଷର୍ତ୍ତ ଭାବେ ପ୍ରତ୍ୟାହାର କରିବା ପାଇଁ ମନ୍ତ୍ରୀ ପୋଲିସ୍‌କୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ମନ୍ତ୍ରୀଙ୍କ ନିକଟରୁ ଏଭଳି ପ୍ରତିଶ୍ରୁତି ପାଇବା ପରେ ଅପରାହ୍ନରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ।

## ଫଟୋରେ ଖବର


ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରବେଶ ଉତ୍ସବରେ ନୂତନ ଛାତ୍ରୀଛାତ୍ରମାନେ।


ମଙ୍ଗଳବାର ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।


ମଙ୍ଗଳବାର ସମ୍ବଲପୁର ହୀରାଖଣ୍ଡ ନାଗରିକ ପରିଷଦ ସଭ୍ୟାସଭ୍ୟ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଚାରାରୋପଣ କରୁଛନ୍ତି।

## ମଦ ଜବତ, ଜଣେ ଗିରଫ

**ବରପାଲି,୬।୮(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ଥାନା ପୋଲିସ ମଙ୍ଗଳବାର ଚଢାଉ କରି ଚୋରାମଦ କାରବାର ସମ୍ପୃକ୍ତ ଚମାରପଡ଼ାର କାଳିଆ ମେହେର(୩୫)ଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ପାଖରୁ ୪୦ଲିଟର ଦେଶୀମଦ ଜବତ୍ କରିଛି। ଏ ନେଇ ବରପାଲି ଥାନାରେ ଏକ ମାମଲା(ନଂ-୧୭୬/୧୯) ରୁଜୁ ହୋଇଛି।

### ■ ଅର୍ଥ ସାଜିଲା ବାଧକ
## ନାମ ଲେଖାଇ ପାରିଲେନି ଛାତ୍ରୀ

**ବରଗଡ଼ ଅଫିସ୍,୬।୮**

ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ ଜଡ଼ା ଗ୍ରାମର ଜଣେ ଛାତ୍ରୀ ମାଟ୍ରିକ ପାସ୍ କରିବା ପରେ ଅର୍ଥାଭାବ ଯୋଗୁ କଲେଜରେ ନାମ ଲେଖାଇ ନ ପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମଙ୍ଗଳବାର ସମ୍ପୃକ୍ତ ଛାତ୍ରୀ ନିଳିମା ମହାନନ୍ଦ ସହାୟତା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ହେଲେ କୌଣସି ସୁଫଳ ମିଳି ନ ଥିଲା। ହେଲେ ସ୍ୱେଚ୍ଛାସେବୀ ଦିବସ କୁମାର ସାହୁ ଏହା ଜାଣି ଟୁଇଟର୍ ଯୋଗେ ମୁଖ୍ୟମନ୍ତ୍ରୀ ଓ ବରଗଡ଼ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶ ଯେ, ନିଳିମାଙ୍କ ପରିବାର ଲୋକେ ନିହାତି ଗରୀବ ଶ୍ରେଣୀର। ଇତିମଧ୍ୟରେ ନିଳିମାଙ୍କ ମା'ଙ୍କ ଦେହାନ୍ତ ହୋଇଯାଇଛି। ବାପା ହୀରାଲାଲ ୩ଝିଅଙ୍କୁ ପ୍ରତିପୋଷଣ କରୁଛନ୍ତି। ନିଳିମା ମାଟ୍ରିକ ପାସ୍ ପରେ ଉଚ୍ଚଶିକ୍ଷା ଲାଭ କରିବା ଆଶା ନେଇ ଆବେଦନ କରିଥିଲେ । କଟାପାଲି କଲେଜରେ ଆଡ଼ମିଶନ ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିଲେ। ଗତ ସୋମବାର ଆଡ଼ମିଶନ ତାରିଖ ରହିଥିଲା। ହେଲେ ଆଡ଼ମିଶନ ପାଇଁ ଆବଶ୍ୟକ ଟଙ୍କା ଯୋଗାଡ଼ କରି ନ ପାରିବାରୁ ସେ ନାମଲେଖାରୁ ବଞ୍ଚିତ ହୋଇଛନ୍ତି । ଏହା ଜାଣିବା ପରେ କେତେଜଣ ସ୍ୱେଚ୍ଛାସେବୀ ତାଙ୍କୁ ସାଙ୍ଗରେ ନେଇ ଜିଲାପାଳ ଅଫିସକୁ ଆସିଥିଲେ।


ନିଳିମା ମହାନନ୍ଦ ।

## ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ହିଁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କଦଳୀଗଛ ଓ ଅମୃତଭଣ୍ଡା ଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିସ୍ଥାନ ପୂରଣ କରନ୍ତୁ।

## ଚିନାବାଦାମ



ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର । ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣି) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ରିଡୋମିଲ୍ ଏମ୍.ଜେଡ୍.-୭୨ କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରି କି ମାଟି ଭଲ ଭାବରେ ଭିଜି ପାରିବ ।

## ଆତ୍ମନିଯୁକ୍ତି ପାଇଁ ଫୁଲଝାଡ଼ୁ...

(ଦ୍ୱିତୀୟ ଭାଗ)

ଝାଡୁ ଗଛର ଚଅଁରକୁ ଆମେ ବାନ୍ଧି ଫୁଲଝାଡ଼ୁ ହିସାବରେ ବ୍ୟବହାର କରୁ। ଏହି ଚଅଁର ବର୍ଷର ଶେଷମାସ ବା ଡିସେମ୍ବର ମାସ ବେଳକୁ ଆସିଥାଏ ଓ ଫେବୃୟାରୀ-ମାର୍ଚ୍ଚ ମାସରେ ପାକଳ ହୋଇଥାଏ। ଚଅଁର ସଂଗ୍ରହ ଫେବୃୟାରୀ ମାସର ଶେଷ ଓ



ସ୍ଥାନ ବିଶେଷରେ ମାର୍ଚ୍ଚ ମାସର ଶେଷଭାଗ ପର୍ଯ୍ୟନ୍ତ ଚାଲୁ ରହିଥାଏ। ଫୁଲଝାଡ଼ୁ ଘାସ ଚାଷ କଲେ ପ୍ରଥମ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଭଜନକ ଭାବରେ ଚଅଁର ମିଳିଥାଏ। ମାତ୍ର ଲଗାଇବାର ତୃତୀୟ ଓ ଚତୁର୍ଥ ବର୍ଷରେ ଅଧିକ ସଂଖ୍ୟକ ଚଅଁର ମିଳିଥାଏ।

ଚଅଁର ଅମଳ ପରେ ଶୁଖାଇବା, ପତ୍ର ଓ ଛେଦା ଛଡ଼ାଇବା ଆଦି କାର୍ଯ୍ୟ କରାଯାଇଥାଏ। ଏହି ସମସ୍ତ କାର୍ଯ୍ୟ ଠିକ୍ ଭାବରେ କରାଯାଇ ନ ପାରିଲେ ସଂଗ୍ରହର ସମସ୍ତ ମୂଲ୍ୟ ନଷ୍ଟ ହୋଇଯାଏ। ଗୋଟାଏ ଫୁଲଝାଡ଼ୁ ଚଅଁର ଭଲଭାବରେ ଶୁଖିବା ଲାଗି ପ୍ରାୟ ୩-୪ ଦିନ ସମୟ ଲାଗିଥାଏ। ଫୁଲଝାଡ଼ୁର ମୁଖ୍ୟ ଆକର୍ଷଣ ହେଲା ରଙ୍ଗ। ଠିକ୍ ଭାବରେ ନ ଶୁଖାଇଲେ କିମ୍ବା ରାତିରେ କାକର ଖାଇଲେ, ଏହାର ରଙ୍ଗ ସବୁଜରୁ କଳା ପଡ଼ିବା ଆରମ୍ଭ କରିଥାଏ ଏବଂ ଏପରି କି ଫିମ୍ପି ମଧ ମାରିଥାଏ। ଏହି ସବୁଜ ରଙ୍ଗକୁ ବଜାୟ ରଖିବା ପାଇଁ ତାକୁ ଗଛ ଛାଇ (ଆଂଶିକ ଖରା) ବା କଅଁଳ ଖରାରେ ଶୁଖାଇବା ଜରୁରୀ। ଶୁଖିସାରିଲା ପରେ କାଠିରେ ଥିବା ବର୍ଜ୍ୟବସ୍ତୁକୁ ବାହାର କରିଦେବା ଉଚିତ। ପ୍ରକ୍ରିୟାକରଣ ପରେ ୩୫ଟି ଚଅଁରକୁ ମିଶାଇ ପ୍ଲାଷ୍ଟିକ୍ ଫିତା, ଶିଆଳି ଲତା କିମ୍ବା ପ୍ଲାଷ୍ଟିକ ନଳି ଦ୍ୱାରା ବିଡ଼ା ବନ୍ଧାଯାଇଥାଏ। ସାଧାରଣତଃ ଗୋଟିଏ କିଲୋଗ୍ରାମ ଖୋଲା ଫୁଲଝାଡ଼ୁ ଚଅଁରରୁ ୩ଟି ଝାଡ଼ୁ ପ୍ରସ୍ତୁତ ହୋଇପାରେ।

ସମ୍ପ୍ରତି ଜଙ୍ଗଲକ୍ଷୟ, ଜଳବାୟୁ ପରିବର୍ତ୍ତନ, ବନାଗ୍ନି ଓ ଜଙ୍ଗଲ ସମ୍ପଦ ଉପରେ ଅଧିକ ଚାପ ଓ ବିକାଶ ପ୍ରକ୍ରିୟାର ବହୁଳତା ଯୋଗୁ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ଉତ୍ପାଦନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ବଜାର ଚାହିଦା ଥିବା ବନଜାତ ଦ୍ରବ୍ୟଗୁଡ଼ିକର କ୍ଷତିକାରକ ଅମଳ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାମଧ୍ୟରୁ ଫୁଲଝାଡ଼ୁ ଅନ୍ୟତମ। ତେଣୁ ବୈଜ୍ଞାନିକ ପଦ୍ଧତିରେ ଏହାକୁ ଚାଷକରି ଅମଳ ଓ ପ୍ରକ୍ରିୟାକରଣ କରି ବିକ୍ରିବଟା କଲେ ବନବାସୀମାନଙ୍କର ଅର୍ଥନୈତିକ ବିକାଶ ସହିତ ପରିବେଶ ସୁରକ୍ଷା ହେବ।

*-ଗୟାଧର ଶିଅଳ, ବନବିଜ୍ଞାନୀ, ୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯*

# ଏ ମାସର କୃଷି ସୂଚନା

ଜଳସେଚିତ ଅଞ୍ଚଳରେ ଧାନ ଜମିରେ କର୍‌ନାଳୀଗୁଡ଼ିକୁ ସଫା କରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ । ତା'ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ ।

**ଧାନ :** ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷାଦେଖି ପ୍ରୟୋଗ କରନ୍ତୁ ।

-ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ ।

- ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ ।

- କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

- ତଳିଘରାରେ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସଞ୍ଚନ କରନ୍ତୁ । ଢ଼ିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ଲାଗି ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ତଳପତ୍ରକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସ୍‌ଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ସକାଶେ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩ ଲିଟର ୫୦୦ ମି.ଲି. ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।



### ଗୋପାଳନ

ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବାର ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ଯେପରି ପାଣି ନଛାଟେ ତା'ର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ଦିଆ ହୋଇ ନ ଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ।

-ହାଇବ୍ରିଡ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ।



**ମକା :** ମକା ଫସଲ ୬-୭ ସପ୍ତାହ ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ କୌଣସି ପ୍ରକାର ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ :** ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ ।

-ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

- ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ନଳିତା :** ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡସଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ (୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧.୫ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଚଳିତ ମାସ ଶେଷ ଆଡ଼କୁ ନଳିତା କାଟି ବିଡ଼ା କରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଡାଲିଜାତୀୟ ଫସଲ :** ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ଲାଗି ହେକ୍ଟର ପ୍ରତି ୧ ଲିଟର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ସକାଶେ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

**ଅଳସୀ :** ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ ।

-ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ ।

- ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

- ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

**ଆଖୁ :** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହା ଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ୱିନାଲ୍‌ଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ପନିପରିବା ଫସଲ



ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ ।

- ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ ।

- ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ଲାଗି ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର୍‌ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍/ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ ।

- ଆଭ୍ୟନ୍ତରୀଣ ଜିଲ୍ଲାରେ ଅଦିନିଆ ଫୁଲ କୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି ଏବଂ ପୁଷା ଦୀପାଳି ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ।

- ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରିପାରିବେ।

## ସଫଳ ସୂର୍ଯ୍ୟମୁଖୀ ଚାଷ



ପରେଶ କୁମାର ପଣ୍ଡା

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରୁ ପ୍ରଚୁର ପରିମାଣର ଜୀବନୀଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମଣିଷ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳିଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍-'ଏ', 'ଡି' ଓ 'ଇ' ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହେଉଥିବାରୁ ପ୍ରାୟ ଜିଲାରେ ଚାଷ କରାଗଲାଣି।

ସୂର୍ଯ୍ୟମୁଖୀ ୮ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣା ହେବା ଆବଶ୍ୟକ, ଯଦ୍ୱାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ନ ହେଉଥିବା କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଥଣ୍ଡାପାଗ ଭଲ। ଗଛଗୁଡ଼ିକ ୪-୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା, ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣି ଶକ୍ତି ରହିଛି। ଅମ୍ଳମାଟିରେ ଫସଲ ଭଲ ହୋଇ ନ ଥାଏ। ବର୍ଷା ଋତୁରେ ବାଲିଆ ଦୋରସା ମାଟିରେ ଏହା ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷ କରିବା ଭଲ।

**ଉନ୍ନତ କିସମ:** ସନ୍‌ରାଇଜ୍, ମର୍‌ଡେନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫, ଡି.ଆର୍.ଏସ୍.ଏଫ୍.-୧୦୮ ଓ ଡି.ଆର୍.ଏସ୍.ଏଫ୍-୧୧୩। **ସଙ୍କର କିସମ ହେଲା-** ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍-୧,ଏମ୍.ଏସ୍.ଏଫ୍.ଏଚ୍-୧୭, ଏମ୍.ଏସ୍.ଏଫ୍.ଏଚ୍-୮, ଜ୍ୱାଳାମୁଖୀ, ପି.ଏ.ସି-୩୬, ପି.ଏ.ସି.-୧୦୯୧, ଏମ୍.ଏଲ୍.ଏସ୍.ଏଫ୍.ଏଚ୍-୪୭, କେ.ବିଏସ୍‌ଏଚ୍-୪୪, ସନ୍‌ଜିନି-୮୫ ଓ ପ୍ରୋ.ସନ-୦୯ (୯୫ ଦିନର): କେ.ବି.ଏସ୍.ଏଚ୍-୧, କେ.ବି.ଏସ୍.ଏଚ୍-୪୪, ଏମ୍.ଏସ୍.ଏଫ୍,ଏଚ୍-୮, ଏମ୍.ଏସ୍‌ଏଫ୍.ଏଚ-୧୭ (୧୧୦ ଦିନର) ଓ ଅନ୍ୟ କିସମ (୧୦୦ ଦିନ ଅବଧିର)। ବିଶେଷକରି ମର୍‌ଡେନ୍, ପି.ଏ.ଏସ୍-୩୬, କେ.ବି.ଏସ୍.ଏଚ୍.-୧ ଓ କେ.ବି.ଏସ୍.ଏଚ୍.-୪୪ ଓଡ଼ିଶାରେ ଲୋକପ୍ରିୟ।



**ବିହନ, ଖତସାର:** ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ, ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁୟାରୀରୁ ଫେବୃୟାରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମର ବିହନ ଏକର ପ୍ରତି ୪-୫ କି.ଗ୍ରା. ଓ ସଙ୍କର ବିହନ ୨-୩ କି.ଗ୍ରା. ଦରକାର ପଡ଼ିଥାଏ। ମେଟାଲାକ୍ସିଲ୍ ୬ ଗ୍ରାମ୍ ୧ କି.ଗ୍ରା. ବିହନ ପ୍ରତି ବିଶୋଧନ କଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ଲାଗି କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ୍ ବା କ୍ୟାପଟାନ୍ କିମ୍ବା ୪ ଗ୍ରାମ ଟ୍ରାଇକୋଡର୍ମା ଭିରିଡ଼େ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫-୭ ଗ୍ରାମ ଇମିଡ଼ାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ରରେ ଉକୁଣି ପୋକ ଲାଗିବା କମିଯାଏ।ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭିରିଆ ୩ ଓଡ଼ ଚାଷକରି ମଇ ଦେଇ ମାଟିକୁ ସମତୁଲ କରାଯାଏ। ଶେଷଥର ଚାଷ ସମୟରେ ଏକର ପ୍ରତି ୩୦ କୁଇଣ୍ଟାଲ ଖତ ଭଲ ଭାବରେ ମିଶାଇବାକୁ ହୁଏ। ଲଗାତର ଗୋଟିଏ ଜମିରେ ସୂର୍ଯ୍ୟମୁଖୀ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଦରକାର। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ମଧ୍ୟରେ ୪୫ ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୨୫-୩୦ ସେ.ମି. ଦୂରତା ଓ ୨-୪ ସେ.ମି. ଗଭୀର ରହିବା ପ୍ରୟୋଜନ। କିନ୍ତୁ ସଙ୍କର ଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜା ହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦-୧୫ ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ଗଛଗୁଡ଼ିକୁ ଉପାଡ଼ି ଦିଆଯାଏ।



୧ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଯାନ, ୧.୯ କି.ଗ୍ରା. ଫସ୍‌ଫରସ୍, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା. ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ୍ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷାଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦-୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର ୨-୩ ସପ୍ତାହ ପୂର୍ବରୁ ପ୍ରୟୋଗ କଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର-ଆଜୋଟୋବ୍ୟାକ୍ଟର/ଆଜୋସ୍ପିରିଲମ୍ ଗୁଣ୍ଡ ୧.୬ କି.ଗ୍ରା. ଓ ଫସ୍‌ଫରସ୍ ଦ୍ରବୀଭୂତକାରୀ ଜୀବାଣୁ କଲ୍‌ଚର୍ ୨-୪ କି.ଗ୍ରା. ଗୋଳାଇ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହିତ ଅଧିକ ଅମଳ ମିଳିଥାଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର ମୋ: ୭୨୦୫୦୯୬୦୮୦*

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 70.81 (8) | 36,976.85 (277.01) | 10,948.25 (85.65) | 36,807.00 (₹163) | 43,020.00 (₹80) |



## ସଂକ୍ଷେପରେ

### କଶ୍ମୀରରେ କାରଖାନା ଖୋଲିବ ଏସିଆର ସର୍ବବୃହତ୍ ହେଲ୍‌ମେଟ୍ କମ୍ପାନୀ




**ନୂଆଦିଲ୍ଲୀ,୬-୮:** ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଏସିଆର ସର୍ବବୃହତ୍ ହେଲମେଟ୍ ନିର୍ମାତା କମ୍ପାନୀ ଷ୍ଟିଲବାର୍ଡ ହାଇଟେକ ଇଣ୍ଡିଆ କେନ୍ଦ୍ରଶାସିତ ଅଞ୍ଚଳରେ କାରଖାନା ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛି। କମ୍ପାନୀ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରି କହିଛି ଯେ, କଶ୍ମୀର ଉପତ୍ୟକାରେ ନୂଆ ଔଦ୍ୟୋଗିକ କ୍ରାନ୍ତି ଆରମ୍ଭ ହେବ। ଫଳରେ ସ୍ଥାନୀୟ ନାଗରିକଙ୍କୁ ନିଯୁକ୍ତି ମିଳିବ। ଷ୍ଟିଲବାର୍ଡ ହେଲମେଟ୍ସର ଅଧ୍ୟକ୍ଷ ସୁଭାଷ କପୁର କହିଛନ୍ତି ଯେ, ଅନୁଚ୍ଛେଦ ୩୭୦ ହଟାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉଠାଯାଇଥିବା ପଦକ୍ଷେପ ବହୁ ପ୍ରତୀକ୍ଷିତ ଥିଲା। ଏହି ଚମତ୍କାର ପଦକ୍ଷେପ ଦ୍ୱାରା କଶ୍ମୀର ଉପତ୍ୟକା ଭାରତର ମୁଖ୍ୟଧାରାରେ ସାମିଲ ହୋଇପାରିବ ଏବଂ ଦେଶର ସାମୂହିକ ବିକାଶର ଅଂଶବିଶେଷ ହୋଇପାରିବ। ଅଦ୍ୟାବଧି ସେଠାକାର ଜମ୍ମୁ-କଶ୍ମୀରରେ ଅଧିକାଂଶ ବିନିର୍ମାଣ ଗତିବିଧି କୃଷି ଏବଂ ହସ୍ତଶିଳ୍ପ ପର୍ଯ୍ୟନ୍ତ ସୀମିତ ରହିଛି। ସେଠାରେ ଅକ୍ଟୋବରରେ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ କମ୍ପାନୀ କାରଖାନା ଖୋଲିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କମ୍ପାନୀ ଏମ୍‌ଡି ରାଜୀବ କପୁର କହିଛନ୍ତି। ସୂଚନାଥାଉ କି, ଷ୍ଟିଲ୍‌ବାର୍ଡ ଇତିମଧ୍ୟରେ ହିମାଚଳପ୍ରଦେଶର ବଡ୍ଡିରେ ୧୫୦ କୋଟି ଟଙ୍କା ନିବେଶ କରି କାରଖାନା ସ୍ଥାପନ କରିସାରିଛି। ଏଠାରେ ଦିନକୁ ୪୪,୫୦୦ ହେଲ୍‌ମେଟ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଶ୍ମୀର ଉପତ୍ୟକାରେ ସମାନ ପ୍ରଗତି କରିବାକୁ କମ୍ପାନୀ ଆଶାବାନ୍ଧିଛି।

### ଜେ ଆଣ୍ଡ କେ ବ୍ୟାଙ୍କ ସରକାରଙ୍କ ନିୟନ୍ତ୍ରଣକୁ ଆସିବ

**ନୂଆଦିଲ୍ଲୀ,୬-୮:** ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ହଟିବା ପରେ ଏବେ କେନ୍ଦ୍ର ସରକାର ଜେ ଆଣ୍ଡ କେ ବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ନେବେ। ବର୍ତ୍ତମାନ ଏହି ବ୍ୟାଙ୍କର ୬୦% ଅଂଶଧନ ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଏହା ରାଜ୍ୟର ସବୁଠାରୁ ପ୍ରମୁଖ ବ୍ୟାଙ୍କ ଯାହାର ଶାଖା ସମ୍ପୂର୍ଣ୍ଣ ରାଜ୍ୟରେ ରହିଛି। ସରକାର ଏହି ବ୍ୟାଙ୍କକୁ ନିଜ ନିୟନ୍ତ୍ରଣରେ ନେବା ପରେ ବ୍ୟାଙ୍କ ବୋର୍ଡ ସମେତ ସମସ୍ତ ମହତ୍ତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେବାର ଅଧିକାର ପାଇଯିବେ। ଏବେ ଏହି ଅଧିକାର ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଏହା ବର୍ତ୍ତମାନ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ହେବ। ଏବେ ରାଜ୍ୟ ସଚିବଙ୍କ ନିକଟରେ ଏହି ବ୍ୟାଙ୍କର ୫୫.୮୯% ଏବଂ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନିକଟରେ ୩.୩୪% ଅଂଶଧନ ରହିଛି। ବ୍ୟାଙ୍କକୁ ଅଧିକାଂଶ ଆର୍ଥିକ ସହାୟତା ରାଜ୍ୟ ସରକାର ଦେଇ ଆସୁଥିଲେ। ଏହାସତ୍ତ୍ୱେ ଏହାକୁ ଘରୋଇ ସେକ୍ଟର ବ୍ୟାଙ୍କ କୁହାଯାଉଛି।

### ଡିଶ୍ ଟିଭି ସହ ମିଶିଯିବ ଏୟାରଟେଲ




**ନୂଆଦିଲ୍ଲୀ,୬-୮:** ଦେଶର ଦୁଇ ପ୍ରମୁଖ ଡିଟିଏଚ୍ କମ୍ପାନୀ ଚଳିତ ମାସ ଶେଷ ସୁଦ୍ଧା ମିଶିଯିବେ। ଏସେଲ ଗ୍ରୁପ୍ କମ୍ପାନୀ ଡିଶ୍ ଟିଭିକୁ ଖୁବ୍‌ଶୀଘ୍ର ଭାରତୀ ଏୟାରଟେଲ କିଣିବ। ମିଶ୍ରଣ ପରେ ଏୟାରଟେଲ ଡିଜିଟାଲ ଟିଭି ଦେଶର ସର୍ବବୃହତ ଡିଟିଏଚ୍ କମ୍ପାନୀ ହେବ। ଏହା ଟାଟା ସ୍କାଏ ଏବଂ ରିଲାଏନ୍ସ ଜିଓକୁ ଟକ୍କର ଦେବ। ରିଲାଏନ୍ସ ମଧ୍ୟ ଚଳିତ ମାସରେ ନିଜର ଗିଗାଫାଇବର ସେବାକୁ ବାଣିଜ୍ୟିକ ଭିତ୍ତିରେ ଆରମ୍ଭ କରିବାକୁ ଯାଉଛି। ଡିଶ୍ ଟିଭିକୁ ନିଜ କମ୍ପାନୀ ସହ ମିଶାଇବା ନେଇ ଏୟାରଟେଲ ମାଲିକ ସୁନୀଲ ଭାରତୀ ମିତ୍ତଲ ଚଳିତ ମାସ ମାର୍ଚ୍ଚରେ କଥାବାର୍ତ୍ତା ଆରମ୍ଭ କରିଥିଲେ, ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ମାସ ଶେଷରେ ଦୁଇ କମ୍ପାନୀ ଏକତ୍ର ଏ ସମ୍ପର୍କରେ ଘୋଷଣା କରିବେ। ରିଲାଏନ୍ସ ଜିଓ ଦେଶର ଦୁଇ ସର୍ବବୃହତ୍ କେବଲ ଟିଭି କମ୍ପାନୀ ଡେନ୍ କେବଲ ନେଟଓ୍ୱର୍କ ଏବଂ ହ୍ୟାଥଓ୍ୱେ କେବଲ ଆଣ୍ଡ ଡାଟାକମ୍‌ରେ ପ୍ରମୁଖ ଅଂଶଧନ କିଣିଛି। ମିତ୍ତଲ ଏବେ ଡିଟିଏଚ୍ କ୍ଷେତ୍ରରେ ଜିଓକୁ କଡ଼ା ଟକ୍କର ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଗତବର୍ଷ ମାର୍ଚ୍ଚରେ ଡିଶ୍ ଟିଭି ଭିଡିଓକନ ଡିଟିଏଚ୍‌କୁ ନିଜ ସହ ମିଶାଇଥିଲା। ଏୟାରଟେଲ ନିଜ କମ୍ପାନୀକୁ ଟାଟା ସ୍କାଏକୁ ବିକିବାକୁ ଚେଷ୍ଟା କରିଥିବା ବେଳେ ଏହା ସଫଳ ହୋଇନାହିଁ।

> ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ଆଗ୍ରହ ବୃଦ୍ଧି ପାଉଛି। ଆର୍‌ଇସି ଲିମିଟେଡ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକାରେ ରହିଛି।
> – ଅଜିତ କୁମାର ଅଗ୍ରଓ୍ୱାଲ, ଆର୍‌ଇସି ସିଏମ୍‌ଡି



> ଦେଶର ଅର୍ଥନୀତିର ଗତି ଦ୍ରୁତ ହେବା ସହିତ ଏହାର ପର୍ଯ୍ୟଟନ ସେକ୍ଟର ମଧ୍ୟ ଆଗେଇବ। ଏହାକୁ ଦୃଷ୍ଟିରେ ରଖି ଥମାସ କୁକ୍ ନିବେଶ ବୃଦ୍ଧି କରିବାକୁ ଯାଉଛି।
> – ମାଧବନ୍ ମେନନ, ଥମାସ କୁକ୍ ସିଏମ୍‌ଡି



# ୫୯ ମିନିଟରେ ମିଳିବ ରିଟେଲ ଋଣ

- ଚାହିଦା ବଢ଼ାଇବା ଲକ୍ଷ୍ୟ
- ଗୃହ, କାର୍ ଋଣ ପାଇହେବ
- ଅର୍ଥ ମନ୍ତ୍ରଣାଳୟ-ବ୍ୟାଙ୍କ ମୁଖ୍ୟଙ୍କ ସହ ଆଲୋଚନା
- ଖୁବଶୀଘ୍ର ହେବ ଘୋଷଣା




ନୂଆଦିଲ୍ଲୀ,୬-୮

ଦେଶର ଅର୍ଥନୀତିକୁ ଗତିଶୀଳ କରିବାକୁ ହେଲେ ଚାହିଦା ବୃଦ୍ଧି କରିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ସରକାର ମାତ୍ର ୫୯ ମିନିଟରେ ରିଟେଲ ଋଣ ପ୍ରଦାନ କରିବାକୁ ବିଚାର କରୁଛନ୍ତି। ଅର୍ଥ ମନ୍ତ୍ରଣାଳୟ ସହ ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଆଲୋଚନା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ନିଷ୍ପତ୍ତି ଘୋଷଣା ନେଇ ଏବେ ଅନିଶ୍ଚିତତା ଲାଗି ରହିଛି। କିନ୍ତୁ ସରକାର ଏ ଦିଗରେ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଚାହିଦା ବୃଦ୍ଧି ପାଇଁ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଖାଉଟି ଏବେ ପ୍ରଚଣ୍ଡ ଅର୍ଥ ସଙ୍କଟର ସମ୍ମୁଖୀନ ହେଉଛି। ଫଳସ୍ୱରୂପ ରିଟେଲ ସେକ୍ଟର, ଅଟୋ ସେକ୍ଟର ଧିମା ହୋଇଛି। ଦେଶକୁ ମାନ୍ଦାବସ୍ଥାରୁ ଦୂରେଇ ରଖିବା ଲାଗି ରିଟେଲ ସେକ୍ଟରରେ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ହେବ ବୋଲି ବୈଠକରେ ମତପ୍ରକାଶ ପାଇଛି। ମିଡିଆ ରିପୋର୍ଟ ଅନୁଯାୟୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ମାତ୍ର ୫୯ ମିନିଟରେ ଋଣ ପ୍ରଦାନ ସଫଳ ହୋଇଥିବାରୁ ଏହି ଯୋଜନାକୁ ରିଟେଲ ସେକ୍ଟରରେ ଲାଗୁ କରିବାକୁ ବ୍ୟାଙ୍କ ମୁଖ୍ୟମାନଙ୍କ ପକ୍ଷରୁ ଅର୍ଥମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ଦିଗରେ ବିଚାର କରାଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି। ୫୯ ମିନିଟରେ ଋଣ ପ୍ରଦାନ ବ୍ୟବସ୍ଥା ବର୍ତ୍ତମାନ ଏମଏସ୍‌ଏମ୍‌ଇ ସେକ୍ଟରରେ ଦିଆଯାଉଛି। ଯେକୌଣସି କ୍ଷୁଦ୍ର କମ୍ପାନୀ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପିଏସ୍‌ବିଲୋନ୍‌ସଇନ୍‌୫୯ମିନିଟ୍ସ ଡଟ୍ କମ୍‌ରେ ଆବେଦନ କରି ପାଇପାରୁଛନ୍ତି।

ରିଟେଲ ଗ୍ରାହକ ଯେପରି ଘର, କାର୍, ଟିଭି, ଫ୍ରିଜ୍ ଆଦି ସହଜରେ ଋଣ ନେଇ କିଣିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ୫୯ ମିନିଟରେ ଋଣ ପ୍ରଦାନ ପାଇଁ ଏକ ଓ୍ୱେବ୍‌ସାଇଟ ଆରମ୍ଭ କରାଯିବା ଦରକାର ବୋଲି ବ୍ୟାଙ୍କ ମୁଖ୍ୟମାନେ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଚାହିଦା ବୃଦ୍ଧି ପାଇବ ଓ ଅର୍ଥନୀତିର ଗତି ଦ୍ରୁତ ହେବ। ଅଟୋ, ରିୟଲ ଇଷ୍ଟେଟ, କଞ୍ଜ୍ୟୁମର ଗୁଡ୍ସ ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ଫାଇଦା ମିଳିବ।

## ଅଟୋ, ଏଫ୍‌ଏମ୍‌ସିଜି ସର୍ବାଧିକ ପ୍ରଭାବିତ

ଅର୍ଥନୀତି ଧିମା ହେବାର ପ୍ରଭାବ ଏବେ ଅଟୋ ଓ ଏଫ୍‌ଏମ୍‌ସିଜି ସେକ୍ଟରକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ଗାଡ଼ି ବିକ୍ରି ଦିନକୁ ଦିନ ହ୍ରାସ ପାଇବା କାରଣରୁ ଅଟୋ କମ୍ପାନୀ କର୍ମଚାରୀ ଛଟେଇ କରିବା ସହ ଶୋ'ରୁମ୍ ବନ୍ଦ କରିବାକୁ ବାଧ ହୋଇଛନ୍ତି। ସେହିପରି ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରରେ ଚାହିଦା ହ୍ରାସ ପାଇବା କାରଣରୁ ଉତ୍ପାଦନ ହ୍ରାସ ପାଇଚାଲିଛି। ସେମାନେ ମାର୍କେଟରେ ତିଷ୍ଠି ରହିବା ଲାଗି ଭିନ୍ନ ପନ୍ଥା ଆପଣାଉଛନ୍ତି। ବିକ୍ରି ହ୍ରାସ କାରଣରୁ କମ୍ପାନୀଗୁଡ଼ିକର ଲାଭ କମିବାରେ ଲାଗିଛି। ଆକ୍ସିସ ବ୍ୟାଙ୍କ ସିଇଓ ଅମିତାଭ ଚୌଧୁରୀଙ୍କ କହିବାନୁଯାୟୀ, ଅର୍ଥନୀତିର ଧିମାପଣ ଆଶାଠାରୁ ଅଧିକ ଅବଧି ପର୍ଯ୍ୟନ୍ତ ରହିବ ବୋଲି ମନେ ହେଉଛି। ତାଙ୍କର କହିବାନୁଯାୟୀ, ଅର୍ଥନୀତି ଧିମା ହେବାର ଲକ୍ଷଣ ପ୍ରଥମେ ଏନ୍‌ବିଏଫ୍‌ସିରୁ ଆରମ୍ଭ ହୋଇ ଅଟୋ ସେକ୍ଟରକୁ ମାଡିଥିଲା। ଏବେ ଏହା ଏଫ୍‌ଏମ୍‌ସିଜି ସେକ୍ଟରକୁ ମାଡିଗଲାଣି। ଗ୍ରାମାଞ୍ଚଳରେ ଆୟ କମିବା କାରଣରୁ ଚାହିଦା ହ୍ରାସ ପାଇବାରେ ଲାଗିଛି। ଶୀଘ୍ର ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଯାଉନାହିଁ। ଜୁନ୍‌ରେ କୋର୍ ସେକ୍ଟର ଅଭିବୃଦ୍ଧି ୦.୨%କୁ ହ୍ରାସ ପାଇଛି, ଯାହା କି ୨୦୧୫ ପରେ ସବୁଠାରୁ ଖରାପ ରହିଛି। ଚାହିଦା ହ୍ରାସ କାରଣରୁ ବହୁ କମ୍ପାନୀ ଉତ୍ପାଦନ କମାଇଛନ୍ତି ନଚେତ କାରଖାନା ବନ୍ଦ କରିସାରିଲେଣି।

## ଗେମ୍ ଚେଞ୍ଜର ହେବ

ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ସରକାର ମାତ୍ର ୫୯ ମିନିଟରେ ଋଣ ପ୍ରଦାନ ବ୍ୟବସ୍ଥା ଗତବର୍ଷ ନଭେମ୍ବର ୨ରେ ଶୁଭାରମ୍ଭ କରିଥିଲେ। ଋଣ ପାଇଁ ବ୍ୟାଙ୍କକୁ ଧାଁଦୌଡ ନ କରି ପୋର୍ଟାଲ ମାଧ୍ୟମରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଆବେଦନ କରିବାକୁ ଛୋଟ ଉଦ୍ୟୋଗଗୁଡ଼ିକୁ ସୁବିଧା ପ୍ରଦାନ କରାଯାଇଛି। ସରକାରଙ୍କ ଏହି ଉଦ୍ୟମ ସଫଳ ମଧ୍ୟ ହୋଇଛି। ଚଳିତବର୍ଷ ଜୁଲାଇ ୧୭ ସୁଦ୍ଧା ମାତ୍ର ୫୯ ମିନିଟରେ ୧୩ ଲକ୍ଷ ଋଣ ମଞ୍ଜୁର କରାଯାଇଛି । ଏହି ଋଣ ପରିମାଣକୁ ୧ରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଆଗତ ଏକ ପ୍ରସ୍ତାବ ବିଚାରାଧୀନ ରହିଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ଉକ୍ତ ବ୍ୟବସ୍ଥାରେ ଋଣ ଚାହୁଁଥିବା ଛୋଟ କମ୍ପାନୀଙ୍କ ପାଇଁ ଆବେଦନ କରିବା ସହଜ ହୋଇଛି। ମାତ୍ର ୧ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଋଣ ଆବେଦନକୁ ଅନୁମୋଦନ କରାଯାଉଥିବା ବେଳେ ୮ ବ୍ୟବସାୟିକ ଦିବସ ମଧ୍ୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଆବେଦନକାରୀଙ୍କ ଆକାଉଣ୍ଟରେ ଋଣ ଅର୍ଥ ଚାଲିଆସୁଛି। ଯୋଜନାର ବିସ୍ତାର ଲାଗି ଏସ୍‌ବିଆଇ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, କର୍ପୋରେଶନ ବ୍ୟାଙ୍କ ଏବଂ ଆନ୍ଧ୍ର ବ୍ୟାଙ୍କ ମଧ୍ୟରେ ଚୁକ୍ତି ହୋଇଛି। ରିଟେଲ କ୍ଷେତ୍ରରେ ଏହି ସୁବିଧା ପ୍ରଦାନ କରାଗଲେ ଏହା ଅର୍ଥନୀତି ପାଇଁ ଗେମ୍‌ଚେଞ୍ଜର ହେବ ବୋଲି ସେ କହିଛନ୍ତି। କାରଣ ଏହାଦ୍ୱାରା ପର୍ସନାଲ, ହାଉସିଂ ସେକ୍ଟରରେ ଚାହିଦା ବୃଦ୍ଧି ପାଇବ।

## ବ୍ୟାଙ୍କ ଋଣ ପ୍ରଦାନ ସ୍ଥିତି ଖରାପ

ରିଜର୍ଭ ବ୍ୟାଙ୍କ ଡାଟା ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ୬ ମାସରେ ଦେଶର ବ୍ୟାଙ୍କଗୁଡ଼ିକ ପକ୍ଷରୁ ରିଟେଲ ଋଣ ପ୍ରଦାନ ସ୍ଥିତି ଅତ୍ୟନ୍ତ ଖରାପ ରହିଛି। ଗତ ୫ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚାହିଦା କମିବା ତଥା ବେକାରି ବୃଦ୍ଧି କାରଣରୁ ଋଣ ପ୍ରଦାନ କମିଛି ବୋଲି ଆର୍‌ବିଆଇ ଡାଟାରୁ ସ୍ପଷ୍ଟ ହୋଇଛି। ଡାଟା ଅନୁଯାୟୀ ୨୦୧୪ ଜାନୁୟାରୀରୁ ଜୁନ୍ ମଧ୍ୟରେ ରିଟେଲ ଋଣ ପ୍ରଦାନ ସର୍ବନିମ୍ନ ଥିଲା। ସେତେବେଳେ ମାତ୍ର ୬.୪% ରିଟେଲ ଋଣ ପ୍ରଦାନ କରାଯାଇଥିଲା ବୋଲି ଡାଟାରୁ ଜଣାପଡିଛି। ଚଳିତବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୭.୩% ରିଟେଲ ଋଣ ପ୍ରଦାନ କରାଯାଇଛି। ଗତବର୍ଷ ଏହି ସମୟରେ ଏହା ୭.୭% ଥିଲା। ୨୦୧୭ରେ ଏହା ୮.୬% ରହିଥିଲା।

### ସେପ୍ଟେମ୍ବର ପହିଲାରୁ ହେବ ଲାଗୁ

# ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କ ପାଇଁ ନିୟମ କୋହଳ

ମୁମ୍ବାଇ,୬-୮

ସାରା ଦେଶରେ କୋଟି କୋଟି ଜିରୋ ବାଲାନ୍ସ ଆକାଉଣ୍ଟଧାରୀ(ଜନଧନ ଆକାଉଣ୍ଟଧାରୀ)ଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସେପ୍ଟେମ୍ବର ପହିଲାରୁ ନୂଆ ସୁବିଧା ଦେବାକୁ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକ ପାଇଁ ଏକ ନୂଆ ଆଡଭାଇଜାରୀ ଜାରି କରାଯାଇଛି। ଯାହାକୁ ଏବେ କୋଅପରେଟିଭ ବ୍ୟାଙ୍କ ମଧ୍ୟ ପାଳନ କରିବାକୁ ବାଧ୍ୟ ରହିବେ। ବେସିକ୍ ସେଭିଙ୍ଗ୍‌ସ ବ୍ୟାଙ୍କ ଡିପୋଜିଟ(ବିଏସ୍‌ବିଡି) ବା ଜନଧନ ଖାତା ଯେକୌଣସି ବ୍ୟାଙ୍କରେ ଖୋଲାଯାଇପାରିବ। ଏହାକୁ ମଧ୍ୟ ଜିରୋ ବାଲାନ୍ସ ଆକାଉଣ୍ଟ କୁହାଯାଉଛି।

ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ନୂଆ ସୁବିଧା ନେବା ଲାଗି ଜିରୋ ବାଲାନ୍ସ ଖାତାଧାରୀଙ୍କୁ କୌଣସି ପ୍ରକାର ଶୁଳ୍କ ଦେବାକୁ ପଡିବ ନାହିଁ। ମିନିମମ୍ ବା ସର୍ବନିମ୍ନ ବାଲାନ୍ସ ବା ଜମା ରଖିବାକୁ ଚାହୁଁ ନ ଥିବା ଏବଂ ମାସକୁ ୪ ଥରରୁ କମ୍ କାରବାର କରୁଥିବା ବ୍ୟକ୍ତି ଜିରୋ ବାଲାନ୍ସ ଆକାଉଣ୍ଟ ଖୋଲିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆଡଭାଇଜରୀ ଜାରି କରି କୁହାଯାଇଛି ଯେ, ଜିରୋ ବାଲାନ୍ସ ଆକାଉଣ୍ଟଧାରୀ ଏଣିକି ବ୍ୟାଙ୍କ ଶାଖା ବ୍ୟତୀତ ଏଟିଏମ୍ ଓ କ୍ୟାଶ ଜମା ମେସିନ ଜରିଆରେ ଅର୍ଥ ଜମା କରିପାରିବେ। ଏଭଳି ଆକାଉଣ୍ଟରେ ଫଣ୍ଡ ଟ୍ରାନ୍ସଫର ଅଥବା ୟୁପିଆଇ ଜରିଆରେ ଅର୍ଥ ଜମା କରାଯାଇପାରିବ। ମାସକରେ ଏକାଧିକ ଥର ଏହା କରାଯିବାରେ ବାଧା ନାହିଁ। ଏଭଳି ଖାତାଧାରୀ ପ୍ରତି ମାସରେ ଏଟିଏମ୍ ସହିତ ୪ ଥର ଟଙ୍କା କାଢ଼ିପାରିବେ। ସେମାନଙ୍କୁ ଡେବିଟ କାର୍ଡ ମିଳିବ। ବ୍ୟାଙ୍କ ଏଭଳି ଗ୍ରାହକଙ୍କୁ ଚେକ୍ ବହି ମଧ୍ୟ ଜାରି କରିବାରେ ଅସୁବିଧା ନାହିଁ। ତେବେ ଚେକ୍ ବହି ଜାରି କରିବା ଆଳରେ ବ୍ୟାଙ୍କ ସେମାନଙ୍କ ଜିରୋ ବାଲାନ୍ସ ଆକାଉଣ୍ଟକୁ ସେଭିଙ୍ଗ୍‌ସ ବ୍ୟାଙ୍କ ଆକାଉଣ୍ଟକୁ ବଦଳାଇପାରିବେ ନାହିଁ। ନିୟମ କୋହଳ କରିବାର ଲାଭ ଯେପରି ପ୍ରତ୍ୟେକ ଗ୍ରାହକ ପାଇପାରିବେ ସେ ଦିଗରେ ବ୍ୟାଙ୍କ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସୂଚନାଥାଉ କି, ବର୍ତ୍ତମାନ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ ଚେକ୍ ବହି ଭଳି ଅତିରିକ୍ତ ସୁବିଧା ନେବା ପାଇଁ ବ୍ୟାଙ୍କ ସେମାନଙ୍କ ଆକାଉଣ୍ଟକୁ ସେଭିଙ୍ଗ୍‌ସ ଆକାଉଣ୍ଟରେ ବଦଳାଇ ଦେଉଛନ୍ତି। ଏହାଛଡା ଅନ୍ୟ ସୁବିଧା ଦେବା ଆଳରେ ସେମାନଙ୍କଠାରୁ ଚାର୍ଜ ଅସୁଲ କରାଯାଉଛି। ଆଡ୍‌ଭାଇଜରିରେ କୁହାଯାଇଛି ଯେ, ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ କେତେକ ନିଶ୍ଚିତ ସୁବିଧା ମାଗଣା ପ୍ରଦାନ କରିବାକୁ ହେବ। ସେହିପରି କୌଣସି ଶୁଳ୍କ ନ ନେଇ ବ୍ୟାଙ୍କ ସେମାନଙ୍କୁ ଚେକ୍ ବହି ଜାରି କରିବାକୁ ବାଧହେବ। ସେମାନଙ୍କୁ ସର୍ବନିମ୍ନ ଜମା ରଖିବା ଲାଗି ବ୍ୟାଙ୍କ ବାଧ କରିପାରିବ ନାହିଁ।




## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଅଡିଟର, ଅନ୍ୟ ୨୧ଙ୍କ ଆକାଉଣ୍ଟ ହେବ ଅଚଳ

ନୂଆଦିଲ୍ଲୀ,୬-୮

ଅର୍ଥ ସଙ୍କଟର ସମ୍ମୁଖୀନ ହୋଇଥିବା ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ଅଡିଟର ଡେଲଏଟ ଓ ବିଏସ୍‌ଆରଙ୍କର ଅଡୁଆ ବଢ଼ିବାକୁ ଯାଉଛି। ସେମାନଙ୍କ ସହ ଦୁର୍ନୀତିରେ ଲିପ୍ତ ଅନ୍ୟ ୨୧ ଜଣଙ୍କ ଆକାଉଣ୍ଟ ଅଚଳ କରିବା ଲାଗି କେନ୍ଦ୍ର ସରକାର ମଙ୍ଗଳବାର ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ଅନିୟମିତତାରେ ସାମିଲ ହେବା ତଥା ଦୁର୍ନୀତିକୁ ଲୁଚାଇବା ଅଭିଯୋଗ ଆଣି କେନ୍ଦ୍ର ସରକାର ଇତିପୂର୍ବେ ଉକ୍ତ ଅଡିଟରଙ୍କୁ ୫ ବର୍ଷ ବ୍ୟାନ୍ କରିବାକୁ ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ମାମଲାର ରାୟ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। ବ୍ୟାନ ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ଅଡିଟରଙ୍କ ଆକାଉଣ୍ଟ ଅଚଳ ଲାଗି ଅର୍ଥ ମନ୍ତ୍ରଣାଳୟ ଚାହୁଁଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକଙ୍କ ଭଳି ଏହି ଅଡିଟରଙ୍କୁ ମାସକୁ ୧ରୁ ୨ ଲକ୍ଷ ଟଙ୍କା ଉଠାଇବାକୁ ଅନୁମତି ଦେବାକୁ ଆବେଦନରେ ଦର୍ଶାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଲଢୁଥିବା ଓକିଲ ସଞ୍ଜୟ ସୋରେ କହିଛନ୍ତି।

## ଖାଉଟି ସୁରକ୍ଷା ବିଲ୍ ପାର୍ଲାମେଣ୍ଟରେ ଅନୁମୋଦିତ

ନୂଆଦିଲ୍ଲୀ,୬-୮

ବହୁ ପ୍ରତୀକ୍ଷିତ ଖାଉଟି ସୁରକ୍ଷା ବିଲ୍ ୨୦୧୯ ମଙ୍ଗଳବାର ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳପ୍ରଦ ପ୍ରଶାସନିକ ପଦକ୍ଷେପ ଜରିଆରେ ଖାଉଟି ବିବାଦର ସମାଧାନ କରିବା ଏହି ବିଲ୍‌ର ଲକ୍ଷ୍ୟ ରହିଛି। ଲୋକ ସଭାରେ ପୂର୍ବରୁ ଅନୁମୋଦିତ ଏହି ବିଲ୍ ମଙ୍ଗଳବାର ରାଜ୍ୟ ସଭାରେ ବାଚନିକ ଭୋଟ୍‌ରେ ମଞ୍ଜୁର ହୋଇଛି। ଏହି ବିଲ୍ ଜରିଆରେ ଉପଭୋକ୍ତାଙ୍କ ଅଧିକାରକୁ ଅଧିକ ଶକ୍ତିଶାଳୀ କରିବା ସହ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଆଲୋଚନାରେ ଅଂଶଗ୍ରହଣ କରି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାଶ ପାଶୱାନ କହିଛନ୍ତି ଯେ, ଏମ୍‌ପିମାନଙ୍କ ପରାମର୍ଶକୁ ନିୟମ ଭାବେ ଏହି ବିଲ୍‌ରେ ସାମିଲ କରାଯିବ।

## ଶ୍ୟାମ ଷ୍ଟିଲ ପକ୍ଷରୁ ଡିଲର ସମ୍ମିଳନୀ

ଭୁବନେଶ୍ୱର,୬-୮

ପ୍ରିମିୟମ ବ୍ରାଣ୍ଡ ଟିଏମ୍‌ଟି ଉତ୍ପାଦନକାରୀ ଶ୍ୟାମ ଷ୍ଟିଲ ପକ୍ଷରୁ ଏହାର ବାର୍ଷିକ ଡିଲର ସମ୍ମିଳନୀ କଲିକତାର ଏକ ହୋଟେଲରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ ବିତରକ ଏବଂ ୨୦୦ ଡିଲର ଅଂଶଗ୍ରହଣ କରିଥିଲେ। ବଲିଉଡ ସେଲିବ୍ରିଟି ସାନା ସଇଦା, ସ୍କାରଲେଟ ଓ୍ୱିଲସନ, ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାଏ, ତାରିକ ଅଜିଜ, ନାଭ୍ୟା ଭେ ଏହି ଅବସରରେ ଉପସ୍ଥିତ ଥିଲେ। ଏଠାରେ ୧୦୦ ଡିଲରଙ୍କୁ ଉପହାର ଏବଂ ୫୦ ଜଣଙ୍କୁ ଅନ୍ତର୍ଜାତୀୟ ଟୁର ପ୍ୟାକେଜ ପ୍ରଦାନ କରାଯାଇଛି। ଉନ୍ନତ ଷ୍ଟିଲ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଉଥିବା ଶ୍ୟାମ ଷ୍ଟିଲର ନିର୍ଦ୍ଦେଶକ ଲଳିତ ବେରିଓ୍ୱାଲ କହିଛନ୍ତି। ସେ ଏହି ଅବସରରେ ଓଡ଼ିଶାରେ କମ୍ପାନୀ ଗ୍ରହଣ କରୁଥିବା ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ।

# ୫,୫୦୦ ପେଟ୍ରୋଲ ପମ୍ପ ଖୋଲିବେ ରିଲାଏନ୍ସ-ବିପି

ନୂଆଦିଲ୍ଲୀ,୬-୮

- ଯୌଥ ଉଦ୍ୟୋଗରେ ରହିବ ରିଲାଏନ୍ସର ୫୧% ଅଂଶଧନ
- ପ୍ୟାକେଜଡ ଫୁଏଲ, ଭ୍ରାମ୍ୟମାଣ ଫୁଏଲିଂ ୟୁନିଟ ସ୍ଥାପନ, ଇନ୍ଧନର ହୋମ୍ ଡେଲିଭରି ହେବ
- ରିଲାଏନ୍ସ ନିକଟରେ ୧୪୦୦ ଫୁଏଲିଂ ଷ୍ଟେଶନ
- ୫ ବର୍ଷରେ ସମ୍ପ୍ରସାରଣ ଯୋଜନା



ସାରା ଦେଶରେ ୫,୫୦୦ ପେଟ୍ରୋଲ ପମ୍ପ ଖୋଲିବା ଲାଗି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ବିପି ପିଏଲ୍‌ସି ଚୁକ୍ତିରେ ସାମିଲ ହୋଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ବିପି ପକ୍ଷରୁ ଗ୍ରୁପ୍ ଚିଫ୍ ଏକ୍‌ଜିକ୍ୟୁଟିଭ ବବ୍ ଡଡ୍‌ଲୀଙ୍କ ମଧ୍ୟରେ ମଙ୍ଗଳବାର ମୁମ୍ବାଇଠାରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଭାରତ ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏଠାରେ ସମ୍ପ୍ରସାରଣ ନେଇ ଏଭଳି ପଦକ୍ଷେପ ନିଆଯାଇଥିବା ଦୁଇ କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନ ବାହାନ ଲାଗି ଇନ୍ଧନ ଏବଂ ବିମାନ ଇନ୍ଧନ ଉପଲବ୍ଧ କରାଯିବାକୁ ଏହା ଦ୍ୱାରା ଯୋଜନା ଗ୍ରହଣ କରାଯିବ। ଭାରତୀୟ ଗ୍ରାହକଙ୍କୁ ଗୁଣବତ୍ତା ଏବଂ ଅତ୍ୟାଧୁନିକ ସେବା ଯୋଗାଣ ଲକ୍ଷ୍ୟରେ ଦୁଇ କମ୍ପାନୀ ଚୁକ୍ତିରେ ସାମିଲ ହୋଇଛନ୍ତି। ୨୦୧୧ରେ ଦୁଇ ସଂସ୍ଥା ପ୍ରଥମେ ଚୁକ୍ତିରେ ସାମିଲ ହୋଇଥିଲେ। ତେଲ ଏବଂ ମୋବିଲିଟି ବାଣିଜ୍ୟରେ ରହିଥିବା ବିଭିନ୍ନ ବିକଳ୍ପ ସମ୍ପ୍ରସାରଣ ଲାଗି ୨୦୧୭ରେ ଦୁଇ କମ୍ପାନୀ ଯୋଜନା କରିଥିଲେ।

ଚୁକ୍ତି ଅବସରରେ ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି ଯେ, ଫୁଏଲ ରିଟେଲିଂରେ ଗ୍ଲୋବାଲ ଲିଡର ଭାବେ ପରିଚିତ ବିପି ସହ ଚୁକ୍ତିରେ ସାମିଲ ହୋଇ ଅତ୍ୟନ୍ତ ଖୁସି। ବିପି ସହ ମିଳିତ ହୋଇ ଗ୍ୟାସ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ରିଟେଲିଂ ଏବଂ ବିମାନ ଇନ୍ଧନ ଯୋଗାଣକୁ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ସାରା ଦେଶରେ ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ସେବା ଯୋଗାଣ ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁକେଶ କହିଛନ୍ତି।

ସେହିଭଳି ଗ୍ରୁପ ଚିଫ୍ ଏକ୍‌ଜିକ୍ୟୁଟିଭ ବବ୍ ଡଡ୍‌ଲୀ କହିଛନ୍ତି, ଭାରତ ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଇନ୍ଧନ ଆବଶ୍ୟକତା ପୂରଣ ଲକ୍ଷ୍ୟରେ କାର୍ଯ୍ୟ କରୁଛୁ। ଅଭିବୃଦ୍ଧି ଏବଂ ନୂତନ ସୁଯୋଗକୁ ନଜରରେ ରଖି ଭାରତରେ ବୃହତ୍ତ ନିବେଶ କରିଛୁ। ରିଲାଏନ୍ସ ସହ ମିଶି ଗ୍ୟାସ କ୍ଷେତ୍ରରେ ଏବେ କାର୍ଯ୍ୟ କରୁଥିବା ବେଳେ ଏହି ଧାରାକୁ ଇନ୍ଧନ ରିଟେଲିଂ ଏବଂ ବିମାନ ଇନ୍ଧନ କ୍ଷେତ୍ରକୁ ସମ୍ପ୍ରସାରଣ କରିବାକୁ ପଦକ୍ଷେପ ନିଆଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

ଯୌଥ ଉଦ୍ୟୋଗରେ ରିଲାଏନ୍ସ ନିକଟରେ ୫୧% ଏବଂ ବିପି ନିକଟରେ ୪୯% ଅଂଶଧନ ରହିବ। ୨୦୧୯ ସୁଦ୍ଧା ଚୁକ୍ତି ସଂକ୍ରାନ୍ତ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟକୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ୨୦୨୦ ପ୍ରଥମାର୍ଦ୍ଧ ସୁଦ୍ଧା ଟ୍ରାଞ୍ଜାକ୍‌ଶନ ଶେଷ କରିବାକୁ ଯୋଜନା ଧାର୍ଯ୍ୟ ହୋଇଛି। ଆଗାମୀ ୨୦ ବର୍ଷରେ ଭାରତ ବିଶ୍ୱର ସର୍ବବୃହତ୍ ଅଭିବୃଦ୍ଧିଶୀଳ ବଜାର ହେବ ବୋଲି ଆକଳନ କରାଯାଇଛି। ଏହି ସମୟରେ ଦେଶର ପାସେଞ୍ଜର ଯାନ ୬ ଗୁଣା ବୃଦ୍ଧି ଘଟିବ। ବର୍ତ୍ତମାନ ୧୪୦୦ ସାଇଟରେ ରିଲାଏନ୍ସର ଫୁଏଲ ରିଟେଲିଂ ଷ୍ଟେଶନ ରହିଛି। ନୂଆ ଚୁକ୍ତି ଦ୍ୱାରା ଏହାକୁ ୫,୫୦୦କୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହି ଷ୍ଟେଶନଗୁଡିକ ଖୋଲିବ ବୋଲି ସୂଚନା ରହିଛି। ଏହା ମଧ୍ୟରେ ରିଲାଏନ୍ସର ବିମାନ ଇନ୍ଧନ ବାଣିଜ୍ୟକୁ ମଧ୍ୟ ସାମିଲ କରାଯାଇଛି। ଦେଶର ୩୦ ବିମାନ ବନ୍ଦରରେ ରିଲାଏନ୍ସ ବିମାନ ଇନ୍ଧନ ଯୋଗାଣ କରୁଛି। ଏହି ଧାରାକୁ ଦୁଇ କମ୍ପାନୀ ମିଳିତ ହୋଇ ଆହୁରି ବୃଦ୍ଧ କରିବା ନେଇ ଆଶାବାଦୀ ଅଛନ୍ତି। ସେହିଭଳି ଜିଓ ଡିଜିଟାଲ ପ୍ଲାଟଫର୍ମରେ ଲୋକଙ୍କୁ ଡିଜିଟାଲ ଏକ୍ସପେରିଏନ୍ସ ପ୍ରଦାନ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଉକ୍ତ ନେଟଓ୍ୱର୍କରେ କ୍ୟାଷ୍ଟ୍ରଲ ଲୁବ୍ରିକାଣ୍ଟ ମଧ୍ୟ ଉପଲବ୍ଧ ହେବ। ମୋବାଇଲ ଫୁଏଲିଂ ୟୁନିଟ ସମେତ ପ୍ୟାକେଜ ଫୁଏଲ ଏବଂ ଫୁଏଲର ହୋମ ଡେଲିଭରି ମଧ୍ୟ ଲୋକଙ୍କୁ ଦିଆଯିବ। ରିଲାଏନ୍ସର ଜାମନଗର ରିଫାଇନିଂ ଫାସିଲିଟିରୁ ଫୁଏଲ ଯୋଗାଣ ନେଇ ଯୋଜନା ରଖାଯାଇଛି।

### ଇ-କମର୍ସ ନୀତିରେ ଖାଉଟିଙ୍କ ସୁରକ୍ଷାକୁ ଅଗ୍ରାଧିକାର

## ୧୪ ଦିନ ଭିତରେ ଦେବାକୁ ହେବ ରିଫଣ୍ଡ

ନୂଆଦିଲ୍ଲୀ,୬-୮

କେନ୍ଦ୍ର ସରକାର ଇତିମଧ୍ୟରେ ଇ-କମର୍ସ ଲାଗି ଗାଇଡଲାଇନ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଉପଭୋକ୍ତାଙ୍କ ହିତକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି। ପ୍ରସ୍ତାବ ଅନୁଯାୟୀ ଅନ୍‌ଲାଇନ ସପିଂ କମ୍ପାନୀଗୁଡ଼ିକ ସାମଗ୍ରୀ ଏବଂ ସେବା ଯୋଗାଣ ଲାଗି ବିକ୍ରେତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ନିଜ ଓ୍ୱେବ୍‌ସାଇଟରେ ଦର୍ଶାଇବାକୁ ବାଧ ରହିବେ। ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ପଷ୍ଟ କରିବାକୁ ହେବ। ଏଥିସହିତ ରିଫଣ୍ଡ ଆବେଦନକୁ ସର୍ବାଧିକ ୧୪ ଦିନ ଭିତରେ ସମାଧାନ କରିବାକୁ ନିୟମ କରାଯାଇଛି। ଜାରି ଗାଇଡଲାଇନ ଚିଠା ଅନୁଯାୟୀ, ଇ-କମର୍ସ କମ୍ପାନୀଗୁଡ଼ିକ ଖାଉଟିଙ୍କ ବ୍ୟକ୍ତିଗତ ପରିଚୟ ଥିବା ସୂଚନାକୁ ସୁରକ୍ଷିତ ରଖିବେ।



“ୱେନ୍ ରୁନି ଡର୍ବି ଫୁଟ୍‌ବଲ ଟିମ୍‌ର ପ୍ଲେୟର-କୋଚ୍ ଭାବେ ଯୋଗ ଦେଉଥିବା ଯାହା ଶୁଣାଯାଉଛି, ତାହା ଉପରେ ମୁଁ କିଛି ଟିପ୍ପଣୀ ଦେବାକୁ ଚାହେଁନ ।
–ଫିଲିପ୍ କୋକୁ, ଡର୍ବି ମ୍ୟାନେଜର



“ଭାରତୀୟ ଟେବୁଲ ଟେନିସ ଖେଳାଳିମାନେ ଆଗକୁ ୨୦୨୦ ଟୋକିଓ ଅଲିମ୍ପିକ କ୍ୱାଲିଫାୟର୍ସକୁ ଦୃଷ୍ଟିରେ ରଖି ବାଛି ବାଛି ଟୁର୍ନାମେଣ୍ଟ ଖେଳିବା ଶ୍ରେୟସ୍କର ।
–ମାସିଓ କଷ୍ଟାଣ୍ଟିନି, ପୂର୍ବତନ କୋଚ୍

## ସଂକ୍ଷେପରେ

### ଡୁ'ପ୍ଲେସି ଦକ୍ଷିଣ ଆଫ୍ରିକା ଟେଷ୍ଟ ଅଧିନାୟକ

**ଜୋହାନ୍ସ ବର୍ଗ, ୬।୮ (ଏଏଫ୍‌ପି):** ଅକ୍ଟୋବରରେ ଖେଳାଯିବାକୁଥିବା ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର ନୂଆ କାର୍ଯ୍ୟକାରୀ ନିର୍ଦ୍ଦେଶକ (କ୍ରିକେଟ) କୋରି ଭାନ୍ ଜାଇଲ ମଙ୍ଗଳବାର ପ୍ରକାଶ କରିଛନ୍ତି। ଡୁ'ପ୍ଲେସିଙ୍କୁ କିନ୍ତୁ ସମସ୍ତ ଫର୍ମାଟ ପାଇଁ ଅଧିନାୟକ କରା ନ ଯାଇପାରେ। ଭାନ୍ ଜାଇଲ କହିଛନ୍ତି, ସେ ଆସନ୍ତା ସିଲେକ୍ସନ ବୈଠକରେ ଅଧକ୍ଷତା କରିବେ। ଏଥିରେ ୨୦୨୩ ବିଶ୍ୱକପ୍ ପାଇଁ ଯୋଜନା ସମେତ ଭବିଷ୍ୟତ ରଣକୌଶଳ ସମ୍ପର୍କରେ ଆଲୋଚନା ହେବ। ଟେଷ୍ଟ ସିରିଜ ପୂର୍ବରୁ ଦକ୍ଷିଣ ଆଫ୍ରିକା ଆସନ୍ତା ମାସରେ ଭାରତରେ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରିପ୍ରେକ୍ଷୀରେ ଦକ୍ଷିଣ ଆଫ୍ରିକା ଓ ଭାରତ ସେମାନଙ୍କ ପ୍ରଥମ ମ୍ୟାଚ ଅକ୍ଟୋବର ୨ରୁ ଖେଳିବେ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଏସ୍‌ଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଥବଙ୍ଗ ମୋରେ କହିଛନ୍ତି ଡିସେମ୍ବରରେ ଇଂଲଣ୍ଡର ଦକ୍ଷିଣ ଆଫ୍ରିକା ଟୁର୍ ପୂର୍ବରୁ ଜାତୀୟ ଦଳ ପଇଁ ନୂଆ ଢାଞ୍ଚାରେ ନିଯୁକ୍ତି ଦିଆଯିବ ବୋଲି ମୁଁ ଆଶା କରୁଛି।

### କିସ୍, ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ବିଜୟୀ

**ଭୁବନେଶ୍ୱର, ୬।୮ (କ୍ରୀଡ଼ା ପ୍ରତିନିଧି):** ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍) ଓ ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ କିସ୍ ୭-୦ ଗୋଲରେ ୨ ନମ୍ବର ଉଚ୍ଚ ବାଳକ ବିଦ୍ୟାଳୟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ କୁନାରାମ ସୋରେନ ଓ ଯଦୁନାଥ ହାଁସଦା ହ୍ୟାଟ୍ରିକ ଗୋଲ ଦେଇଥିବାବେଳେ ବଳରାମ ହାଁସଦା ଗୋଟିଏ ଗୋଲ ସ୍କୋର କରିଥିଲେ। ଆଇଆରସି ଭିଲେଜ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଅତିଥିଭାବେ ଯୋଗଦେଇ କିସ୍‌ର କୁନାରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ୨-୦ ଗୋଲରେ କଳିଙ୍ଗ ବିଦ୍ୟାପୀଠକୁ ହରାଇଥିଲା।

# ପ୍ରମୋଦ ଶ୍ରେଷ୍ଠ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୬।୮ (କ୍ରୀଡ଼ା ପ୍ରତିନିଧି)**



ପାରା ଆଥଲେଟ୍ ପ୍ରମୋଦ ଭଗତ ୨୦୧୮ ମସିହା ପାଇଁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ପୁରସ୍କାର ପାଇଁ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ମିଳିଥିବା ସୂଚନା ଅନୁସାରେ ୨୦୧୮ ବର୍ଷ ପାଇଁ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର କାହାରିକୁ ଦିଆଯିବ ନାହିଁ। ଏହି ପୁରସ୍କାର ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କେହି ଯୋଗ୍ୟ ବିବେଚିତ ହୋଇ ନାହାନ୍ତି। ଶ୍ରେଷ୍ଠ କୋଚ୍ ପାଇଁ ୫-୬ ଜଣ ଆବେଦନ କରିଥିଲେ ମଧ୍ୟ କେହି ମାନଦଣ୍ଡ ପୂରଣ କରିପାରି ନାହାନ୍ତି। ତେଣୁ ଏହି ପୁରସ୍କାର ମଧ୍ୟ ଏଥର ଦିଆ ଯିବନାହିଁ। ବେଷ୍ଟ କଣ୍ଟ୍ରିବ୍ୟୁଶନ ଟୁ ପ୍ରମୋଶନ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ପାଇଁ କିଟ୍‌କୁ ସମ୍ମାନିତ କରାଯିବ। ସେହିପରି ଏକ୍ସିଲେନ୍ସ ଇନ୍ ସ୍ପୋର୍ଟ୍ସ ଜର୍ନାଲିଜମ୍ ପୁରସ୍କାର ପାଇଁ ମଧ୍ୟ ଏଥର କେହି ଯୋଗ୍ୟ ବିବେଚିତ ହୋଇପାରି ନାହାନ୍ତି। ତେଣୁ ଏଥର ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର କେବଳ ୨ଟି ବିଭାଗରେ ସୀମିତ ରହିବା ନିଶ୍ଚିତ ହୋଇଛି। ପ୍ରକାଶ ଯୋଗ୍ୟ ଯେ ଗତ ୨ ବର୍ଷ ମଧ୍ୟରେ ପ୍ରମୋଦ ଭଗତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଦେଶ ପାଇଁ ପାରା ଅଲିମ୍ପିକ୍ସ ପଦକ ଜିତିବାର ଦକ୍ଷତା ମଧ୍ୟ ସେ ରଖିଛନ୍ତି। ରାଜ୍ୟରେ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନ ଓ ସ୍ୱୀକୃତି ଦେବା ଲକ୍ଷ୍ୟରେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୦୧ ମସିହାରୁ ପ୍ରଚଳିତ ହୋଇଆସୁଛି। ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ଭାବେ ଏହା ବିବେଚିତ ହେଉଥିବାବେଳେ ଏଥର ଏକାଧିକ ବିଭାଗ ପାଇଁ କେହି ଯୋଗ୍ୟ ବିବେଚିତ ନ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

# ବୋଲିଂ କୋଚ୍ ଦୌଡ଼ରେ ଯୋଶୀ



**ନୂଆଦିଲ୍ଲୀ, ୬।୮ (ପି.ଟି.):** ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଯୋଶୀ ଭାରତୀୟ ଦଳର ବୋଲିଂ କୋଚ୍ ପଦବୀ ପାଇଁ ଆବେଦନ କରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଜଣେ ବୋଲିଂ ବିଷାରଦ ଆବଶ୍ୟକ କରୁଛି ବୋଲି ସେ କହିଛନ୍ତି। ଅନିଲ କୁମ୍ବଲେଙ୍କ ପରଠାରୁ ଭାରତୀୟ ଦଳ ପାଇଁ ଜଣେ ହେଲେ ସ୍ପେଶାଲିଷ୍ଟ ସ୍ପିନ ପରାମର୍ଶଦାତା ନିଯୁକ୍ତି ପାଇନାହାନ୍ତି। କୁମ୍ବଲେ ଅବଶ୍ୟ ମୁଖ୍ୟ କୋଚ ପଦବୀରେ ଥିଲେ। ମାତ୍ର ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପରାଜୟ ପରେ କୋହଲିଙ୍କ ସହିତ ତାଙ୍କର ଗୁରୁତର ମତଭେଦ ହୋଇଥିଲା। ସେଥିପାଇଁ ତାଙ୍କୁ ପଦ ତ୍ୟାଗ କରିବାକୁ ପଡ଼ିଥିଲା। ୪୯ ବର୍ଷୀୟ ଯୋଶି କହିଛନ୍ତି ବାଂଲାଦେଶ କ୍ରିକେଟ ଦଳ ସହିତ ମୁଁ ଅଢେଇ ବର୍ଷ ସଫଳତାର ସହିତ କାର୍ଯ୍ୟ କରିଛି। ବର୍ତ୍ତମାନ ପରବର୍ତ୍ତୀ ଚ୍ୟାଲେଞ୍ଜ ପାଇଁ ମୁଁ ପ୍ରସ୍ତୁତ। କିଛି ଦିନ ହେଲା ଭାରତୀୟ ଦଳର ଜଣେ ସ୍ପେସାଲିଷ୍ଟ ସ୍ପିନ କୋଚ୍ ନାହାନ୍ତି। ମୋର ଅଭିଜ୍ଞତା ବିଚାରକୁ ନିଆଯିବ ବୋଲି ଆଶା। ଅନ୍ତର୍ଜାତୀୟ ଏବଂ ରଣଜୀ ଦଳର କୋଚ୍ ଭାବେ କାର୍ଯ୍ୟ କରିବା ପୂର୍ବରୁ ଯୋଶି ୧୯୯୬ରୁ ୨୦୦୧ ମଧ୍ୟରେ ଭାରତୀୟ କ୍ରିକେଟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ୧୫ଟି ଟେଷ୍ଟ ମ୍ୟାଚରେ ୩୫.୮୫ ଆଭରେଜରେ ୪୧ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଅନ୍ତର୍ଜାତୀୟ ଦିନିକିଆରେ ସେ ୩୬.୩୬ ଆଭରେଜରେ ୬୯ ଉଇକେଟ ନେଇଛନ୍ତି। କର୍ନାଟକର ଏହି ଷ୍ଟଲୱାର୍ଟ ୧୬୦ ପ୍ରଥମ ଶ୍ରେଣୀ ଗେମ୍‌ରେ ୨୫.୧୨ ଆଭରେଜରେ ୬୧୫ ଉଇକେଟ ଅକ୍ତିଆର କରିଛନ୍ତି।

# ପୋଲାର୍ଡଙ୍କୁ ଅର୍ଥଦଣ୍ଡ

**ଦୁବାଇ, ୬।୮ (ପି.ଟି.)**



ଭାରତ ବିପକ୍ଷରେ ରବିବାର ଫ୍ଲୋରିଡାରେ ଖେଳାଯାଇଥିବା ଟି୨୦ ସିରିଜର ୨ୟ ମ୍ୟାଚ୍‌ରେ ଅମ୍ପାୟରଙ୍କ ଆଦେଶକୁ ଅବମାନନା କରିଥିବା ଯୋଗୁ ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ତାଙ୍କ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଅର୍ଥ କାଟିଦେଇଛି ଏବଂ ତାଙ୍କ ନାମରେ ଏକ ଡିମେରିଟ୍ସ ପଏଣ୍ଟ ଯୋଡ଼ି ହୋଇଛି। ପୋଲାର୍ଡ ଆଇସିସି ଆଚରଣ ସଂହିତାର ଧାରା ୨.୪କୁ ଉଲ୍ଲଂଘନ କରିଥିବା କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଘଟଣାରୁ ପ୍ରକାଶ, ଦ୍ୱିତୀୟ ଟି୨୦ରେ ୱେଷ୍ଟଇଣ୍ଡିଜର ଫିଲ୍ଡିଂ ସମୟରେ ପୋଲାର୍ଡ ଜଣେ ବଦଳ ଖେଳାଳିଙ୍କୁ ଡାକିବାକୁ ଅମ୍ପାୟରଙ୍କୁ ବାରମ୍ବାର କହିଥିଲେ। ଅମ୍ପାୟର ତାଙ୍କୁ ସେହି ଓଭର ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। କିନ୍ତୁ ଅମ୍ପାୟରଙ୍କ ଆଦେଶକୁ ବେଖାତିର କରି ପୋଲାର୍ଡ ବଦଳ ଖେଳାଳିଙ୍କୁ ସେହି ଓଭରରେ ଡକାଇଥିଲେ ବୋଲି ଆଇସିସି ଏହାର ବିଜ୍ଞପ୍ତିରେ କହିଛି। ପୋଲାର୍ଡ ପ୍ରଥମେ ନିଜ ଭୁଲକୁ ସ୍ୱୀକାର କରି ନ ଥିଲେ। ଫଳରେ ମ୍ୟାଚ୍ ରେଫରି ଜେଫ୍ କ୍ରୋ'ଙ୍କ ସମ୍ମୁଖରେ ଶୁଣାଣି କରାଯାଇଥିଲା ଏବଂ ସେଠାରେ ତାଙ୍କୁ ଦୋଷୀ କରାଯାଇଥିଲା। ଯଦି ପୋଲାର୍ଡ ଆଗାମୀ ୨୪ ମାସ ମଧ୍ୟରେ ଆଉ ୪ଟି ଡିମେରିଟ୍ସ ପଏଣ୍ଟ ଲାଭ କରନ୍ତି ତେବେ ତାହା ସପେନ୍ସନ ପଏଣ୍ଟକୁ ବଦଳିଯିବ ଏବଂ ସେ ବାସନ୍ଦ ହେବେ। ୨ ସପେନ୍ସନ ପଏଣ୍ଟରେ ଜଣେ ଖେଳାଳିଙ୍କୁ ଗୋଟିଏ ଟେଷ୍ଟ କିମ୍ବା ୨ଟି ଦିନିକିଆ ଓ ଟି୨୦ରୁ ବାସନ୍ଦ ହେବାକୁ ପଡ଼ିବ। ପ୍ରଥମେ ଯେଉଁ ଫର୍ମାଟ୍ ଆସିବ ସେହି ଅନୁଯାୟୀ ବାସନ୍ଦାଦେଶ ଲାଗୁ କରାଯିବ।

# ମୁମ୍ବାଇ ଦଳରେ ଅର୍ଜୁନ ତେନ୍ଦୁଲକର

**ମୁମ୍ବାଇ, ୬।୮ (ପି.ଟି.):** ଆଗାମି 'ଭିଜି' ଟ୍ରଫି ପାଇଁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନ ତେନ୍ଦୁଲକର ୧୫ ଜଣିଆ ମୁମ୍ବାଇ ଦଳରେ ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଆନ୍ଧ୍ର ପ୍ରଦେଶରେ ଅଗଷ୍ଟ ୨୨ରୁ ଖେଳାଯିବ। ଅର୍ଜୁନ ହେଉଛନ୍ତି ଜଣେ ବାମହାତୀ ଫାଷ୍ଟ ବୋଲର। ୫୦ ଓଭର ବିଶିଷ୍ଟ 'ଓପନ୍' ଟୁର୍ନାମେଣ୍ଟ ପାଇଁ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ମଙ୍ଗଳବାର ଏହାର ୱେବ୍‌ସାଇଟ୍‌ରେ ଖେଳାଳି ତାଲିକା ପ୍ରକାଶ ପାଇଛି। ଅତୀତରେ ୧୯ ବର୍ଷୀୟ ଅର୍ଜୁନ ମୁମ୍ବାଇ ଟି୨୦ ଲିଗ୍‌ରେ ଖେଳିଥିଲେ। ସେ ୫ ଲକ୍ଷ ଟଙ୍କାରେ ନିଲାମ ହୋଇଥିଲେ। ଅର୍ଜୁନ ଆହୁରି ମଧ୍ୟ ଭାରତୀୟ ଦଳର ନେଟ୍ସରେ ବୋଲିଂ କରିଥାନ୍ତି।

**ମୁମ୍ବାଇ ଦଳ**

ହାର୍ଦ୍ଦିକ ତାମୋର (ଅଧିନାୟକ), ସୃଜନ ଆଥାୱେଲ, ରୁଦ୍ର ଧାନ୍ଦେ, ଚିନ୍ମୟ ସୁତାର, ଅଶୟ ସରଦେଶାଇ, ସାଇରାଜ ପାଟିଲ, ଓଁକାର ଯାଦବ, ସତ୍ୟଲକ୍ଷ୍ୟ ଜୈନ, ମିନାଦ ମଞ୍ଜ୍ରେକର, ଅର୍ଜୁନ ତେନ୍ଦୁଲକର, ଅମନ ଶେରନ, ଅଥର୍ବ ପୂଜାରୀ, ମାକ୍ସୱେଲ୍ ସ୍ୱାମୀନାଥନ, ପ୍ରଶାନ୍ତ ସୋଲାଙ୍କି ଏବଂ ବିଘ୍ନେଶ ସୋଲାଙ୍କି।

# ପୂଜାରାଙ୍କୁ ପଛରେ ପକାଇଲେ ସ୍ମିଥ୍

**ଦୁବାଇ, ୬।୮ (ପି.ଟି.)**



**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍ ବ୍ୟାଟ୍ସମ୍ୟାନ ତାଲିକାରେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଭାରତର ଚେତେଶ୍ୱର ପୂଜାରାଙ୍କୁ ପଛରେ ପକାଇ ତାଲିକାର ୩ୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏଜ୍‌ବାଷ୍ଟନରେ ଶେଷ ହୋଇଥିବା ଆଶେସ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଥିବାରୁ ସ୍ମିଥ୍‌ଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ବହୁଚର୍ଚ୍ଚିତ ବଲ୍ ଟାମ୍ପରିଂ ମାମଲାରେ ଏକବର୍ଷ ବାସନ୍ଦାଦେଶ ଭୋଗିବା ପରେ ସ୍ମିଥ୍ ଆଶେସ ଜରିଆରେ ନିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ର ଉଭୟ ଇନିଂସରେ ସେ ଯଥାକ୍ରମେ ୧୪୪ ଓ ୧୪୨ ରନ ସଂଗ୍ରହ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ୨୫୧ ରନରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁ ସ୍ମିଥ୍ ୩ୟ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ୯୦୩ ରେଟିଂ ପଏଣ୍ଟ ସହ ସେ ୩ୟ ସ୍ଥାନରେ ରହିଥିବାବେଳେ ପୂଜାରା (୮୮୧) ଗୋଟିଏ ପାହାଚ ତଳକୁ ଖସି ୪ର୍ଥ ସ୍ଥାନରେ ରହିଛନ୍ତି। ଆଶେସି ସିରିଜ ପୂର୍ବରୁ ସ୍ମିଥ୍ ୮୫୭ ରେଟିଂ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଥିଲେ। ଅପରପକ୍ଷରେ ଭାରତୀୟ ଅଧିନାୟକ ବିରାଟ କୋହଲି (୯୨୨) ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ (୯୧୩) ଯଥାକ୍ରମେ ବ୍ୟାଟିଂ ତାଲିକାର ପ୍ରଥମ ଦୁଇ ସ୍ଥାନରେ ପୂର୍ବବତ୍ ଅପରିବର୍ତ୍ତିତ ରହିଛନ୍ତି। ଅଷ୍ଟ୍ରେଲିଆ ସ୍ପିନର ନାଥନ ଲିୟନ ୬ଟି ପାହାଚ ଉପରକୁ ଉଠି ଆଇସିସି ବୋଲିଂ ତାଲିକାର ତ୍ରୟୋଦଶ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ମୋଟ୍ ୯ ଉଇକେଟ୍ ଅକ୍ତିଆର କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ୭ ଉଇକେଟ୍ ନେଇଥିବା ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ୮୯୮ ରେଟିଂ ପଏଣ୍ଟ ସହ ପୂର୍ବଭଳି ବୋଲିଂ ତାଲିକାର ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। କମିନ୍ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ରେଟିଂ ପଏଣ୍ଟ ଲାଭ କରିଛନ୍ତି। ଗ୍ଲେନ ମ୍ୟାକ୍‌ଗ୍ରା ଓ ଶେନ ୱର୍ନଙ୍କ ପରେ ଅଷ୍ଟ୍ରେଲିଆ ଟେଷ୍ଟ ଇତିହାସର ଶେଷ ୫୦ ବର୍ଷ ମଧ୍ୟରେ ବୋଲିଂରେ ଏହା ୩ୟ ଶ୍ରେଷ୍ଠ ରେଟିଂ ପଏଣ୍ଟ ହୋଇଛି। ପ୍ରଥମ ଆଶେସ ଜରିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୦୦ ଟେଷ୍ଟ ଉଇକେଟ୍ ନେଇଥିବା ଷ୍ଟୁଆଟ୍ ବ୍ରଡ୍ ବୋଲିଂ ତାଲିକାରେ ୨ଟି ପାହାଚ ଉପରକୁ ଉଠି ୧୬ତମ ସ୍ଥାନ ପାଇଛନ୍ତି। କ୍ରିସ୍ ୱୋକ୍ସ ମଧ୍ୟ ୩୩ରୁ ୨୯ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି।




ଗୁୟାନାଠାରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚରେ ୩ଟି ଉଇକେଟ ନେଇ ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଭାରତର ଦୀପକ ଚହର। ବର୍ଷା ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା।

# ଶୁଭମ୍ ଇମର୍ଜିଂ, ପ୍ରମୋଦ ଶ୍ରେଷ୍ଠ



ଜସ୍ମିନ ପାର୍ଥସାରଥି ମିଶ୍ର, ଶୁଭମ୍ ଷଡ଼ଙ୍ଗୀ, ପ୍ରମୋଦ ଭଗତ, ସୌଭାଗିନୀ ପ୍ରଧାନ, ଶିବ ପ୍ରସାଦ ଦାସ।

**ଭୁବନେଶ୍ୱର, ୬।୮ (କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଚାମ୍ପିୟନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଚଳିତ ବର୍ଷର ସ୍ପୋର୍ଟ୍ସଲଗ୍‌ଅନ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନକାରୀ ସୌଭାଗିନୀ ପ୍ରଧାନ (ରାଉତରାୟ) ପ୍ଲେୟର ଅଫ୍ ଦି ବାଏଗନ୍ ଏରା ପୁରସ୍କାର ପାଇବେ। ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଏବଂ କରାଟେକା ଜସ୍ମିନ ପାର୍ଥସାରଥି ମିଶ୍ର କୁମୁଦିନୀ ମିଶ୍ର କ୍ରୀଡ଼ା ପ୍ରତିଭା ପୁରସ୍କାରରେ ସମ୍ମାନିତ ହେବେ। ପୁରସ୍କାର ଆକାରରେ ଏହି ୫ ବିଜେତାଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ଆସନ୍ତା ୧୧ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ୨୦୧୧ ମସିହାଠାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

# ରାଜ୍ୟ ସବ୍‌ଜୁନିୟର ବାଳକ ଫୁଟବଲ ଶିବିର ୯ରୁ

**କଟକ ଅଫିସ,୬।୮**

ଆସନ୍ତା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ନିମନ୍ତେ ଓଡ଼ିଶା ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅଗଷ୍ଟ ୯ରୁ ଆରମ୍ଭ ହେବ। ଶିବିରରେ ଯୋଗ ଦେବାକୁ ଇଚ୍ଛୁକ ଖେଳାଳିଙ୍କ ଜନ୍ମ ୨୦୦୫ ଜାନୁୟାରୀ ୧ ତାରିଖରୁ ୨୦୦୬ ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ୧୦ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ରହିଛି ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷଣା କରାଯାଇଛି ।

# କ୍ରିକେଟକୁ ମ୍ୟାକ୍‌କୁଲମଙ୍କ ଅଲବିଦା

**ଅକ୍‌ଲାଣ୍ଡ, ୬।୮ (ପି.ଟି.)**



ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମ କ୍ରିକେଟର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। କାନାଡାରେ ଚାଲିଥିବା 'ଗ୍ଲୋବାଲ ଟି୨୦ କାନାଡା' ପ୍ରତିଯୋଗିତା ପରେ ସେ ଅବସର ନେବେ ବୋଲି ସୋମବାର ଘୋଷଣା କରିଛନ୍ତି। ପୂର୍ବରୁ ଏହି ଡାହାଣହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ୨୦୧୬ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇସାରିଥିଲେ। କିନ୍ତୁ ବିଶ୍ୱର ବିଭିନ୍ନ ସ୍ଥାନରେ ଚାଲିଥିବା ଟି୨୦ ଲିଗ୍‌ରେ ସେ ନିଜକୁ ସକ୍ରିୟ ରଖିଥିଲେ। ୩୭ ବର୍ଷୀୟ ମ୍ୟାକ୍‌କୁଲମ ଟେଷ୍ଟରେ ୧୦୧ ମ୍ୟାଚ୍ ଖେଳି ୬୪୫୩ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୨ ଶତକ ରହିଥିବାବେଳେ ୩୦୨ ରନ୍ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ସ୍କୋର ରହିଥିଲା। ସେହିଭଳି ୨୬୦ ଦିନିକିଆରୁ ସେ ୫ ଶତକ ସହ ୬୦୮୩ ରନ ଏବଂ ୭୧ ଟି୨୦ ମ୍ୟାଚ୍‌ରୁ ୨୧୪୦ ରନ ତାଙ୍କ ନାମରେ ଲିପିବଦ୍ଧ ରହିଛି। ସେହିଭଳି ବିଶ୍ୱର ବିଭିନ୍ନ ସ୍ଥାନରେ ସେ ମୋଟ୍ ୩୭୦ ଟି୨୦ ମ୍ୟାଚ୍ ଖେଳି ୯୯୨୨ ରନ ସଂଗ୍ରହ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ଆଇପିଏଲ୍ ପ୍ରଥମ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମ୍ୟାକ୍‌କୁଲମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୭୩ ବଲରୁ ୧୫୮ ରନର ମାରାଥନ୍ ଇନିଂସ ଖେଳିଥିଲେ। ମ୍ୟାକ୍‌କୁଲମଙ୍କ ଏହି ବିଧ୍ୱଂସୀ ଇନିଂସକୁ କ୍ରିକେଟ୍‌ପ୍ରେମୀ ଆଜି ବି ଭୁଲି ପାରିନାହାନ୍ତି।

■ ଟୁର୍ ଅଫ୍ ପୋଲାଣ୍ଡ ସାଇକ୍ଲିଂ

# ଲାମ୍ବ୍ରେଚ୍ଙ୍କ ମୃତ୍ୟୁ ପାଇଁ ୪ର୍ଥ ଷ୍ଟେଜ୍ ରେସ୍ ବାତିଲ

**ୱାରସ, ୬।୮ (ଏଏଫ୍‌ପି):** ବେଲଜିୟମର ରାଇଡର ବ୍ୟର୍ଗ ଲାମ୍ବ୍ରେଚ୍ଙ୍କ ମୃତ୍ୟୁ କାରଣରୁ ଚଳିତ ଆୟୋଜକମାନେ ଚଳିତ ଟୁର୍ ଅଫ୍ ପୋଲାଣ୍ଡ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍‌କୁ ବାତିଲ କରିଦେଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଟିମ୍‌ଗୁଡ଼ିକର ସହମତି କ୍ରମେ ବ୍ୟର୍ଗଙ୍କୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଛି। ସୋମବାର ବର୍ଷାରେ ତୃତୀୟ ଷ୍ଟେଜ ଚାଲିଥିବାବେଳେ ୨୨ବର୍ଷୀୟ ବ୍ୟର୍ଗଙ୍କ ସାଇକେଲଟି ସଡ଼କ ପାର୍ଶ୍ୱରେ ଏକ କଂକ୍ରିଟ୍ ଷ୍ଟ୍ରକ୍ଚର ସହିତ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ରିବ୍‌ନିକ୍ ସହରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆସ୍ତ୍ରୋପଚାର ଅବସ୍ଥାରେ ତାଙ୍କର ପ୍ରାଣହାନି ଘଟିଥିଲା। ସୂଚନାଯୋଗ୍ୟ, ଗତ ବର୍ଷ ଜଣେ ପ୍ରଫେଶନାଲ ସାଇକ୍ଲିଷ୍ଟ ଭାବେ ଲୋଟୋ ସୋଡାଲ ଟିମ୍‌ରେ ଯୋଗ ଦେବା ପୂର୍ବରୁ ଲାମ୍ବ୍ରେଚ୍ ୨୩ ବର୍ଷରୁ କମ୍ ଲିଗ୍-ବାଷ୍ଟୋନେ-ଲିଗ୍ ଜିତିଥିଲେ। ପରେ ସେ ୨୦୧୭ରେ ଟୁର୍ ଡେଲ୍’ ଆଭେନିରରେ ଟୁର୍ ଡି’ ଫ୍ରାନ୍ସ ବିଜେତା ଏଗାନ ବର୍ନାଲଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ**
(ଅବସରପ୍ରାପ୍ତ ଜିଲ୍ଲା ବିଚାରପତି)
କେ ୪– ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୦
(ବୈଶାଖ ଶୁକ୍ଳ ପୂର୍ଣ୍ଣମୀ)
ତିରୋଧାନ: ୨୮।୦୮।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ନୀଳିମା, ପୁତ୍ର: ସନ୍ତୋଷ, ଅରୁଣ, ପୁତ୍ରବଧୂ: ଶୁଭ୍ରା, ପ୍ରାଚୀ, ଝିଅ: ସସ୍ମିତା, ସୁଜାତା, ଜ୍ୱାଇଁ: ପ୍ରଭୁ, ଅରବିନ୍ଦ, ନାତି ଓ ନାତୁଣୀ: ସୀଲ୍‌କି, ବୁଲ୍‌ବୁଲ୍, ଗୁଗୁଲ୍, ଅର୍ପିତା, ଆଭାସ ଏବଂ ପରିବାରବର୍ଗ।
ଧ-୧୩୮୦୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭକ୍ତ ଭୂଷଣ ଦାସ**
(ଜଟଣୀ)
ଆବିର୍ଭାବ: ୧୫।୦୧।୧୯୬୪
ତିରୋଧାନ: ୨୮।୦୭।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ଆମ ମାନସପଟରେ ସର୍ବଦା ଜୀବନ୍ତ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ମାମୀ, ପୁତ୍ର: ରାଜା, କନ୍ୟା: ପୂଜା, ବୁଢା, ଝିମି, ବୁବୁ, ଲିଜା, ଛୁଲୁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୮୦୪


■ ରେଡ୍ ବଲ୍‌କୁ ଫେରିଲା ଦୁଲୀପ ଟ୍ରଫି

# ଇଣ୍ଡିଆ ଗ୍ରୀନ୍ ଦଳରେ ଓଡ଼ିଶାର ରାଜେଶ



**ନୂଆଦିଲ୍ଲୀ, ୬।୮ (ପି.ଟି.)**

ଭାରତର ଏକମାତ୍ର ଦିବା-ରାତ୍ର ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦୁଲୀପ୍ ଟ୍ରଫି ପୁଣିଥରେ ରେଡ୍ ବଲ୍ ଫର୍ମାଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଗତ ୩ଟି ସିଜନ ଧରି ପିଙ୍କ୍ ବଲରେ ଖେଳାଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର ଚଳିତ ସଂସ୍କରଣ ରେଡ୍ ବଲ୍‌ରେ ଖେଳାଯିବ। ଟିଭି କଭରେଜ୍‌ରେ ସମସ୍ୟା ଦେଖାଦେବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଭାରତୀୟ ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୯ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି।






ଭାରତର ଭବିଷ୍ୟତ ଷ୍ଟାର୍ କୁହାଯାଉଥିବା ୩ ଉଦୀୟମାନ ଖେଳାଳି ଶୁବମନ ଗିଲ୍, ପ୍ରିୟଙ୍କ ପଞ୍ଚଲ ଓ ବିଦର୍ଭ ରଣ୍‌ଜୀ ଦଳର ଅଧିନାୟକ ଫୈଜ ଫଜଲଙ୍କୁ ଯଥାକ୍ରମେ ଇଣ୍ଡିଆ ବ୍ଲୁ, ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ଗ୍ରୀନ୍ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ରଣ୍‌ଜୀ ଦଳ ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତି ଫଜଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଗ୍ରୀନ ଦଳରେ ସ୍ଥାନ ପାଇଛନ୍ତି।

ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଷ୍ଟାର୍ ସ୍ପୋର୍ଟ୍ସରେ ଫାଇନାଲ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ସମସ୍ତ ମ୍ୟାଚ୍ ରେଡ୍ ବଲ୍‌ରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜିଏମ୍ (କ୍ରିକେଟ୍ ଅପରେଶନ) ସବା କରିମ୍ ମଙ୍ଗଳବାର କହିଛନ୍ତି। ‘ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା ରହିଛି, କିନ୍ତୁ ଯେହେତୁ କୌଣସି ସିଧାପ୍ରସାରଣର ବ୍ୟବସ୍ଥା ନାହିଁ ତେଣୁ ଆମେ ଲାଇଟ୍‌ରେ ପିଙ୍କ୍ ବଲରେ ମ୍ୟାଚ୍ ଖେଳିବୁ ନାହିଁ। କେବଳ ଫାଇନାଲ ମ୍ୟାଚ୍ ଦିବା-ରାତ୍ର ବିଶିଷ୍ଟ ହେବ ଏବଂ ଏହା ସିଧାପ୍ରସାରଣ କରାଯିବ’ ବୋଲି କରିମ୍ ପ୍ରକାଶ କରିଛନ୍ତି।

### ଇଣ୍ଡିଆ ବ୍ଲୁ

ଶୁବମନ ଗିଲ୍ (ଅଧିନାୟକ), ରୁତୁରାଜ ଗାଏକ୍ୱାଡ, ରଜତ ପଟିଦାର, ଅନ୍‌ମୋଲପ୍ରୀତ୍ ସିଂ, ରିକି ଭୁଇ, ଅଙ୍କିତ ବାଓ୍ୱନେ, ସ୍ନେଲ ପଟେଲ (ଉଇକେଟ୍‌କିପର), ଶ୍ରେୟାସ ଗୋପାଳ, ସୌରଭ କୁମାର, ଜଲଜ ସକ୍ସେନା, ତୁଷାର ଦେଶପାଣ୍ଡେ, ବସିଲ ଥାମ୍ପି, ଦ୍ୱିୱେଶ ପଠାନିଆ, ଅନିକେତ୍ ଚୌଧାରୀ ଆଶୁତୋଷ ଅମର।

### ଇଣ୍ଡିଆ ଗ୍ରୀନ୍

ଫୈଜ ଫଜଲ (ଅଧିନାୟକ), ଅକ୍ଷୟ ରେଡ୍ଡୀ, ଧ୍ରୁବ ସୋରୀ, ପ୍ରିୟଙ୍କ ଗର୍ଗ, ସିଦ୍ଧେଶ ଲାଡ୍, ଆକାଶଦୀପ୍ ନାଥ, ରାହୁଲ ଚହର, ଧର୍ମେନ୍ଦ୍ର ଜାଡେଜା, ଜୟନ୍ତ ଯାଦବ, ଅଙ୍କିତ ରାଜପୁତ୍, ଇଶାନ ପୋରେଲ, ତନବୀର ଉଲ୍-ହକ, ଅକ୍ଷୟ ୱାଡକର (ଉଇକେଟ୍‌କିପର), ରାଜେଶ ମହାନ୍ତି ଓ ମିଲିନ୍ଦ କୁମାର।

### ଇଣ୍ଡିଆ ରେଡ୍

ପ୍ରିୟଙ୍କ ପଞ୍ଚଲ (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଅକ୍ଷର ପଟେଲ, କରୁନ ନାୟାର, ଇଶାନ କିଶାନ (ଉଇକେଟ୍‌କିପର), ହର୍‌ପ୍ରୀତ୍ ଭାଟିଆ, ଆଦିତ୍ୟ ସରୱତେ, ମହିପାଲ ଲୋମ୍ରୋ, ଅକ୍ଷୟ ୱାଖରେ, ବରୁନ ଆରୁନ, ରୋନିତ୍ ମୋରେ, ଜୟଦେବ ଉନାଡକଟ୍, ସନ୍ଦୀପ ୱାରିୟର ଓ ଅଙ୍କିତ କାଲ୍‌ସି।

## ସଂକ୍ଷେପରେ ରାଜେଶ...

- ନାମ: ରାଜେଶ ମହାନ୍ତି
- ଜନ୍ମ: ୨୦ ମେ, ୨୦୦୦
- ଘର: ତୁଳସୀପୁର, ନୟାଗଡ଼, ଓଡ଼ିଶା
- ପରିବାର: ମା-ମନୋରମା ମହାନ୍ତି, ବାପା-କିଶୋର ମହାନ୍ତି
- ପ୍ଲେଇଂ ଷ୍ଟାଇଲ: ଡାହାଣହାତୀ ମିଡିୟମ ପେସ୍ ବୋଲର, ବାମହାତୀ ବ୍ୟାଟ୍ସମ୍ୟାନ
- କୋଚ୍: ଦୀପକ ମଙ୍ଗରାଜ
- ଆଦର୍ଶ: ମହମ୍ମଦ ଅମିର(ପାକିସ୍ତାନ), ଉମେଶ ଯାଦବ(ଭାରତ)
- ଘରୋଇ କ୍ଲବ: ରାମେଶ୍ୱର ସ୍ପୋର୍ଟିଂ କ୍ଲବ
- ଟୁର୍ଣ୍ଣାମେଣ୍ଟ: ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଟି୨୦, କୁଚ୍‌ବିହାର ଟ୍ରଫି, ରଣଜୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ। ୨୦୧୮ ନଭେମ୍ବର ୧ରେ ରଣଜୀ ଟ୍ରଫି ପଦାର୍ପଣ।
- ୨୦୧୯ ଫେବୃୟାରୀ ୩-୪ରେ ଥିରୁଭାନନ୍ତପୁରମଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ବୋର୍ଡ ସଭାପତି ଏକାଦଶ ପକ୍ଷରୁ ପ୍ରତିନିଧିତ୍ୱ।
- ୨୦୧୮ ସେପ୍ଟେମ୍ବର ୨୯ରେ ଢାକାଠାରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସାମିଲ। ସେଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ନେପାଳ ଓ ୟୁଏଇ ଅଂଶଗ୍ରହଣ କରିଥିଲେ।
- ୨୦୧୮ ସେପ୍ଟେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଅନୁଷ୍ଠିତ ୪ ଦଳ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୧୯ ବର୍ଷରୁ କମ୍ ଭାରତ‘ଏ’ ଦଳରୁ ପ୍ରତିନିଧିତ୍ୱ। ଏହି ପ୍ରତିଯୋଗିତାରେ ଭାରତ ‘ବି’, ଆଫଗାନିସ୍ତାନ ଓ ନେପାଳ ଅନ୍ୟ ୩ ଦଳ ଥିଲେ।
- ୨୦୧୬ରେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ)ର ୧୬ ବର୍ଷରୁ କ୍ୟାମ୍ପ ପାଇଁ ମନୋନୀତ।
- ୨୦୧୯ରେ ଚେନ୍ନାଇସ୍ଥିତ ଏମଆରଏଫ ପେସ୍ ଫାଉଣ୍ଡେଶନରେ ଅଭ୍ୟାସ।
- ୨୦୧୯ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାକୁଥିବା ଦୁଲୀପ ଟ୍ରଫି ପାଇଁ ଇଣ୍ଡିଆ ଗ୍ରୀନ ଦଳରେ ସାମିଲ। ଟୁର୍ଣ୍ଣାମେଣ୍ଟର ଅନ୍ୟ ଦୁଇ ଦଳ ହେଲେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ।


### ଜନ୍ମଦିନ ଶୁଭେଚ୍ଛା



**ସାଇଶ୍ରଦ୍ଧା (ରୁହି)**
ପ୍ରଥମ ଶୁଭ ଜନ୍ମଦିନ ଅବସରରେ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ବୋଲି ଆମର କାମନା।
ଶୁଭେଚ୍ଛା ସହ:
ବାପା, ମା’, ଦାଦା, ଦାଦି, ନାନା, ନାନୀ, ମାମୁ, କାକା, କାକି
ଧ-୧୩୮୦୦

## ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ବାର୍ତ୍ତା



ଭାରତବର୍ଷର ସମୃଦ୍ଧ ହସ୍ତତନ୍ତ ଐତିହ୍ୟ ଓ ପରମ୍ପରାର ସୁରକ୍ଷା ତଥା ବିକାଶରେ ଦେଶର ଲକ୍ଷ ଲକ୍ଷ ବୁଣାକାର ଭାଇ ଓ ଭଉଣୀଙ୍କ ସାମଗ୍ରିକ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ପ୍ରତି ବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଉଅଛି ।

ଓଡ଼ିଶାର ହସ୍ତତନ୍ତ ପରମ୍ପରା ଆଜିର ନୁହେଁ, ଶହ ଶହ ବର୍ଷର ପୁରାତନ ଏକ ଆଭିଜାତ୍ୟପୂର୍ଣ୍ଣ କୌଳିକ ବୃତ୍ତି । ହସ୍ତତନ୍ତ ମାଧ୍ୟମରେ ଆମର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବାବେଗ ପ୍ରକାଶିତ ହୋଇଥାଏ । କୃଷି ପରେ ହସ୍ତତନ୍ତ ଦ୍ୱିତୀୟ ବୃହତ୍ତମ କର୍ମନିଯୁକ୍ତିର କ୍ଷେତ୍ର । ଗ୍ରାମାଞ୍ଚଳରେ ଲୋକମାନଙ୍କ ସର୍ବାଧିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ତଥା କଲ୍ୟାଣମୂଳକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ବିକାଶର ମୁଖ୍ୟସ୍ରୋତରେ ପ୍ରତ୍ୟେକଟି ବୁଣାକାର ପରିବାରକୁ ସାମିଲ କରିବା ସହ ଓଡ଼ିଶା ହସ୍ତତନ୍ତକୁ ଉତ୍କର୍ଷର ଶୀର୍ଷରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ଓ ସଂକଳ୍ପ ।

ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ମୁଁ ରାଜ୍ୟ ତଥା ଦେଶର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ପଦ୍ମିନୀ ଦିଆନ
(ପଦ୍ମିନୀ ଦିଆନ)
ମାନ୍ୟବର ମନ୍ତ୍ରୀ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

## ପଞ୍ଚମ ହସ୍ତତନ୍ତ ଦିବସ ପାଳନ ଅବସରରେ ବାର୍ତ୍ତା



ପଞ୍ଚମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଆମର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଓଡ଼ିଶାର ଗରିମାମୟ ହସ୍ତତନ୍ତ ବସ୍ତ୍ର ବିଶ୍ୱପ୍ରସିଦ୍ଧ । ଏହା ଆମ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ବାର୍ତ୍ତାବହ । ହସ୍ତତନ୍ତ ତଥା ଏ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାରମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମୋର ବିଶ୍ୱାସ, ଆମର ବୁଣାକାର ଭାଇଭଉଣୀମାନେ ଏସବୁର ସୁଯୋଗ ନେବେ ଏବଂ ଓଡ଼ିଶା ହସ୍ତତନ୍ତର ମହାନ ପରମ୍ପରାକୁ ବଜାୟ ରଖିବା ଦିଗରେ କାମ କରି ଚାଲିବେ ।

ହସ୍ତତନ୍ତ କ୍ଷେତ୍ରର ବିକାଶ ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL - 60
31001/13/0001/1920

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅଗଷ୍ଟ ୭/୨୦୧୯ Sambalpur, Wednesday, August 7 / 2019

## ସଂକ୍ଷେପରେ

### ଛାତ୍ରାବାସରେ ଛାତ୍ରଙ୍କ ଆତ୍ମହତ୍ୟା

ହେମଗିର, ୬।୮ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଗଡତୁମୁଲିଆସ୍ଥିତ ମାଣିକେଶ୍ୱରୀ ମହାବିଦ୍ୟାଳୟର ଛାତ୍ରାବାସରେ ସ୍ୱରୂପା ନନ୍ଦ ପ୍ରଧାନ (୧୮) ନାମକ ଜଣେ ଛାତ୍ର ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଝାରସୁଗୁଡା ଜିଲାର ରେଙ୍ଗାଲି ଥାନା ଅନ୍ତର୍ଗତ ବାଦିମାଲ ଗ୍ରାମରେ। ସେ ଉକ୍ତ ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷ ବାଣିଜ୍ୟ ପଢୁଥିଲେ। ଛାତ୍ର ଜଣକ ସେହି ମହାବିଦ୍ୟାଳୟ ପରିସରରେ ଥିବା ଯୁବଶ୍ରୀ ଛାତ୍ରାବାସରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ସେ ଖାଇପିଇ ଶୋଇଥିବା ଛାତ୍ରମାନଙ୍କ ପକ୍ଷରୁ ପ୍ରକାଶ। ମଙ୍ଗଳବାର ଭୋର ୫ଟାରେ ସମସ୍ତ ଛାତ୍ର ଉଠି ପ୍ରାର୍ଥନା କରିବାକୁ ଯାଇଥିଲେ। ସେଥିରେ ସ୍ୱରୂପା ନନ୍ଦ ମଧ ଉପସ୍ଥିତ ଥିଲେ। ପରେ ସକାଳ ୬ଟାରେ ଛାତ୍ରମାନେ ଶୌଚ ତଥା ସ୍ନାନ ପାଇଁ ଚାଲି ଯାଇଥିଲେ। କିନ୍ତୁ ସ୍ୱରୂପା ନନ୍ଦ ଏକାକୀ ଛାତ୍ରାବାସରେ ରହିଯାଇଥିଲେ। ଏହାର ସୁଯୋଗ ନେଇ ଉପର କୋଠାକୁ ଉଠି ଛାତରେ ଲାଗିଥିବା ଗଛରେ ନିଜ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ପରେ ମହାବିଦ୍ୟାଳୟ ତରଫରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ମୃତଦେହକୁ ଜବତ କରିବା ସମୟରେ ଗାମୁଛାରୁ ଏକ ସୁଇସାଇଡ ନୋଟ ପାଇଛି। ସେଥିରେ ସେ ଲେଖିଛନ୍ତି, ଆଇ ଲଭ ମାଇଁ ମମ୍, ଆଇ ହେଟ୍ ମାଇଁ ଲାଇଫ୍, ଆଇ ଏମ ଗୋଇଙ୍ଗ୍। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଡକାୟତି ଗ୍ୟାଙ୍ଗର ୬ ଗିରଫ, ମାରଣାସ୍ତ୍ର ଜବତ

**ସୁନ୍ଦରଗଡ଼, ୬।୮ (ଡି.ଏନ୍.ଏ)**

ବିଜୁ ଏକ୍ସପ୍ରେସ ୱେ, ସୁନ୍ଦରଗଡ଼ କଲେଜ ବାଇପାସ ରାସ୍ତାରେ ବିଭିନ୍ନ ଟ୍ରକ ଓ ଗାଡିମୋଟରଗୁଡ଼ିକୁ ଅଟକାଇ ଡକାୟତି କରୁଥିବା ଏକ ଗ୍ୟାଙ୍ଗର ୬ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଡକାୟତମାନଙ୍କ ନିକଟରୁ ପୋଲିସ ଡକାୟତି ବେଳେ ବ୍ୟବହୃତ ଭୁଜାଲି, ଛୁରି ଆଦି ବିଭିନ୍ନ ମାରାଣାସ୍ତ୍ର, ୭ମୋବାଇଲ ଫୋନ, ୨ଟି ବାଇକ୍, ମୁଖା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅଞ୍ଚଳ ଶଙ୍କରା ବନଦୁର୍ଗା ମନ୍ଦିର ନିକଟସ୍ଥ ଓମରାଜ ଓରଫ୍ ରାଜା (୧୯), ଶଙ୍କରା ପଣସପଡାର ସୁରଜ ସାହୁ (୧୯), ଇରିଗେସନ କଲୋନୀର ସୁମନ ବିଶ୍ୱାଳ (୨୦), ପତ୍ରାପଡାର ସିଦ୍ଧାର୍ଥ ପଣ୍ଡା (୧୯), ସଦରଥାନା ଗୁରାବସା କୁଶପଡାର ରାଜେଶ ବାଗ(୧୯) ଓ ବିଜୁଳିଖମନର ବିଶ୍ୱଜିତ ଦେଓ (୧୯)। ପୋଲିସ ଏମାନଙ୍କ ବିରୋଧରେ ନିଜ ଆଡୁ ଏକ ଡ଼କାୟତି ମାମଲା ( ନଂ.୧୬୨/୨୦୧୯) ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଆଇଆଇସି ବିଭିସ୍ର ପ୍ରଧାନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଟାଉନ ଥାନା ପୋଲିସ ଏସ.ଆଇ କାଶୀନାଥ ବାରିକ, ଏଏସଆଇ ୟୁ.ଏନ୍. ଖଣ୍ଡା, ହାବିଲଦାର ମୀନକେତନ ପଟେଲଙ୍କ ସହ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ସାଢେ ୧ଟା ବେଳେ ସେମନାଛକଠାରେ ବାଇକ ରଖି ଏହି ଡକାୟତ ଦଳ ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ପାଟ୍ରୋଲିଂ ଗାଡି ଦେଖି ସେମାନେ ଅନ୍ୟ ଆଡେ ଚାଲିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରାବେଳେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ଜଣାପଡିଥିଲା। ଗତ କିଛି ମାସ ହେବ ସୁନ୍ଦରଗଡ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ଓ କଲେଜ ବାଇପାସ୍‌ରେ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ମାରାଣାସ୍ତ୍ର ଦେଖାଇ ଟଙ୍କା ଓ ମୋବାଇଲ ଫୋନ୍ ଆଦି ଲୁଟ୍‌ପାଟ୍ ଘଟଣାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ କହିଛି।


ଖବରଦାତା ସମ୍ମିଳନୀରେ ଆଇଆଇସି ବିଭିସ୍ର ପ୍ରଧାନଙ୍କ ସହ ଗିରଫ ୬ ଡ଼କାୟତ।

## ଉନ୍ନାଓ ବଳାତ୍କାର ପୀଡ଼ିତା ସଂକଟାପନ୍ନ

**ନୂଆଦିଲ୍ଲୀ,୬।୮ (ପି.ଟି):** ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଉନ୍ନାଓ ବଳାତ୍କାର ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସଂକଟଜନକ ରହିଛି। ତାଙ୍କୁ ଜୀବନ ସହାୟକ ବ୍ୟବସ୍ଥାରେ ରଖାଯାଇଥିବା ହସ୍ପିଟାଲ ସୂତ୍ରରୁ ମଙ୍ଗଳବାର ସୂଚନା ଦିଆଯାଇଛି। ପୀଡିତାଙ୍କ ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ମଧ ଗୁରୁତର ରହିଛି। ତାଙ୍କୁ ମଙ୍ଗଳବାର ଦିଲ୍ଲୀ ଏମ୍ସର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ସୋମବାର ଦିଲ୍ଲୀ ଟ୍ରାଫିକ ପୋଲିସ ଏକ ଗ୍ରୀନ୍ କରିଡର ସୃଷ୍ଟିକରିବା ପରେ ବଳାତ୍କାର ପୀଡିତାଙ୍କୁ ଇନ୍ଦିରାଗାନ୍ଧୀ ଅର୍ନ୍ତଜାତୀୟ ବିମାନବନ୍ଦରରୁ ଏମ୍ସ ଟ୍ରମା ସେଣ୍ଟର ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିପାଇଁ ୧୪କିମି ଦୂରତାକୁ ୧୮ମିନିଟ ଲାଗିଥିଲା। ବର୍ତ୍ତମାନ ପୀଡିତାଙ୍କୁ ଜୀବନ ସହାୟକ ବ୍ୟବସ୍ଥା ଯୋଗାଇ ଦିଆଯିବା ସହିତ ତାଙ୍କ ରକ୍ତଚାପର ନିରନ୍ତର ପରୀକ୍ଷା କରାଯାଉଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ପୀଡିତା ଗତ ସପ୍ତାହରେ ନିଜ ମାଇଁ ଓ ମାଉସୀଙ୍କ ସହିତ ତାଙ୍କ ଆଇନଜୀବୀଙ୍କ କାର୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ସେମାନଙ୍କ କାର୍‌କୁ ଧକ୍କା ଦେଇଥିଲା। ପୀଡିତାଙ୍କ ମାଇଁ ଓ ମାଉସୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ପୀଡିତା ଓ ଆଇନଜୀବୀ ଗୁରୁତର ଆହତ ହୋଇ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି।

# କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ତରିଆ

**ଅମରପାଲି, ୬।୮ (ଡି.ଏନ.ଏ.)**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ ଦଳରୁ ଇସ୍ତଫା ଦେଇଛନ୍ତି। ଗତ ସୋମବାର ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦକୁ ସାରାଦେଶ ସ୍ୱାଗତ କରିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସ ଏହାକୁ ବିରୋଧ କରିଛି । ଦଳର ଏହି କାର୍ଯ୍ୟକୁ ସେ ନିନ୍ଦା କରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ସେ ତାଙ୍କର ଇସ୍ତଫା ପ୍ରଦେଶ କଂଗ୍ରେସ କମିଟି ଓ ଏଆଇସିସିର ଅଧକ୍ଷଙ୍କୁ ପଠାଇଥିବା କହିଛନ୍ତି । ସେ କେନ୍ଦ୍ର ସରକାରଙ୍କ ଏହି ଐତିହାସିକ ପଦକ୍ଷେପକୁ ସ୍ୱାଗତ ଜଣାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସମର୍ଥନ କରିଥିବାରୁ ତାଙ୍କୁ ମଧ ଧନ୍ୟବାଦ ଅର୍ପଣ କରିଛନ୍ତି । ସେ ୧୯୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ପ୍ରାର୍ଥୀ ଭାବେ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ସ୍ୱଳ୍ପ ସମୟ ପାଇଁ କୃଷି ଓ ସମନ୍ୱୟ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇଥିଲେ ମଧ ପରାସ୍ତ ହୋଇଥିଲେ ।


କାର୍ତ୍ତିକ ପ୍ରସାଦ ତରିଆ ।

# ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଲେ ଜିଲାପାଳ

**ସୋନପୁର,୬।୮(ନି.ପ୍ର)**

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ସୋମବାର ସୋନପୁର ବ୍ଲକର ସାଗରପାଲି ସ୍ଥିତ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗଣିତ, ବିଜ୍ଞାନ ବିଷୟରେ ପାଠ ପଢାଇଥିଲେ । ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଅତିରିକ୍ତ ଜିଲାପାଳ ଇଂରାଜୀ ଓ ଇତିହାସ ବିଷୟରେ ପାଠ ପଢାଇ ଥିଲେ। ଜିଲାପାଳ ବିଦ୍ୟାଳୟରେ ନିର୍ମାଣାଧିନ ଥିବା ଅତିରିକ୍ତ ଶ୍ରେଣୀ ଗୃହ କାର୍ଯ୍ୟ ତଦାରଖ କରିଥିଲେ। ବିଦ୍ୟାଳୟ ପରିସରରେ ଏକ ନିମ୍ବ ଗଛ ଲଗାଇଥିଲେ। ପରେ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୬୦ ଛାତ୍ରୀଛାତ୍ର ପଢୁଥିବା ବେଳେ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ତେବେ ବିଦ୍ୟାଳୟର ପରିସୀମା କମ୍ ଥିବାରୁ ନୂତନ କୋଠା ନିର୍ମାଣ ହୋଇପାରୁନି। ଶ୍ରେଣୀ ଗୃହ ଅଭାବ ଯୋଗୁଁ ପାଠ ପଢାରେ ସମସ୍ୟା ସୃଷ୍ଟି ହୋଉଛି। ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଓ ବିଡିଓ ରବିନ୍ଦ୍ର ପଟେଲ ଉପସ୍ଥିତ ଥିଲେ ।

■ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ସରକାରୀ ଯୋଜନା ଶତପ୍ରତିଶତ କାର୍ଯ୍ୟକାରୀ ହେଉ


ସମୀକ୍ଷା ବୈଠକରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଅନ୍ୟମାନେ।

**ସମ୍ବଲପୁର,୬।୮(ବ୍ୟୁରୋ)**

ସରକାରଙ୍କ ସମସ୍ତ ଯୋଜନା ଶତପ୍ରତିଶତ କାର୍ଯ୍ୟକାରୀ ହେଉ। ସହର ସହ ଗ୍ରାମାଞ୍ଚଳର ଉଚିତ ଲୋକଙ୍କ ପାଖରେ ଯୋଜନାଗୁଡ଼ିକ ପହଞ୍ଚିଲେ ସେମାନେ ଲାଭବାନ ହୋଇପାରିବେ। ଏଥିପାଇଁ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ କରାଯାଉ। ମୁଖ୍ୟମନ୍ତ୍ରୀଙ୍କ ୫ଟି ମିଶନକୁ ସଫଳ କରିବାକୁ କଠିନ ପରିଶ୍ରମ କରିବା ଆବଶ୍ୟକ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଥିଲେ, ପଞ୍ଚାୟତ ସ୍ତରରେ ମାଛଚାଷ ପାଇଁ ମହିଳାଙ୍କୁ ସୁଯୋଗ ଦିଆଯାଉ। କେବଳ ମାଛ ନୁହେଁ, ସବୁ ବିଭାଗ ମହିଳା ସଶକ୍ତୀକରଣ କରିବାକୁ ଗୁରୁତ୍ୱ ଦିଅନ୍ତୁ। ମହିଳାମାନଙ୍କୁ ଯୋଜନାରେ ସାମିଲ କରି ଆତ୍ମନିର୍ଭରଶୀଳ କରନ୍ତୁ। ଚାଷୀଙ୍କୁ ଆବଶ୍ୟକ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି, ସବ୍‌ସିଡି ଯୋଗାଇ ଦିଆଯାଉ। ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ବିଳମ୍ବ ଓ ଅଣ ଋଣୀଚାଷୀ ବୀମା ସଂଖ୍ୟା ବୃଦ୍ଧି ନେଇ ମନ୍ତ୍ରୀ ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼ ଜିଲାର ଉଦ୍ୟାନ, କୃଷି, ମତ୍ସ୍ୟ, ପ୍ରାଣୀଧନ, ପରିସଂଖ୍ୟାନ ଓ ଜଳସେଚନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଓ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ସେମାନଙ୍କ ବିଧାନସଭା କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ମନ୍ତ୍ରୀଙ୍କୁ ଜଣାଇଥିଲେ। ସମ୍ବଲପୁର ଜିଲାରେ ୨୦୧୭ରୁ ସାର ଓ କୀଟନାଶକ ଯାଞ୍ଚ ପାଇଁ ଏକ ପରୀକ୍ଷାଗାର କରିବାକୁ ଅନୁଦାନ ମଞ୍ଜୁର ହୋଇଛି। ହେଲେ ଏ ପର୍ଯ୍ୟନ୍ତ ତାହା ନିର୍ମାଣ ହୋଇ ନ ଥିବାରୁ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରି ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ କେନାଲରେ ଜଳ ସୁପରିଚାଳନା ଓ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ସାହୁ ବିଶ୍ୱବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ ସହ ଆଲୋଚନା କରିଥିଲେ। ଅପରାହ୍ନରେ ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଥିବା ସମସ୍ୟା ସମ୍ପର୍କରେ ସାହୁ ଆଲୋଚନା କରିଥିଲେ।




# କଲରାପତରିଆ ବାଘ ଛାଲ ଜବତ ଘଟଣାରେ ଆଉ ୩ ଗିରଫ

**ନାକଟିଦେଉଳ,୬।୮(ଡି.ଏନ୍.ଏ.)**

ସମ୍ବଲପପୁର ଜିଲା ରେଢ଼ାଖୋଲ ବନଖଣ୍ଡ ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅନ୍ତର୍ଗତ ରାମପୁର-ଗିରିଶ୍ଚନ୍ଦ୍ରପୁର ରାସ୍ତାର ଫୁଲକୁସୁମ ନିକଟରୁ ବନବିଭାଗ ସୋମବାର ସନ୍ଧ୍ୟାରେ ଏକ କଲରାପତରିଆ ବାଘଛାଲ ଜବତ କରିଥିଲା। ଏହି ଘଟଣାରେ ମଙ୍ଗଳବାର ବନବିଭାଗ ଆଉ ୩ ଜଣଙ୍କୁ ଗିରଫ କରିଛି। ତେବେ ସେମାନଙ୍କ ପରିଚୟ ମିଳିପାରି ନାହିଁ। ଏହି ତିନିଜଣଙ୍କୁ ମିଶାଇ ଗିରପ ସଂଖ୍ୟା ୪ ହୋଇଛି। ସୋମବାର ବାଘଛାଲ ଜବତ ସମୟରେ ବନବିଭାଗ ଗୋଗୁଆ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ମଧୁସୂଦନ ସାହୁ (୩୫)ଙ୍କୁ ଗିରଫ କରିଥିଲା।

ରେଢ଼ାଖୋଲ ପଟୁ ତିନିଜଣ ବ୍ୟକ୍ତି ଏକ ବାଇକ୍‌ରେ ବାଘଛାଲ ଧରି କିସିଣ୍ଡା ଆଡ଼କୁ ଆସୁଥିବା ବେଳେ କୌଣସି ସୂତ୍ରରୁ ସୂଚନା ପାଇ ବନବିଭାଗ ଏବଂ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀ ମିଳିତ ଚଢ଼ାଉ କରି ବାଘଛାଲ ଜବତ କରିଥିଲେ। ଚଢ଼ାଉ ବେଳେ ବନବିଭାଗ ମଧୁସୂଦନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟମାନେ ଦୌଡ଼ି ପଳାଇଥିଲେ। ମଧୁସୂଦନଙ୍କୁ ରେଢ଼ାଖୋଲ ଡିଏଫ୍‌ଓଙ୍କୁ କାର୍ଯ୍ୟାଳୟକୁ ଆଣି ଜେରା କରାଯାଇଥିଲା। ତାଙ୍କ ସୂଚନା ଆଧାରରେ ବନବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ବାଘଛାଲ କାରବାରରେ ସମ୍ପୃକ୍ତ ଅନ୍ୟ ତିନିଜଣଙ୍କୁ ଗିରଫ କରିଛି। ଅପରପକ୍ଷରେ ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏହି କାରବାର ପଛରେ ଏକ ବଡ଼ ରାକେଟ ରହିଥିବା ସନ୍ଦେହ କରାଯାଉଛି। ବ୍ଲକର ପାଣିମୁରା ପଞ୍ଚାୟତ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ସେଠାରେ ବନବିଭାଗ କର୍ମଚାରୀଙ୍କ ପକ୍ଷରୁ ଆବଶ୍ୟକ ତଦାରଖ କରାଯାଇ ପାରୁନାହିଁ। ଏହାର ସୁଯୋଗ ନେଇ ବିଭିନ୍ନ ସମୟରେ ଶିକାରୀମାନେ ଅବାଧରେ ଜନ୍ତୁ ଶିକାର କରୁଥିବା ଅଭିଯୋଗ ହୋଇଆସୁଛି। ୨୦୧୮ ମେ' ୨୩ରେ କ୍ରାଇମବ୍ରାଞ୍ଚ ଟିମ୍ ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଞ୍ଚଳରେ ଚଢ଼ାଉ କରି ଏକ ବାଘଛାଲ ଜବତ କରିଥିଲା। ଏଥିରେ ସମ୍ପୃକ୍ତ କିସିଣ୍ଡା ଥାନା ଅନ୍ତର୍ଗତ କଞ୍ଚନପୁର ଗ୍ରାମର ଅକେଇ ସାହୁ (୭୦) ଏବଂ ସମ୍ବଲପୁର ସହର କାଳିବାଡ଼ିର ବିଶାଲ ଶାହା (୩୦)ଙ୍କୁ ଗିରଫ କରାଯାଇଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା, ଏହାର ଅନ୍ୟନାମ ହେଉଛି ମହତ ପଣିଆ।
- ହର୍ବର୍ଟ ସ୍ପେନ୍‌ସର୍

## ସଂକ୍ଷେପରେ

### ଅବ୍ୟବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

**ବିନିକା, ୬।୮(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସମନ୍ୱିତ ଶିଶୁ ବିଭାଗର ଅଧୀନରେ ଥିବା ବାଉଁଶୁଣୀ -୧ନଂ ଅଙ୍ଗନୱାଡି କେନ୍ଦ୍ର ଏବେ ଅବ୍ୟବସ୍ଥା ମଧଦେଇ ଗତି କରୁଛି। କେନ୍ଦ୍ର ଛାତ ଦୁର୍ବଳ ହୋଇଯାଇ ସିମେଣ୍ଟ କଙ୍କ୍ରିଟ ଖସୁଛି। ସାମାନ୍ୟ ବର୍ଷାରେ ଛାତରୁ ପାଣି ଗଳୁଛି। ପିଲାଙ୍କ ପ୍ରି-କ୍ଲାସ ବିପଦପୂର୍ଣ୍ଣ ପରିବେଶ ମଧରେ ଚାଲିଛି। ଗତ ପାଞ୍ଚବର୍ଷ ଧରି ଏହିପରି ଅବ୍ୟବସ୍ଥା ଲାଗି ରହିଥିଲେ ବି କେନ୍ଦ୍ରର ମରାମତି କରାଯାଉ ନାହିଁ। ଏପରିକି ଅଶୋକ କୁମାର ଭୋଇ ଏଠାରେ ବିଡିଓ ଥିବାବେଳେ ଅଙ୍ଗନୱାଡି କେନ୍ଦ୍ରର ଦୁରାବସ୍ଥା ଦେଖି ତୁରନ୍ତ ମରାମତି ହେବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ତାଙ୍କ ବଦଳି ପରେ ଆଉ ଏ ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ କେଳମତି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କେନ୍ଦ୍ରର ନବୀକରଣ ଅଥବା ପୁନରୁଦ୍ଧାର ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ପଶ୍ଚିମ ସୋମନାଥ ମନ୍ଦିରରେ ତୁଳସୀ ଦାସ ଜୟନ୍ତୀ

**ସୋନପୁର,୬।୮(ନି.ପ୍ର):** ସହରର ଘୋଡାଘାଟପଡାସ୍ଥିତ ପ୍ରସିଦ୍ଧ ଶୈବ ପୀଠ ପଶ୍ଚିମ ସୋମନାଥ ମନ୍ଦିରରେ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଦୁଇ ଦିନ ଧରି ଚାଲିବ। ଶ୍ରୀ ସୋମନାଥ ସତ୍‌ସଙ୍ଗ ସମିତି ପକ୍ଷରୁ ଗତ ତିନି ଦଶନ୍ଧୀ ଧରି ସନ୍ଥଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଆସୁଛି। ସମାରୋହରେ ପୁରୀ ରାମଜୀ ମଠ ମହନ୍ତ ବଂଶୀଧର ଦାସ ଓ ଅଞ୍ଚଳର ପ୍ରବୃଦ୍ଧ ପ୍ରବକ୍ତା ସତ୍ୟ ମେହାନ ଦେଓଜୀଙ୍କ ଉପସ୍ଥିତି ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ଶୈଥିଳି କୁମାର ପଣ୍ଡା, ମାନସ ମିଶ୍ର, ପଙ୍କଜ ସାହୁ ଓ ଦଧିବାମନ ତ୍ରିପାଠୀଙ୍କ ଦ୍ୱାରା ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀର ଆଭିମୁଖ୍ୟ ପ୍ରବଚନ ହୃଦୟସ୍ପର୍ଶୀ ହୋଇଥିଲା। ସତସଙ୍ଗ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସେବା ମନୋଭାବ ଉତ୍ସବକୁ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ

**ତରଭା, ୬।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲ ଖେଳ ପଡିଆରେ ତରଭା ମିଳିତ ଶିକ୍ଷକ ସଂଘ ତରଫରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ମଲ୍ଲିକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ମିଳିତ ଶିକ୍ଷକ ସଂଘ ସଭାପତି ସୁଦାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପୂର୍ବତନ ସହଶିକ୍ଷା ନିରୀକ୍ଷକ ପଙ୍କଜ କୁମାର ସାହୁ ଯୋଗଦେଇ ସର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରି ତାଙ୍କର କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ସ୍ମୃତିସଭାରେ ଅନ୍ୟମାନଙ୍କ ମଧରେ ଶିକ୍ଷକ ସତ୍ୟନାରାୟଣ ମହାପାତ୍ର, ବିଷ୍ଣୁଚରଣ ମହଲା, ନୀଳକଣ୍ଠ ବଗର୍ତ୍ତୀ, ନିଳକାନ୍ତି ପଟ୍ଟନାୟକ, ସୁରେଶ ପାଣ୍ଡେ, ନୀଳାଞ୍ଚଳ ଭୋଇ, ମୋହନ ବିଶି, ଧ୍ରୁବଳ ପ୍ରଧାନ, ଶ୍ରୀକାନ୍ତ ମିଶ୍ର, ପଦାରବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ତରଭା, ୬।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ସୋମବାର ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ତରଭା ସିଡିପିଓ ସବିତା ଦୋରା ଯୋଗ ଦେଇଥିଲେ । ପୂର୍ବତନ କାଉନସିଲର ପ୍ରଦୀପ ମାହାଣା, ଜୟପ୍ରକାଶ ନାରାୟଣ ସାହୁ, ଦେବେନ୍ଦ୍ର ନାଏକ, ବିଚିତ୍ର ସାହୁ, ନିଳକାନ୍ତି ପଟ୍ଟନାୟକ, ଅନୀତା ସାହୁ, ମମତା ମେହେର, ସଞ୍ଜିବ ସେଠି, ସତ୍ୟବ୍ରତ ମିଶ୍ର, ରୀନା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ । ସକାଳ ୫ଟାରେ ପ୍ରଭାତ ଫେରି, ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ପ୍ରତିଷ୍ଠାନରେ ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ତରଭା ହାଇସ୍କୁଲ ଖେଳ ପଡିଆଠାରେ ସାମୂହିକ ପରେଡ, ପୂର୍ବାହ୍ନ ୯ଟାରେ ଜାତୀୟ ପତାକା ଉତ୍ତୋଳନ ହେବାକୁ ଆଜି ସ୍ଥିରୀକୃତ ହୋଇଛି। ମୁଖ୍ୟ ଅତିଥିଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ଜାତୀୟ ପତାକା ଉତ୍ତୋଳନ କରି ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିରେ ଶ୍ରୀହରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଇଲଟିଂ ଏବଂ ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ଥାନୀୟ ଏଇଏସ କଲେଜ ଖେଳ ଶିକ୍ଷକ ସଞ୍ଜୀବ ସାହୁ ପରେଡ ପରିଚାଳନା କରିବେ ।

---

ସୁବର୍ଣ୍ଣପୁରରେ ଶିଶୁ ସୁରକ୍ଷା ଆୟୋଗଙ୍କ ଜନଶୁଣାଣି

# ୧୯ ମାମଲାରୁ ୭ଟି ସମାଧାନ ହେଲା

**ସୋନପୁର,୬।୮(ନି.ପ୍ର)**




ଜନଶୁଣାଣିରେ ଓଏସସିପିସିଆର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ ଓ ଆୟୋଗର ସଦସ୍ୟ ବୃନ୍ଦ ।

ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସସିପିସିଆର) ମଙ୍ଗଳବାର ସୁବର୍ଣ୍ଣପୁରରେ ଜନଶୁଣାଣି କରିଥିଲେ। ଶିଶୁ ଅଧିକାର ଉଲ୍ଲଂଘନ ଓ ଶିକ୍ଷା ଅଧିକାର ଆଇନ-୧୯ ସମ୍ବନ୍ଧୀୟ ଆୟୋଗଙ୍କ ନିକଟରେ ପୂର୍ବରୁ ରୁଜୁ ହୋଇଥିବା ୯ଟି ମାମଲା ଓ ମଙ୍ଗଳବାର ଆସିଥିବା ୧୦ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶୁଣାଣି କରି ୭ଟି ମାମଲାର ସମାଧାନ କରିଥିଲେ। ଅନ୍ୟ ୧୨ଟି ମାମଲାରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଦିନ ସମୟ ନେଇଥିଲେ। ସ୍ୱୀକୃତି ପ୍ରମାଣପତ୍ର ନଥାଇ ଜିଲାରେ ୨୪ଟି ବେସରକାରୀ ବିଦ୍ୟାଳୟ ଚାଲିଥିବାରୁ ଆୟୋଗ ବିରକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଶିଶୁଙ୍କ ପାଇଁ ଖେଳପଡିଆ, ଆବଶ୍ୟକ ଶ୍ରେଣୀ କୋଠରୀ, ଶୌଚାଳୟ ଓ ର୍‍ୟାମ୍ପ ନଥିବା ଅଭିଯୋଗ ଆସିଥିଲା। ସମ୍ପୃକ୍ତ ବିଦ୍ୟାଳୟଗୁଡିକୁ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜି ଚିଠି କରିଥିବା ଜଣାଇଥିଲେ। ସେହିପରି ଜିଲାରେ ବର୍ତ୍ତମାନ ୪ ହଜାର ୮୦୦ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଓ ସେଥି ମଧ୍ୟରୁ ୧୭୬ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ସାଂଘାତିକ ଥିବା ନେଇ ଆୟୋଗ ଉଦ୍‌ବେଗ ପ୍ରକାଶ କରିଥିଲେ। ବାଲ୍ୟ ବିବାହ ଓ ଗରିବୀ ଏହାର ବଡ କାରଣ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅସ୍ତ୍ରେରିଆ କେର୍କେଟା ଦର୍ଶାଇଥିଲେ। ତେବେ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ କିଭଳି ଉନ୍ନତି ଆସିବ ସେ ସମ୍ପର୍କରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଆୟୋଗ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସେହିପରି ଅପୁପୁଷ୍ଟି ସମ୍ପର୍କରେ ଆସନ୍ତା ୩ ମାସର ସବିଶେଷ ତଥ୍ୟ ଆୟୋଗଙ୍କ କାର୍ଯ୍ୟାଳୟକୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୀରମହାରାଜପୁର ବ୍ଲକ କେଁଝରିଆପାଲି ପଞ୍ଚାୟତର ଏକ ଅଙ୍ଗନୱାଡି କେନ୍ଦ୍ରରେ ଗରମ ପେଜ ପଡି ଶିଶୁ ଗୁରୁତର ହେବା ଘଟଣା, ସିଣ୍ଢୋଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟାକୁ ନେଇ ଛାତ୍ରୀଛାତ୍ରଙ୍କ ରାସ୍ତାରୋକ ଓ ସାଗରପାଲି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସକାଶେ ସ୍ଥାନାଭାବ ସମ୍ପର୍କରେ ଶୁଣାଣି ହୋଇଥିଲା । ଶିକ୍ଷା ଅଧିକାର ଆଇନକୁ ସୁନିଶ୍ଚିତ କରିବା ସହ ଶିକ୍ଷାୟତନ ଗୁଡିକୁ ସୁରକ୍ଷିତ ଓ ଉପଯୁକ୍ତ ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ରଖିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତୀ, ହରିହର ନାୟକ ଓ ରେଜିଷ୍ଟ୍ରାର ସତ୍ୟଜିତ ସେନ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ଡାକ୍ତର ବିନୋଦ ବିହାରୀ ନନ୍ଦ, ପର୍ଯ୍ୟବେକ୍ଷକ ସୁଦତ୍ତା ଖୁଣ୍ଟିଆ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଡିଆଇପିଆରଓ ହରିଚରଣ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ସାମାଜିକକର୍ମୀ ଘାସିରାମ ପଣ୍ଡା, ଅନଙ୍ଗ ନେଗୀ, ଗତିକୃଷ୍ଣ ମିଶ୍ର, କେଶବ ମେହେର ଓ ବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଗ ସୋନପୁର ବ୍ଲକ ଅସୁରମୁଣ୍ଡା ଆଶ୍ରମ ସ୍କୁଲ ପରିଦର୍ଶନରେ ଯାଇଥିଲେ। ଛାତ୍ରାବାସରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନଥିବା ଓ ଖେଳ ପଡିଆ ନଥିବା ଛାତ୍ରୀଛାତ୍ର, ଅଭିଭାବକ ଜଣାଇଥିଲେ। ବିଦ୍ୟାଳୟ ପାଇଁ ଏକ ଖେଳପଡିଆ ଯୋଗାଇ ଦେବା ସକାଶେ ଆୟୋଗ ରାଜ୍ୟ ସରକାରଙ୍କୁ ସୁପାରିଶ କରିବ ବୋଲି ଅଧକ୍ଷା ପ୍ରଧାନ ସୂଚନା ଦେଇଥିଲେ ।

### ନର୍ସରୀ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବିନିକା,୬।୮ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ୧୨ନଂ ୱାର୍ଡ ଜବଦା ଗ୍ରାମ ନିକଟସ୍ଥ ନର୍ସରୀରୁ ମଙ୍ଗଳବାର ଅପରାହ୍ନରେ ବିନିକା ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଉଛନ୍ତି ଜବଦା ଗ୍ରାମରେ ରହୁଥିବା ରବିନ୍ଦ୍ର ବେହେରା(୩୫)। ରବିନ୍ଦ୍ର ଗତ ରବିବାର ପୂର୍ବାହ୍ନ ୧୦ଟାରୁ ବୋଲବମ୍ ଯିବାକୁ କହି ଘରୁ ବାହାରିଥିଲେ । ହେଲେ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ମଧାହ୍ନ ୧୨ଟାରେ ଗାଁ ନର୍ସରୀ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ରବିନ୍ଦ୍ରଙ୍କର ବୋଲି ଜଣା ପଡିଥିଲା। ସୂଚନା ପାଇ ବିନିକା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ପରେ ମୃତକଙ୍କ ସ୍ତ୍ରୀ ମମତା ବେହେରା ବିନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯) ରୁଜୁ ହୋଇଛି। ମୃତଦେହକୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

---

ବାଗବର ୟୁପି ସ୍କୁଲ

## ଛାତ୍ରୀଛାତ୍ର ଚୟନ କଲେ କ୍ୟାବିନେଟ

**ଅମରପାଲି, ୬।୮(ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ସରକାରୀ ୟୁପି ସ୍କୁଲରେ ସ୍କୁଲ କ୍ୟାବିନେଟ ଗଠିତ ହୋଇଛି। ପ୍ରଧାନଶିକ୍ଷକ ମାର୍କଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗଠିତ ସ୍କୁଲ କ୍ୟାବିନେଟକୁ ଛାତ୍ରୀଛାତ୍ରମାନେ ଗଣତାନ୍ତ୍ରିକ ପଦ୍ଧତିରେ ମତଦାନ ମାଧମରେ ଚୟନ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ଭାବେ ମିଶନ ଦାଶ ଓ ଉପମୁଖ୍ୟ ମନ୍ତ୍ରୀ ଭାବେ ଦେବରାଜ ଭୋଇ ନିର୍ବାଚିତ ହୋଇଥିଲେ। ପରିବେଶ ମନ୍ତ୍ରୀ ଓ ଉପମନ୍ତ୍ରୀ ଭାବେ ଲକ୍ଷ୍ମଣ ସେଠୀ ଓ ମୀରା ସେଠୀ, ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଓ ଉପମନ୍ତ୍ରୀ ଭାବେ ଶୁଭଶ୍ରୀ ମହାକୁର ଓ ବ୍ୟାସଦେବ ସାହୁ, ମୀନା ମନ୍ତ୍ରୀଭାବେ ରେଖା ଭୋଇ, ଖାଦ୍ୟମନ୍ତ୍ରୀ ଓ ଉପମନ୍ତ୍ରୀ କବିତା ସାହୁ ଓ ଚନ୍ଦନ ସେଠୀ, ଶିକ୍ଷାମନ୍ତ୍ରୀ ଓ ଉପମନ୍ତ୍ରୀ ଭାବେ ଅଳକା ଭୋଇ ଓ ଦୀପକ ନାଏକଙ୍କୁ ନିର୍ବାଚିତ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ଅଶ୍ୱିନୀ ପଧାନ, ପ୍ରଭୁଦତ୍ତ ବେଦୋକ୍ତା, ଶିକ୍ଷୟିତ୍ରୀ ସସ୍ମିତା ଗଣ୍ଡ ଓ ଗୌରୀ କୁମୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଯାଇଥିଲା।



ନିର୍ବାଚିତ ସ୍କୁଲ କ୍ୟାବିନେଟର ସଦସ୍ୟମାନଙ୍କୁ ଶପଥ ପାଠ କରାଯାଉଛି ।

### ସ୍ତନ୍ୟପାନ ଦିବସରେ ସଚେତନତା ଶୋଭାଯାତ୍ରା

**ଡୁଙ୍ଗୁରିପାଲି, ୬।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବନ୍ଧପାଲି ଗ୍ରାମରେ ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସ ପାଳିତ ହୋଇଯାଇଛି। ଡ. ଆଲୋକ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ସ୍ତନ୍ୟପାନର ଉପାଦେୟତା ବିଷୟରେ ଆଲୋକପାତ କରି କହିଥିଲେ। ଶିଶୁ ପ୍ରକଳ୍ପ ଅଧିକାରିଣୀ ସୁନନ୍ଦା ମିଶ୍ର ସ୍ତନ୍ୟପାନ ଅମୃତ ବୋଲି ମତବ୍ୟକ୍ତ କରି କହିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ରାଧିକା ମଲ୍ଲିକ ଓ ବନ୍ଧପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ଦଣ୍ଡସେନା ସ୍ତନ୍ୟପାନର ଉପକାରିତା ବିଷୟରେ ମତ ରଖିଥିଲେ। ସଭା ପରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଗର୍ଭବତୀ ଓ ପ୍ରସୂତୀ ମହିଳା, ଜନ ପ୍ରତିନିଧି, ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।




କାଦୋଦର କଲେଜରେ ବୃକ୍ଷରୋପଣ ଅବସରରେ ଛାତ୍ରୀଛାତ୍ରମାନେ।

## କାଦୋଦର କଲେଜରେ ବୃକ୍ଷରୋପଣ

**ଅମରପାଲି, ୬।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦରସ୍ଥିତ ମା' ଉମାଦେବୀ ଆଞ୍ଚଳିକ କଲେଜରେ ଯୁବ ରେଡକ୍ରସ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏହି ଅବସରରେ କଲେଜ ଅଧକ୍ଷ ବଲ୍ଲଭ ପୁରୋହିତଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରମଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯାଲୋଏ ବନପାଳ କିରଣ ବିଷୋୟୀ, ଅଧାପିକା ରଞ୍ଜିତା ମିଶ୍ର, ସାଧନା ମେଣ୍ଡିଲି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବୃକ୍ଷ ରୋପଣ କରିବା ସହିତ ଏହାକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ ବୋଲି କହିଥିଲେ। ଯୁବ ରେଡକ୍ରସ କାଉନସେଲର ତଥା ଅଧାପକ ଉଦ୍ଧବ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂରାଜୀ ଅଧାପକ ସୁଶାନ୍ତ ଦେହେରୀ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ କଲେଜ ପରିସରରେ ଆମ୍ବ, ନିମ୍ବ, ଜାମୁ, ସାଗୁଆନ, ଶିଶୁ ଆଦି ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଓଡିଆ ଅଧାପକ ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

---

## ବ୍ଲକ, ଏନ୍‌ଏସିସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ତରଭା, ୬।୮(ଡି.ଏନ.ଏ.)**

ତରଭା ବ୍ଲକ ଓ ଏନଏସିସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ବିଦ୍ୟାଳୟ ଓ କଲେଜସ୍ତରର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଚିତ୍ରାଙ୍କନ, ଓଡିଆ ଡିବେଟ, ସଙ୍ଗୀତ ପ୍ରତିଯୋଗିତା, ଷଷ୍ଠ ସପ୍ତମ, ଅଷ୍ଟମରୁ ଦଶମ, କଲେଜ ସ୍ତରୀୟ ପ୍ରଭୃତି ଚାରିଟି ବିଭାଗ ଓଡିଆ, କୋଶଲି ଓ ଇଂଲିଶ ଡିବେଟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତରଭା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ପଣ୍ଡା ମୁଖ୍ୟ ଅତିଥି, ଏବିଓ ମୁନୁ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସଭାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସିଆରସିସି ସୁଶାନ୍ତ ମେହେର ବକ୍ତବ୍ୟ ରଖିଥିବା ବେଳେ ଶିକ୍ଷକ ସଞ୍ଜିବ ସେଠୀ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଏନଏସିସ୍ତରରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ତରଭା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଆରସିସି ଅଞ୍ଜନ କୁମାର ଚୌଧୁରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ସୁଜାତା ଷଡଙ୍ଗୀ ଯୋଗ ଦେଇଥିଲେ । ଏନଏସି ସିଆରସିସି ଭରତ ମଲ୍ଲିକ ସଭାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ନିଳକଣ୍ଠ ବଗର୍ତ୍ତୀ ମଞ୍ଚ ପରିଚାଳନ କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ବିଦ୍ୟାଳୟ, ତରଭା ଶ୍ରୀହରି ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ ଓ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ପାଇଁ ନିର୍ଦ୍ଧାରିତ ଜଜ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆରସିସି ବୃନ୍ଦ ସହଯୋଗ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆଗାମୀ ୮ତାରିଖରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସୋନପୁରରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଇଓ କେଶବ ମେହେରଙ୍କଠାରୁ ପ୍ରକାଶ ।

### ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ମିଳିଲା ସରକାରୀ ସହାୟତା

**ସଇଁତଲା,୬।୮ (ଡି.ଏନ.ଏ.)**

ବେଲଗାଁ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସାପ କାମୁଡ଼ାରେ ବର୍ଷକ ତଳେ ମୃତ୍ୟୁ ଘଟିଥିଲା । ତାଙ୍କ ପରିବାରକୁ ମଙ୍ଗଳବାର ୪ଲକ୍ଷ ଟଙ୍କାର ଚେକ୍ ପ୍ରଶାସନ ତରଫରୁ ପ୍ରଦାନ କରାଯାଇଛି । ଗତ ବର୍ଷ ବେଲଗାଁ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ଅସ୍ଥାୟୀ କର୍ମଚାରୀ ହରିହର ମାଝି (୩୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା । ସରକାରୀ ସହାୟତା ପାଇଁ ତାଙ୍କ ପରିବାର ପକ୍ଷରୁ ପ୍ରଶାସନକୁ ଜଣାଇଥିଲେ ।

## ଦୈନିକ ବଜାର ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

**ତରଭା, ୬।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସାପ୍ତାହିକ ବଜାର ରାସ୍ତାପାର୍ଶ୍ୱରେ ବସୁଥିବା ଦୈନିକ ବଜାର ଯୋଗୁଁ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହାକୁ ଦୃଷ୍ଟିରେ ରଖି ଏନଏସି କାର୍ଯ୍ୟାଳୟ ତରଫରୁ ଶନିବାର ଦୈନିକ ପନିପରିବା ବ୍ୟବସାୟୀମାନଙ୍କୁ ରାସ୍ତାର ଉଭୟ ପାର୍ଶ୍ୱରେ ନ ବସି ଅନ୍ୟ ସ୍ଥାନକୁ ନେବା ପାଇଁ ନିର୍ଦ୍ଦେଶ ଦେବା ପରେ ଅସନ୍ତୋଷ ପ୍ରକାଶ କରି ସେମାନେ ଦୋକାନ ବନ୍ଦ କରିଦେଇଛନ୍ତି।ଏ ସମ୍ବନ୍ଧରେ ସୋମବାର ତରଭା କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କୁ ବ୍ୟବସାୟୀମାନେ ଭେଟି ଚାରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଚକ୍ରବର୍ତ୍ତୀ ବ୍ୟବସାୟୀଙ୍କ ସହିତ ଆଲୋଚନା କରି ଦୈନିକ ବଜାର ସାପ୍ତାହିକ ବଜାରର ମଧଭାଗରେ ବସାଇବା ପାଇଁ କହିଥିଲେ । କିନ୍ତୁ ସାପ୍ତାହିକ ବଜାରରେ ସାମାନ୍ୟ ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଫଳରେ କେତ୍ରାମାନେ ଉକ୍ତ ସ୍ଥାନକୁ ଯାଇ କିଣିବିକା କରିବା କଷ୍ଟକର ହେବ । ଏନଏସି କାର୍ଯ୍ୟାଳୟ ତରଫରୁ ଖୁବଶୀଘ୍ର ପଥରଗୁଣ୍ଡ ଓ ବାଲି ପକାଯାଇ ସମତୁଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବ୍ୟବସାୟୀମାନେ ରାଜି ହୋଇଥିଲେ। ଏଥିରେ ପନିପରିବା ବ୍ୟବସାୟୀ ସଂଘ ସଭାପତି ମୁଜାଫର ଖାନ, ସନ୍ତୋଷ ମେହେର, ସୁଦାମ ମେହେର, ଗଣେଶ୍ୱର ପୁଟେଲ, ବନବାସୀ ଅଧିକାରୀ, ଜ୍ୟୋତ୍ସ୍ନା ବେହେରା ଓ ହିରାଲାଲ ବେହେରାଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ ।

## ସମ୍ପନ୍ନ ହେଲା ମାହେଶ୍ୱରୀଙ୍କ କାଦୋଯାତ୍ରା

**ଉଲୁଣ୍ଡା, ୬।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ମାହେଶ୍ୱରୀଙ୍କ କାଦୋଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। କୃଷି ପରମ୍ପରା ଉପରେ ଆଧାରିତ ଏହି ଯାତ୍ରାରେ ପୂଜକ ଶିବ ମିଶ୍ରଙ୍କ ପୂଜାର୍ଚ୍ଚନା କଳାପରେ ମା' ମାହେଶ୍ୱରୀଙ୍କୁ ଘଣ୍ଟଘଣ୍ଟା, ଢୋଲ, ମହୁରି, ତାଶା, ନିସାନବାଜ ତଥା ଛତ୍ରଛତ୍ରୀ ସହ ଗ୍ରାମ ପରିକ୍ରମା କରାଯାଇ ନିକଟସ୍ଥ ଗଣ୍ଡବାହାଲକୁ ନିଆଯାଇଥିଲା। ପରେ ସେଠାରୁ ଦେବନ୍ଦଲିକୁ ନିଆଯାଇଥିଲା । ପୀଠ ପୂଜକ ରଞ୍ଜିତ ଦେହେରିଙ୍କ ପୂଜାର୍ଚ୍ଚନା ପରେ ବଳି ଅର୍ପଣ କରାଯାଇଥିଲା। ରାଧାଚରଣ ମହାକୁର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ୟାରି ମହାକୁର, ଅରୁଣ ମହାକୁର, ବିର୍ଝୁ ପଧାନ, କୃପାସିନ୍ଧୁ ସିଂ, ବୀରମିତ୍ର ମହାକୁର, ଦିଲୀପ ବାରିକ, ସୁଦର୍ଶନ ମହାକୁର, ସାର୍ତ୍ତୀକ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାଦୋଯାତ୍ରାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

### କଫ୍ ସିରପ୍ ଜବତ, ୨ଗିରଫ

**ବରଗଡ଼ ଅଫିସ୍,୬।୮**

ବରଗଡ଼ ଟାଉନ ଥାନା ପୋଲିସ ମଙ୍ଗଳବାର ସ୍ଥାନୀୟ ତଳିପଡ଼ାରେ ଚଢ଼ାଉ କରି ନିଶା କାରବାର ଚଲାଇଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ତଳିପଡ଼ାର ପ୍ରତାପ କୁମାର ହୋତା। ପୋଲିସ ତାଙ୍କ ପାଖରୁ ୨୯ଟି କଫ ସିରପ୍ ଏବଂ ପ୍ରାୟ ଦେଢ଼ ଶହଟି ନିଶା ବଟିକା ଜବତ୍ କରିଛି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୩୬୦/୧୯) ରୁଜୁ ହୋଇଛି । ବରଗଡ଼ ସଦର ଥାନା ପୋଲିସ ୨୦ ବୋତଲ କଫ ସିରଫ ଓ ଏକ ଷ୍ଟ୍ରିପ୍ ନିଶା ବଟିକା ଜବତ୍ କରିଛି। ଘଟଣାରେ ସମ୍ପୃକ୍ତ ଲେହେଣ୍ଡିପଦର ଗ୍ରାମର ବାମଦେବ ପଟେଲଙ୍କୁ ଗିରଫ କରାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ବଜ୍ରପାତରେ ୪ ଆହତ

ଭେଡ଼େନ,୬।୮(ଡ଼ି.ଏନ.ଏ.): ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଭୁତାପାଲି ଏବଂ ସାରସପାଲିରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରୁଷୁଡ଼ା ପଞ୍ଚାୟତ ଭୂତାପାଲି ଗ୍ରାମର ଦୀପାଞ୍ଜଳୀ ତାଣ୍ଡିଆ(୩୫), ଶ୍ରୀୟା ବାଗ(୬୦) ଏବଂ କୁବେଡ଼େଗା ପଞ୍ଚାୟତ ଛାଲୁକୁଲୁଣ୍ଡା ଗ୍ରାମର ରଥ ସେଠ ଓ ପଦ୍ମିନୀ ସେଠ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପରେ ସମସ୍ତଙ୍କ ଜିଲା ମୁଖ୍ୟ ଡ଼ାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

### ଡ୍ରପ ଇନ୍ ସେଣ୍ଟରର ଶୁଭାରମ୍ଭ

ବୌଦ୍ଧ,୬।୮(ସ୍ୱ.ପ୍ର.): ବେସରକାରୀ ଅନୁଷ୍ଠାନ ୱାଇସିଡିଏ ପକ୍ଷରୁ ବୌଦ୍ଧ ଶାଖା କାର୍ଯ୍ୟାଳୟଠାରେ ଏକ ଡ୍ରପ ଇନ୍ ସେଣ୍ଟରର ଶୁଭାରମ୍ଭ ହୋଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଓ ୱାଇସିଡିଏ ସମ୍ପାଦକ ରାଜେନ୍ଦ୍ର କୁମାର ମେହେର ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ସେଠୀ ଏହା ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଦିଗରେ ବ୍ୟବହାର କରାଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ୱାଇସିଡିଏର ଜିଲା ସଂଯୋଜିକା ମମତା ପରିଡ଼ା ପରିଚାଳନା କରିଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଭେଡ଼େନ,୬।୧(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଫିସ ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭେଡ଼େନ ବିଡ଼ିଓ ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଏବିଇଓ ଅଭିମନ୍ୟୁ ଭୋଇଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷକ ଯୋଗ ଦେଇଥିଲେ। ବୈଠକରେ ସ୍କୁଲସ୍ତରରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯିବା ସହ ସ୍ଥାନୀୟ ରଣଜିତା ଷ୍ଟାଡ଼ିୟମରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ପରେଡ଼ ପ୍ରତିଯୋଗିତା ତଥା ଦେଶାତ୍ମବୋଧକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ୩୭୦ ଧାରା ଉଚ୍ଛେଦ
### ଘଣ୍ଟାପଡ଼ାବାସୀଙ୍କ ଆନନ୍ଦ ଉତ୍ସବ

ଘଣ୍ଟାପଡ଼ା,୬।୮(ଡି.ଏନ.ଏ.): ଗୋଟିଏ ଦେଶ ଗୋଟିଏ ନୀତିକୁ ନେଇ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାବାସୀ ଖୁସି ମନାଇଛନ୍ତି। ସୋମବାର କେନ୍ଦ୍ର ସରକାର ଧାରା ୩୭୦ ଉଚ୍ଛେଦ ପରେ ଘଣ୍ଟାପଡ଼ାବାସୀ ରାଜରାସ୍ତାରେ ବାଣ ଫୁଟାଇ ପରସ୍ପରକୁ ମିଠା ଖୁଆଇ ଆନନ୍ଦ ଉତ୍ସବ ପାଳନ କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇଥିଲେ। ଜାଦବ, ବାସୁ, ମହେଶ୍ୱର, ଘୁଣ୍ଟୁ, ପିଣ୍ଟୁ, ରାଜେନ୍ଦ୍ର, ସାମନ୍ତ, ଶରତ, ରିଙ୍କୁ, ତରୁ, ବସନ୍ତ, ବାବି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଘଣ୍ଟାପଡ଼ା କଳକେଶ୍ୱର ବଜାରରେ ଥିବା ଚା ଦୋକାନୀ ମାଗଣାରେ ଲୋକଙ୍କୁ ଚା ବଣ୍ଟନ କରିଥିଲେ।

# ଶୃଙ୍ଖଳିତ ଚାଷୀ ପଞ୍ଜୀକରଣକୁ ଗୁରୁତ୍ୱ

ବରଗଡ଼ ଅଫିସ,୬।୮

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଆସନ୍ତା ଖରିଫ ବର୍ଷ ୨୦୧୯-୨୦ ପାଇଁ ମଙ୍ଗଳବାର ଜିଲାସ୍ତରୀୟ ଚାଷୀ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅଧ୍ୟକ୍ଷତା କରି ଚାଷୀ ପଞ୍ଜୀକରଣ ଯେଭଳି ଶୃଙ୍ଖଳିତ ଭାବେ ସମାପନ ହେବ ଏବଂ କୌଣସି ଚାଷୀ ଏଥିରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ଯେଭଳି ତ୍ରୁଟି ନ ହେବ ସେନେଇ ସଜାଗ ରହିବାକୁ ଜିଲାପାଳ ତ୍ରିପାଠୀ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ସେହିପରି ଆସନ୍ତା ଖରିଫ ୨୦୧୯-୨୦ ପାଇଁ ମଙ୍ଗଳବାରଠାରୁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ଶିବିରରେ ସୂଚନା ଦିଆଯାଇଥିଲା।



ଚାଷୀ ପଞ୍ଜୀକରଣ ଶିବିରରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀବୃନ୍ଦ।

ଶିବିରରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି ଯୋଗଦେଇ ଜିଲାର ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ସମବାୟ ନିବନ୍ଧକ (ଡିଆର୍‌ସିଏସ୍) ଭକ୍ତବନ୍ଧୁ ସାହୁ ଚାଷୀ ପଞ୍ଜୀକରଣ ତଥା ଧାନ କିଣାରେ ସମବାୟ ବିଭାଗର କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ତଥା ଜିଲାରେ ଚାଲିଥିବା ବିଭିନ୍ନ ବ୍ୟବସ୍ଥା ଉପରେ ସୂଚନା ଦିଆଯାଇଥିଲା ।

ସେହିପରି ଶିବିରରେ ଜିଲାର ସମସ୍ତ ସମବାୟ, ଯୋଗାଣ ଅଧିକାରୀ, ସମବାୟ ସମିତି ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ଏବଂ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଧାନ କିଣା ସମୟରେ ଦେଖାଯାଉଥିବା ସମସ୍ୟାର ଯେଭଳି ପୁନରାବୃତ୍ତି ନ ଘଟେ ସେଥିପ୍ରତି ସଚେତନ ହୋଇ ଦାୟିତ୍ୱ ସମ୍ପାଦନ କରିବା ପାଇଁ ଜିଲାପାଳ ତ୍ରିପାଠୀ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

# ବିନା ଫଳକରେ ଚାଲିଛି ଅତାବିରା ଅବକାରୀ ଅଫିସ

ଜାମଟିକ୍ରା,୬।୮(ଡି.ଏନ.ଏ.):

ବରଗଡ଼ ଜିଲା ଅତାବିରାରେ ଦୀର୍ଘ ଦିନ ହେଲା ଅବକାରୀ ବିଭାଗ କାର୍ଯ୍ୟାଳୟ ଥିବା ବେଳେ ଏହା ଭଡା ଘରେ ଚାଲିଛି। ଏପରି କି କାର୍ଯ୍ୟାଳୟରେ କୌଣସି ଫଳକ ଲାଗି ନ ଥିବା ବେଳେ ଅତାବିରା ଏବଂ ଭେଡେନ ଅଞ୍ଚଳର ଲୋକେ କେଉଁଠି ଅବକାରୀ କାର୍ଯ୍ୟାଳୟ ରହିଛି ତାହା ଜାଣିପାରୁ ନାହାନ୍ତି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟ ଉପରେ ଅତାବିରା ଏବଂ ଭେଡେନ ବ୍ଲକର ଲୋକେ ନିର୍ଭର କରନ୍ତି । ବିଭିନ୍ନ ସମୟରେ ଦୂରଦୂରାନ୍ତରୁ ମହିଳାମାନେ ଗାଁରେ ଚାଲିଥିବା କୁଟିଆ ଭାଟି ଓ ରନ୍ଧାମଦ ବନ୍ଦ କରିବା ପାଇଁ ଅଫିସକୁ ଆସନ୍ତି। ହେଲେ ଅଫିସଟି ବନ୍ଦ ଥିବାରୁ ବିଭାଗୀୟ କର୍ମଚାରୀଙ୍କୁ ମହିଳାମାନେ ଭେଟି ପାରୁ ନାହାନ୍ତି। ଫଳରେ ସେମାନେ ନିରାଶ ହୋଇ ଘରକୁ ଫେରନ୍ତି । ଖୁବ ଶୀଘ୍ର ଅଫିସରେ ଫଳକ ଲଗାଯିବା ପାଇଁ ଜନସାଧାରଣ ଦାବି କରିଛନ୍ତି।



ଅତାବିରା ଅବକାରୀ କାର୍ଯ୍ୟାଳୟ।

# ବ୍ଲକସ୍ତରୀୟ ଜାତୀୟ କୃମିନାଶ ଦିବସ

ପାଇକମାଲ,୬।୮(ଡି.ଏନ.ଏ)

ବରଗଡ ଜିଲା ପାଇକମାଲ ସ୍ଥିତ ନୃସିଂହନାଥ ଧର୍ମଶାଳା ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଜାତୀୟ କୃମିନାଶ ଦିସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଏବିଇଓ କୁବେର ରଣା ଅଧ୍ୟକ୍ଷତା କରିଥିବା ବେଳେ ବିପିଏମ୍ ବିଜୟ କୁମାର ସରାଫ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୃଷ କୁମାର ଚନ୍ଦ୍ରକାର କୃମି ନାଶକ ବଟିକା କିପରି ଖାଇବେ ସେନେଇ ତାଲିମ ପ୍ରଦାନ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ବ୍ଲକର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଏହି ଟିକା ଖୁଆଇବା ପାଇ ବ୍ୟବସ୍ଥା କରାଯାଇଛି ବୋଲି ଚନ୍ଦ୍ରକାର କହିଥିଲେ । ଶିବିରରେ ବ୍ଲକର ୧୯୧ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଥିଲେ । ଶେଷରେ ଏମ୍‌ପିଏଚ୍‌ଏସ୍ ରବୀନ୍ଦ୍ର ମୋହନ ଦାସ ବକ୍ତବ୍ୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଅନୁଷ୍ଠିତ ବୈଠକ।

# ମାଛଚାଷ ତାଲିମ ପ୍ରଦାନ

ପଦ୍ମପୁର, ୬।୮(ଡି.ଏନ.ଏ.)

ରାଜବୋଡାସମ୍ବର ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ମାଛ ଚାଷ ସମ୍ପର୍କିତ ୨ ଦିନିଆ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ପୂର୍ବତନ ଏଡିଏଫ୍‌ଓ ବିମଳେନ୍ଦୁ କୁମାର ମେହେର, ସିଡିପିଓ ସୁନୀତି ଦେବତା, ମିଶନ ଶକ୍ତି ସଂଯୋଜିକା ଯଶୋବନ୍ତିନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରି ତାଲିମ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ଏଡିଏଫ୍‌ଓ ମେହେର ମହିଳାମାନଙ୍କୁ ମାଛ ଚାଷର ବୈଷୟିକ ଦିଗ ଉପରେ ବୁଝାଇଥିଲେ । ସିଡିପିଓ ଦେବତା ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଏସ୍‌ଏଚ୍‌ଜିମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ପ୍ରକଳ୍ପ ପରିଚାଳକ ସତ୍ୟ କୁମ୍ଭାର, ଅବସରପ୍ରାପ୍ତ ଏଏଫଓ ମାନବଚରଣ ଦାସ ଉପସ୍ଥିତ ଥିଲେ। ଶିବିରରେ ପଦ୍ମପୁର ଏବଂ ଗାଇସିଲାଟ ବ୍ଲକର ୨୪ଜଣ ଏସଏଚଜି ସଭ୍ୟା ଓ ୪ଜଣ ପ୍ରାଣୀ ମିତ୍ର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନାନା ସୋରେନ, ଦେବ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ସିସିଟିଭି ଅଚଳ, ବାଇକ୍ ଚୋରି

ବରଗଡ଼ ଅଫିସ୍,୬।୮

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଲାଗିଥିବା ସିସିଟିଭି ଅଚଳ ହୋଇ ପଡ଼ିଥିବା ସୂଚନା ମିଳିଛି । ତେବେ ଏହାର ସୁଯୋଗ ନେଇ ଡାକ୍ତରଖାନା ପରିସରରେ ଚୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ସୋମବାର ଡାକ୍ତରଖାନା ପରିସରରୁ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା ପାଇଁ ବିଭିନ୍ନ ସ୍ଥାନରେ ପ୍ରାୟ ୪୩ଟି ସିସିଟିଭି ଲାଗିଛି । ସେଥିମଧ୍ୟରୁ ଅଧିକାଂଶ ସିସିଟିଭି ଦୀର୍ଘ ଦିନ ହେଲା ଅଚଳ ହୋଇପଡ଼ିଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଅବଗତ ଥିଲେ ସୁଦ୍ଧା ତାହା ମରାମତି କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସାଧୁଚରଣ ଦାଶଙ୍କ ପଚାରିବାରୁ ସେ କହିଥିଲେ, ଡାକ୍ତରଖାନାର ଇନ୍‌ଡୋର, ଆଉଟଡୋର ଭଳି ପ୍ରମୁଖ ସ୍ଥାନରେ ଲାଗିଥିବା ସିସିଟିଭି କାର୍ଯ୍ୟକ୍ଷମ ରହିଛି । ମାତ୍ର ଅନ୍ୟସ୍ଥାନରେ ରହିଥିବା କିଛି ସିସିଟିଭି ଅଚଳ ରହିଛି। ଅଚଳ ସିସିଟିଭିଗୁଡ଼ିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରାଯିବ।




ଡାକ୍ତରଖାନାରେ ଲାଗିଥିବା ସିସିଟିଭି ।

# ମାସେ ହେଲା ବିଦ୍ୟୁତ୍ ସେବାରୁ ବଁଚିତ୍ ଜାମୁପଦରବାସୀ

ପୁରୁଣାକଟକ, ୬।୮(ଡି.ଏନ.ଏ.):

ସରକାର ଗାଁଗଁଲିରେ ବାସ କରୁଥିବାର ଲୁକ୍‌କର ସୁବିଧା ଲାଗି ସବୁ ଗାଁକେ ବିଦ୍ୟୁତ୍ ସଂଯୋଗ ଦେଇଛନ୍। ଜନସାଧାରନ ବିଦ୍ୟୁତ୍ ସେବା ଯେନ୍‌ଥେଇ ସୁବିଧାରେ ପାଏବେ, ଅସବିଧାରେ ନାଇଁପଡ଼ବେ ସେଥିରଲାଗି ଅନେକ କଡ଼ାକଡ଼ି ନିୟମ କରିଛନ୍। ହେଲେ ବିଭାଗର ଖାମଖିଆଲି ମନଭାବ ଲାଗି ଅନେକ ଜାଗାରେ ଲୋକ୍ ମାସ ମାସ, ବଛର ବଛର ଧରି ଅଁଧାରେ ରହୁଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ।

ସୂଚନା ଅନ୍‌ସାରେ ହରଭଙ୍ଗା ବ୍ଲକର କରଞ୍ଜକଟା ପଁଚେତ୍ ଅଧୀନ ଜାମୁପଦର ଗାଁରେ ପାଖାପାଖି ୭୦ ପରିବାର ବାସ କରୁଛନ୍। ଗାଁରେ ଲାଗିଥିବାର ଟ୍ରାନ୍ସଫର୍ମର ପୁଡ଼ି ଯିବାର ଲାଗି ଗାଁବାସୀ ଗଲା ୧ ମାସ ହେଲା ଅଁଧାରେ ରହିଛନ୍। ଇ ବାବ୍‌ଦେ ଗାଁବାସୀ ବାରବାର ବିଭାଗୀୟ ଅଧିକାରୀଙ୍କୁଁ ଅଭିଯୋଗ କଲେ ବି କେହି ନାଇଁ ଶୁନବାର। ଗାଁବାସୀ ଅନେକ ଥର ପୁରୁଣାକଟକ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁଁ ଅଭିଯୋଗ କରିଛନ୍। ହେଲେ ସେ ଆଜି ହେବା, କାଲି ହେବା କହି ସମିଆ ଗଡ଼ଉଛନ୍। ଏନ୍‌ତାଥି ଛୁଆପିଲାକର ପାଠ୍‌ପଢ଼ାରେ ଖେଲଢ଼େପ ହେବାର ସଂଗେ ଜଲ ଯୋଗାଣ ଉପରେ ବି ପରଭାବ ପଡ଼ୁଛେ। ଇଆଡ଼େ ବରଷା ଦିନ୍ ଲାଗି ସାଁପ୍, କଁଟିଆ, ବିଷାନ୍ ପୋକ୍‌ମାଛି, ଜୀବ୍‌ଜଁନ୍ତୁକର ଭଏ ରହୁଛେ। ଶେଷେ ଗାଁବାସୀ ଉପେ ଶୁଇନ ହେଇ ହରଭଙ୍ଗା ବ୍ଲକରେ ହେଇଥିବାର ଜିଲାପାଳକଁର ଅଭିଯୋଗ ଶୁନାନୀରେ ସମସିଆ ବାବ୍‌ଦେ ଅଭିଯୋଗ କରିଥିଲେ। ଇଥିରେ ଜାମୁପଦର ଗାଁର ନାରାୟଣ ପ୍ରଧାନ, ଶ୍ରୀମନ୍ତ ବେହେରା, ଶ୍ରୀକାନ୍ତ ବେହେରା, ଧୁବେଇ ଦେହୁରୀ, ସିଦ୍ଧେଶ୍ୱର ଦେହୁରୀ, ଜାମିନୀ ବେହେରା, ଉତ୍କଳ ବେହେରା ସମେତ ୬୦ରୁ ଅଧିକା ଗାଁବାସୀ ଜିଲାପାଳଙ୍କୁଁ ଭେଟି ଅଭିଯୋଗ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯେତେ ଜଲଦି ହେବା ସମସିଆର ସମାଧାନ କରବାକେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁଁ ନିରଦେଶ ଦେଇଥିବାର ଜନାଯାଇଛେ।

# ମଦ ଜବତ, ଜଣେ ଗିରଫ

ବରପାଲି,୬।୮(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଥାନା ପୋଲିସ ମଙ୍ଗଳବାର ଚଢାଉ କରି ଚୋରାମଦ କାରବାର ସମ୍ପୃକ୍ତ ଚମାରପଡ଼ାର କାଳିଆ ମେହେର(୩୫)ଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ପାଖରୁ ୪୦ଲିଟର ଦେଶୀମଦ ଜବତ୍ କରିଛି। ଏ ନେଇ ବରପାଲି ଥାନାରେ ଏକ ମାମଲା(ନଂ-୧୭୬/୧୯) ରୁଜୁ ହୋଇଛି।

### ■ ଅର୍ଥ ସାଜିଲା ବାଧକ
# ନାମ ଲେଖାଇ ପାରିଲେନି ଛାତ୍ରୀ

ବରଗଡ଼ ଅଫିସ୍,୬।୮

ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ ଜଡ଼ା ଗ୍ରାମର ଜଣେ ଛାତ୍ରୀ ମାଟ୍ରିକ ପାସ୍ କରିବା ପରେ ଅର୍ଥାଭାବ ଯୋଗୁ କଲେଜରେ ନାମ ଲେଖାଇ ନ ପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମଙ୍ଗଳବାର ସମ୍ପୃକ୍ତ ଛାତ୍ରୀ ନିଳିମା ମହାନନ୍ଦ ସହାୟତା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ହେଲେ କୌଣସି ସୁଫଳ ମିଳି ନ ଥିଲା। ହେଲେ ସ୍ୱେଚ୍ଛାସେବୀ ଦିବସ କୁମାର ସାହୁ ଏହା ଜାଣି ଟୁଇଟର୍ ଯୋଗେ ମୁଖ୍ୟମନ୍ତ୍ରୀ ଓ ବରଗଡ଼ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶ ଯେ, ନିଳିମାଙ୍କ ପରିବାର ଲୋକେ ନିହାତି ଗରୀବ ଶ୍ରେଣୀର। ଇତିମଧ୍ୟରେ ନିଳିମାଙ୍କ ମା'ଙ୍କ ଦେହାନ୍ତ ହୋଇଯାଇଛି। ବାପା ହୀରାଲାଲ ୩ଝିଅଙ୍କୁ ପ୍ରତିପୋଷଣ କରୁଛନ୍ତି। ନିଳିମା ମାଟ୍ରିକ ପାସ୍ ପରେ ଉଚ୍ଚଶିକ୍ଷା ଲାଭ କରିବା ଆଶା ନେଇ ଆବେଦନ କରିଥିଲେ । କଟାପାଲି କଲେଜରେ ଆଡ଼ମିଶନ ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିଲେ। ଗତ ସୋମବାର ଆଡ଼ମିଶନ ତାରିଖ ରହିଥିଲା। ହେଲେ ଆଡ଼ମିଶନ ପାଇଁ ଆବଶ୍ୟକ ଟଙ୍କା ଯୋଗାଡ଼ କରି ନ ପାରିବାରୁ ସେ ନାମଲେଖାରୁ ବଞ୍ଚିତ ହୋଇଛନ୍ତି । ଏହା ଜାଣିବା ପରେ କେତେଜଣ ସ୍ୱେଚ୍ଛାସେବୀ ତାଙ୍କୁ ସାଙ୍ଗରେ ନେଇ ଜିଲାପାଳ ଅଫିସକୁ ଆସିଥିଲେ।



ନିଳିମା ମହାନନ୍ଦ ।

### ଭତା ଦେବାରେ ପରଶାସନ କୁଁଥ୍‌କୁଁଥ୍:
# ଜିଲାପାଲଙ୍କୁଁ ଭେଟ୍‌ଲେ ୨୭ କଲାକାର

ତଲଗାଁ, ୬।୮(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ୨୭ ଝନକୁ ମୁଖ୍ୟମନ୍ତ୍ରୀ କଲାକାର ଭତା ଦେବାର ଲାଗି ଗଲା ୧୨।୧୨।୨୦୧୮, ପତର ସଂଖ୍ୟା ୪୦୬୨ ଅନ୍‌ସାରେ ମଂଜୁର ହେଇଛେ। ହେଲେ ଭତା ପାଏବାର ଲାଗି ଥାନୀୟ କଲାକାରମାନେ ବ୍ଲକନୁ ଜିଲା ପରଶାସନ ତକ୍ ନରଦି ନରଦି ନିହାଲ ହେଇଗଲେନ ବଲି ବ୍ଲକ କଲାକାର ସଂଘର ସଭାପତି ଲକ୍ଷ୍ମଣ ପ୍ରଧାନ କହିଛନ୍। ଇଆଡ଼େ ଭତା ମଂଜୁର ହେବାର ୮ ମାସ ବିତବାକେ ଥିଲାବେଲେ କଲାକାରମାନେ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଗଲା ସୋମବାର କଲାକାର ସଂଘର ସଭାପତି ଲକ୍ଷ୍ମଣ ପ୍ରଧାନଙ୍କର ମଂଗୁଆଲତିରେ ଗୋକୁଲାନନ୍ଦ ସାମଲ, ଅବଧୁତ ପାଢ଼ୀ, ନୀଳମଣି ବେହେର, ଦନେଇ ମେହେର, ମୋହନ ପ୍ରଧାନ, ସୁବୋଧ ଭୋଲ୍ରା ପରମୁଖ ୨୭ ଝନ୍ କଲାକାର ଜିଲାପାଲଙ୍କର ଅଭିଯୋଗ ଶୁନାନୀରେ ଅଭିଯୋଗ କରିଥିଲେ। ଜିଲାପାଲ ଲଲାଟେନ୍ଦୁ ମିଶ୍ର କାଗଜ ପତର ଯାଁଚ୍ କଲା ଉତାରୁ ଇ ଦିଗେ ପଦକ୍ଷେପ ନିଆଯିବା ବଲି କଲାକାରମାନକୁ କଥା ଦେଇଥିଲେ। ହେଲେ ଯେତେ ଜଲଦି ହେବା କଲାକାରଙ୍କୁ ଭତା ଦିଆଯାଉ ବଲି ସଂଘ ତରଫୁ ଦାବି କରାଯାଇଛେ। ଇ ବାବ୍‌ଦେ ସିଏସଓ ବିରଞ୍ଚି ନାରାୟଣ ପଣ୍ଡାଙ୍କୁ ପଚରାଲାରୁ ବ୍ଲକ ପରଶାସନ ତରଫୁ ସବୁ କାମ୍ ଶେଷ୍ ହେଇଛେ। ଜିଲା ପରଶାସନ ପାସେ ଫାଇଲ ପଡ଼ି ରହିବାର ଲାଗି ଭତା ଦେବାରେ ବିଲମ୍ ହେଉଛେ ବଲି ସେ କହିଥିଲେ।



ହରଭଙ୍ଗା ବ୍ଲକ କଲାକାର ସଂଘର ସଦସିଅମାନେ ଜିଲାପାଲଙ୍କୁଁ ଭେଟବାକେ ଆସିଛନ୍।

### ମୁଗ୍‌ଫଲି ଫସଲରେ ରୋଗ୍‌ପୋକ
# କାମ୍ ନାଇଁ ଦେବାର୍ ଉଷୋ, ଚିନ୍‌ତାରେ ଚାଷୀ

ବିଜେପୁର, ୬।୮ (ଡି.ଏନ୍.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକରେ ବଛରକୁତା ଦୁଖ୍ ଦୁରଦଶା ଚାଷୀକର ପିଛା ନାଇଁ ଛାଡବାର୍। କେତେବେଲେ ବରଷା ପାଏନ୍ ଅଭାବୁ ତ ଆର କେତେବେଲେ ଫସଲଥି ରୋଗ୍‌ପୋକ ଲାଗି ଚାଷୀ ସମାଜ ଅଥାଥାଲି ହେଉଛେ। ଏହେଦେ ମୁଗ୍‌ଫଲି ଫସଲଥି ଲାଗିଥିବାର ରୋଗ୍‌ପୋକ ଅଂଚଲର ଚାଷୀକର ନିଦ୍ ହଜେଇ ଦେଲାନ। ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକର ଚାଷୀମାନେ ବରଷା ପାଏନ୍‌କେ ଆଶ୍ରା କରି ଚାଷ୍‌ବାସ କରୁଛନ୍। ଚଲତି ବଛର ମଉସୁମୀ ଉଛୁରରେ ଆଏଲେ ବି ଜୁନ୍ ମାସେ ଚାଷବାସ୍ ଲାଗି ବତର ହେଇଥିଲା। ସେଥିରଲାଗି ଚାଷୀମାନେ ବଡ଼ା ଉଷତ୍‌ଥି ଧାନ ସଂଗେ ମୁଗ୍, ମୁଗ୍‌ଫଲି, ବିରି ବୁନାବୁନି କରିଥିଲେ। ହେଲେ ଜୁଲାଇ ମାସର ଅଭାବି ବରଷା ଚାଷ୍ କାମକେ ପଛେଇ ଦେଲା। ଗଲା ହପ୍‌ତେ ହେଲା ଯେନ୍ ଟିକେରଁଚେ ବରଷା ହେଇଛେ, ସେଥି କାଁ ଭାଁ ରୁଆ ବିହିଡ଼ା ଚଲୁଛେ। ଏନ୍‌ତାଥି ମୁଗ୍‌ଫଲି ଗଛ ପାଏନ୍ ଭୁରେ ପାଏଲାକେ ଛନ୍‌ଛନେଇ କରି ବଢୁଛେ। ଫୁଲକଷି ବି ଧରବାର ସମିଆ ହେଲାନ। ଠିକ୍ ଇ ସମିଆରେ ଫସଲଥି ପୋକ୍ ଲାଗି ମୁଗ୍‌ଫଲି ଫୁଲକେ ଖାଇଯାଉଛନ୍। ଫସଲଥି ଯେତେ ଉଷୋକଷା ଝିଁଚ୍‌ଲେ ବି କାମ୍ ନାଇଁ ଦେଉଥିବାର ଚାଷୀ ଅଭିଯୋଗ କରିଛନ୍। କୃଷି ବିଭାଗ ଇ ଦିଗେ ଧିଆନ୍ ଦେଇ ଭଲ ଉଷୋକଷା ଦେବାକେ ଅଂଚଲର ଚାଷୀ ଦାବି କରିଛନ୍। କନ୍‌ଡ଼ିହିର ଚାଷୀ ସୁଶାନ୍ତ ପଟେଲ କହିଛନ୍ ଯେ, ଆମର ଗାଁରେ ଖାଲି ନୁହେ। ବିଜେପୁର ଅଂଚଲର ଭିନେ ଭିନେ ଗାଁଥି ମୁଗ୍‌ଫଲି ଚାଷ୍‌ଥି ଇ ପୋକ୍ ଲାଗିଛନ୍। ଯେତେ ଉଷୋକଷା ଦେଲେ ବି କିଛି କାମ୍ ନାଇଁ ଦେବାର। କୃଷି ବିଭାଗ୍ ସବସିଡିଥି ଉଷୋ ଯୁଗେଇ ଦେଲେ ଆମେ ଚାଷୀମାନେ ଚିଁନ୍‌ତାଥୁ ମୁକ୍ତି ପାଏଟୁଁ। ସେନ୍‌ତା ପାଁକେଲଡ଼ିହିର ଚାଷୀ ଦୀନବନ୍ଧୁ ସାହୁ କହିଛନ ଯେ, ଆମେ ଚାଷୀମାନେ ଖାଲି ନୁକ୍‌ସାନ ସହୁଛୁଁ। ବରଷା ପାଏନ୍ ଟିକେ ହେଲା ଯେ ଖାଲି ମଁଦା ଜିଁଛେ। ମୁଗ୍‌ଫଲି ଫସଲଥି ଇ ପୋକ ଲାଗି ଆମେ ଆନାଏତ୍ ହେଇଗଲୁଁନ। ଯେତେ ଉଷୋ ଦେଲେ କିଛି ଲାଭ ନାଇଁ ହେବାର। ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ପଟେଲଙ୍କୁ ପଚରାଲାରୁ ଗାଁ ଗାଁ ଯାଇ ଚାଷୀମାନକୁ ସହଯୋଗ କରବାକେ ଭିଏଡବ୍ଲୁମାନକୁ ପରାମର୍ଶ ଦିଆଯାଇଛେ ବଲି ସେ କହିଥିଲେ।



କନଡ଼ିହି ଗାଁରେ ମୁଗ୍‌ଫଲି ଫସଲକେ ପୋକ୍ ଚରିଦେଲେନ।

# ସ୍ୱାଧୀନତା ଦିବସ ପାଳନ ଲାଗି ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି

**ଘଣ୍ଟାପଡ଼ା,୬।୮(ଡି.ଏନ.ଏ.):**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଘଣ୍ଟାପଡ଼ା ସମଲେଶ୍ୱରୀ ହାଇସ୍କୁଲରେ ଖେଳ ଶିକ୍ଷୟିତ୍ରୀ ମନ୍ଦାକିନୀ ବରର୍ଡ଼ଙ୍କ ନେତୃତ୍ୱରେ ସ୍ୱାଧୀନତା ଦିବସ ପାଳନ ଲାଗି ଛାତ୍ରୀଛାତ୍ରମାନେ ପରେଡ ଅଭ୍ୟାସ ଆରମ୍ଭ କରିଛନ୍ତି । ଏପରି କି ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ହେବାକୁ ଥିବା ପରେଡ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପ୍ରସ୍ତୁତି ଜୋରଦାର କରାଯାଉଥିବା ଶିକ୍ଷୟିତ୍ରୀ ବରର୍ଡ଼ ସୂଚନା ଦେଇଛନ୍ତି।

# 'ଲଦାଖ ଖେଳାଳି ଜମ୍ମୁ-କଶ୍ମୀରରୁ ଖେଳିପାରିବେ'

**ନୂଆଦିଲ୍ଲୀ,୬।୮(ପି.ଟି.)**

ବର୍ତ୍ତମାନ ନୂଆକରି ଗଠିତ ହୋଇଥିବା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରୁ ଖେଳାଳିମାନେ ଜମ୍ମୁ-କଶ୍ମୀର ତରଫରୁ ଆଗାମୀ ଘରୋଇ ସେସନରେ ପ୍ରତିନିଧିତ୍ୱ କରିପାରିବେ ବୋଲି ମଙ୍ଗଳବାର କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ କହିଛନ୍ତି। ସମ୍ବିଧାନର ୩୭୦ ଧାରା ଉଚ୍ଛେଦ କରି ସରକାର ସୋମବାର ଜମ୍ମୁ- କଶ୍ମୀର ରାଜ୍ୟକୁ ଦୁଇ ଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ଗୋଟିଏ ହେଲା ଲାଦାଖ ଓ ଅନ୍ୟଟି ହେଲା ଜମ୍ମୁ-କଶ୍ମୀର। ତେବେ ବର୍ତ୍ତମାନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଅଲଗା ଅଲଗା ରାଜ୍ୟ ଆସୋସିଏଶନ ଗଠନ କରିବ ନାହିଁ। ଫଳରେ ଉଭୟ ଅଞ୍ଚଳର ଖେଳାଳି ଜମ୍ମୁ- କାଶ୍ମୀର ପାଇଁ ବିସିସିଆଇର ସବୁ ପ୍ରକାର ଘରୋଇ କ୍ରିକେଟରେ ପ୍ରତିନିଧିତ୍ୱ କରିବେ ବୋଲି ବିନୋଦ ସ୍ପଷ୍ଟ କରିଛନ୍ତି। ଅବଶ୍ୟ ଏପର୍ଯ୍ୟନ୍ତ ଲଦାଖରୁ କୌଣସି ଖେଳାଳି ଜମ୍ମୁ- କଶ୍ମୀର ପାଇଁ ଖେଳିନାହାନ୍ତି। ଆଗାମୀ ଡିସେମ୍ବରରୁ ଦେଶର ସର୍ବବୃହତ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ପ

ପୁଡୁଚେରୀ ଭଳି ଲଦାଖକୁ ମତଦାନ ଅଧିକାର ମିଳିବ କି ବୋଲି ପ୍ରଶ୍ନ ହେବାରୁ ବିନୋଦ ଏ ନେଇ କୌଣସି ଆଲୋଚନା କରାଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲେ ମଧ୍ୟ ଏହାର ଖେଳାଳିମାନେ ପଞ୍ଜାବ କିମ୍ବା ହରିୟାଣା ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। ଠିକ୍ ସେହିପରି ଏବେ ଲଦାଖର ଖେଳାଳିମାନେ ଜମ୍ମୁ- କଶ୍ମୀର ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବିନୋଦ କହିଛନ୍ତି। ୩୭୦ ଧାରା ଉଚ୍ଛେଦ ହୋଇଥିଲେ ମଧ୍ୟ ବିସିସିଆଇ ଏ ନେଇ ଆଦୌ ଚିନ୍ତିତ ନୁହଁ। କଶ୍ମୀର ଉପତ୍ୟକାରେ ପୂର୍ବପରି କ୍ରିକେଟ ଚାଲୁ ରହିବ ବୋଲି ସେ କହିଛନ୍ତି। ଗତବର୍ଷ ଭଳି ଜମ୍ମୁ-କଶ୍ମୀର ଶ୍ରୀନଗରରେ ତା'ର ଘରୋଇ ମ୍ୟାଚ୍ ଖେଳିବ। ବିକଳ୍ପ ଭେନ୍ୟୁ ନେଇ କୌଣସି ଆଲୋଚନା କରାଯାଇ ନାହିଁ। ତେଣୁ କୌଣସ ପରିବର୍ତ୍ତନ କରାଯିବ ନାହିଁ। ଅମରନାଥ ଯାତ୍ରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ବୟସ ବର୍ଗର ଅଭ୍ୟାସ ଶିବିରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟ ଟିମ୍ ମେଣ୍ଟର ଇର୍ଫାନ ପଠାନଙ୍କ ସହିତ ସବୁ ୧୦୦ କ୍ରିକେଟରଙ୍କୁ କଶ୍ମୀର ଉପତ୍ୟକା ଛାଡି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଘୋଡାଧାରରେ ମହିଳାଙ୍କୁ ହତ୍ୟା ଘଟଣା

# ପୋଲିସ କବ୍‌ଜାରେ ଅଭିଯୁକ୍ତ

**ସୋନପୁର,୬।୮(ନି.ପ୍ର)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଘୋଡାଧାରରେ ଜମି ବିବାଦକୁ କେନ୍ଦ୍ର କରି ରବିବାର ରାତିରେ ହତ୍ୟାକାଣ୍ଡ ଘଟିଥିଲା। ଦଳିତବସ୍ତିର ପାଞ୍ଚେଶ୍ୱରୀ ଲୁହା(୫୦)ଙ୍କୁ ପୂର୍ବ ଶତୃତା କାରଣରୁ ତାଙ୍କ ପଡୋଶୀ ତଣ୍ଟିକାଟି ହତ୍ୟା କରିଥିଲେ। ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ମୃତାଙ୍କ ସ୍ୱାମୀ କଣ୍ଟିଆ ଲୁହା(୫୫) ଓ ପୁଅ ବାଲେଶ୍ୱର ଲୁହା(୨୩) ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କଣ୍ଟିଆଙ୍କ ପୁଅ ଇଶ୍ୱରଙ୍କ ଅଭିଯୋଗ କ୍ରମେ ବିନିକା ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ତନାଘନା ପରେ ବିନିକା ପୋଲିସକୁ ହତ୍ୟାକାଣ୍ଡର ସୁରାକ୍ ମିଳିଛି । ୨ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ତେଣୁ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କାରେ ପୋଲିସ ତଥ୍ୟ ପ୍ରକାଶ କରୁନି । ବୁଧବାର ଏକ ଖବରଦାତା ସମ୍ମିଳନୀରେ ପୋଲିସ ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚନ କରିବ ବୋଲି ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସରକାରୀ ଜମିକୁ ନେଇ କଣ୍ଟିଆ ଲୁହା ଓ ନରହରି ଭଏନାଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ରବିବାର ମଧ୍ୟାହ୍ନରେ ଭଏନା ପରିବାର, ଲୁହା ପରିବାକୁ ଗାଳିଗୁଲଜ କରିଥିଲେ। କଣ୍ଟିଆ ଏ ସମ୍ପର୍କରେ ମହାଦେବପାଲି ଫାଣ୍ଡିରେ ଅଭିଯୋଗ କରିଥିଲେ। ବିବାଦର ସମାଧାନ ପାଇଁ ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। କଣ୍ଟିଆ ଲୁହା, ସ୍ତ୍ରୀ ପାଞ୍ଚେଶ୍ୱରୀ ଓ ପୁଅ ବାଲେଶ୍ୱର ଏବଂ ଅପରପକ୍ଷର ନରହରି ଭଏନା ଫାଣ୍ଡିକୁ ଯାଇଥିଲେ। କିନ୍ତୁ ସୁଦର୍ଶନ ଭଏନା ଓ ଦୁର୍ଯ୍ୟୋଧନ ଭଏନା ପୋଲିସକୁ ବେଖାତିର କରି ଫାଣ୍ଡିକୁ ଯାଇ ନଥିଲେ। ରାତିରେ ବାଲେଶ୍ୱର ବାଇକ୍‌ରେ ବାପା କଣ୍ଟିଆ ଓ ମା ପାଞ୍ଚେଶ୍ୱରୀଙ୍କୁ ବସାଇ ଘରକୁ ଫେରୁଥିବା ବେଳେ ଘୋଡାଧାର ପ୍ରାଥମିକ ବିଦ୍ୟାଳୟ ନିକଟରେ ପୂର୍ବରୁ ଲୁଚି ରହିଥିବା ଭଏନା ପରିବାରର ସଦସ୍ୟମାନେ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ପାଞ୍ଚେଶ୍ୱରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା।

# ଛାତ୍ରୀଙ୍କୁ ଖୁସି ପ୍ରଦାନର ଶୁଭାରମ୍ଭ

**ମନମୁଣ୍ଡା,୬।୮(ଡି.ଏନ.ଏ.)–**

ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କଣ୍ଟାମାଳ ବ୍ଲକରେ ମଙ୍ଗଳବାର ଖୁସି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କଣ୍ଟାମାଳ ସିଏଚ୍‌ସି ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନମୁଣ୍ଡା ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସଏ ପତାକା ଦେଖାଇ ଖୁସି ବଣ୍ଟନ ଗାଡିର ଶୁଭାରମ୍ଭ କରିଥିଲେ । କଣ୍ଟାମାଳ ବ୍ଲକ ଏବିଇଓ ଫାଲଗୁନ ମାଝି, ସ୍ଥାନୀୟ ସିଆର୍‌ସିସି ଅତିଥି ଭାବେ ଯୋଗଦେଇଥିଲେ । ଜିଲା ସ୍ୱାସ୍ଥ୍ୟ ସମିତି ବୌଦ୍ଧ ପକ୍ଷରୁ ମନୋନୀତ ମା' ମାହେଶ୍ୱରୀ ଏସ୍‌ଏଚ୍‌ଜି ଅଇଁଲାଟୁଆଁ ଏବଂ ରାଣୀ ଲକ୍ଷ୍ମୀବାଇ ଏସ୍‌ଏଚ୍‌ଜି ଗୋପାଳମାଲଙ୍କୁ କିଶୋର ସ୍ୱାସ୍ଥ୍ୟ(ଖୁସି) ସାନିଟାରୀ ନାପକିନ୍ ବଣ୍ଟନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମନମୁଣ୍ଡା ସିଏଚ୍‌ସିର ବିପିଏମ୍ ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନକ୍ରମେ ୪ ଲକ୍ଷ ୨୧ ୯୭୦ ସାନିଟାରୀ ନାପକିନ୍ ୨ ମହିଳା ଗୋଷ୍ଠୀଙ୍କୁ ବଣ୍ଟନ ସକାଶେ ପ୍ରଦାନ କରାଯାଇଥିଲା ।

# ବିଦ୍ୟାଳୟରେ ଅଶୋକ ସ୍ତମ୍ଭ, ମଣ୍ଡପ ସ୍ଥାପିତ

**ଡୁଙ୍ଗୁରିପାଲି,୬।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମହୁଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍କୁଲରେ ଅଶୋକ ସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋ ସ୍କୁଲ ଅଭିଯାନରେ ଅନୁଷ୍ଠିତ ସଭାରେ ସ୍କୁଲ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ବାରିକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍କୁଲର ପୂର୍ବତନ ଛାତ୍ର ତଥା ବିଏସ୍‌ଏଫ୍ ଯବାନ ଜଗଦୀଶ ବିଶି ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଭରତ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ବାଳକୃଷ୍ଣ ମେହେର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ରୀଛାତ୍ରୀ ଓ ଅଭିଭାବକ ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ସ୍କୁଲରେ ଶିକ୍ଷାଦାନ କରିଥିବା ସ୍ୱର୍ଗତ କେଶବ ଚନ୍ଦ୍ର ପଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ଜ୍ୱାଇଁ ଭରତ ସାହୁ ଅଶୋକ ସ୍ତମ୍ଭ ସ୍କୁଲକୁ ପ୍ରଦାନ କରିଥିଲେ । ସେହିପରି ମହୁଲପାଲି ଗାଁର ଗୌନ୍ତିଆ ସ୍ୱର୍ଗତ ନଟବର ସାହୁ ସ୍କୁଲକୁ ଜମି ଦାନ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ଭରତ ସାହୁ ଏକ ମଣ୍ଡପ ତିଆରି କରି ସ୍କୁଲକୁ ହସ୍ତାନ୍ତର କରିଥିଲେ। ଅଶୋକ ସ୍ତମ୍ଭ ଓ ମଣ୍ଡପକୁ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଶିକ୍ଷକ ପ୍ରସନ୍ନ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦ୍ରୁତଗାମୀ ଟ୍ରକରୁ ଜରିମାନା ଆଦାୟ

**ବୌଦ୍ଧ,୬।୮(ସ୍ୱ.ପ୍ର.)**

ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀ ଏକ ଦ୍ରୁତଗାମୀ ଟ୍ରକକୁ ଅଟକାଇ ଚାଳକଙ୍କଠାରୁ ଜରିମାନା ଆଦାୟ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ସୋମବାରା ରାତିରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥୀ ନାଏକ ଏବଂ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ସେତିକିବେଳେ ବୌଦ୍ଧ ପଟୁ ଏକ ମାଲ ବୋଝେଇ ଟ୍ରକ(ନଂ.ଓଡି ୦୫ ଏସି ୪୪୭୭) ଦ୍ରୁତ ଗତିରେ ଆସୁଥିବା ଦେଖି ରାମ୍ପିକଟାଠାରେ ଅଟକାଯାଇଥିଲା। ହେଲେ ଟ୍ରକଟି ଅଟକି ନ ଥିଲା। ଏପରି କି ଟ୍ରକଟି ଫେରାର ହୋଇଯାଉଥିବା ବେଳେ ପରିବହନ ବିଭାଗ କର୍ମଚାରୀମାନେ ଗୋଡାଇ ପୁରୁଣାକଟକ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ଅଟକାଇ ଥିଲେ। ପରେ ଟ୍ରକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଏବଂ ଟ୍ରକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଆଞ୍ଚଳିକ ପରିବହନ ଅଧିକାରୀ ନାଏକ ଟ୍ରକ ଚାଳକଙ୍କଠାରୁ ୪ହଜାର ୮୪୫ ଟଙ୍କା ଜରିମାନା ଆଦାୟ କରିଥିଲେ।

୮ରେ ଜାତୀୟ କୃମିନାଶକ ଦିବସ

# ୧କୋଟିରୁ ଅଧିକ ପିଲାଙ୍କୁ ଦିଆଯିବ ବଟିକା

ଭୁବନେଶ୍ୱର, ୬।୮(ବ୍ୟୁରୋ)-ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରତି ୬ମାସରେ ଥରେ ୧ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ କୃମିନାଶକ ଔଷଧ ଓ ୯ମାସରୁ ୫ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଭିଟାମିନ୍ 'ଏ'ର ଦ୍ରବଣ ଖାଇବାକୁ ଦିଆଯାଉଛି। ନିୟମିତ କୃମିନାଶକ ଔଷଧ ଖାଇବା ଦ୍ୱାରା ପିଲାମାନେ ଏହି ପରଜୀବି ସଂକ୍ରମଣ ଦ୍ୱାରା ହେଉଥିବା ରକ୍ତହୀନତା, ପୁଷ୍ଟିହୀନତା ଜନିତ ଶାରିରୀକ, ମାନସିକ, ବୌଦ୍ଧିକ ବିକାଶର ବାଧାରୁ ରକ୍ଷା ପାଆନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ ହେଉଥିବା ଏହି ଅଭିଯାନରେ ରାଜ୍ୟ ସରକାର ୧ବର୍ଷରୁ ୧୯ବର୍ଷ ମଧ୍ୟରେ ୧କୋଟି ୩୦ ଲକ୍ଷ ପିଲାମାନଙ୍କୁ ଏହି ବଟିକା ଖାଇବାକୁ ଦେବା ପାଇଁ ଯୋଜନା କରିଛନ୍ତି। ଆସନ୍ତା ୮ ତାରିଖରେ ୧ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ମାଗଣାରେ ଏହି ଔଷଧ ଖାଇବାକୁ ଦିଆଯିବ। ଯେଉଁ ପିଲାମାନେ ଅସୁସ୍ଥତା ବଶତଃ କିମ୍ବା ଅନୁପସ୍ଥିତ ରହିବା ଯୋଗୁ ଏହି ବଟିକା ଖାଇ ପାରି ନ ଥିବେ ସେମାନେ ୧୬ ତାରିଖରେ ଏହି ବଟିକା ଖାଇବେ ବୋଲି ମଙ୍ଗଳବାର ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ କୁହାଯାଇଛି। ସେହିପରି ୧ରୁ ୩ ବର୍ଷ ବୟସ ପିଲାମାନଙ୍କୁ କୃମିନାଶକ ସିରପ୍ ଏବଂ ୪ ଓ ୫ ବର୍ଷ ବୟସ ପିଲାମାନଙ୍କୁ କୃମିନାଶକ ବଟିକା ଗୁଣ୍ଡ କରି ସଫା ପାଣିରେ ମିଶାଇ ଅଙ୍ଗନୱାଡି କେନ୍ଦ୍ରରେ ଖାଇବାକୁ ଦିଆଯିବ। ୬ରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସେମାନେ ପଢୁଥିବା ବିଦ୍ୟାଳୟରେ ଶିକ୍ଷକମାନେ ଏହି ବଟିକା ଖାଇବାକୁ ଦେବେ। ବିଦ୍ୟାଳୟକୁ ଯାଉ ନ ଥିବା ୬ରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ଔଷଧ ଅଙ୍ଗନୱାଡି କର୍ମୀ ଓ ଦମନ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଖାଇବାକୁ ଦିଆଯିବ। ଏଥିରେ ଆଶାକର୍ମୀ ସହାୟତା କରିବେ। ସେହିପରି ଫାଇଲେରିଆ ବ୍ୟାପକତା ଥିବାରୁ ବାଲେଶ୍ୱର, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ନୂଆପଡ଼ା ଆଦି ୫ଟି ଜିଲାରେ ଘରକୁ ଘର ବୁଲି ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଫାଇଲେରିଆ ବଟିକା ସହିତ କୃମିନାଶକ ବଟିକା ଦିଆଯିବ। ଏହାଛଡ଼ା ରାଜ୍ୟ ସରକାରଙ୍କ ଦ୍ୱାରା ଏହି ଚଳିତ ମାସରେ ୩୦ଟି ଜିଲାରେ ୯ମାସରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ଟୀକାକରଣ କେନ୍ଦ୍ର ଓ ସ୍ୱତନ୍ତ୍ର ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସରେ ଭିଟାମିନ୍ 'ଏ' ଦ୍ରବଣ ଖାଇବାକୁ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଇମେଜ୍‌ଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଉପସ୍ଥିତ ଥିଲେ।


**idco** Your power to grow | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. HO/CIV/T&E/E-4477/01/19/13478 Date: 03.08.2019

**EXPRESSION OF INTEREST FOR APPOINTMENT OF ARCHITECTURAL CONSULTANT**

Expression of Interest is invited from Architects/ Consultancy for rendering Architectural Planning & Design Services for **"Construction of BSL-III lab, 120 bedded Hostel and Ancillary works of RMRC, Bhubaneswar"**. The detail EOI notice can be seen in our website **www.idco.in** (in tenders EOI / REP/ Others). The bid document can be downloaded from 5.00 P.M. of 08.08.2019. The last date of submission of the EOI is 26.08.2019 by 5.00 P.M.

Sd/-
Chief General Manager (Civil)
IDCO, Bhubaneswar



## ବାରିପଦା ପୌରପରିଷଦ କାର୍ଯ୍ୟାଳୟ, ବାରିପଦା

**ସଂଖ୍ୟା: 5968** **ତାରିଖ: 05.08.19**

### ବିଜ୍ଞପ୍ତି
**(Notification)**

**No.100-C:-** ଏତଦ୍ୱାରା ବାରିପଦା ପୌରାଞ୍ଚଳରେ ବାସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ ଗତ ତା୨୮।୧୨।୨୦୧୮ରିଖଠାରୁ ବାରିପଦା ସହରକୁ "ଖୋଲାରେ ମଳତ୍ୟାଗ ମୁକ୍ତ ଅଞ୍ଚଳ" ରୂପେ ଘୋଷଣା କରାଯାଇଅଛି। ତେଣୁ ସହର ମଧ୍ୟରେ ବିଭିନ୍ନ ଖୋଲା ସ୍ଥାନରେ ଯଦି କୌଣସି ବ୍ୟକ୍ତି ମଳତ୍ୟାଗ କିମ୍ବା ପରିସ୍ରା କରୁଥିବାର ଦୃଷ୍ଟିଗୋଚର ହୁଏ ତେବେ ଆଇନ ଅନୁଯାୟୀ ଉକ୍ତ ବ୍ୟକ୍ତିବିଶେଷଙ୍କଠାରୁ ନିମ୍ନ ପ୍ରକାର ଜରିମାନା ଆଦାୟ କରାଯିବ।

୧. ଖୋଲା ସ୍ଥାନରେ ମଳତ୍ୟାଗ ନିମନ୍ତେ- ଟ. ୨୦୦.୦୦ଙ୍କା
୨. ଖୋଲା ସ୍ଥାନରେ ପରିସ୍ରା ତ୍ୟାଗ ନିମନ୍ତେ- ଟ. ୫୦.୦୦ଙ୍କା

ଏଣୁ ସମସ୍ତଙ୍କୁ ଅନୁରୋଧ ଘରେ ନିଜେ ପାଇଖାନା ତିଆରି କରି କିମ୍ବା ପୌରପରିଷଦ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରନ୍ତୁ ଏବଂ ଜରିମାନା ଦେବାରୁ ବଞ୍ଚିତ ହେବା ସହିତ ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ।

***ମନେରଖନ୍ତୁ "ଖୋଲାରେ ଝାଡ଼ାଯିବା ଦେଶ ତଥା ସହର ପାଇଁ ଲଜ୍ଜା"***

**ସ୍ୱା./- ନିର୍ବାହୀ ଅଧିକାରୀ**
13078/11/0005/1920 **ବାରିପଦା ପୌରପରିଷଦ**



## ଓଡ଼ିଶା ସରକାର
## ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.L.A., Case No.03/18/3277 Dated: 06.06.19

No.XXVI-19 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ନଳାଙ୍ଗ, ଥାନା-ଭଦ୍ରକ, ସଂ.୬୬, ତହସିଲ-ଭଦ୍ରକ, ଜିଲ୍ଲା-ଭଦ୍ରକରେ, ନିମ୍ନ ତଫସିଲ ମତେ ପ୍ରାୟ ଏ.**୧.୭୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act-2013)ର ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013)ର ୧୫ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା.5380/R&DM, ତା.15.02.19ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଭଦ୍ରକ।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଭଦ୍ରକ | ନଳାଙ୍ଗ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୩ କର ଏଥି ସହିତ ସଂଲଗ୍ନ | ଏ. ୧.୭୦ କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
ଜମିର ତାଲିକା
ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମୀ ଅଧିଗ୍ରହଣ ବିବରଣୀ
**ମୌଜା-ନଳାଙ୍ଗ, ଥାନା-ଭଦ୍ରକ, ସଂ.୬୬, ତହସିଲ-ଭଦ୍ରକ, ଜିଲ୍ଲା-ଭଦ୍ରକ**

**ବ୍ୟକ୍ତିଗତ ଜମି-**
**ଏଥି ସହିତ ସଂଲଗ୍ନ କରାଯାଇଅଛି।**

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା./- (ଜ୍ଞାନ ଦାସ), ଜିଲ୍ଲାପାଳ, ଭଦ୍ରକ**

ଭୂମୀ ଅନୁସୂଚୀ
**ପ୍ରକଳ୍ପର ନାମ-ରେବ-କପାଳିନଦୀ ସଂସ୍କାର, ସା-ନଳାଙ୍ଗ, ତହସିଲ-ଭଦ୍ରକ, ଥାନା-ଭଦ୍ରକ, ସଂ.୬୬, ଜିଲ୍ଲା-ଭଦ୍ରକ**

| କ୍ର. ସଂ. | ଖାତା ସଂ | ଖସଡ଼ା ସଂ | କିସମ | ମୋଟ ରକବା (ଏକରପ୍ରତି) | ଭୂ-ଅର୍ଜନ ରକବା (ଏକରପ୍ରତି) | ଖାତାରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୭୪ | ୧୪୦୦ | ପତିତ | ୦.୦୭ | ୦.୦୭ | ସିତା ସୁନ୍ଦରୀ ପାଣି, ସ୍ୱ./-ଉଦୟନାଥ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୨ | ୧୫୮ | ୪୦୦ | ପାଳ-୨ | ୦.୦୬ | ୦.୦୬ | ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ପି-ଗଙ୍ଗାଧର ପଣ୍ଡା, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୩ | ୧୭୯ | ୧୩୬୮ | ପତିତ | ୦.୦୪ | ୦.୦୪ | ଗୋବିନ୍ଦ ଚନ୍ଦ୍ର ପାଣି, ପି-ପୁରସ୍ତମ ପାଣି, ପଣ୍ଡା, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୪ | ୨୬୧ | ୨୦୫୫ | ପତିତ | ୦.୧୫ | ୦.୧୫ | ଧନେଶ୍ୱର ସାହୁ, ପି-ବନମାଳି ସାହୁ ଓଗେର ଜାତି-ଗୁଡ଼ିଆ, ଗ୍ରାମ-ନିଜଗାଁ |
| ୫ | ୩୩୭ | ୧୩୯୮ | ପତିତ | ୦.୦୪ | ୦.୦୪ | ପୁନାନନ୍ଦ ପାଣି, ଚିନ୍ତାମଣି ପାଣି, ପଣ୍ଡା, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୬ | ୪୪୩ | ୪୨୫ | ବଗାୟତ-୩ | ୦.୦୮ | ୦.୦୪ | ରଘୁନାଥ ତ୍ରିପାଠୀ, ବିଶ୍ୱନାଥ ତ୍ରିପାଠୀ, ପି-ଲୋକନାଥ ତ୍ରିପାଠୀ ଓଗେର ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| | | ୧୩୮୮ | ପତିତ | ୦.୦୨ | ୦.୦୨ | |
| ୭ | ୪୬୪ | ୪୦୧ | ପାଳ-୨ | ୦.୦୬ | ୦.୦୬ | ରାମଚନ୍ଦ୍ର ପେଡା, ପି-ଋଷି, ଜାତି-ତନ୍ତୀ, ଗ୍ରାମ-ନିଜଗାଁ |
| ୮ | ୪୬୫ | ୧୩୯୦ | ବଗାୟତ-୩ | ୦.୦୨ | ୦.୦୨ | ରମେଶଚନ୍ଦ୍ର ପଣ୍ଡା, ପି-କହ୍ନେଇ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୯ | ୫୨୦ | ୧୩୯୨ | ପତିତ | ୦.୦୨ | ୦.୦୨ | ସିତା ସୁନ୍ଦରୀ ପାଣି, ସ୍ୱା./-ଉଦୟନାଥ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| | | ୧୩୬୯ | ପତିତ | ୦.୦୧ | ୦.୦୧ | |
| | | ୪୧୯ | ପତିତ | ୦.୩୪ | ୦.୧୮ | |
| ୧୦ | ୫୭୧/୨୪ | ୪୨୨ | ପତିତ | ୦.୧୮ | ୦.୧୮ | ବ୍ରଜ ସୁନ୍ଦରୀ ପାଣି, ପି-ପୁରସ୍ତମ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୧୧ | ୫୭୧/୨୭ | ୧୩୭୯ | ଘରବାରି | ୦.୦୮ | ୦.୦୨ | ଚଞ୍ଚଳା ତ୍ରିପାଠୀ, ସ୍ୱା-ରଘୁନାଥ ତ୍ରିପାଠୀ ଓଗେର ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| | | ୧୩୮୦ | ଘରବାରି | ୦.୦୭ | ୦.୦୨ | |
| | | ୧୩୮୭ | ବଗାୟତ-୨ | ୦.୦୮ | ୦.୦୬ | |
| | | ୧୩୯୪ | ବଗାୟତ-୩ | ୦.୧୫ | ୦.୧୦ | |
| | | ୧୩୯୬ | ବଗାୟତ-୩ | ୦.୦୮ | ୦.୦୪ | |
| | | ୧୩୯୭ | ବଗାୟତ-୩ | ୦.୧୩ | ୦.୧୩ | |
| ୧୨ | ୫୭୧/୨୯ | ୧୩୮୫ | ଘରବାରି | ୦.୦୬ | ୦.୦୩ | କୃପାସିନ୍ଧୁ ପାଣି, ପି-ନରୋତମ, ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| | | ୧୩୮୬ | ବଗାୟତ-୩ | ୦.୦୫ | ୦.୦୪ | |
| ୧୩ | ୫୭୧/୩୮ | ୧୩୭୮ | ଘରବାରି | ୦.୦୪ | ୦.୦୨ | ଦିନବନ୍ଧୁ ପାଣି, ବ୍ରହ୍ମାନନ୍ଦ ପାଣି, ପି-ପୂର୍ଣ୍ଣାନନ୍ଦ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| ୧୪ | ୫୭୧/୭୨ | ୧୩୮୪ | ଘରବାରି | ୦.୧୮ | ୦.୦୪ | କୃପାସିନ୍ଧୁ ପାଣି, ପି-ନରୋତ୍ତମ, ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| ୧୫ | ୫୭୧/୭୩ | ୪୨୧ | ପତିତ | ୦.୦୮ | ୦.୦୮ | ମାଧବୀଲତା ପାଣି, ସ୍ୱା-ଘନଶ୍ୟାମ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| ୧୬ | ୫୭୧/୮୧ | ୪୨୩ | ପତିତ | ୦.୨୧ | ୦.୦୮ | ମାଧବୀଲତା ପାଣି, ସ୍ୱା-ଘନଶ୍ୟାମ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| ୧୭ | ୫୭୧/୯୩ | ୧୩୮୯ | ବଗାୟତ-୩ | ୦.୦୨ | ୦.୦୨ | ସୁରେନ୍ଦ୍ର ତ୍ରିପାଠୀ ଓଗେର, ପି-ରଂଜନ ତ୍ରିପାଠୀ, ଜାତି-ବ୍ରାହ୍ମଣ, ଗ୍ରାମ-ନଳାଙ୍ଗ |
| ୧୮ | ୫୭୧/୨୬୧ | ୪୨୦ | ବଗାୟତ-୩ | ୦.୧୦ | ୦.୧୦ | ସଦାଶିବ ପଣ୍ଡା, ପି-କୃଷ୍ଣ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀ ପଣ୍ଡା, ସ୍ୱା-ସଦାଶିବ ପଣ୍ଡା, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୧୯ | ୫୭୧/୪୪୨ | ୧୩୯୫ | ବଗାୟତ-୩ | ୦.୦୫ | ୦.୦୩ | ଶ୍ରୀ ଶ୍ରୀ ନଳେଶ୍ୱର ମହାଦେବ ଯଜ୍ଞ କମିଟି ନଳାଙ୍ଗ ମାର୍ଫତ ନିରୋଦ କୁମାର ପାଣି, ପି-ବ୍ରଜ ସୁନ୍ଦର ପାଣି, ସ୍ୱପ୍ନ କୁମାର ପାଣି, ପି-ବୈଷ୍ଣବ ପାଣି, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ, ରାମନାରାୟଣ ତ୍ରିପାଠୀ, ପି-ବିଶ୍ୱନାଥ ତ୍ରିପାଠୀ, ରାଧାଶ୍ୟାମ ଓଝା, ପି-ନବକିଶୋର ଓଝା, ଜାତି-କମାର, ଗ୍ରାମ-ନିଜଗାଁ, ଶ୍ରୀଧର ନାୟକ, ପି-ଦଧିବାମନ ନାୟକ, ଜାତି-ଖଣ୍ଡାୟତ, ଗ୍ରାମ-କଦାପାଟ |
| | | | ମୋଟ | ୨.୫୩ | ୧.୭୦ | |

24017/14/0019/1920 **ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଭଦ୍ରକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ସା ଏବଂ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତା ବିରମିତ୍ରପୁର ପୋଲିସ ସହିତ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ବର୍ତ୍ତମାନ ଶିଶୁମାନେ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**
**ମୋ. ନଂ.-୯୯୩୮୧୭୦୪୫୦/ଅଫିସ୍-୦୬୬୨୨-୨୭୩୩୪୩**
**ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼**
**ମୋ,ନଂ.-୯୪୩୭୦୮୫୪୩୪/ଅଫିସ୍-୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଆୟୁଷୀ (ଦୀସା, ସା ଦ୍ୱାରା ଦିଆଯାଇଥିବା ନାମ) | ୧୦.୦୬.୧୯ | ଝିଅ | କ୍ରେଡିଲ୍ ବେବି ପଏଣ୍ଟ ଦୀସା, ସା, ସୁନ୍ଦରଗଡ଼, ତା-୩୧।୦୭।୨୦୧୯ ମଧ୍ୟରାତ୍ରି |  |
| ୨ | ଚିରାଗ (ଦୀସା, ସା ଦ୍ୱାରା ଦିଆଯାଇଥିବା ନାମ) | ୦୩।୦୨।୧୮ | ପୁଅ | ତେଲିପୋସ, ଜଙ୍ଗଲ, ବିରଙ୍ଗାଟୋଲା, କୁଆଁରମୁଣ୍ଡା, ବିରମିତ୍ରପୁର ଥାନା, ତା.୦୩।୦୮।୧୯ |  |

**Your faithfully**
**Sd./- District Child Protection Officer**
**Sundargarh**



## ଓଡ଼ିଶା ସରକାର
## ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ
### ଅଧିସୂଚନା

**File No.L.A. Case No. 16/18 3403 Dated: 06.06.19**

**No.XXVI-06:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ନାରାୟଣପୁର, ଥାନା: ଧାମନଗର, ତହସିଲ: ଧାମନଗର, ସଂ-୪୩, ଜିଲ୍ଲା: ଭଦ୍ରକରେ ନିମ୍ନ ତଫସିଲମତେ ପ୍ରାୟ ଏ୦.୭୯କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 (RFCTLAR & R Act. 2013) ର ଧାରା 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 (RFCTLAR & R Act. 2013)ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 (RFCTLAR & R Act. 2013) ର 15 ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ-ନିର୍ବାହ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା- 5380/R&DM ତା. 15.02.19 ରିଖ ପ୍ରକାରେ ଭୂମି ଅଧିକରଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଭଦ୍ରକ।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଭଦ୍ରକ | ଧାମନଗର | ନାରାୟଣପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ ଅଛି। | ଏ.୩.୧୭କର ଏଥି ସହିତ ସଂଲଗ୍ନ | ଏ.୦.୭୯କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୧୨କର ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର, (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
**ଜମିର ତାଲିକା**
**ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା-ନାରାୟଣପୁର, ଥାନା-ଧାମନଗର, ତହସିଲ-ଧାମନଗର, ସଂ-୪୩, ଜିଲ୍ଲା-ଭଦ୍ରକ**

**ବ୍ୟକ୍ତିଗତ ଜମି-**
ଏଥି ସହିତ ସଂଲଗ୍ନ କରାଯାଇଅଛି।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା./- ଜିଲ୍ଲାପାଳ, ଭଦ୍ରକ**

**ଭୂମି ଅନୁସୂଚୀ**
**ପ୍ରକଳ୍ପ ନାମ: ରେବ-କପାଳି ନଦୀ ସଂସ୍କାର**
**ସା: ନାରାୟଣପୁର, ତହସିଲ: ଧାମନଗର, ଥାନା: ଧାମନଗର, ସଂ-୪୩, ଜିଲ୍ଲା: ଭଦ୍ରକ**

| କ୍ର. ସଂ. | ଖାତା ସଂ | ଖସଡ଼ା ସଂ | କିସମ | ମୋଟ ରକବା (ଏକର ପ୍ରତି) | ଭୂ-ଅର୍ଜନ ରକବା (ଏକର ପ୍ରତି) | ଖାତା ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୩ | ୮୨୮ | ପତିତ | ୦.୫୮ | ୦.୧୬ | ଅଖିଳ ଚନ୍ଦ୍ର ବାରିକ, ପି: ଚିନ୍ତାମଣି ବାରିକ, ଜାତି: ଗୋପାଳ ଗ୍ରାମ: ନାରାୟଣପୁର |
| ୨ | ୫୮ | ୮୨୭ | ପତିତ | ୦.୩୪ | ୦.୦୮ | ଜଗବନ୍ଧୁ ଖିଲାର, ପି: ନୀଳମଣି ଖିଲାର, ଜାତି: ଗୋପାଳ, ଗ୍ରାମ: ନାରାୟଣପୁର |
| ୩ | ୮୫ | ୮୨୬ | ବାଜେ ଫସଲ-୨ | ୦.୩୦ | ୦.୨୦ | ନିରଞ୍ଜନ ରାଉଳ, ପି: ହାଡ଼ିବନ୍ଧୁ ରାଉଳ, ଜାତି: ମାଟିବଂଶ, ନିଜଗାଁ |
| ୪ | ୧୧୯ | ୮୨୩ | ପତିତ | ୦.୩୧ | ୦.୧୫ | ବୃନ୍ଦାବନ ରାଉଳ, ପି: ପ୍ରାଣବନ୍ଧୁ, ଜାତି: ମାଟିବଂଶ, ଗ୍ରାମ: ନିଜଗାଁ |
| ୫ | ୧୬୯ | ୮୫୩ | ଘରବାରି | ୦.୧୦ | ୦.୦୩ | ଶିବରାମ ନାୟକ, କୃଷ୍ଣ ଚନ୍ଦ୍ର ନାୟକ, ପି: ଚୈତନ୍ୟ ଓ ଓଗେର, ଜାତି: ମାଟିବଂଶ, ଗ୍ରାମ: ନିଜଗାଁ |
| ୬ | ୧୭୭ | ୮୪୬ | ଘରବାରି | ୦.୨୩ | ୦.୦୫ | ସୁଜନ ପାଗଳ, ସ୍ୱା: ଶ୍ରୀରାମ ପାଗଳ, ଜାତି: ମାଟିବଂଶ, ଗ୍ରାମ: ନିଜଗାଁ |
| ଗୋଚର ପ୍ରତିବଦଳ | | | | | | |
| ୧୧ | ୩ | ୮୨୮ | ପତିତ | ୦.୫୮ | ୦.୧୨ | ଅଖିଳ ଚନ୍ଦ୍ର ବାରିକ, ପି: ଚିନ୍ତାମଣି ବାରିକ, ଜାତି: ଗୋପାଳ ଗ୍ରାମ: ନିଜଗାଁ |
| | | | ମୋଟ | ୩.୧୭ | ୦.୭୯ | |

**24017/14/0010/1920** **ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଭଦ୍ରକ**



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ୩୭୦ ଉଚ୍ଛେଦ ପରେ ଭାଜପା ପାଳିଲା ବିଜୟ ଦିବସ

କଣ୍ଟାବାଞ୍ଜି, ୬।୮ (ଡି.ଏନ.ଏ.): ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି। ଏଥିସହ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଏବଂ ଅନୁଚ୍ଛେଦ ୩୫(ଏ)କୁ ଉଚ୍ଛେଦ କରାଯାଇଛି। ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଭିହିତ କରି କଣ୍ଟାବାଞ୍ଜି ଭାଜପା ମଣ୍ଡଳ ବିଜୟ ଦିବସ ପାଳନ କରିଛି। ସୋମବାର ସନ୍ଧ୍ୟାରେ ଭାଜପା କର୍ମୀ ଓ ସମର୍ଥକ ସହରରେ ଏକ ବାଇକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପରେ ଇନ୍ଦିରା ଛକରେ ଆୟୋଜିତ ସଭାରେ ଭାଜପା ଜିଲା ଉପସଭାପତି ଲକ୍ଷ୍ମଣ ବାଗ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜି ମହାନ୍ତି, ଯୁବମୋର୍ଚ୍ଚା ସଭାପତି ରମାକାନ୍ତ ମହାପାତ୍ର, ଘାସିରାମ ଜୈନ, ବିକାଶ ଶର୍ମା ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଯୁଗପୋଯୋଗୀ ବୋଲି ବର୍ଣ୍ଣନା କରିଥିଲେ।

### ମରୁଡ଼ି ଆଶଙ୍କାରେ ଚାଷୀର ଚିନ୍ତା ବଢୁଛି

ଗୁଡଭେଲା, ୬।୮ (ଡି.ଏନ.ଏ.): ଗୁଡଭେଲା ବ୍ଲକରେ ଚଳିତ ବର୍ଷ ଜୁନ-ଜୁଲାଇ ମାସରେ ବହୁତ କମ ପରିମାଣର ବର୍ଷା ହୋଇଛି। ଫଳରେ ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଧାନ ବେଉଷଣ ଓ ରୁଆ କାର୍ଯ୍ୟ ଚାଲିପାରି ନାହିଁ। ଚାଷୀମାନେ ଋଣ କରଜ କରି ବିହନ ଓ ସାର କିଣି ଧାନରେ ବୁଣିବା ସହ ରୋଇବା ସକାଶେ ତଳି ପକାଇଥିଲେ। ଦେଢ ମାସରୁ ଅଧିକ ସମୟ ବିତିଯିବା ପରେ ମଧ ଧାନ ବେଉଷଣ କାର୍ଯ୍ୟ ଓ ଧାନ ରୁଆ ହୋଇ ପାରୁ ନଥିବାରୁ ଚାଷୀ ଆଗକୁ କଣ କରିବ ବୋଲି ଚିନ୍ତାରେ ଦିନ କାଟୁଛି। ଏପରିକି ଏହି ବ୍ଲକର କିଛି ଅଞ୍ଚଳର ଚାଷ ଜମିକୁ ଜଳସେଚିତ କରିବା ପାଇଁ ମେଗା ଉଠା ଜଳ ପ୍ରକଳ୍ପଗୁଡିକ ରହିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ତାହା ଏବେ କାମରେ ଆସୁ ନ ଥିବା ବହୁ ଚାଷୀ କହନ୍ତି। ଅନ୍ୟପକ୍ଷରେ ବ୍ଲକର କିଛି ଅଞ୍ଚଳରେ କିଛି ଦିନ ହେବ ବର୍ଷା ହୋଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ବିଲଡିହ ଓ ଜଳାଶୟଗୁଡିକରେ ପାଣି ଭର୍ତ୍ତି ହୋଇ ପାରି ନାହିଁ। ଏପରିକି ଖରା ଦିନରେ ଶୁଖି ଯାଇଥିବା କୂଅଗୁଡିକରେ ମଧ ଏବେ ଏକ ଫୁଟରୁ ୩ ଫୁଟ ପର୍ଯ୍ୟନ୍ତ ପାଣି ବଢିଛି। ଏପରିକି ବର୍ତ୍ତମାନ ବର୍ଷା ହେଲେ ମଧ ଡିପ ଓ ମଧମ କିସମ ଚାଷ ଜମିରେ ଧାନ ବହୁ ପରିମାଣରେ ପ୍ରଭାବିତ ହୋଇ ଅମଳ କମିଯିବା ସୁନିଶ୍ଚିତ ବୋଲି ଚାଷୀ ବିଶାରଦମାନେ କହନ୍ତି। ଏପରି ସ୍ଥିତିରେ ସରକାର କାଳ ବିଳମ୍ବ ନ କରି ଏକ ସପ୍ତାହ ମଧରେ ଚାଷୀ ମାନଙ୍କର କ୍ଷୟକ୍ଷତି ଆକଳନ କରି ତୁରନ୍ତ ଆବଶ୍ୟକ ସହେଯାଗ କରିବା ପାଇଁ କୃଷକମାନଙ୍କ ପକ୍ଷରୁ ଦାବି ହେଉଛି।

### ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ବଙ୍ଗୋମୁଣ୍ଡା, ୬।୮ (ଡି.ଏନ.ଏ.): ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ୭୩ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୀକ୍ଷିତ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୧୫ ସକାଳ ୫ଟାରେ ରାମଧୂନ, ପ୍ରଭାତଫେରି ଏବଂ ସକାଳ ୮ଟାରେ ସରକାରୀ ବେସରକାରୀ ଅନୁଷ୍ଠାନଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ବଙ୍ଗୋମୁଣ୍ଡା ଖେଳପଡିଆଠାରେ ପୂର୍ବାହ୍ନ ୯ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ମାମରାଜ ଜୈନ, ଭୋଲା ବେହେରା, ଏଇ ତନକିଶୋର ନାଏକ, ସତ୍ୟନାରାୟଣ ସାଏ, ଶିକ୍ଷକ ନାରାୟଣ ମିଶ୍ର, ସିଆରସିସି ସଞ୍ଜୟ ପ୍ରଧାନୀ, ରଶ୍ମିରଞ୍ଜନ ପୁଟେଲ, ରେଣୁରଞ୍ଜନ ବାଗ, ନେହେରୁ ପୁଟେଲ, ମହିଳା ଶିଶୁ ବିକାଶ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ବୀମା ଟଙ୍କା ଦାବି କରି ଚାଷୀମାନେ ଉପ ଜିଲାପାଳଙ୍କ ଅଫିସ ଆଗରେ।

# 'ଆମକୁ ବୀମା ଟଙ୍କା ଦିଅ'

ଟିଟିଲାଗଡ଼, ୬।୮ (ଡି.ଏନ.ଏ.)

ତତଲାଗଡ ଭାବରେ ପରିଚିତ ଟିଟିଲାଗଡ ବ୍ଲକ ଅଞ୍ଚଳର ଚାଷୀ କ୍ରମାଗତ ଭାବରେ ମରୁଡିର ଶିକାର ହୋଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନାରେ ପ୍ରିମିୟମ ଭରିଥିବା ଚାଷୀ ବର୍ଷବର୍ଷ ଧରି ବୀମା ସହାୟତା ରାଶିରୁ ବଞ୍ଚିତ ହେଉଛନ୍ତି। ମଙ୍ଗଳବାର ବରିଷ୍ଠ ଚାଷୀ ନେତା ଶ୍ରୀ ଷାଣ୍ଢଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଉପଜିଲାପାଳଙ୍କଠାରେ ଫେରାଦ ହେବା ପାଇଁ ପହଞ୍ଚିଥିଲେ। ହେଲେ ଚାଷୀଙ୍କୁ ସାକ୍ଷାତ ପାଇଁ ପୂର୍ବରୁ ପ୍ରତିଶ୍ରୁତି ପ୍ରଦାନ କରିଥିବା ଉପଜିଲାପାଳ ଅନୁପସ୍ଥିତ ଥିଲେ। ଏଣୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ସେମାନେ କିଛି ସମୟ ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସହାୟକ ଜିଲାପାଳ ଭୁବନ ଶତପଥୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ୨୦୧୮ ଖରିଫ ସମେତ ପୂର୍ବ ବର୍ଷ ଗୁଡିକର ବୀମା ସହାୟତା, ଇନପୁଟ ସବିସିଡି ତୁରନ୍ତ ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଭାସ ବହିଦାର, ଯୁବ ଚାଷୀ ନେତା ଜିତୁ ସାହୁ, ନିତ୍ୟା ମାଝି, ଉମାକାନ୍ତ ଭୋଇ, ତ୍ରିଲୋଚନ ସାହୁ, ବୈବସ୍ୱତ ସାହୁ, ପ୍ରଦୀପ ଖର୍ସେଲ, କିଷାନ ନାଗ, ବ୍ରଜ ବାଗ, ଗୋଲକବିହାରି ସିଂଭୋଇ, ଗୌର ବାଗ, ତପନ ଛତର, ଦୁର୍ଜୟ ଛତର, ଚିତ୍ରସେନ ହାତି, ଡୋଲାମଣୀ ଝାଙ୍କର, ସତ୍ୟ ନାଗ, କରମସିଂ ମହାନନ୍ଦ, ହୁମେର ସିଂମାଝୀ, ଉପାସୁ ମାଝୀ, ପୂର୍ଣ୍ଣାନନ୍ଦ ସାହୁ, ଲଳିତ ବେହେରା, ସତ୍ୟ ବେହେରା, ବୁଧି ଯୋଷୀ, ରାମେଶ୍ୱର ପାଣିଗ୍ରାହୀ, ଧର୍ମେନ୍ଦ୍ର ଛତର, ମୁକେଶ ଛତର, ମିତ୍ରସେନ ଛତର, କିଶୋର ଛତର, ଶ୍ୟାମ ଜାନୀ, ଭୁବନେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୬-୧୭, ୨୦୧୭-୧୮ର ବିମା ରାଶି ସହାୟତାରୁ ବଞ୍ଚିତ ଚାଷୀ ଗତ ବର୍ଷ ଅଗଷ୍ଟ ୬ରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଥିଲେ। ତୁରନ୍ତ ଚାଷୀଙ୍କୁ ସହାୟତା ପାଇଁ ବ୍ୟବସ୍ଥା କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେବାରୁ ୩ ଦିନ ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଅଦ୍ୟାବଧି ବୀମା ସହାୟତା ରାଶିରୁ ଚାଷୀ ବଞ୍ଚିତ ରହିଛନ୍ତି। ଏଣୁ ଅନଶନର ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଚାଷୀମାନେ ଉପଜିଲାପାଳଙ୍କଠାରେ ଫେରାଦ ହେବା ପାଇଁ ପହଞ୍ଚିଥିଲେ।

## କନଗାଁ ସ୍କୁଲର ୧୧୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଖପ୍ରାଖୋଲ, ୬।୮ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ କନଗାଁ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ ଅଭିଯାନ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ୟୁନିଟ୍‌ର ଡା. ବିନୟ କୁମାର ମେହେର, ଫାର୍ମାସିଷ୍ଟ ଅମିତାଭ ଠାକୁର ପ୍ରମୁଖ ଛାତ୍ରୀଛାତ୍ରଙ୍କ ଓଜନ, ଉଚ୍ଚତା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆବଶ୍ୟକ ଓଜନ ଏବଂ ଉଚ୍ଚତା ନ ଥିବା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। ୨ ଜଣ ଛାତ୍ରୀଛାତ୍ର ଭିନ୍ନକ୍ଷମ ଏବଂ ସ୍ନାୟୁଗତ ଦୁର୍ବଳତା ଥିବା ଚିହ୍ନଟ କରାଯାଇଛି। ଏମାନଙ୍କୁ ମାଗଣା ଚିକିତ୍ସା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ପ୍ରଧାନ ଶିକ୍ଷକ ମୋତିଲାଲ ତାଣ୍ଡି, କମଳ ବରିହା, ପୁଷ୍ପାଞ୍ଜଳି ସୁନା, ଜ୍ଞାନରଞ୍ଜନ ଖଟୁଆ, ସୁଶାନ୍ତ ମହାନନ୍ଦ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ୧୧୦ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



କନଗାଁ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବନ୍ଧକେଡାରେ ଉତ୍କଟ ପାନୀୟ ଜଳ ସମସ୍ୟା

## ୧୫୦୦ ଲୋକଙ୍କୁ ୨ ନଳକୂଅ

ବଲାଙ୍ଗୀର ଅଫିସ, ୬।୮

ବଲାଙ୍ଗୀର ସଦର ବ୍ଲକ୍‌ର ଚିକଲବାହାଲ ପଞ୍ଚାୟତ ଅନ୍ତର୍ଗତ ବନ୍ଧକେଡା ଗାଁରେ ଏବେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏହି ଗାଁର ଲୋକେ ପିଇବା ପାଣି ନ ପାଇ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲା ପରେ ମଧ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ଓ ବ୍ଲକ୍ ପ୍ରଶାସନ କିଛି ଶୁଣୁନି। ଏଣୁ ଗ୍ରାମର ବହୁ ମହିଳା ଶେଷରେ ବଲାଙ୍ଗୀର ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀଙ୍କ ଉତ୍କଟ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରିଥିଲେ। ବନ୍ଧକେଡା ଗାଁରେ ୧୫ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏହି ଗାଁରେ ୬ଟି ନଳକୂଅ ରହିଛି। ସେଥିରୁ ମାତ୍ର ୨ଟି ନଳକୂଅର ପାଣି ବ୍ୟବହାର ଉପଯୋଗୀ ହୋଇପାରୁଛି। ଅନ୍ୟ ୪ଟି ନଳକୂଅ ଅଚଳ ହୋଇପଡି ରହିଛି। ଏଭଳି ପରିସ୍ଥିତିରେ ଲୋକେ ବାଲଟି ଭର୍ତ୍ତି ପାଣି ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରୁଛନ୍ତି। ଏ ନେଇ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗକୁ ବାରମ୍ବାର କୁହାଯାଇଥିଲେ ମଧ କେହି ଅଚଳ ନଳକୂଅ ସଜାଡୁ ନାହାନ୍ତି। ଏଭଳି ପରିସ୍ଥିତିରେ ଗାଁର ମହିଳାମାନେ ସବୁଠୁ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ପାଣି ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରୁଥିବାବେଳେ ଦୈନନ୍ଦିନ କାର୍ଯ୍ୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ଲୋକେ ପାଣି ନ ପାଇଁ କୂଅ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଖରାଦିନରେ ଏହି ଗାଁର ଲୋକେ ପାଣି ନ ପାଇ ଛଟପଟ ହେଉଥିଲେ ମଧ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ କେହି ଦୃଷ୍ଟି ଦେଉନାହନ୍ତି। ସ୍ୱାଧୀନତାର ୭୧ ବର୍ଷ ପରେ ଏହି ଗାଁରେ ପାଣି ମୁନ୍ଦାଏ ନ ପାଇବା ନେଇ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତୁରନ୍ତ ଗାଁରେ ଅଚଳ ନଳକୂଅ ସଜାଡିବା ସହ ଗାଁରେ ପାଇପ୍ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଏ ନେଇ ଜିଲାପାଳ ପଦକ୍ଷେପ ନେବେ ବୋଲି କହଛନ୍ତି।



ବଲାଙ୍ଗୀର ସଦର ବ୍ଲକ୍ ବନ୍ଧକେଡା ଗ୍ରାମର ମହିଳା ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି।

## କେଜିବିଭି ହଷ୍ଟେଲ, ହାଇସ୍କୁଲ ପରିଦର୍ଶନ କଲେ ବିଧାୟକ

ଲୋଇସିଂହା, ୬।୮ (ଡି.ଏନ.ଏ.)

ଲୋଇସିଂହା କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ(କେଜିବିଭି)ର ଅନ୍ତେବାସିନୀମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ସୋମବାର ଏହାର ପ୍ରତିବାଦରେ ଅନ୍ତେବାସିନୀମାନେ ରାସ୍ତାକୁ ଓହ୍ଲାଇଥିଲେ। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ଏହାପରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ କେଜିବିଭି ହଷ୍ଟେଲ ଏବଂ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ହଷ୍ଟେଲ ଅବ୍ୟବସ୍ଥା ଦେଖି ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହଷ୍ଟେଲ ଇନଚାର୍ଜ ତଥା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କନକ ମଞ୍ଜରୀ ପାଣିଗ୍ରାହୀଙ୍କ ସହ ବିଧାୟକ ହଷ୍ଟଲର ବିଭିନ୍ନ ସମସ୍ୟା ନେଇ କଥା ହୋଇଥିଲେ। ୧୩୨ ଅନ୍ତେବାସିନୀଙ୍କ ପାଇଁ ୫୦ଟି ଶଯ୍ୟା ରହିଥିବା, ମେନୁ ଅନୁଯାୟୀ ଖାଦ୍ୟ ଦିଆ ନ ଯିବା, ଆବାଶ୍ୟକତା ମୁତାବକ ପାଇଖାନା ନ ଥିବା, ପାଣି ସମସ୍ୟା ଏବଂ ଛାତ୍ରୀଙ୍କୁ ଦୁର୍ବ୍ୟବହାର ନେଇ ବିଧାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେଠାରେ ଉପସ୍ଥିତ ବିଇଓ ରୀନା ବେହେରା, ପ୍ରଧାନ ଶିକ୍ଷୟତ୍ରୀ, ସହକାରୀ ଶିକ୍ଷୟିତ୍ରୀଙ୍କୁ ନେଇ ଆଲୋଚନା କରିଥିଲେ। ତେବେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ଲାଗି ଉଦ୍ୟମ ଚାଲିଛି। ବାଳିକା ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ଖାଲି ପଡୁଛି। ଏଣୁ ସେଠାକୁ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ଡିପିସିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଅନୁମତି ମିଳିଲେ ହଷ୍ଟେଲ ଅନ୍ତେବାସିନୀଙ୍କ ରହିବା ସମସ୍ୟା ଦୂର ହୋଇ ପାରିବ ବୋଲି ବିଧାୟକଙ୍କୁ କୁହାଯାଇଛି। ସ୍କୁଲ ପଛପଟ ଗୋଚର ଜମି ସ୍କୁଲକୁ ହସ୍ତାନ୍ତର କଲେ ପରିସ୍ରାଗାର ଓ ପାଇଖାନ ନିର୍ମାଣ ହୋଇ ପାରିବ ବୋଲି ମଧ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ପାଚେରି, ପରିସ୍ରାଗାର ଏବଂ ପାଇଖାନା ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଛି। ସ୍ଥାନ ଅଭାବରୁ ତାହା ନିର୍ମାଣ ହୋଇ ପାରୁ ନ ଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ସବୁ ଅବଗତ ହେବାପରେ ହଷ୍ଟଲରେ ଲାଗି ରହିଥିବା ଅବ୍ୟବସ୍ଥା, ଜମି ସମସ୍ୟା ଏବଂ ଛାତ୍ରୀମାନେ ଖେଳକୁଦରୁ ବଞ୍ଚିତ ହେବା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ। ଭୂତନାଥ ନାଏକ, ରାଜୁ ସାହୁ, ରଙ୍କ ପଣ୍ଡା, ସୁଦୀପ ସା, ଗୌରାଙ୍ଗ ନାଏକ, ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କେଜିବିଭି ହଷ୍ଟେଲ ପରିଦର୍ଶନ ଅବସରରେ ବିଧାୟକ ମୁକେଶ ମହାଲିଙ୍ଗ ଆଲୋଚନା କରୁଛନ୍ତି।

### ଯୁବକଙ୍କ ମୃତଦେହ ଉଦ୍ଧାର

ବିନିକା, ୬।୮ (ଡି.ଏନ୍.ଏ)

ବିନିକା ଏନ୍ଏସି ଜବଦା ଗ୍ରାମ ନିକଟସ୍ଥ ନର୍ସରୀରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ରବିନ୍ଦ୍ର ବେହେରା(୩୫)। ରବିନ୍ଦ୍ର ଗତ ରବିବାର ପୂର୍ବାହ୍ନ ୧୦ଟାରୁ ବୋଲବମ୍ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ମଧ୍ୟାହ୍ନ ୧୨ଟାରେ ଗାଁ ନର୍ସରୀ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ରବିନ୍ଦ୍ରଙ୍କର ବୋଲି ଜଣା ପଡିଥିଲା।

## ଐତିହାସିକ ପଦକ୍ଷେପ ପରେ ସବୁଠି ଖୁସି

ଲୋଇସିଂହା, ୬।୮ (ଡି.ଏନ.ଏ)

କେନ୍ଦ୍ର ସରକାର ଜମ୍ମୁକାଶ୍ମୀରରୁ ୩୭୦ ଏବଂ ୩୫(ଏ) ଧାରା ଉଚ୍ଛେଦ କରିଥିବାରୁ ଲୋଇସିଂହା ବ୍ଲକ ଭାଜପା ପକ୍ଷରୁ ଖୁସିବ୍ୟକ୍ତ କରାଯାଇଛି। ବ୍ଲକ ପ୍ରଭାରୀ ଜ୍ୟୋତିର୍ମୟ ରାଉତ, ମିଡିଆ ପ୍ରଭାରୀ ଭୂତନାଥ ନାଏକ, ରାଜୁ ସାହୁ, ସୁଦୀପ ସା, ଉତ୍ତମ କବାଟ, ଟିଙ୍କୁ ସାହୁ, ତୁମେଶ୍ୱର ସାହୁ, ସରୋଜ ସାହୁ, ଗୌରାଙ୍ଗ ନାଏକଙ୍କ ସମେତ ବହୁକର୍ମୀ ଶୋଭାଯାତ୍ରାରେ ଲୋଇସିଂହା ବସ୍ତି ପରିକ୍ରମା କରିଥିଲେ। କେନ୍ଦ୍ର ସରକାରଙ୍କ ଜୟଗାନ କରିବା ସହ ଏଭଳି ଏକ ଦୁଃସାହସିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ବସଷ୍ଟାଣ୍ଡରେ ବାଣଫୁଟାଇ ସମସ୍ତେ ଖୁସି ମନାଇଥିଲେ।



.ଲୋଇସିଂହାରେ ଭାଜପା ପକ୍ଷରୁ ଶୋଭାଯାତ୍ରା ବାହାରିଛି।

## ଦମେଇପାଲି ସ୍କୁଲର ସ୍ଥିତି ପରଖିଲା ବ୍ଲକ୍ ପ୍ରଶାସନ

ଖପ୍ରାଖୋଲ, ୬।୮ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଦମେଇପାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ପ୍ରଶାସନ ତରଫରୁ ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ବୁଲି ଦେଖିଛନ୍ତି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା। ବାରଣ୍ଡାରେ ପାଠ ପଢା ହେଉଥିବାବେଳେ ଛାତରୁ ପାଣି ଝରୁଛି। ଏ ନେଇ ଧରିତ୍ରୀରେ ଗତ ୨୦ ତାରିଖ 'ଜରାଜୀର୍ଣ୍ଣ ଅବସ୍ଥାରେ ଶତାୟୁ ବିଦ୍ୟାଳୟ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଏପୁରିୟା, ଜିପିଇଓ ସୁଶାନ୍ତ କୁମାର ପାଣି, ନାଏବ ସରପଞ୍ଚ ରାଜକିଶୋର ମେହେର ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଦେଖି ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି।



ଦମେଇପାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରୀ ଅଧିକାରୀମାନେ।

## ତହସିଲ, ସବ୍‌ରେଜେଷ୍ଟ୍ରି ଅଫିସରେ ତାଲା ପକାଇଲେ ଓକିଲ

କଣ୍ଟାବାଞ୍ଜି, ୬।୮ (ଡି.ଏନ.ଏ.)

କଣ୍ଟାବାଞ୍ଜି ତହସିଲ ଓ ସବ୍ ରେଜେଷ୍ଟ୍ରି ଅଫିସରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଲାଞ୍ଚ କାରବାର ଓ ଦୁର୍ନୀତିର ଅଭିଯୋଗ ନେଇ ସ୍ଥାନୀୟ ଓକିଲ ସଂଘ ତରଫରୁ ମଙ୍ଗଳବାର ଦୁଇ ଅଫିସର ମୁଖ୍ୟ ଦ୍ୱାରରେ ତାଲା ମରାଯାଇଛି। ତହସିଲ ଅଫିସରେ କିରାଣିମାନେ ବିନା ଲାଞ୍ଚରେ ଅଫିସ କାର୍ଯ୍ୟ ତୁଲାଉ ନ ଥିବା ବେଳେ ଜମି ମ୍ୟୁଟେସନରେ ମୋଟା ରକମର ଟଙ୍କା ଦାବି କରୁଛନ୍ତି। କାର୍ଯ୍ୟରତ କର୍ମଚାରୀମାନେ ହେଡ୍ କ୍ୱାର୍ଟରରେ ନ ରହି ପାଟଣାଗଡ, ଟିଟିଲାଗଡ ଓ ବଲାଙ୍ଗୀରରୁ ଯିବା ଆସିବା କରୁଥିବାରୁ ନିୟମିତ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ସବ୍ ରେଜେଷ୍ଟ୍ରି କାର୍ଯ୍ୟାଳୟରେ ମଧ ଦୁର୍ନୀତି ବଢିବଢି ଚାଲିଛି ବୋଲି ଅଭିଯୋଗ କରାଯାଇଛି। ସେହିଭଳି ମଙ୍ଗଳବାର ଓ ଶୁକ୍ରବାର ଦୁଇ ଦିନ ଜମି ରେଜେଷ୍ଟ୍ରି ହେବାର ନିୟମକୁ ଦୈନିକ କରିବା ପାଇଁ ଦାବି କରାଯାଇଛି।। ଏପରିକି ସବ୍ ରେଜେଷ୍ଟ୍ରି କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଜଣେ ସବ୍ ରେଜେଷ୍ଟ୍ରି ଅଫିସରଙ୍କୁ ନିଯୁକ୍ତି ଦାବି କରାଯାଇଛି। ଏ ବାବଦରେ ଜିଲାପାଳଙ୍କୁ ଲିଖିତ ଭାବେ ଦିଆଯାଇଥିଲେ ମଧ ଏକ ମାସ ବିତି ଗଲାଣି। ହେଲେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ସବ୍ ରେଜେଷ୍ଟ୍ରି କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ ଠିକା କର୍ମଚାରୀ କାର୍ଯ୍ୟରତ ଥିବାରୁ ପିସି କାରବାର ବଢିଛି ବୋଲି ଓକିଲମାନେ ଅଭିଯୋଗ କରିଛନ୍ତି। ତେବେ ଖବର ପାଇ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଟିଟିଲାଗଡ ଉପଜିଲାପାଳ ସୁଧାକର ସାହୁ, ସ୍ଥାନୀୟ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ରାଉତ, ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକରା ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଓକିଲମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନ ୫ଟାରେ ଓକିଲମାନେ ଅଫିସ ଗେଟରୁ ତାଲା ଖୋଲିଥିଲେ।




ଧାରଣାରେ ବସିଥିବା ଓକିଲମାନେ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋକସରା,୬।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଉହଗାଁ ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡା ଗ୍ରାମର ଚାଷ ଜମି ହିଡରେ ଥିବା ଏକ ଗଛରୁ ଜଣେ ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। କୋକସରା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦୧୯) ତଦନ୍ତ ଜାରି ରଖିଥିବା କୋକସରା ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ନୂଆଗୁଡା ଗ୍ରାମର ଚାଷ ଜମି ହିଡରେ ଏକ ବରକୋଳି ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଗାଁର କେତେକ ଲୋକ ସୋମବାର ଦେଖିଥିଲେ। ଗ୍ରାମବାସୀ କୋକସରା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କୋକସରା ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ସାହାଯ୍ୟତାରେ ଗଛରୁ ଯୁବକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଯୁବକଙ୍କ ପରିଚୟ ମିଳି ନ ଥିବାରୁ ମୃତ୍ୟୁପଛରେ କାରଣ ଅସ୍ପଷ୍ଟ ରହିଛି।

### ରାତିରେ ଘରୁ ବାଇକ୍ ଚୋରି କଲେ ଦୁର୍ବୃତ୍ତ



**ଜୁନାଗଡ,୬।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ୧୨ ନଂ. ୱାର୍ଡରେ ରହୁଥିବା ସୁଜିତ ସାହୁଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଏକ ପଲସର ବାଇକ୍ ଚୋରି କରି ନେଇଛନ୍ତି। ଏପରିକି ଦୁର୍ବୃତ୍ତ ବାଇକ ଚୋରି କରି ନେଉଥିବା ସମୟର ଭିଡିଓ ସୁଜିତ ଘର ବାହାରେ ଲଗେଇଥିବା ସିସିଟିଭି ଫୁଟେଜରେ ମଧ କଏଦ ହୋଇଛି। ବାଇକ୍ ଚୋରି ହୋଇଥିବା ସମ୍ପର୍କରେ ମଙ୍ଗଳବାର ସୁଜିତ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଏହା ସହ ସିସିଟିଭି ଫୁଟେଜ ମଧ ପୋଲିସକୁ ଦେଇଥିଲେ। ଏହି ଫୁଟେଜରେ ଲୁଟେରାଙ୍କ ଚେହେରା ଦିଶୁଥିବାବେଳେ ପୋଲିସର ତଦନ୍ତ ଉପରେ ଏବେ ନଜର ରହିଛି। କେତେଶୀଘ୍ର ପୋଲିସ ଲୁଟେରାଙ୍କୁ ଠାବ କରିପାରୁଛି ତାହାକୁ ନେଇ ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ବିଜେଡିରେ ମିଶିଲେ ଭାଜପାର ୨୦ ସମିତି ସଭ୍ୟାସଭ୍ୟ

# ଅଧ୍ୟକ୍ଷ, ଉପାଧ୍ୟକ୍ଷ ଆସନ ଟଳମଳ

**ଜୁନାଗଡ,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୨୦ଜଣ ସମିତିସ ଭ୍ୟାସଭ୍ୟ ସୋମବାର ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି। ଜୁନାଗଡ ବିଧାୟକ ତଥା ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗଦେଇଥିଲେ। ଏପଟେ ୨୦ ଜଣ ସମିତିସଭ୍ୟାସଭ୍ୟ ବିଜେଡିରେ ଯୋଗଦେବା ପରେ ଜୁନାଗଡ ବ୍ଲକ ଅଧ୍ୟକ୍ଷା/ଉପାଧ୍ୟକ୍ଷ ଆସନ ଏବେ ଟଳମଳ ପରିସ୍ଥିତି ସୃଷ୍ଟି ହୋଇଛି। ଜୁନାଗଡ ବ୍ଲକରେ ମୋଟ ୩୪ଟି ପଞ୍ଚାୟତ ରହିଛି। ସେଥିମଧ୍ୟରୁ ବ୍ଲକ ଅଧ୍ୟକ୍ଷା/ଉପାଧ୍ୟକ୍ଷ ପଦବୀ ପାଇଁ ୧୮ଟି ସମିତିସଭ୍ୟା/ସଭ୍ୟ ଦରକାର। ଗତ ୨୦୧୭ରୁ ଏଠାରେ ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ରହିଛନ୍ତି। ବର୍ତ୍ତମାନ ୨୦ଜଣ ସମିତିସଭ୍ୟାସଭ୍ୟ ବିଜେଡିରେ ଯୋଗଦେବା ପରେ ଖୁବଶୀଘ୍ର ଅନାସ୍ଥା ପ୍ରସ୍ତାବ ଆଶଙ୍କା ଦେଖାଯିବା ସହ ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷା/ଉପାଧ୍ୟକ୍ଷ ପଦବୀ ଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାକୁ ନେଇ ଜୁନାଗଡ ବ୍ଲକ ରାଜନୀତିରେ ଏବେ ଭୁକୁଞ୍ଚନ ସୃଷ୍ଟି ହୋଇଛି। ବିଜେଡିରେ ଯୋଗଦେଇଥିବା ସମିତି ସଭ୍ୟମାନେ ହେଲେ ନକଟିଗୁଡା ସମିତିସଭ୍ୟ ବିକାଶ ରଞ୍ଜନ ସରାଫ, ବଣିଜରା ସମିତିସଭ୍ୟ ଗିରିଧାରୀ ଭୋଇ, ଦେଦର ସମିତିସଭ୍ୟ ବିଶମ୍ବର ନାଗ, ବୁଡିଦର ସମିତି ସଭ୍ୟ ଜଳନ୍ଧର ମଙ୍ଗରାଜ, ଚାରଭାଟି ସମିତି ସଭ୍ୟା ଅହଲ୍ୟା ମଲ୍ଲିକ, ମାଲିଗୁଡା ସମିତିସଭ୍ୟା ବିଷ୍ଣୁପ୍ରିୟା ଖମାରୀ, ଗୌଡଛେଣ୍ଡିଆ ସମିତିସଭ୍ୟା ଦମୟନ୍ତୀ ଭୋଇ, ଦାସିଗାଁ ସମିତିସଭ୍ୟା ଶିବାନୀ ନାଏକ, ସନ୍ୟାସୀକୁଣ୍ଡାମାଳ ସମିତିସଭ୍ୟା ଟୁନି ସାଗର, ମହିଚଲା ସମିତିସଭ୍ୟା ମେନକା କର, ପଲାସ ସମିତିସଭ୍ୟା ନିରୁପମା ମେହେର, ପିଳିକିଆ ସମିତିସଭ୍ୟା କାମିନି ବାଗ ପ୍ରମୁଖ। ଏହି ଅବସରରେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରବୋଦ ରଥ, ଭବାନୀପାଟଣା ପୂର୍ବତନ ନଗରପାଳ ଆଦିତ୍ୟ ପ୍ରସାଦ ନନ୍ଦ, ଜୁନାଗଡ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ଜୁନାଗଡ ବ୍ଲକ ସଭାପତି ପ୍ରମୋଦ ବେହେରା, ଯୁବ ନେତା ଦିନେଶ ବଗର୍ତ୍ତୀ, ଆଇନଜୀବୀ ବିଶ୍ୱନାଥ କର ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା ସମିତି ସଭ୍ୟାସଭ୍ୟମାନେ ।

**ଜୁନାଗଡ ବ୍ଲକ**

■ଅନାସ୍ଥା ପ୍ରସ୍ତାବ ହେବା ଆଶଙ୍କା

■ ସ୍କୁଲ ଯିବା ରାସ୍ତାରେ ଜମୁଛି ପାଣି

# ଛାତ୍ରୀଛାତ୍ରଙ୍କ ଯାତାୟାତରେ ବାଧା

**ପଲମ,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ଟୁଟିଙ୍ଗ ପ୍ରାଥମିକ ସ୍କୁଲ ଯିବା ରସ୍ତାରେ ପାଣି ଜମା ହୋଇ କାଦୁଅ ହୋଇ ରହୁଛି। ଫଳରେ ଛାତ୍ରୀଛାତ୍ରମାଙ୍କ ଯିବାଆସିବାରେ ବାଧା ହେଉଛି। ରାସ୍ତା ଅବ୍ୟବସ୍ଥା ହୋଇ ପଡିରହିଛି ଓ ଏହି ରାସ୍ତାରେ କୌଣସି ମରାମତି ମଧ ହୋଇନାହିଁ। ମୁଖ୍ୟ ରାସ୍ତାଠାରୁ ସ୍କୁଲକୁ ଯିବା ପାଇଁ ଯେଉଁ ରାସ୍ତା ଯାଇଛି ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ରହିଛି। ଏଥି ଯୋଗୁ ପଞ୍ଚାୟତ କିମ୍ବା ବ୍ଲକସ୍ତରରୁ କୌଣସି ଉନ୍ନତିମୂଳକ କାମ ହୋଇପାରୁନାହିଁ। ବିଦ୍ୟାଳୟକୁ ଯିବା ପାଇଁ ଯେଉଁ ରାସ୍ତା ରହିଛି ତାହା ଅନ୍ୟମାନେ ଦଖଲ କରି ରହିଛନ୍ତି। ବର୍ତ୍ତମାନ ଏହି ପ୍ରାଥମିକ ବିଦ୍ୟାଳୟରେ ୪୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏ ନେଇ ସ୍ଥାନୀୟ ୱାର୍ଡ ସଭ୍ୟ ସୁବାସ ଚନ୍ଦ୍ର ଖମାରୀଙ୍କୁ ପଚାରିବାରୁ ଜବରଦଖଲ କରୁଥିବା ବ୍ୟକ୍ତିମାନେ ଛାଡି ଦେଲେ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚୈତୁ ପାତ୍ରଙ୍କୁ ପଚାରିବାରୁ ଏହି ରାସ୍ତା ବାବଦ ନେଇ ପରିଚାଳନା କମିଟିଙ୍କ ଅବଗତ କରାଇଛି ବୋଲି ପ୍ରକାଶ କରିଥିଲେ। ନର୍ଲା ବିଡିଓ ଏହାର ତଦନ୍ତ କରି ଛାତ୍ରୀଛାତ୍ରମାନେ ସ୍କୁଲକୁ ଯାତାୟାତ କରିବା ପାଇଁ ନୂତନ ରାସ୍ତା ନିର୍ମାଣ କରିବାକୁ ପରିଚାଳନା କମିଟି ଏବଂ ଗ୍ରାମବାସୀ ଦାବି କରିଛନ୍ତି ।



ଛାତ୍ରୀଛାତ୍ରମାନେ ପାଣି ଜମା ହୋଇଥିବା ରାସ୍ତା ଦେଇ ସ୍କୁଲକୁ ଯାଉଛନ୍ତି ।

## ଏସ୍ଏଚ୍‌ଜି ସଭ୍ୟାଙ୍କୁ ନେଇ ମତ୍ସ୍ୟଚାଷ ସମ୍ପର୍କିତ ତାଲିମ ଶିବିର ଉଦ୍‌ଘାଟିତ

**କର୍ଲାମୁଣ୍ଡା,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଛ ଚାଷ ସମ୍ବନ୍ଧୀୟ ବ୍ଲକସ୍ତରୀୟ ୨ ଦିନିଆ ତାଲିମ ଶିବିର ମଙ୍ଗଳବାର ଆରମ୍ଭ ହୋଇଯାଇଛି। ତାଲିମ ଶିବିରକୁ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନି ମିର୍ଦ୍ଧା ଓ ସିଡିପିଓ ପାର୍ବତୀ ସାହୁ ଉଦ୍‌ଘାଟନ କରିଥିଲେ। ୱାଲଡ ଫିସ ସଂସ୍ଥାର ଜୋନାଲ ମ୍ୟାନେଜର ମନୋଜ ସାହୁ, କର୍ଲାମୁଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ଅମ୍ଲାନ ରଞ୍ଜନ କୁଳଦୀପ, ଥୁଆମୂଳ ରାମପୁର ସହକାରୀ ମତ୍ସ୍ୟ ଅଧିକାରୀ ସ୍ନେହାଂଶୁ ପଣ୍ଡା, ମିଶନ ଶକ୍ତି ବ୍ଲକ ସଂଯୋଜକ ବିପିନ ବାରିକ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଚାଷର ବିଭିନ୍ନ ପ୍ରଣାଳୀ ଓ ଆୟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବୁଧବାର ତାଲିମାର୍ଥୀମାନଙ୍କୁ ନେଇ ସାପଲହରାଠାରେ ଥିବା ଦିଗାମ୍ବର ରଣାଙ୍କ ମାଛ ଯାଆଁଳା ବିକ୍ରୟ କେନ୍ଦ୍ରକୁ ପରିଦର୍ଶନ କରାଇବା କାର୍ଯ୍ୟକ୍ରମ ଥିବା ସହକାରୀ ମତ୍ସ୍ୟ ଅଧିକାରୀ ଅମ୍ଲାନ ରଞ୍ଜନ କୁଳଦୀପ ସୂଚନା ଦେଇଛନ୍ତି।



ତାଲିମ ଶିବିରରେ ଅଂଶ ଗ୍ରହଣକାରୀ ଏସ୍ଏଚ୍‌ଜି ସଭ୍ୟାବୃନ୍ଦ।

## ମାରୱାଡି ଯୁବାମଞ୍ଚ ତରଫରୁ ଚାରାରୋପଣ

**ଭବାନୀପାଟଣା,୬।୮(ଡି.ଏନ.ଏ.)**

ଭବାନୀପାଟଣା ମାରୱାଡି ମହିଳା ସମିତି ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାରୱାଡି ପଞ୍ଚାୟତ, ଯୁବାମଞ୍ଚ, ଜାଗୃତି ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମାରୱାଡି ପଞ୍ଚାୟତ, ଯୁବା ମଞ୍ଚ, ଜାଗୃତି ଶାଖା ଓ ଭବାନୀପାଟଣାର ସିଟିଜେନ ଗ୍ରୁପ ସହଯୋଗ କରିଥିଲେ। ଏଠାରେ ହାରାହାରି ୧୫୦ଟି ବିଭିନ୍ନ ପ୍ରକାରର ବୃକ୍ଷ ଯଥା ନିମ୍ବ, ଜାମୁକୋଳି ଇତ୍ୟାଦି ରୋପଣ କରାଯାଇଛି। ଚାରା ରୋପଣ କାର୍ଯ୍ୟକ୍ରମରେ ମାରୱାଡି ପଞ୍ଚାୟତ ସମ୍ପାଦକ ଲାଲୁ ଚୌଧୁରୀ, ଉପସଭାପତି ନରେନ୍ଦ୍ର ଚନ୍ଦ୍ର ଚୌଧୁରୀ, ପବନ ଅଗ୍ରୱାଲ, ଯୁବା ମଞ୍ଚର ସମ୍ପାଦକ ସୁମନ ଅଗ୍ରୱାଲ, ରାକେଶ ଶର୍ମା, ପିଣ୍ଟୁ ଶର୍ମା ଓ ଜାଗୃତି ଶାଖାର ରଶ୍ମି ଅଗ୍ରୱାଲ ଯୋଗଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାରୱାଡି ମହିଳା ସମିତି ସଭାନେତ୍ରୀ କିରଣ ଅଗ୍ରୱାଲ, ସମ୍ପାଦିକା ଅନିତା ଅଗ୍ରୱାଲ, କୋଷାଧ୍ୟକ୍ଷା ରେଖା ଚୌଧୁରୀ, ବିମଳା ଅଗ୍ରୱାଲ, ପୁନମ ଅଗ୍ରୱାଲଙ୍କ ସମେତ ଛାତ୍ରଛାତ୍ରୀ ମାନେ ଚାରା ରୋପଣରେ କରିଥିଲେ।

■ ବିବାହର ୭ ମାସ ନ ପୂରୁଣୁ ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

# ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ

**ଜୁନାଗଡ,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ଗ୍ରାମରେ ମଙ୍ଗଳବାର ବିବାହର ୭ ମାସ ନ ପୂରୁଣୁ ଜଣେ ନବବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ନାମ ଦୀପାଞ୍ଜଳୀ ମେହେର (୨୬)। ମୃତକାଙ୍କ ଭାଇ ଆଶିଷ ମେହେର ଭଉଣୀଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ନେଇ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜୁନାଗଡ ପୋଲିସ ମୃତାକାଙ୍କ ସ୍ୱାମୀ, ଦିଅର, ଶାଶୁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମର ଦୀପାଞ୍ଜଳୀ ମେହେର (୨୬) ଚିଟୈଗୁଡା ଗ୍ରାମର ଧନଞ୍ଜୟ ମେହେର ଓରଫ୍ ମନ (୪୦)ଙ୍କୁ ଗତ ଜାନୁୟାରୀ ୨୮ରେ ବୈଦିକ ରୀତିରେ ବିବାହ କରିଥିଲେ। ମଙ୍ଗଳବାର ସକାଳେ ଦୀପାଞ୍ଜଳୀଙ୍କୁ ମୃତ୍ୟୁ ହୋଇଥିବା ନେଇ ଚିଟୈଗୁଡା ଗ୍ରାମର ସମ୍ପର୍କୀୟଙ୍କଠୁ ମୃତାକାଙ୍କ ମା' ଘର ଲୋକେ ହଠାତ୍ ଖବର ପାଇଥିଲେ। ସ୍ୱାମୀ, ଦିଅର ଓ ଶାଶୁ ସମସ୍ତେ ମିଶି ସୁପରିକଳ୍ପିତ ଭାବେ ଦୀପାଞ୍ଜଳୀଙ୍କୁ ହତ୍ୟା କରିଥିବା ନେଇ ମୃତାକାଙ୍କ ଭାଇ ଆଶିଷ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜୁନାଗଡ ଥାନା ଏସ୍ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜୁନାଗଡ ବିଡିଓ ଦୁଳାରାମ ମାରାଣ୍ଡିଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସନ୍ଧ୍ୟା ହେବା ଯୋଗୁ ବୁଧବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୮୩/୧୯) ରୁଜୁ ହୋଇଛି। ଅନ୍ୟପଟେ, ବିବାହର ୭ ମାସ ନ ପୂରୁଣୁ ନବବିବାହିତା ମହିଳାଙ୍କ ମୃତ୍ୟୁ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି।



ଦୀପାଞ୍ଜଳୀ ମେହେରଙ୍କ ଫାଇଲ ଫଟୋ ।

**ମୃତକାଙ୍କ ଭାଇଙ୍କ ଥାନାରେ ଅଭିଯୋଗ**

■ସନ୍ଦେହରେ ସ୍ୱାମୀ, ଦିଅର, ଶାଶୁ ଥାନାରେ ଅଟକ

■ ଲାଞ୍ଜିଗଡ଼ ବ୍ଲକରେ ସ୍ୱାସ୍ଥ୍ୟସେବା ବାଟବଣା

# ଅବହେଳା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଲାଞ୍ଜିଗଡ଼,୬।୮(ଡି.ଏନ.ଏ.)**

ସ୍ୱାସ୍ଥ୍ୟସେବା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା ଯୋଗୁ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ସ୍ୱାସ୍ଥ୍ୟସେବା ବାଟବଣା ହୋଇଯାଇଥିବା ଅଭିଯୋଗ ହେଉଛି। ବ୍ଲକର ଡାକ୍ତରଖାନାଗୁଡିକରେ ଏବେ ଡାକ୍ତର ଓ କର୍ମଚାରୀ ମରୁଡି ପଡିଥିବାବେଳେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ କର୍ମଚାରୀମାନଙ୍କ ଅବହେଳା ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢାଇ ଦେଇଛି। ଏଠାରେ ନିଯୁକ୍ତ ପାର୍ମସିଷ୍ଟ ପ୍ରଭାତ କୁମାର ନାଏକ ପୂର୍ବାହ୍ନ ୧୦ଟାରେ ଆସି ଅପରାହ୍ନ ୨ଟା ସୁଦ୍ଧା ଚାଲି ଯାଉଛନ୍ତି। ଏଣୁ ଅପରାହ୍ନରେ ରୋଗୀଙ୍କୁ ଔଷଧ ବଣ୍ଟନରେ ବାଧା ସୃଷ୍ଟି ହେଉଛି। ଏପରିକି ବିନା କାରଣ ଓ ବିନା ଛୁଟିରେ ସେ ଏକାଦିକ୍ରମେ ୨୦ ଦିନ ପର୍ଯ୍ୟନ୍ତ ଅନୁପସ୍ଥିତ ରହିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ତାଗିଦ୍ ସତ୍ତ୍ୱେ ସେ କାର୍ଯ୍ୟରେ ନିୟମିତ ଅବହେଳା କରିଆସୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଥିବାବେଳେ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବାକୁ ଯାଇ ଖୋଦ୍ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଇନ୍ଦ୍ର କୁମାର ନାଥାନୀ ନିଜେ ରୋଗୀଙ୍କୁ ଔଷଧ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ସେହିପରି ମଧୁପୁରଠାରେ ଥିବା ଡାକ୍ତରଖାନାରେ ଆୟୁଷ ଡାକ୍ତର, ଜଣେ ଏଏନ୍ଏମ୍ ଓ ଜଣେ ଫାର୍ମାସିଷ୍ଟ ଥିବାବେଳେ ସେମାନେ ପୂର୍ବାହ୍ନ ୧୦ଟାରେ ଆସି ୧୨ଟାରେ ଚାଲି ଯାଉଛନ୍ତି। ଫଳରେ ଏଠାରେ ରୋଗୀସେବା ବାଧାପ୍ରାପ୍ତ ହେଉଛି । ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲେ ବି କିଛି ଫଳ ମିଳୁନାହିଁ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ନାଥାନୀ କହିଛନ୍ତି ଯେ, ଫାର୍ମାସିଷ୍ଟ ପ୍ରଭାତ ନାଏକ ଓ ମଧୁପୁର ଫାର୍ମାସିଷ୍ଟ ତଥା ଷ୍ଟାଫ୍‌ଙ୍କ ବିରୋଧରେ ଲୋକେ ବି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍ଓଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସିଡିଏମ୍ଓ ଡା. ବନଲତା ଦେବୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି ଏବଂ ମୁଁ ନିଜେ ମଧୁପୁର ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଛି। କର୍ମଚାରୀମାନେ ଦାୟିତ୍ୱରେ ଅବହେଳା କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।




ବିଶ୍ୱନାଥପୁରଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

# ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି

**କେସିଙ୍ଗା,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ମିଥ୍ୟା ବିଲ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏ ନେଇ ଗ୍ରାମବାସୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ପକ୍ଷରୁ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କେସିଙ୍ଗା ପକ୍ଷରୁ ହିତାଧିକାରୀମାନଙ୍କୁ ଘରୋଇ ପାଇଖାନା ନିର୍ମାଣ ନିମନ୍ତେ ଅନୁମତିପତ୍ର ପ୍ରଦାନକରାଯାଇଛି। ଅନୁମତିପତ୍ର ପ୍ରାପ୍ତିର ୩ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ୧୫ ଦିନ ମଧ୍ୟରେ ପାଇଖାନା ନିର୍ମାଣ ଶେଷ କରିବାକୁ ଏଥିରେ ଉଲ୍ଲେଖ ରହିଛି। ଏହି ପାଇଖାନା ନିର୍ମାଣ ପାଇଁ ହିତାଧିକାରୀଙ୍କୁ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ଏହି କାର୍ଯ୍ୟକୁ ବ୍ଲକ ସଂଯୋଜକ ଓ କନିଷ୍ଠ ଯନ୍ତ୍ରୀ ହିତାଧିକାରୀଙ୍କ ବାସ ଗୃହକୁ ଯାଇ ତଦାରଖ କରିବା ସହିତ ପାଇଖାନା ନିର୍ମାଣ ସରିବା ପରେ ସମ୍ପୃକ୍ତ ହିତାଧିକାରୀଙ୍କ ଫଟୋ ଅପଲୋଡ କରାଯିବା ପରେ ଉକ୍ତ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥାଏ। କିନ୍ତୁ କେସିଙ୍ଗା ବ୍ଲକରେ ଚାଲିଥିବା ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସୋମବାର ଜିଲାପାଳ, ଉପଜିଲାପାଳ, ପିଡି ଡିଆରଡିଏ, କେସିଙ୍ଗା ବିଡିଓ ଓ କଳାହାଣ୍ଡି ଭିଜିଲାନ୍ସିଙ୍କଠାରେ ଅଭିଯୋଗ ହୋଇଥିବା ଜଣାପଡିଛି। ବ୍ଲକର କଣ୍ଡେଲ ଗ୍ରାମପଞ୍ଚାୟତ କର୍ଲାଖୁଣ୍ଟା ଗ୍ରାମରେ ଗତ ୨୦୧୬ରେ ୬୧ଟି ମାଗଣା ପାଇଖାନା ନିର୍ମାଣ କରାଯାଇଛି। ପାଇଖାନା କେଉଁ ମସିହାରେ ନିର୍ମାଣ କରାଯାଇଛି ତାହା ଲେଖା ଯାଉନାହିଁ। ଏହି ଗ୍ରାମରେ ଗୋଟିଏ ପାଇଖାନାରେ ୨ଥର ଲେଖାଏଁ ମିଥ୍ୟା ବିଲ କରାଯାଇଥିବା ଜଣାପଡ଼ିଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ କର୍ଲାଖୁଣ୍ଟା ଗ୍ରାମର ପଦ୍ମଲୋଚନ ବାଗ ନିଜେ ପାଇଖାନା ନିର୍ମାଣ କରିଥିଲେ। ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଲାଞ୍ଚ ଦେଇ ନ ଥିବାରୁ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଲ ପାସ୍ କରି ନ ଥିଲେ। ନିର୍ମାଣର ଏକ ବର୍ଷ ମଧ୍ୟରେ ତାହା ଭାଙ୍ଗି ନଷ୍ଟ ହୋଇଯାଇଛି। କେଉଁ ପାଇଖାନାରେ କବାଟ ଭାଙ୍ଗି ପଡି ଯାଇଛିତ କେଉଁଠାରେ କାନ୍ଥ ଭାଙ୍ଗି ଯାଇଛି, କେଉଁଠାରେ ଲେଟ୍ରିନ ଖାଲ ପୋତି ହୋଇଯାଉଛି। ନିମ୍ନମାନର ଭାବରେ ପାଇଖାନାଗୁଡିକ ନିର୍ମାଣ କରାଯାଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସ୍ୱଚ୍ଛ ଭାରତ ମିଶନର ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେଉଛି। ସେହିପରି ପରଲସିଙ୍ଗା ଗ୍ରାମପଞ୍ଚାୟତର ଉମରମାଲ ଗ୍ରାମର ଶତ୍ରୁଘ୍ନ ସାହୁଙ୍କଠାରୁ ୨ ହଜାର ଟଙ୍କା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ଲାଞ୍ଚ ନେଇଥିଲେ ସୁଦ୍ଧା ଆଜକୁ ଏକ ବର୍ଷ ହେଲା ବିଲ କରିନାହାନ୍ତି। ସେହି ଗ୍ରାମର ଯେମନ୍ତ ସାହୁଙ୍କ ପାଇଖାନାରେ ଧଳା ଚୁନ ମାରି ୨ ଥର ବିଲ କରାଯାଇଛି। ଗୋଟିଏ ପରିବାରର ଅବିବାହିତ ପୁଅ, ଝିଅଙ୍କ ନାମରେ ମିଥ୍ୟାରେ ବିଲ କରାଯାଇ ହଜାର ହଜାର ଟଙ୍କା ଆତ୍ମସାତ କରାଯାଉଛି। କେସିଙ୍ଗା ବ୍ଲକର କର୍ଲାଖୁଣ୍ଟା, ଉମରମାଲ, ମଶାଣିବନ୍ଧ, ପରଲସିଙ୍ଗା, ସିରୋଳ, ଲଇତରା ପ୍ରଭୃତି ଗ୍ରାମରେ ନିମ୍ନମାନର ପାଇଖାନା ଓ ମିଥ୍ୟା ବିଲ କରାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସେଠି ବାବୁଙ୍କୁ ପଚାରିବାରୁ ସମସ୍ତଙ୍କ ବିଲ ଓ ପାଇଖାନା ତଦାରଖ କରାଯିବ ଓ ମିଥ୍ୟା ବିଲ ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରକାଶ କରିଥିଲେ।



ନିମ୍ନମାନର ପାଇଖାନା ଭଙ୍ଗା ଅବସ୍ଥାରେ ପଡିରହିଛି ।

**କେସିଙ୍ଗା ବ୍ଲକ**

■ଜିଲାପାଳଙ୍କଠାରେ ଗ୍ରାମବାସୀ, ଏସ୍ଏଚ୍‌ଜିର ଅଭିଯୋଗ

■ଲାଞ୍ଚ ନ ଦେଲେ ବିଲ୍ ପାସ ହେଉନାହିଁ

■ନିମ୍ନମାନର ପାଇଖାନାଗୁଡିକ ନିର୍ମାଣ



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଖଡିଆଳ,୬।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଗଡିଆଯୋର ପାଖରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସାନମହେଶ୍ୱର ଗ୍ରାମର ନବୀନ ଗଉଡ। ଅନ୍ୟ ଜଣେ ପଦ୍ମନ ଭୋଇ ଗୁରୁତର ହୋଇଛନ୍ତି। କୌଣସି କାମରେ ଗୋଟିଏ ବାଇକ୍‌ରେ ୨ ଜଣ ରଏନପଦର ଗ୍ରାମକୁ ଆସିଥିଲେ। ସେମାନେ ଫେରିବା ସମୟରେ ଭାରସାମ୍ୟ ହରାଇ ଗୋଟିଏ ଗଛରେ ପିଟି ହୋଇଥିଲେ। ଘଟଣାସ୍ଥଳରେ ନବୀନଙ୍କ ମୃତ୍ୟୁ ହୋଇଥିବା ବେଳେ ପଦ୍ମନ ଗୁରୁତର ଆହତ ହୋଇ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଘଟଣାସ୍ଥଳରେ ଖଡିଆଳ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଖଡିଆଳ ଏଏସଆଇ ଜିତୁମୋହନ ବେଶ୍ରା କହିଛନ୍ତି ।

### ଗୋଟିଏ ଦିନରେ ଦୁଇଟି ଆତ୍ମହତ୍ୟା

**ଖଡିଆଳ,୬।୮(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ ବିନପୁର ଗ୍ରାମର ଜଣେ ଯୁବକ ଜୟସିଂ ଜଗତ (୩୦) ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ପରିବାର ଲୋକେ ବିଷପାନ କରିଥିବା ଜାଣି ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଡେନ ପୋଲିସ ଶବ ଜବତ କରି ଏକ ଅପମୃତ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବୋଡେନ ଆଇଆଇସି ସରେଜା ମଲ୍ଲିକ ପ୍ରକାଶ କରିଛନ୍ତି। ସେହିପରି ନୂଆପଡା ଜିଲା ଖଡିଆଳ ଗ୍ରାମରେ ଜଣେ ୧୪ ବର୍ଷ ବୟସର ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଜଣାପଡିଛି। ତାଙ୍କ ଗ୍ରାମ ଖଡିଆଳ ବ୍ଲକ ଶରଦାପୁର ବୋଲି ଜଣାପଡିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଖଡିଆଳ ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସଆଇ ଜିତୁ ମୋହନ ବେଶ୍ରା ସୂଚନା ଦେଇଛନ୍ତି ।



### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଖଡିଆଳ,୬।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ପୋଲିସକୁ ଏକ ସଫଳତା ମିଳିଛି । ଖଡିଆଳ ଅଞ୍ଚଳରେ ଅନେକ ସମୟରେ ମୋଟରସାଇକେଲ ଓ ସାଇକେଲ ଚୋରି ହେଉଥିବା ଅଭିଯୋଗ ହେଉଛି । ସୋମବାର ଖଡିଆଳ ପୋଲିସ ଜଣେ ବାଇକ ଚୋରଙ୍କୁ ଧରି କୋର୍ଟଚାଲାଣ କରିଛି । ସେ ହେଲେ ପର୍ଶୁରାମ ବିଭାର (୨୦) ବୋଲି ଜଣାପଡିଛି। ଖଡିଆଳ ପୋଲିସ ପର୍ଶୁରାମଙ୍କ ପାଖରୁ ଗୋଟିଏ ସ୍କୁଟି, ୨ଟି ମୋଟରସାଇକେଲ ଓ ୨ଟି ସାଇକେଲ ଉଦ୍ଧାର କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

# ଏକ ସୁସ୍ଥ ଶିଶୁ ଦେଶର ଉଜ୍ଜ୍ୱଳ ଭବିଷ୍ୟତ

**ନୂଆପଡା ଅଫିସ,୬।୮**

ଏକ ସୁସ୍ଥ ଶିଶୁ ସୁସ୍ଥ ନାଗରିକ ହୋଇ ଗଢିତୋଳି ହୁଅନ୍ତି। ସୁସ୍ଥ ନାଗରିକ ଦେଶର ଉଜ୍ଜ୍ୱଳ ଭବିଷ୍ୟତ । ତେଣୁ ଏକ ସୁସ୍ଥ ନାଗରିକ ଗଢିବାର ଗୁରୁଦାୟିତ୍ୱ ମା'ମାନଙ୍କ ରହିଥାଏ। ଏହା ଏତିକି ବେଳେ ସମ୍ଭବ ହେବ ଯେତେ ବେଳେ ଶିଶୁଙ୍କୁ କଷକ୍ଷୀର ଦେଇ ବଢାଇବେ। ମଙ୍ଗଳବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହରେ ଅନୁଷ୍ଠିତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ କଦମର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମା ସଭାପତିତ୍ୱ କରିଥିବାବେଳେ ଏଡିପିଏଚଓ (ଏଫଡବ୍ଲ୍ୟୁ) ଡା. ପି.କେ.ବି. ପଟ୍ଟନାୟକ, ଡା.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଏପିଡେମିଓଲଜିଷ୍ଟ ଡା. ବି. ବି. ଜଗତ, ଏଡିପିଏଚସିଓ ରୁକ୍ମଣୀ ବେହେରା, ଏଫଏସଓ ତପସ୍ୱିନୀ ବେହେରା, କଦମର ସମ୍ପାଦିକା ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାସ୍ଥ୍ୟ କର୍ମୀ, ନର୍ସିଂ ଛାତ୍ରୀମାନଙ୍କ ଏକ ରାଲି ସହର ପରିକ୍ରମା କରିଥିଲା। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବ୍ରହ୍ମା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ମା'ର ସ୍ତନ୍ୟପାନ ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହାକୁ ରୁକ୍ମଣୀ ବେହେରା ଏବଂ ଯାଜ୍ଞସେନୀ ମହାପାତ୍ର ପରିଚାଳନା କରିଥିଲେ। ଆୟୋଜିତ ବୈଠକରେ ବକ୍ତାମାନେ ମା'ର କଷକ୍ଷୀର ପାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମା'ର କ୍ଷୀର ଶିଶୁ ପାଇଁ ଏକ ମହୌଷଧୀ ଭାବେ କାମ କରିଥାଏ। ଏହା ଦ୍ୱାରା ମା' ସୁସ୍ଥ ରହିବା ସହ ଶିଶୁ ସୁସ୍ଥ ସବଳ ହୋଇ ବଢୁଥିବାବେଳେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଏଡିପିଏଚସିଓ ବେହେରା ପରିଚାଳନା କରିଥିଲେ। ପରିଚାଳନାରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସମେତ କଦମର କର୍ମକର୍ତ୍ତା ପ୍ରତିଭା ହୋତା, ଗୋବିନ୍ଦ ପଟେଲ, ଅର୍ଜ୍ଜୁନ ବରିହା, ସ୍ନେହଲତା ନନ୍ଦ, ଅନୁପମା ମହାପାତ୍ର, ମୌସୁମୀ ପଣ୍ଡା, ମନୋରମା ସାହୁ ପ୍ରମୁଖ ସହଯୋଗ କରିଥିଲେ।




ସଚେତନତା ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଶୁଭାରମ୍ଭ କରୁଛନ୍ତି।

ବିଶ୍ୱ ସ୍ତନ୍ୟପାନ ଦିବସ

# ଏସ୍‌ବିଆଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ନୂଆପାଡା ଅଫିସ,୬।୮**

ସ୍ଥାନୀୟ ଏସବିଆଇ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡା ଆନୁକୂଲ୍ୟରେ ମହିଳାମାନଙ୍କୁ ସିଲେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷଣ ଶିବିରର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିବାବେଳେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଓଏଲଏମର ଡିପିଏମ ଟିମନ ବାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଯୋଗଦେଇଥିବା ପ୍ରତିଭାଗୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଡି ନାଏକ ମହିଳାମାନଙ୍କୁ ସ୍ୱାବଲମ୍ବୀ ହୋଇ ଅନ୍ୟକୁ ମାର୍ଗଦର୍ଶନ କରିବାରେ ସହାୟକ ହେବାକୁ କହିଥିଲେ। ସୂଚନାଯୋଗ୍ୟ ଯେ, ଜିଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୩୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ତାଲିମ ନେଇଥିଲେ। ଏହାକୁ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ରଥ ଏବଂ ଅନୀତା ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ଅନୀତା ପଟେଲ ଧନ୍ୟବାଦ ଦେଇଥିଲେ।



ପ୍ରଶିକ୍ଷାର୍ଥୀମାନଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ପ୍ରଦାନ କରୁଛନ୍ତି ।

# ବିପର୍ଯ୍ୟସ୍ତ ଥୁ. ରାମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

**ଭବାନୀପାଟଣା,୬।୮(ଡି.ଏନ.ଏ.)**

ଲଗାଣ ବର୍ଷାରେ ସାଧାରଣ ଜନତା ଯେତେ ପ୍ରଭାବିତ ହେଉଛନ୍ତି ତାଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ସରକାରୀ କର୍ମଚାରୀ। ମାଟିରେ ନିର୍ମିତ ଘର ସବୁ ଭାଙ୍ଗୁଥିବା ବେଳେ ଖପର ଛାତ ଗଳି ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ବେଳେ ସରକାରାରୀ ସିମେଣ୍ଟ ଛାତ ଘରର ଅବସ୍ଥା ଆହୁରି ଦୟନୀୟ ହେବାରେ ଲାଗିଛି । ଖୋଦ୍ ସରକାରୀ କାର୍ଯ୍ୟାଳୟ ଭିତରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ତାକୁ ସଫା କରିବା ପାଇଁ କର୍ମଚାରୀ ନାକେଦମ ହେଉଛନ୍ତି । କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ଭିତରେ ରହିଛି ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ପାଠ୍ୟ ପୁସ୍ତକ। ଏହାସହ ରହିଛି ଅନେକ ଦରକାରୀ କାଗଜାତ। ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅନ୍ୟ କର୍ମଚାରୀଙ୍କ ସେବା ପୁସ୍ତିକା ଭଳି ଅନେକ ମୂଲ୍ୟବାନ କାଗଜାତ ରହିଛି। କିନ୍ତୁ ଏବେ ଏହି ସମସ୍ତ କାଗଜାତର ସୁରକ୍ଷା ନେଇ ସମସ୍ତେ ଚିନ୍ତିତ। ଅଳ୍ପ ବର୍ଷା ହେଲେ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି କୋଠାରୁ ପାଣି ଗଳିଯାଉଛି। ଏପରି କି କର୍ମଚାରୀ ବସିବା ପାଇଁ ସ୍ଥାନ ଅଭାବ ହେଉଛି । ଲୋକଙ୍କ ମଧ୍ୟରେ ସ୍ୱଚ୍ଛାତା ନେଇ ଶିକ୍ଷା ବିଭାଗ ଅନେକ ସମୟରେ ସଚେତନତା ପାଇଁ ନିୟୋଜିତ ହେଇଥାଏ। କିନ୍ତୁ ଖୋଦ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ଅଳିଆ ଆବର୍ଜନାମୟ। ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏଭଳି ଅବସ୍ଥାରୁ ଅନ୍ୟ ବିଦ୍ୟାଳୟ କୋଠାର ଅବସ୍ଥା କିଭଳି ଥିବ ତାହା ଜଣାପଡୁଛି। ତୁରନ୍ତ ଏହି କାର୍ଯ୍ୟାଳୟ କୋଠାର ସୁରକ୍ଷିତ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।



ଥୁ. ରାମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବର୍ଷା ପାଣି ସଫା କରାଯାଉଛି।

■ ଧାରା ୩୭୦ ଉଚ୍ଛେଦ ଉତ୍ସବ ପାଳନ ବେଳେ ବାଣଫୁଟିଲା

# ଭାଜପା ଜିଲା ସାଧାରଣ ସମ୍ପାଦକ ଗୁରୁତର

**ଜୁନାଗଡ,୬।୮(ଡି.ଏନ.ଏ.)**

ଜମ୍ମୁ କଶ୍ମୀରଠାରେ ୩୭୦ ଉଚ୍ଛେଦକୁ ନେଇ ସୋମବାର ରାତିରେ ଜୁନାଗଡ ସହରରେ ଭାଜପା ପକ୍ଷରୁ ଉତ୍ସବ ପାଳନ କରାଯାଉଥିଲା। ଏହି ସମୟରେ ଦଳୀୟ କର୍ମୀ ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ଏହାକୁ ସ୍ୱାଗତ କରୁଥିଲେ। ତେବେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ହଠାତ୍ ବାଣ ଫୁଟିବାରୁ ପାଖରେ ଥିବା ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ ପାଣିଗ୍ରାହୀ ଗୁରୁତର ଆହତ ହୋଇଥିଲେ। ସେହିପରି ତାଙ୍କ ସହ ଜୁନାଗଡର ବରିଷ୍ଠ ଭାଜପା ନେତା ସତ୍ୟ ନାରାୟଣ ପଣ୍ଡା ମଧ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଥିଲା। ଏବେ ସେମାନେ ସୁସ୍ଥ ଥିବା ଜଣାପଡିଛି।

# ୩୭୦ ଧାରା ଉଚ୍ଛେଦ ନେଇ ଉତ୍ସବ ମାହୋଲ

**ଭବାନୀପାଟଣା,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ କଲେଜ ଛକଠାରେ ଧାରା ୩୭୦ ଉଚ୍ଛେଦ ନେଇ ଏବିଭିପି ପକ୍ଷରୁ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜର ପ୍ରାୟ ୫୦ରୁ ଅଧିକ ଛାତ୍ର ଯୋଗଦେଇଥିଲେ। ଏଥିରେ ଏବିଭିପିର ନଗର ସୋସିଆଲ ମିଡିଆ ପ୍ରମୁଖ ସ୍ୱରାଜ ରାଉଳ, ନଗର କ୍ରୀଡା ସମ୍ପାଦକ ଶଙ୍କର ପ୍ରଧାନ, ନୀତେଶ ଦୁର୍ଗା ଓ ପୂର୍ବତନ ଜିଲା ସଂଯୋଜକ ମୁକେଶ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ।

# ସରକାରୀ ସାହାଯ୍ୟରୁ ବଁଚିତ୍ ଦୁଇ ଭିନ୍ନକ୍ଷମ ଛୁଆ

**ନୂଆପଡା ଅଫିସ/ବୋଡେନ,୬।୮**

ବୋଡ୍ଡେନ ବ୍ଲକ ଲର୍କା ପଁଚେତ୍ ସଦର ଗାଁର ଦୁଇ ଭିନେ ଭିନେ ପରିବାରର ୭ ବଛର୍‌ର ଦୁଇ ଦିବ୍ୟାଙ୍ଗ ଛୁଆକୁ ଚିକିଛା ସାହାଯ୍ ଆର ସରକାରୀ ଯୋଜନାମାନକେ ସାମିଲ କରବାକେ ସେମାନକର ପରିବାର ଲୋକ୍ ଦାବି କରିଛନ୍।

ସୂଚନା ଅନ୍‌ସାରେ ଲର୍କା ଗାଁର ବାପା ବିରଞ୍ଚି ନାରାୟଣ ଶବର ଆର ମା' ଛେମତି ଶବରକଁର ପୁଓ ଦେବରାଜ(୭)। ସେ ଜନ୍‌ମୁ ଦିବ୍ୟାଙ୍ଗ ଆନ୍। ତାକର ଭୁଜନି ହାତ୍‌ଗୋଡ଼ କାମ୍ ନାଇଁ କରୁଥିଲାବେଲେ ସେ ଚାଲବୁଲ କି ଉଠିବସି ନାଇଁପାରବାର। ପୁଓର ଚିକିଛା ଲାଗି ମା'ବାପ୍ ଭିନେ ଭିନେ ଡାକ୍ତରଖାନା ନେଇ ନିରାଶ ହେଇଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ପୁଓର ଉଚ ଚିକିଛା କରେଇ ନାଇଁପାରବାର। ସେନ୍‌ତା ମା'ବାପ୍ ଦେବରାଜର ଭିନ୍ନକ୍ଷମ ପରମାନପତର ଯୁଗାଡ଼ ଲାଗି ପାସେ ଅନୁଷ୍ଠିତ ଗୁଟେ ଶିବିରକେ ଯାଇ ନିରାଶ ହେଇ ଫିରିଛନ୍। ଇଆଡ଼େ ଭିନ୍ନକ୍ଷମ ପରମାନପତର ଅଭାବୁ ଦେବରାଜ ଅନେକ ସରକାରୀ ଯୋଜନାରୁ ବଁଚିତ୍ ହେଇଥିବାର ତାକର ମା'ବାପ୍ ଅଭିଯୋଗ କରିଛନ୍। ସେନ୍‌ତା ଗାଁର ହେରମ୍ବ ଶବର ଆର ସୂର୍ଯ୍ୟକାନ୍ତି ଶବରକଁର ପୁଓ ଭୈରବ(୭)କଁର ପକ୍ଷେ ବି ସମାନ ଅବସ୍ତା ଦେଖିବାକେ ମିଲିଛେ। ଭୈରବ ବି ଜନ୍‌ମୁ ଭିନ୍ନକ୍ଷମ ହେଇଥିଲାବେଲେ ଚାଲବୁଲ କରି ନାଇଁ ପାରବାର। ସେ ସବୁବେଲେ ଖଟେ ପଡ଼ିରହିଛନ୍। ଇ ଦୁଇ ଗରିବ୍ ପରିବାର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ଦୁଇ ଭିନ୍ନକ୍ଷମ ଛୁଆକର ଚିକିଛା ସାହାଯ୍ ସଂଗେ ନିୟମ ହିସାବେ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ଭିନ୍ନକ୍ଷମ ଦେବରାଜ ମା'ର କୁଲେ ବସିଛନ୍।

# ଜୁନାଗଡରେ ପୋଲିସର ସମନ୍ୱୟ ବୈଠକ

**ଜୁନାଗଡ,୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ସଂସ୍କୃତି ଭବନଠାରେ ମଙ୍ଗଳବାର ଜୁନାଗଡ ପୋଲିସର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କ ଅଧ୍ୟକ୍ଷତାରେ ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ପୂର୍ବତନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ବେଦପ୍ରକାଶ ଗୋଏଲ, ରଜନୀ ବୈଠାରୁ, ଯୁଗୋଳ ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ବିଶେଷ କରି ଜୁନାଗଡ ସହରର ଟ୍ରାଫିକ ସମସ୍ୟା ଓ ଘଟୁଥିବା ଚୋରି ଉପରେ ଆଲୋଚନା କରାଯାଇଥିଲା। ପରେ ପୋଲିସ ପକ୍ଷରୁ ୨୬ ନଂ. ଜାତୀୟ ରାଜପଥକୁ ଲାଗି ରହିଥିବା ଅସ୍ଥାୟୀ ଦୋକାନକୁ ୫୦ ମିଟର ଘୁଞ୍ଚାଇବା, ମଦ୍ୟପ ଧରପଗଡ, ମଦ୍ୟପ ଗାଡିଚାଳକମାନଙ୍କୁ ଲାଇସେନ୍ସ ରଦ୍ଦ କରିବା, ୧୮ ବର୍ଷରୁ କମ୍ ଯୁବକମାନେ ଗାଡି ଚଳାଇଲେ ଜରିମାନା ଆଦାୟ କରିବା, ସବୁ ଛକରେ ପୋଲିସର ପହରା ଦେବା, ରାତିରେ ପୋଲିସ ପାଟ୍ରୋଲିଂ କଡାକଡି କରିବା, ଭାରିଯାନ ଚଳାଚଳ ସକାଳ ୧୦ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ସହର ଭିତରକୁ ପ୍ରବେଶ ବନ୍ଦ କରିବା, ରେଳୱେ ଷ୍ଟେଶନ ଯିବା ରାସ୍ତାରେ ଦିନତମାମ ଅଟକି ରହୁଥିବା ଟ୍ରକକୁ ହଟାଇବା ସମେତ ବିଭିନ୍ନ ଦାବି କରାଯାଇଥିଲା। ଏଥିପାଇ ପୋଲିସକୁ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅଶୋକ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜୁନାଗଡ ଆଇନଜୀବୀ ସଂଘ, ଟ୍ରକ ୟୁନିୟନ, କନକଦୁର୍ଗା ମୋଟର ସଂଘ ୟୁନିୟନ, ବସ୍ ୟୁନିୟନ, ଖବରଦାତା ସଂଘ ସହ ସହରର ବୁଦ୍ଧିଜିବୀମାନେ ଯୋଗଦେଇଥିଲେ।



ପୋଲିସର ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ପଞ୍ଚାୟତସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ନୂଆପଡା ଅଫିସ,୬।୮**

ସ୍ଥାନୀୟ ଡୁମେରପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ହେମିନ ବିନାୟକ ସଭାପତିତ୍ୱ କରିଥିବାବେଳେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଧନୀରାମ ସାହୁ, ବ୍ଲକ ଉପାଧ୍ୟକ୍ଷ ଚିନିଲାଲ ସାହୁ, ତେଜବାଇ ଜଗତ, ନିର୍ବାହୀ ଅଧିକାରୀ ମେରେଲାଲ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଅମୀୟ ପାଢୀ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ସମସ୍ତ ବିଦ୍ୟାଳୟଗୁଡିକର ସମସ୍ୟା ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ସରପଞ୍ଚ ସମସ୍ତ ବିଦ୍ୟାଳୟଗୁଡିକରେ ଶୌଚାଳୟ, ପାଚେରି ନିର୍ମାଣ ସହ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟାନ୍ୱୟନ କରାଯିବ ବୋଲି କହିଥିଲେ। ଆଗାମୀ ଦିନରେ ବିଦ୍ୟାଳୟରଗୁଡିକର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ପଞ୍ଚାୟତ ଦୃଷ୍ଟି ରଖିବ ବୋଲି ପ୍ରତିନିଧିମାନେ କହିଥିଲେ। ସମ୍ମିଳନୀରେ ସମସ୍ତ ଅଭିଭାବକମାନେ ମଧ୍ୟ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ତାଣ୍ଡି ଧନ୍ୟବାଦ ଦେଇଥିଲେ।



ଡୁମେରପାଣି ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ ।

■ ସୂଚନା ଅଧିକାର ଆଇନ ବାଟବଣା

# ଆବେଦନର ବର୍ଷେ ପରେ ବି ମିଳୁନି ତଥ୍ୟ

**ସିନାପାଲି,୬।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ବାଟବଣା ହୋଇଛି । ସରକାରଙ୍କ ସୂଚନା ଅଧିକାର ଆଇନ ଅନୁସାରେ ଯେକୌଣସି ନାଗରିକ ଆବେଦନ କରି ଯେକୌଣସି କାର୍ଯ୍ୟାଳୟରୁ ତଥ୍ୟ ନେଇ ପାରିବେ। ଆବେଦନର ଏକ ମାସ ମଧ୍ୟରେ ଆବେଦନକାରୀଙ୍କୁ ସମ୍ପୃକ୍ତ ଅଧିକାରୀ ସୂଚନା ଦେବା ପଇଁ ନିୟମ ରହିଛି । ସିନାପାଲି ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆବେଦନ ଏକ ବର୍ଷ ପରେ ମଧ୍ୟ ସୂଚନା ମିଳୁନାହିଁ। ତାହାପୁଣି ଜଣେ ନିର୍ବାଚିତ ଜନପ୍ରତିନିଧୀଙ୍କୁ। ଗତ ୧୩ ଜୁଲାଇ ୨୦୧୮ରେ ଏହି ବ୍ଲକ ଅନ୍ତର୍ଗତ କଇଁଟପଦର ଗ୍ରାମପଞ୍ଚାୟତ ସମିତିସଭ୍ୟା ମମତାଲି ମାଝି କଇଁଟପଦର ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ସୂଚନା ଅଧିକାର ଆଇନ ଅନୁସାରେ ଆବେଦନ କରିଥିଲେ। ସେ ସିନାପାଲି ବ୍ଲକ କାର୍ଯ୍ୟାଳୟ ସୂଚନା ଅଧିକାରୀଙ୍କ ନିକଟଠାରେ ଆବେଦନ କରିଥିଲେ। ଏକ ମାସ ବିତିଗଲା ପରେ ମଧ୍ୟ ତାଙ୍କୁ କୌଣସି ତଥ୍ୟ ପ୍ରଦାନ କରାଗଲା ନାହିଁ । ପରେ ସେ ପୁଣି ଥରେ ଅଗଷ୍ଟ ୧୩ ତାରିଖରେ ପୂର୍ବରୁ ମାଗିଥିବା ତଥ୍ୟ ପ୍ରଦାନ ପାଇଁ ଆବେଦନ କରିଥିଲେ। ଆଜକୁ ପ୍ରାୟ ବର୍ଷେ ହେବ ତାଙ୍କୁ ସେ ମାଗିଥିବା କୌଣସି ତଥ୍ୟ ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। କଇଁଟପଦର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବାବେଳେ ଏଥିରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମ୍ପୃକ୍ତ ଯନ୍ତ୍ରୀଙ୍କ ସମେତ କେତେଜଣ ଅଧିକାରୀ ଲିପ୍ତ ଥିବାରୁ ସେମାନେ ତଥ୍ୟ ପ୍ରଦାନ କଲେ କାଳେ ସେମାନେ ଧରାପଡିଯିବା ଭୟରେ ତଥ୍ୟ ଲୁଚାଇବା ପାଇଁ ଅପଚେଷ୍ଟା କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ମଧ୍ୟ ଏହି ବ୍ଲକ ଅନ୍ତର୍ଗତ ଘାଟମାଳ ଗ୍ରାମପଞ୍ଚାୟତ ବିଭିନ୍ନ ତଥ୍ୟ ପ୍ରଦାନ କରିବା ପାଇଁ ଜଣେ ଗଣମାଧ୍ୟମ ପ୍ରତିନିଧି ଆବେଦନ କରିବା ୩ ମାସ ପରେ ତାଙ୍କୁ ତଥ୍ୟ ପ୍ରଦାନ କରାଯାଇ ନ ଥିଲା । ଏ ସଂକ୍ରାନ୍ତରେ ସିନାପାଲି ବ୍ଲକ ସହ ସୂଚନା ଅଧିକାରୀ ସୂର୍ଯ୍ୟକାନ୍ତ ଭୁଏଙ୍କୁ ପଚାରିବାରୁ ସେ ଏହା ଗ୍ରାମପଞ୍ଚାୟତ ବିଭାଗ ଅନ୍ତର୍ଗତ ହୋଇଥିବାରୁ ଆବେଦନକାରୀ ଗ୍ରାମପଞ୍ଚାୟତ କିମ୍ବା ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିବା କଥା। ମୁଁ ତାଙ୍କ ଦରଖାସ୍ତକୁ ସମ୍ପୃକ୍ତ ବିଭାଗକୁ ପଠାଇ ଦେଇଛି ବୋଲି କହିଥିଲେ।

ସିନାପାଲି ବ୍ଲକ



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ ।
- ହୋରେସ୍



## ସଂକ୍ଷେପରେ

### ବହୁଭାଷୀ ଶିକ୍ଷା ସହାୟକ ସଂଘ ତରଫରୁ ଜିଲାପାଳଙ୍କୁ କୃତଜ୍ଞତା

ସୁନ୍ଦରଗଡ, ୬।୮ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ରାଜ୍ୟ ସରକାରଙ୍କ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଏକ ଅଭିନବ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବିଦ୍ୟାଳୟମାନଙ୍କରେ ଆଦିବାସୀ ଭାଷା ଶିକ୍ଷକ ନିଯୁକ୍ତି କରାଯାଇ ବିଦ୍ୟାଳୟରେ ସେମାନଙ୍କର ମାତୃଭାଷାରେ ଶିକ୍ଷାଦାନ ସହ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ଏହି ଜିଲାରେ ଓରାମ, ମୁଣ୍ଡା, ଖଡିଆ ଓ ପାଉଡି ଭୂୟାଁ ଆଦି ୪ଟି ଆଦିବାସୀ ଭାଷାରେ ୧୦ଟି ବ୍ଲକ ଅନ୍ତର୍ଗତ ୧୦୯ଟି ବିଦ୍ୟାଳୟରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଚାଲୁଛି। ଏହି କାର୍ଯ୍ୟକ୍ରମ ପ୍ରତି ପ୍ରଶାସନ ତତ୍ପରତା ଏବଂ ଉଲ୍ଲେଖନୀୟ ପଦକ୍ଷେପ ପ୍ରଶଂସନୀୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୩-୧୪ ଶିକ୍ଷାବର୍ଷରେ ନିଯୁକ୍ତି ପାଇଥିବା ୨୯୦ଜଣ ବହୁଭାଷୀ ଶିକ୍ଷା ସହାୟକମାନଙ୍କ ୩ବର୍ଷ ସନ୍ତୋଷଜନକ କାର୍ଯ୍ୟ ସମ୍ପାଦନ କରିଥିବାରୁ ସେମାନଙ୍କୁ ଜିଲା ପ୍ରଶାସନ କନିଷ୍ଠ ଶିକ୍ଷକ ପଦବୀକୁ ଉନ୍ନୀତ କରିଛନ୍ତି। ତତ୍‌ସଙ୍ଗେ୨୦୧୫ -୧୬ରୁ କାର୍ଯ୍ୟ କରୁଥିବା ୪୪ ଶିକ୍ଷା ସହାୟକଙ୍କୁ ମଧ୍ୟ କନିଷ୍ଠ ଶିକ୍ଷକ ପଦବୀକୁ ମଧ୍ୟ ଉନ୍ନୀତ କରାଯାଇଛି। ଏଥିପାଇଁ ଜିଲା ବହୁଭାଷୀ ଶିକ୍ଷା ସହାୟକ ସଂଘ ପକ୍ଷରୁ ଉତ୍ତମ ମୁଣ୍ଡା, ସୁଶାନ୍ତ ଓରାମ, ମଙ୍ଗରାଜ ଓରାମ, ତାରାମଣୀ ସୁରିନ୍, ଇନ୍ଦ୍ରାବତୀ ଓରାମ, ପ୍ରମୋଦ ମିଞ୍ଜ, ସରୋଜ ମିଞ୍ଜ, ପବିତ୍ରମୋହନ ନାୟକ, ସୁରେଶ ସାମାଦ, ଗୁଇନ୍ଦି କେରକେଟା, ସମୁନ୍ତୀ ଏକ୍କା, ସୁନୀତା ଓରାମ, ନିଗନୀ ମୁଣ୍ଡାରି, ବିଜୟ ହାରୋ, କପିଳେନ୍ଦ୍ର ପୂର୍ତ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ, ଜିଲାପାଳ ,ଜିଲାଶିକ୍ଷାଧିକାରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମେଘ ଉଠୁଛି, ବର୍ଷା ନାହିଁ

■ ଚାଷକୁ ନେଇ ସନ୍ଦିହାନ କୃଷକଙ୍କ ମୁଣ୍ଡବିନ୍ଧା ବଢ଼ିଲାଣି

ବଡଗାଁ, ୬।୮ (ଡି.ଏନ.ଏ)



ଚାରପାଲି ଗାଁରେ ପ୍ରଦୀପ ବାଡା କୂଅ ପାଣିରେ ତଳି ରୁଆ କାମ କରାଉଛନ୍ତି।

ମେଘ ଘୋଟି ଆସୁଛି, କିଛି ସମୟ ଭିତରେ ବର୍ଷା ଅଜାଡି ଦେବ ଭଳି ଜଣାପଡୁଛି, ହେଲେ ବର୍ଷା ହେଉନାହିଁ। ମେଘୁଆ ପାଗ ଓ ବେଳେବେଳେ ଖରା ହେଉଛି। ଏଭଳି ପାଗକୁ ଦେଖି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ଚାଷ କିପରି ହେବ ତାକୁ ନେଇ ଚିନ୍ତିତ, ସନ୍ଦିହାନ ଥିବା କୃଷକଙ୍କ ମୁଣ୍ଡବିନ୍ଧା ବଢ଼ିଲାଣି। କିଛି ଦିନ ପୂର୍ବେ ସାମାନ୍ୟ କେଇ ଅଛରା ବର୍ଷା ପରେ କୃଷକ ଜମି ଫାଟି ଆଁ କରିଥିବା ଜମିର ମରିବାକୁ ବସିଥିବା ଧାନ ଗଛ ବଞ୍ଚି ଯାଇଛି। ହେଲେ ଭଲ ବର୍ଷା ହେଉ ନ ଥିବାରୁ ଉଥେଇ ପାରୁନାହିଁ କି ଚାଷ କାମ ଆଗେଇ ପାରୁନାହିଁ। ତଳି ପକାଇବାର ୨୧ରୁ ସର୍ବାଧିକ ୩୦ ଦିନ ମଧ୍ୟରେ ରୁଆ କାମ ସ୍ୱାଭାବିକ ବର୍ଷା ହେଲେ କୃଷକ ଶେଷ କରିଦେଇଥାଏ । କିନ୍ତୁ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଖରିଫ ଧାନ ଚାଷ ପାଇଁ ପ୍ରତିକୂଳ ହୋଇଛି। ବିଲରେ ପାଣି ନ ଥିବାରୁ ଗୋଡା ଜମିରେ ଘାସ ବାଛି ସଫା କରିବା, ମାଳ ଜମିରେ ରୁଆ କାମ ହୋଇ ପାରୁନାହିଁ। ଅଧିକାଂଶ ବାହାଲ ଜମିରେ ପାଣି ଅଭାବରୁ ରୁଆ ବେଉଷଣ କାମ୍ ଠପ୍ ହୋଇଯାଇଛି । ପାଖରେ ଥିବା ଜଳାଶୟ କିମ୍ବା ନିଜ କୂଅ ପୋଖରୀ ନିକଟରେ ଥିବା ଚାଷ ଜମିରେ କେତେକ ଚାଷୀ ମୋଟର ପମ୍ପରେ ପାଣି ଉଠାଇ ତଳିରୁଆ କାମ କରୁଥିବା ଦେଖାଯାଇଛି । ରବିବାର ଚାଷ ସମ୍ପର୍କରେ ଜାଣିବା ପାଇଁ କେତେକ ଗାଁକୁ ଯାଇଥିଲା ବେଳେ ଉୁଡାଲଗା ପଞ୍ଚାୟତ ଚାରପାଲି ଗ୍ରାମର ପ୍ରଦୀପ ବାଡା ତାଙ୍କ ବାଡିରେ ଥିବା କୂଅରୁ ପମ୍ପରେ ପାଣି ଉଠାଇ ତଳିରୁଆ କାମ କରୁଥିବା ଦେଖାଯାଇଥିଲା। ତାଙ୍କୁ ପଚାରିବାରେ ୧୫ ଦିନ ପୂର୍ବେ ତଳି ମରିବାକୁ ଯାଉଥିଲା । ସାମାନ୍ୟ କିଛି ବର୍ଷା ଯୋଗୁ ବଞ୍ଚିଗଲା ସିନା କିନ୍ତୁ ତା ପରଠାରୁ ବର୍ଷା ହେଉନାହିଁ। ଜମିରେ ପାଣି ଅଭାବ ଯୋଗୁ ରୁଆ କାମ ହୋଇପାରୁନାହିଁ। ଏହି ମାଳ ଜମି ଘରକୁ ଲାଗି ଥିବାରୁ କୂଅ ପାଣିରେ ରୁଆ କାମ କରୁଛି। ସପ୍ତାହେରୁ ୧୦ ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ରୁଆ କରିଥିବା ଧାନ ଗଛ ବଢ଼ିପାରିବ ନାହିଁ। ସାମାନ୍ୟ ବର୍ଷା ହେଲେ ଅମଳ କମିଯିବ। ଏ ବର୍ଷ ମୂଳରୁ ପାଣିପାଗ ଧାନ ଚାଷ ପାଇଁ ଅନୁକୂଳ ହୋଇପାରିନାହିଁ । ଏହି ଗ୍ରାମର ଟାଣିଆ କିଷାନ, ବୀରେନ୍ଦ୍ର କିଷାନ, ଆଦିତ୍ୟ ମାଝୀ, ବନମାଳି କିଷାନଙ୍କଠାରୁ ପ୍ରକାଶ ଯେ, ତାଙ୍କ ମାଳ ଜମିରେ ପାଣି ନଥିବାରୁ ରୁଆ କାମ କରିପାରୁ ନାହାନ୍ତି । ସମୟ ଗଡି ଚାଲିଥିବାରୁ ତଳି ଅନୁପଯୋଗୀ ହେବା ଅବସ୍ଥାକୁ ଆସିଲାଣି । ଜଳସେଚନ ବ୍ୟବସ୍ଥା ମଧ୍ୟ ନାହିଁ । ତେଣୁ ଯାହା ହେବ ବର୍ଷା ଉପରେ ନିର୍ଭର କରୁଛି। ବଡଗାଁ ବ୍ଲକର ସୀମାବର୍ତ୍ତି କୁତ୍ରା ବ୍ଲକର କୁସୁମଡେଗୀ ଗ୍ରାମର ସନିକ ଖେସ, ମାଗଦା ଲାକଡା, ରାଜନ ଲାକଡା, ଜୟରାମ ଲାକଡା, ଯୋହାନ ଟପ୍ପୋ, ଯୋଶେଫ ଏକ୍କା, ଲୁକାଶ ଟିଗା ପ୍ରମୁଖ କୃଷକମାନେ ସପ୍ତାହେ ମଧ୍ୟରେ ବର୍ଷା ନହେଲେ ଚଳିତ ବର୍ଷର ଚାଷ ନଷ୍ଟ ହେବା ଆଶଙ୍କା ପ୍ରକଟ କରିଛନ୍ତି। ତଳିରେ ପାଣି ଦେଇ କେତେକ ଚାଷୀ ବଞ୍ଚାଇ ରଖିଛନ୍ତି । ହେଲେ ରୁଆ କରିପାରୁ ନାହାନ୍ତି । ବୁଣା ଧାନକୁ ବେଉଷଣ କରି ପାରୁ ନ ଥିବା କହିଛନ୍ତି। ରାକ୍ଷୀ ପୂର୍ଣ୍ଣିମାକୁ ବିହିଡା କାମ ସରେ କିନ୍ତୁ ଏ ଯାଏଁ ଚାଷ କାମ ବହୁତ ବିଳମ୍ବ ହେଲାଣି ।

## ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ନିଯୁକ୍ତି କ୍ଷେତ୍ରରେ ନଗର ଉନ୍ନୟନ ବିଭାଗର ପାତର ଅନ୍ତର ନୀତି

ସୁନ୍ଦରଗଡ଼, ୬।୮ (ଡି.ଏନ୍.ଏ)

ଲୋକାଲ ସେଲ୍ଫ ଗର୍ଭରମେଣ୍ଟ ଡିପ୍ଲୋମା (ଏଲଏସଜିଡି) ହାସଲ କରିଥିବା ରାଜ୍ୟର ୧୮୧ଜଣ ଆଶାୟୀ ପ୍ରାର୍ଥୀଙ୍କୁ ନଗର ଉନ୍ନୟନବିଭାଗ ଏକ ପରୀକ୍ଷା ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୨୦୦୧ ମସିହାରେ ଏକ ମେଧା ତାଲିକା ପ୍ରସ୍ତୁତ କରିଥିଲେ। ମାତ୍ର ଏହି ମେଧା ତାଲିକାରୁ କୌଣସି ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆନଯିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରୁ ସରୋଜକାନ୍ତ ମହାପାତ୍ର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ପ୍ରଥମ ଦଫାରେ ଗତ ୨୦୧୧ ଡିସେମ୍ବର ୨୨ରେ ୨୭ଜଣଙ୍କୁ, ୨୦୧୨ ସେପ୍ଟେମ୍ବର ୨୪ ରେ ୪୦ଜଣଙ୍କୁ, ୨୦୧୩ ଫେବୃଆରୀ ୧୩ରେ ୧୪ ଜଣଙ୍କୁ , ୨୦୧୩ ଏପ୍ରିଲ ୨୭ରେ ୩୩ଜଣଙ୍କୁ ଏବଂ ୨୦୧୩ ଅଗଷ୍ଟ ୮ରେ ୫ଜଣଙ୍କୁ ଓଡିଶାର ବିଭିନ୍ନ ପୌରସଂସ୍ଥାରେ ନିୟମିତ କନିଷ୍ଠ ସହାୟକ ପଦରେ ନିଯୁକ୍ତି ଦେଇ ମେଧା ତାଲିକାକୁ ରଦ୍ଦ କରିଦେଇଥିଲେ। ଏହା ପରେ ନିଯୁକ୍ତିରୁ ବଞ୍ଚିତ ମେଧାତାଲିକାରେ ଥିବା ଅନ୍ୟ ଆଶାୟୀଙ୍କ ମଧ୍ୟରୁ ପୁନର୍ବାର ଉଚ୍ଚନ୍ୟାୟାଳୟର କେଶ ନମ୍ବର ଡବ୍ଲୁ ପି (ସି) ୨୫୬୩୪ /୨୦୧୨ରେ ମେଧା ତାଲିକାରୁ ବାକି ରହିଯାଇଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବା ପାଇଁ ଉଚ୍ଚନ୍ୟାୟାଳୟ ଗତ ୨୦୧୫ ଜୁନ୍ ୧୯ ତରିଖରେ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁଯାୟୀ ନଗର ଉନ୍ନୟନ ବିଭାଗ କାଉନସେଲିଂ କରି ୧୧।୧।୨୦୧୬ ଏବଂ ୨୨।୧।୨୦୧୬ ମସିହାରେ ଅବଶିଷ୍ଟ ୪୭ ଜଣ ପ୍ରାର୍ଥୀଙ୍କୁ ରେଗୁଲାର ନିଯୁକ୍ତି ପରିବର୍ତ୍ତେ କଣ୍ଟ୍ରାକ୍ଟୁଆଲ ନିଯୁକ୍ତି ପ୍ରଦାନ କରିଥିଲେ । ଏହି କଣ୍ଟ୍ରାକ୍ଟୁଆଲ ନିଯୁକ୍ତି ଅନିୟମିତତାକୁ ଚ୍ୟାଲେଞ୍ଜ କରି ରିଟ୍ ପିଟିସନ୍ କେଶ ନଂ ୧୪୬୫୦ /୧୬ ମାଧ୍ୟମରେ ଆଶାୟୀ ପ୍ରାର୍ଥୀ ମହାପାତ୍ର ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଏହି ରିଟ୍ ପିଟିସନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଗତ ୧୦।୪।୨୦୧୯ ରେ କଣ୍ଟ୍ରାକ୍ଟୁଆଲ ନିଯୁକ୍ତିକୁ ରଦ୍ଦକରି ପ୍ରାର୍ଥୀମାନଙ୍କୁ ଯେଉଁ ଦିନଠାରୁ ନିଯୁକ୍ତି ଦିଆଯାଇଛି, ସେହି ଦିନ ଠାରୁ ନିୟମିତ କରି ନିୟମିତ ଭାବରେ ଦରମା ପ୍ରଦାନ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେବା ପାଇଁ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରିତାପର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ନଗର ଉନ୍ନୟନ ବିଭାଗ ପାଳନ କରୁ ନ ଥିବା ନେଇ ଏହି କଣ୍ଟ୍ରାକ୍ଟୁଆଲ କର୍ମଚାରୀଙ୍କ ମଧ୍ୟରେ ନିରାଶାଭାବ ସୃଷ୍ଟି ହୋଇଛି। ଅପରପକ୍ଷେ ନ୍ୟାୟ ପାଇଁ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିବା ବେଳେ ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶକୁ ସଂପୃକ୍ତ ବିଭାଗ ପାଳନ ନ କରି ରିଭ୍ୟୁ ପିଟିସନ ଫାଇଲ କରି ଚାଲିଥିବା କେତେଦୂର ନ୍ୟାୟ ସଙ୍ଗତ ବୋଲି ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ ଏହି କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ସରକାର ହସ୍ତକ୍ଷେପ କରି ସମାଧାନ କରିବାକୁ ଦାବି କରିଛନ୍ତି।

## ଫଳ ଚାରା ରୋପଣ କାର୍ଯ୍ୟକ୍ରମ

ଲହୁଣୀପଡା, ୬।୮(ଡି.ଏନ.ଏ)



ଖୁଣ୍ଟଗାଁ ପଞ୍ଚାୟତ ପକ୍ଷରୁ ସାମୂହିକ ଫଳଚାରା ରୋପଣ କରାଯାଉଛି।

ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ପକ୍ଷରୁ ମଙ୍ଗଳବାର ସାମୂହିକ ଫଳଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ ଯୋଗଦେଇ ଥିଲେ। ଖୁଣ୍ଟଗାଁ ସରପଞ୍ଚ ଅଜୟ କୁମାର ନାଏକ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଫଳଚାରା ଲଗେଇ ବଞ୍ଚାଇବା କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ଖୁଣ୍ଟଗାଁ ସରପଞ୍ଚ ଓ ସହଯୋଗୀମାନେ ନେଇଥିବା ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିଥିଲେ। ଖୁଣ୍ଟଗାଁ ପଞ୍ଚାୟତ ନିକଟସ୍ଥ ବାଗମରା ପଡିଆଠାରେ ସାମୂହିକ ପ୍ରାୟ ୫ଶହ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୁଣ୍ଟଗାଁ ଅଞ୍ଚଳର ବ୍ୟକ୍ତି, ଆଖଣ୍ଡଳମଣୀ କଳା ସଂସ୍କୃତି ସଂଘ ସଭାପତି ଶୁକଦେବ ପଲେଇ, ଫରେଷ୍ଟ ଗାର୍ଡ ଡେଡୁଲା ନନ୍ଦ ଗଡନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ନୃସିଂହ ଚରଣ ବରାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ବାଲିଶଙ୍କରା, ୬।୮ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ସଭା ଗୃହରେ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମ୍ମାନିତ ଅତିଥି ଭାବେ ଜିପିଓ ନଗେନ୍ଦ୍ର ନାଥ ନାଏକ, ପିଏ କୁଞ୍ଜବିହାରୀ ପଟେଲ, ବରିଷ୍ଠ ନାଗରିକ ସୁଗ୍ରୀବ ବାଘ, ଜୟନ୍ତୀ ଏକ୍କା, ବୈରାଗୀ ତନ୍ତି, ଦୀନବନ୍ଧୁ ସାଏ, ଯୋଗେଶ୍ୱର ସାହୁ, ଏମଡି ନସିମ ବକ୍ସ, ରଞ୍ଜନ ବେସନ, ରଞ୍ଜନ ସିଂ, ମହମ୍ମଦ ଇଦୁ, ଶାନ୍ତି ମୁନି, ସୁରେଖା ହଂସ, ଲକ୍ଷ୍ମୀଧର ପୃଷ୍ଟେଠ ପ୍ରମୁଖ ଯୋଗଦେଇ ଆସନ୍ତା ୧୫ ଅଗଷ୍ଟ ସ୍ୱାଧୀନତା ଦିବସକୁ କିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା ତା ଉପରେ ଆଲୋଚନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟ, ଶିଶୁ ମନ୍ଦିର ତରଫରୁ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ । ଶେଷରେ ଜିପିଓ ନଗେନ୍ଦ୍ର ନାଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନକ୍ରୟ ସକାଶେ ଚାଷୀ ନାମ ପଞ୍ଜୀକରଣ କର୍ମଶାଳା

ସୁନ୍ଦରଗଡ, ୬।୮ (ଡି.ଏନ୍.ଏ)



ଚାଷୀ ନାମ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

-୨୦୧୯ -୨୦ଖରିଫ ବର୍ଷ ପାଇଁ ସୁନ୍ଦରଗଡ ଜିଲାରେ ଧାନକ୍ରୟ ସକାଶେ ଏକ ଚାଷୀ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଜିଲା ପ୍ରାଣୀସମ୍ପଦ ବିଭାଗ ପ୍ରଶିକ୍ଷଣ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ ଅଧିକାରୀ ଓ ସମବାୟ ସମିତି ସମୂହ ସୁନ୍ଦରଗଡର ଉପନିବନ୍ଧକ ଜେମ୍ସ କେରକେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଚଳିତ ଖରିଫବର୍ଷରେ କିପରି ସୁରୁଖୁରୁ ଭାବେ ଚାଷୀମାନଙ୍କ ଠାରୁ ଧାନ କିଣାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ପ୍ରଶିକ୍ଷଣ ଦେଇଥିଲେ। ଚଳିତବର୍ଷ ନୂତନ ପ୍ରଣାଳୀରେ ସମସ୍ତ ନୂତନ ତଥା ପୁରୁଣା ଚାଷୀମାନେ ନିଜ ସମ୍ପର୍କୀତ ଲ୍ୟାମ୍ପସରେ ନିଜର ନାମ ପଞ୍ଜିକରଣ ବାଧ୍ୟତାମୂଳକ ତଥା ସମସ୍ତ ଚାଷୀ ନିଜର ଆଧାର କାର୍ଡ ଓ ମୋବାଇଲ ନମ୍ବର ସହ ପଞ୍ଜିକରଣ କରିବା ଆବଶ୍ୟକ ବୋଲି ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଚଳିତବର୍ଷ ପାଇଁ ୬ଅଗଷ୍ଟ ୨୦୧୯ ଠାରୁ ଏହି ପଞ୍ଜିକରଣ ପ୍ରକ୍ରିୟା ଜିଲାର ସମସ୍ତ ସମବାୟ ଲ୍ୟାମ୍ପସରେ ଆରମ୍ଭ ହୋଇଯାଇଥିବା ବେଳେ ଏହା ୩୧ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଏହି ପ୍ରଶିକ୍ଷଣ କର୍ମଶାଳାରେ ସୂଚନା ଦିଆଯାଇଥିଲା । ସମବାୟ ଓ ଯୋଗାଣ ବିଭାଗ ତରଫରୁ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ଏସମ୍ପର୍କରେ ଚାଷୀଙ୍କୁ ଅବଗତ କରି ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ସମସ୍ତ ଲ୍ୟାମ୍ପସ ପରିଚାଳକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବନମାଳୀ ନାଏକ, ସହକାରୀ ନିବନ୍ଧକ ସୁନ୍ଦରଗଡ ପାନପୋଷ ଓ ବଣାଇଁ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ଅତିରିକ୍ତ ଯୋଗାଣ ଅଧିକାରୀ, ସମସ୍ତ ଲ୍ୟାମ୍ପସର ସମ୍ପାଦକ ପରିଚାଳକ ତଥା ସମସ୍ତ ବିଭାଗର ଡାଟା ଏଣ୍ଟ୍ରି ଅଫିସରମାନେ ଯୋଗ ଦେଇଥିଲେ ।

## ତଳସରା ବିଧାୟକଙ୍କ ଗସ୍ତ: ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ

ବାଲିଶଙ୍କରା, ୬।୮ (ଡି.ଏନ.ଏ)



ବିଧାୟକ ଭବାନୀଶଙ୍କର ଭୋଇ ବିଭିନ୍ନ କାର୍ଯ୍ୟ ବୁଲି ଦେଖୁଛନ୍ତି।

ବାଲିଶଙ୍କରା ବ୍ଲକକୁ ସୋମବାର ତଳସରା ବିଧାୟକ ଭବାନୀଶଙ୍କର ଭୋଇ ତୋଫାନୀ ଗସ୍ତରେ ଆସିଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିବା ସହ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଥି ମଧ୍ୟରୁ ରାମପୁର ପ୍ରାଥମିକ ବିଦ୍ୟାଳୟ, କୁରେଇ ନୋଡାଲ ଉପ୍ରା ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀ କୋଠରୀ, ରୋଷେଇ ଗୃହ, ପରିସ୍ରାଗାର ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ତୋଫାନୀ ଗସ୍ତରେ ରବୀ ଚନ୍ଦ୍ର ପଟେଲ, ଉଚ୍ଛବ ତନ୍ତି, ଏମଡି ନସିମ ବକ୍ସ, ସୁଶାନ୍ତ ପଟେଲ, ନୂତନ ସିଂ, ବୁଲୁ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଟ୍ରକ୍‌ରେ ବାଇକ୍ ବାଡ଼େଇ ହୋଇ ଆରୋହୀ ମୃତ

ସୁନ୍ଦରଗଡ, ୬।୮ (ଡି.ଏନ୍.ଏ)

ସୁନ୍ଦରଗଡ ସହରଉପକଣ୍ଠ ଭୋଜପୁରର ଏକ ଢାବା ନିକଟରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ଏକ ବାଇକ ଆରୋହୀ ବାଡେଇ ହୋଇ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାକୁ ଅଣାଯାଇଥିଲା। ମୃତ ବାଇକ ଆରୋହୀଙ୍କ ନାମ ଅନୀଲ ଲାକ୍ରା ଓ ତାଙ୍କ ଘର ସମ୍ବଲପୁର ବୁଢାରଜାରେ ବୋଲି ଜଣାଯାଇଛି। ସେ ରାଉରକେଲା ପଟୁ ସମ୍ବଲପୁରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରାତି ପ୍ରାୟ ସାଢେ ୮ଟାରେ ବିଜୁ ଏକ୍ସପ୍ରେସ୍ ୱେର ସୁନ୍ଦରଗଡ ସହର ଉପକଣ୍ଠ ଏହି ଢାବା ନିକଟରେ ଟ୍ରକ ପଛରେ ବାଡେଇ ହୋଇ ଦୁର୍ଘଟଣା ଘଟିଥିଲା। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ୩୭୦ ଧାରା ଉଚ୍ଛେଦ ନେଇ ଖୁସି ମନାଇଲେ ଭାଜପା ନେତା

ବଡଗାଁ, ୬।୮ (ଡି.ଏନ.ଏ)

କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ମଙ୍ଗଳବାର ବଡ଼ଗାଁରେ ଭାଜପା ନେତାମାନେ ଖୁସି ମନାଇଛନ୍ତି। ବଡଗାଁ ବସ୍ତି ସ୍ଥିତ ଭାଜପା କାର୍ଯ୍ୟାଳୟରୁ ରାଜ୍ୟ ସମ୍ପାଦକ ରଞ୍ଜନ ପଟେଲ, ଜିଲା ସଙ୍ଗଠନ ସହ ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ, ବଡଗାଁ ମଣ୍ଡଳ ସଭାପତି ଦିଲୀପ ସେନାପତି, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, କର୍ମକର୍ତ୍ତା ଫକିର ପୃଷେଟ, ରୂପେଶ ପଣ୍ଡା, ବସନ୍ତ ଡନସନା, ବାବୁଲି କର୍ସେଲ, ଅକ୍ଷୟ ଦେଓ, ଋଷି କର୍ସେଲ, ପିଣ୍ଟୁ ହୋତା, ପ୍ରେମାନନ୍ଦ ନାଏକ ପ୍ରମୁଖ ଶତାଧିକ କର୍ମୀ ଶୋଭାଯାତ୍ରାରେ ଆସି ବଡଗାଁ ବସଷ୍ଟାଣ୍ଡ ଗୋଲେଇ ଛକଠାରେ ସମବେତ ହୋଇଥିଲେ। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ରାଜ୍ୟ ସମ୍ପାଦକ ରାଉରକେଲାର ଧିରେନ ସେନାପତି, ରାଜ୍ୟ ଉପସଭାପତି ରାଜେନ୍ଦ୍ର ସାହୁ, ଦଳୀୟ ବରିଷ୍ଠ କର୍ମକର୍ତ୍ତା ନିହାର ରାୟ, ଜଗବନ୍ଧୁ ବେହେରା, ଲତିକା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଯେଉଁ ଧାରା ଦେଶକୁ ଖଣ୍ଡିତ କରି ରଖିଥିଲା ଆଜି କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଅଖଣ୍ଡ ଭାରତର ସ୍ୱପ୍ନ ଅନେକାଂଶରେ ସାକାର ହୋଇଛି। ଏହି ଧାରା ଉଚ୍ଛେଦ ପରେ ଦେଶ ଆଉ ଏକ ସ୍ୱାଧୀନତାର ସ୍ୱାଦ ଚାଖିଲା । ଦେଶର ବିଶିଷ୍ଟ ଜନନାୟକ ଶ୍ୟାମା ପ୍ରଦାଦ ମୁଖାର୍ଜୀ ଏକ ରାଷ୍ଟ୍ର, ଏକ ଶାସନ ପାଇଁ କଶ୍ମୀର ଯାଇ ସେଠାରେ ବଳିଦାନ ଦେଲେ ସେ ସମ୍ପର୍କିତ ଐତିହାସିକ ତଥ୍ୟ ଉପସ୍ଥାପନା କରି ଧାରା ୩୭୦ର କୁପରିଣାମ ଉପରେ ଆଲୋଚନା କରିଥିଲେ।



ବଡଗାଁରେ ଆନନ୍ଦଉତ୍ସବ ଅବସରରେ ଭାଜପା କର୍ମକର୍ତ୍ତା ।

## ମୁରକିଆ ଫୁଟବଲ: ଜାଇଶର ଚାମ୍ପିୟନ

ବାଲିଶଙ୍କରା, ୬।୮ (ଡି.ଏନ.ଏ)



ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଖେଳାଳିଙ୍କ ସହ ଅତିଥି।

ବାଲିଶଙ୍କରା ବ୍ଲକ ବନଡେଗା ପଞ୍ଚାୟତର ମୁରକିଆ ବୀରସୁରେନ୍ଦ୍ର ସାଏ ୟୁଥ କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜାଇଶର ଓ ଶଙ୍କରାବାହାଲ ଦଳ ମଧ୍ୟରେ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକର ଜରିଆରେ ଜାଇଶର ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି, ରନର୍ସଅପ୍ ଶଙ୍କରାବାହାଲକୁ ୭ହଜାର, ତୃତୀୟ ଦଳ ଭାବେ ବାଲିଶଙ୍କରାକୁ ୪ହଜାର, ଚତୁର୍ଥ ଦଳ ଭାବେ କରମଡିହିକୁ ୩ ହଜାର ଟଙ୍କା ଦେଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇଥିଲେ। କଠିନ ପରିଶ୍ରମ ସହ ଏକାଗ୍ରତା ବଜାର ରଖି ଧର୍ଯ୍ୟ ସହ ଖେଳିଲେ ଜଣେ ସୁନାମ ଧନ୍ୟ ଖେଳାଳି ହୋଇପାରିବ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ବ୍ଲକ ଜିଲାପରିଷଦ (ଖ) ଜୋନର ଶ୍ରଦ୍ଧାକର ସାନୁଏନ୍, ବନଡେଗା ସରପଞ୍ଚ ଲକ୍ଷ୍ମୀପ୍ରିୟା ଲାକଡା, ରବୀନ୍ଦ୍ର ପଟେଲ, ଉଚ୍ଛବ ତନ୍ତି, ଏମଡି ନସିମ ବକ୍ସ, ନନ୍ଦନ ସିଂ, ସୁଶାନ୍ତ ପଟେଲ, ଉପେନ୍ଦ୍ର କୁଜୁର, ଜଗଦମ ସାଏ, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳର ଗୁରୁତ୍ୱ ଉପରେ କହିଥିଲେ। ଟୁର୍ନାମେଣ୍ଟ ଗତ ୩୧ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ବୀରସୁରେନ୍ଦ୍ର ସାଏ ୟୁଥ କ୍ଲବର ସଭାପତି ଅଭିଷେକ ସାଏ, ଉପସଭାପତି ଜନ୍ମେଜୟ ଭୂୟାଁ, ସମ୍ପାଦକ ରଘୁନାଥ ସାଏ, କୋଷାଧ୍ୟକ୍ଷ ଶତ୍ରୁଘନ ଭୂୟାଁ, କ୍ଲବ ମେମ୍ବର ଏମଡି ଜୟକୁଲା, ଦେଓକରଣ ସାଏ, ଅର୍ଜୁନ ମହାକୁଳ, ମିତ୍ର ମହାକୁଳ, କବରେଜ ଅନସାରୀ, ଏମଡି କମଲ ଉଦ୍ଦିନ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ହେମନ୍ତ କୁମାର ଦାଶ, ଦେବେନ୍ଦ୍ର କିଷାନ, ଅକ୍ଷ କୁମାର ଭୈସାଣ, ରୋମାଞ୍ଚ ଭୈସାଲ ଖେଳ ପରିଚାଳନା କରିଥିଲେ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ, ୬।୮ :** ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅର୍ନ୍ତଗତ ଗୋପବନ୍ଧୁପାଲ୍ଲୀ ଫାଣ୍ଡି ଅଞ୍ଚଳରେ ରହୁଥିବା ଜଣେ ବିବାହିତା ମହିଳା ମଙ୍ଗଳବାର ସକାଳେ ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳାଙ୍କ ନାମ କଳ୍ପନା ପ୍ରସାଦ (୩୫)। ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଯୋଗୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଗୋପବନ୍ଧୁପାଲ୍ଲୀ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୩୭୦ ଧାରା ଉଚ୍ଛେଦ ନେଇ ବିଜୟ ଉଲ୍ଲାସ

**ରାଉରକେଲା ଅଫିସ,୬। ୮:** କେନ୍ଦ୍ର ସରକାରଙ୍କ ଦ୍ୱାରା ଜାମ୍ମୁ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ନେଇ ଫର୍ଟିଲାଇଜର ନାଗରିକ କମିଟି ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ବିଜୟ ଉଲ୍ଲାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ଦୀର୍ଘ ୭୨ ବର୍ଷ ପରେ କେନ୍ଦ୍ର ନେତୃତ୍ୱାଧିନ ମୋଦି ସରକାର ଯେଉଁ ଦୃଢ ପଦକ୍ଷେପ ନେଇଛନ୍ତି ତାଙ୍କୁ ସଂଗଠନ ପକ୍ଷରୁ ସମର୍ଥନ ସହ ପ୍ରଶଂସା କରାଯାଇ ଥିଲା। ଡାକ୍ତର ରାହାସବିହାରୀ ମହାପାତ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଇ ବ୍ଲକ ଠାରେ ଥିବା ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରନମ ଆୟୋଜନ କରାଯାଇ ଥିଲା। ଜାମୁ କାଶ୍ମୀରବାସୀ ଏହାକୁ ଆନ୍ତରିକତା ସହ ଗ୍ରହଣ କରିବାକୁ ନାଗରିକ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇ ଥିଲା। ଏଥିରେ ଟି ଦାସ ମୋହିନୀ, ଡ, କେ ନାୟକ, ଅରୁଣ ପରିଡା, ସମାଇ ସୋରେନ, ମୁରଲୀ ଗୌଡ, ଉଦିତ ଅମାତ ଓ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଧାରା ୩୭୦ ଉଚ୍ଛେଦକୁ ବିଜେଡିର ସ୍ୱାଗତ

**ରାଉରକେଲା ଅଫିସ,୬।୮:** ଜମ୍ମୁ କଶ୍ମୀରରେ ପ୍ରଚଳିତ ଧାରା ୩୭୦ ଏବଂ ୩୫(କ) ଉଚ୍ଛେଦକୁ କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଜେଡି ରାଜ୍ୟ ସମ୍ପାଦକ ଆନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି। ଭାରତବାସୀ ଯାହା ଚାହୁଁଥିଲେ ସରକାର ତାହା କରି ଦେଖାଇଛନ୍ତି ବୋଲି ମହାନ୍ତି କହିଛନ୍ତି। ଜମ୍ମୁ କଶ୍ମୀରରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଏହା ଏକ ଦୃଢ଼ ପଦକ୍ଷେପ। ଏହା ଦ୍ୱାରା କଶ୍ମୀର ଦେଶର ଅନ୍ୟ ରାଜ୍ୟଗୁଡ଼ିକ ସହ ସମକକ୍ଷ ହୋଇ ଅଖଣ୍ଡ ଭାରତ ଗଠନରେ ସହାୟକ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହାନ୍ତି କୃତଜ୍ଞତା ଜଣାଇଛନ୍ତି।







ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଅତିଥିମାନେ(ବାମ)। ଓଡିଆ ଭାଷା ବିକାଶ ମଞ୍ଚ ଓ ଓଏସ୍ଏପି ହାଇସ୍କୁଲ ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ସଭାରେ ଅତିଥିମାନେ।

# ଓଡ଼ିଶା ପ୍ରତି ନୀଳକଣ୍ଠ ଦାସଙ୍କ ଅବଦାନ ଅତୁଳନୀୟ

**ରାଉରକେଲା ଅଫିସ,୬।୮**

ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏଥିରେ ଅଜୟ ନାୟକ ଅଧକ୍ଷତା କରିଥିଲେ। ଡଃ ପ୍ରଭାତ ମଲିକ ଓ ଡଃ ନଗେନ ଦାସ ବକ୍ତବ୍ୟ ପ୍ରଦାନ କରି ନୀଳକଣ୍ଠଙ୍କ ବହୁ ମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସଂଘ ଉପଦେଷ୍ଟା ଭାରତଭୂଷଣ ମହାନ୍ତି ନିଜ ବକ୍ତବ୍ୟରେ ନୀଳକଣ୍ଠଙ୍କ ଓଡିଶା ପ୍ରତି ରହିଥିବା ବିଶେଷ ଅବଦାନ ନେଇ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଂଘ ପକ୍ଷରୁ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ କବି କୁଞ୍ଜବିହାରୀ ରାଉତ, କିଶୋରୀମୋହନ କର, ସୁନୀଲ ମହାନ୍ତି, ଅଙ୍ଗୁରବାଳା ପରିଡା, ଉପେନ୍ଦ୍ର ବସ୍ତିଆ, ଶ୍ରୀଧର ସୁନା, ରାଜକିଶୋର ମହାନ୍ତି, ସଞ୍ଜୀବ ଭୋଇ, ମୀନକେତନ ପଶାୟତ, ଡଲିରାଣୀ ବ୍ରହ୍ମା, ଚିତ୍ତରଞ୍ଜନ ବ୍ରହ୍ମା, ମନଜିତ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘ ପକ୍ଷରୁ ଦିବାକର ମହାନ୍ତି, ଅଜୟ ଗୋସ୍ୱାମୀ, ରାଧାମୋହନ ନାୟକ, ପ୍ରସନ୍ନ ମହାନ୍ତି, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର, ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନ ସାଧାରଣ ସଂପାଦକ ଘନଶ୍ୟାମ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ଓଡିଆ ଭାଷା ବିକାଶ ମଞ୍ଚ ଓ ଓଏସ୍ଏପି ହାଇସ୍କୁଲ ମିଳିତ ଭାବେ ଜନନାୟକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳନ କରିଛନ୍ତି। ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡିଶାରେ ସମାଜସେବା, ରାଜନୀତି, ଶିକ୍ଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ନୀଳକଣ୍ଠ ଆଜୀବନ ନିଷ୍ଠାର ସହ କାମ କରିଥିଲେ। ତାଙ୍କ ଲିଖିତ କୋଣାର୍କ ପୁସ୍ତକ ଚିରକାଳ ଅମର ରଖିଥିବା। ଏଥିସହିତ ତାଙ୍କ ନେତୃତ୍ୱ, କର୍ମନିଷ୍ଠା, ସମାଜସେବା ମନୋବୃତ୍ତି ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାର ଉତ୍ସ ହେବ ବୋଲି ମୁଖ୍ୟଅତିଥି ରାଉତ ମତବ୍ୟକ୍ତ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ନୀଳକଣ୍ଠଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜାତୀୟତାର ସ୍ୱାଭିମାନ ଓ ସ୍ୱାଧୀନତାର ପ୍ରାଣ ପ୍ରତିଷ୍ଠା ପାଇଁ ସେ ଆଜୀବନ ସଂଘର୍ଷ କରିଥିଲେ। ସେ ଜଣେ ଉଚ୍ଚକୋଟୀର ସାହିତ୍ୟ ଗବେଷକ ଓ ସମୀକ୍ଷକ ଥିଲେ ବୋଲି ମହାପାତ୍ର ମତପ୍ରକାଶ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରମାକାନ୍ତ କରଣ ପଣ୍ଡିତ ନୀଳକଣ୍ଠଙ୍କୁ ଏକ ଅହଙ୍କାର ଶୂନ୍ୟ ବ୍ୟକ୍ତି ଭାବେ ଅଭିହିତ କରି ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଅର୍ପିତା ବେହେରା, ଶାଳିନୀ ନାୟକ ଓ ପ୍ରଦ୍ୟୁମ୍ନ ଜେନା ତାଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ବିକାଶ ମହାନ୍ତି, ପ୍ରତାପ ପ୍ରଧାନ, ଅଚଳା ମିଶ୍ର, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଆଇଜିଏଚ୍‌ରେ ଚିକିତ୍ସା ପାଇଁ ପରିଚୟପତ୍ର ବାଧ୍ୟତାମୂଳକ ପ୍ରସଙ୍ଗ

## ଶ୍ରମିକ ସଂଘର ବିରୋଧ ପରେ ନିଷ୍ପତ୍ତି ବଦଳିଲା

**ରାଉରକେଲା ଅଫିସ, ୬।୮**

ରାଉରକେଲା ଇସ୍ପାତ ଜେନେରାଲ ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା ନିମନ୍ତେ ଆର୍ଏସ୍‌ପିରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରିଛନ୍ତି। ଏ ନେଇ ଜୁଲାଇ ୧୦ ତାରିଖରେ ଏକ ସର୍କୁଲାର ଜାରି ହୋଇଛି। ଏଥିରେ କର୍ମଚାରୀମାନେ ଭୋଟର କାର୍ଡ, ଆଧାରକାର୍ଡ କିମ୍ବା ଡ୍ରାଇଭିଂ ଲାଇସେନ୍ସର ଫଟୋକପି ଦେବା ପାଇଁ କୁହା ଯାଇଛି। ତେବେ ଏହି ସର୍କୁଲାରକୁ ନେଇ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏ ନେଇ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଉପସଭାପତି ଦିଲୀପ ମହାପାତ୍ର, ପି.ସି ମହନ୍ତ ଓ ସମ୍ପାଦକ ଦେବାଷିଶ ଜେନା ପ୍ରମୁଖ ଏହି ସର୍କୁଲାରକୁ ପ୍ରତ୍ୟାହାର କରିବା ଦାବିରେ ଆଇଜିଏଚ୍ କର୍ତ୍ତୃପକ୍ଷ ଓ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଥିଲେ। କର୍ତ୍ତୃପକ୍ଷ ଏହି ସର୍କୁଲାରକୁ ପ୍ରତ୍ୟାହାର କରିବା ସହିତ କର୍ମଚାରୀମାନଙ୍କ ଚିକିତ୍ସାରେ ଯେଭଳି କିଛି ଅସୁବିଧା ନ ହେବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ।

# ଡାକ୍ତର କିଶୋରୀ ଦାସଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୬। ୮**

ଭିଏତନାମ ଓ ଭାରତ ମଧ୍ୟରେ ଲୋକ ସଂସ୍କୃତିକୁ ସୁଦୃଢ କରିବା ସହ ସାମାଜିକ ସମ୍ପର୍କ ବୃଦ୍ଧି ନେଇ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି(ଇସକଫ) ପକ୍ଷରୁ ଏକ ୧୭ ଜଣିଆ ପ୍ରତିନିଧି ମଣ୍ଡଳୀ ୭ ଦିନିଆ ଭିଏତନାମ ଗସ୍ତ ସାରି ସ୍ୱଦେଶ ଫେରିଛନ୍ତି। ଏହି ଦଳରେ ରାଉରକେଲାର ଜଣାଶୁଣା ସାମାଜିକ କର୍ମୀ ଡଃ କିଶୋରୀ ଦାସ ସାମିଲ ଥିଲେ। ତାଙ୍କ ଫେରିବା ପରେ ସଂଗଠନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଥିଲା। ବାସନ୍ତୀ କଲୋନୀଠାରେ ଥିବା ଚେତନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଇସକଫର ବରିଷ୍ଠ କର୍ମକର୍ତ୍ତା ପ୍ରଭାତ ମହାପାତ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ଡ ଦାସ ଭିଏତନାମ ଗସ୍ତ ନେଇ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଏକ କମ୍ୟୁନିଷ୍ଟ ସରକାର ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପରିବେଶ ସୁରକ୍ଷା ନେଇ କିପରି ଧ୍ୟାନ ଦେଇଛି ସେ ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ସେ ଭିଏତନାମର ଲୋକ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଏହାକୁ ଅତି ଉଚ୍ଚ କୋଟିର ବୋଲି ଆଖ୍ୟାୟିତ କରିଥିଲେ। ଓଡିଶା ଭଳି ଜନ ସଂଖ୍ୟା ଓ ଆୟତ୍ତନ ବିଶିଷ୍ଟ ଏହି ଦେଶ ଅତୀତରେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସହ ଯୁଦ୍ଧ କରିବାକୁ ପଛଘୁଞ୍ଚା ଦେଇ ନ ଥିଲା। ଦୁଇ ଦେଶ ଲୋକଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ିଭୂତ ହେଲେ ଲୋକ ସଂସ୍କୃତି ସାମାଜିକ ସମୃଦ୍ଧି ବୃଦ୍ଧି ପାଇବ ବୋଲି ଦାସ କହିଥିଲେ। ଏଥିରେ ଇସକଫର ରାଜ୍ୟ ସଭାପତି ମଣ୍ଡଳୀ ସଭ୍ୟ ଗୋବର୍ଦ୍ଧନ ପୂଜାରୀ, ରାଜ୍ୟ ସାଧାରଣ ସଂପାଦକ ସଦାନନ୍ଦ ସାହୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ସଭାରେ ଅରୁଣ ଦାସ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ବସନ୍ତ ପାଠୀ, ଡଃ ଚନ୍ଦ୍ରକାନ୍ତି ନାୟକ, ଅକ୍ଷୟ ଦାସ, ଡଃ ଉମାକାନ୍ତ ପଣ୍ଡା. ଭଗବତ ପ୍ରସାଦ ସାହୁ ଓ ତୁଷାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାନନ ସୁନା, ଦୁର୍ଗା ବାଗ, ଅପର୍ଣ୍ଣା ରାଉତରାୟ ଓ କାର୍ତ୍ତିକ ନାୟକ ପ୍ରମୁଖ ପରିଚାଳନା କରିଥିଲେ।




ଡ. କିଶୋରୀ ଦାସ ସମ୍ବର୍ଦ୍ଧିତ ହେବା ଅବସରରେ।

# ୫ବର୍ଷ ପରେ ନିଖୋଜ ନାବାଳକ ଉଦ୍ଧାର

**ରାଉରକେଲା ଅଫିସ, ୬।୮**

ରାଉରକେଲା ପୋଲିସ ଦୀର୍ଘ ୫ବର୍ଷ ଧରି ନିଖୋଜ ଥିବା ଜଣେ ନାବାଳକଙ୍କୁ ସୋମବାର ଉଦ୍ଧାର କରିଛି। ଏହାସହ ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏ ନେଇ ସେକ୍ଟର-୭ ଥାନାରେ ଏକ ମାମଲା (ନଂ.୭୨/୧୯) ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ କୋଲକାତା ବୀରଭୂମ ଜିଲାର ଚିରଞ୍ଜୀବ ଚକ୍ରବର୍ତ୍ତୀ(୩୪) ଓ ରାଉରକେଲା କୋଏଲନଗରର ପ୍ରଭାତ ପଣ୍ଡା(୨୬)। ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଦେଇଥିବା ସୂଚନା ଅନୁସାରେ ନାବାଳକଙ୍କ ଭଉଣୀ ଦୁର୍ଗା ହୁରାଡ(୨୨) ୫ବର୍ଷ ପୂର୍ବେ ଭାଇ ନିଖୋଜ ହୋଇଥିବା ନେଇ ଜିଆରପି ଥାନାରେ ଅଭିଯୋଗ କରିଥିଲେ। ସୋମବାର ସେକ୍ଟର-୩ ଥାନା ଅର୍ନ୍ତଗତ ସେକ୍ଟର-୧ର କ୍ୱାଟର ନଂ-ବି-୪୯ରେ ଅନୈତିକ କାର୍ଯ୍ୟ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ପୋଲିସ ଉକ୍ତ ଘରେ ଚଢ଼ାଉ କରିଥିଲା। ଚଢାଉ ସମୟରେ ଉକ୍ତ କ୍ୱାର୍ଟରରେ ଅଭିଯୁକ୍ତ ଦ୍ୱୟ କୁକୁର ପ୍ରଜନନ କେନ୍ଦ୍ର ଖୋଲିଥିବା ଦେଖିବାକୁ ମିଳିଥିଲା।



**୨ ଅଭିଯୁକ୍ତ ଗିରଫ**

ତେବେ ଚଢ଼ାଉ ସମୟରେ ଅଭିଯୁକ୍ତ ଦ୍ୱୟ ଏକ ଖଟ ଭିତରେ ଉକ୍ତ ନାବାଳକଙ୍କୁ ଲୁଚାଇବା ପାଇଁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ଦ୍ୱୟ ଉକ୍ତ ପ୍ରଜନନ କେନ୍ଦ୍ରରେ ନାବାଳକଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ସହ ତାଙ୍କ ସହ ଅନୈତିକ କାର୍ଯ୍ୟ କରିଛନ୍ତି। ନାବାଳକଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଇବା ସହ ବୁଧବାର ସୁନ୍ଦରଗଡ଼ ସିଡବ୍ଲୁସିରେ ହାଜର କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଆଦିବାସୀ ସଂସ୍କୃତି, ଐତିହ୍ୟକୁ ସମୃଦ୍ଧ କରିବାକୁ ଆହ୍ୱାନ

**ରାଉରକେଲା ଅଫିସ,୬। ୮**

କୁଆଁରମୁଣ୍ଡା ବିଜାବାହାଲରେ ଓଡିଶା ପାଦା ପାଡ଼୍‌ହା ବେଲ ଓ ଦେୱାନଙ୍କୁ ଆଦିବାସୀ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପାଦା ପାଡ଼୍‌ହା ଓଡିଶାର ନୂତନ ବେଲ ରାଙ୍କା କେର୍କେଟା ଓ ଦେୱାନ ବିରୁଆ ଉରାମଙ୍କୁ ଉପସ୍ଥିତ ସଂପ୍ରଦାୟ ଲୋକେ ପୁଷ୍ପଗୁଚ୍ଛ ପ୍ରଦାନ କରି ନୂତନ ନିଯୁକ୍ତି ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ହରପାଲି ଗ୍ରାମର ଲଚ୍ଛୁ କୁଜୁର ପୁରୁଖା ପାତୱାଲ ଭିଖରାମ ବାବାଙ୍କୁ ସ୍ମରଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏଥିରେ ରାଜୀ ପାଡ଼୍‌ହା ଭାରତର ରାଜୀ ବେଲ ବାଗୀ ଲାକଡା ଯୋଗ ଦେଇ କହିଥିଲେ ଉରାମ ସଂପ୍ରଦାୟ ପାଡ଼୍‌ହା ସମ୍ବିଧାନ ଅନୁସାରେ ସମାଜକୁ ଠିକ ଭାବେ ଦିଗଦର୍ଶନ ଦେଇଥାଏ। ଏହା ଦ୍ୱାରା ଏକ ଶୃଙ୍ଖଳିତ ସମାଜ ଗଠନ ଓ ପରିଚାଳନା ସମ୍ଭବ ହୋଇଥାଏ। କେବଳ ଏତିକି ନୁହେଁ ପାଡ଼୍‌ହା ସଂସ୍କୃତିର ଅନୁକରଣ ଦ୍ୱାରା ସଂପ୍ରଦାୟର ବହୁବିଧ ଉନ୍ନତି ସାଧନ ହୋଇଥାଏ। ଏ ନେଇ ସ୍ୱର୍ଗୀୟ ବାବା ଭିଖରାମଙ୍କ ଅବଦାନ ଅତୁଳନୀୟ ବୋଲି ଲାକଡା କହିଥିଲେ। ଏବେ ନବନିଯୁକ୍ତ ବେଲ ଓ ଦେୱାନମାନେ ସଂପ୍ରଦାୟର ଉନ୍ନତି ତଥା ସମୃଦ୍ଧି ନେଇ କାର୍ଯ୍ୟ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ପାଡ଼୍‌ହା ସଂସ୍କୃତି ଓ ସମ୍ବିଧାନ ଆଧାରରେ ବାଟ ଚାଲିଲେ କେବେ ଝୁଣ୍ଟିବାକୁ ପଡିବନି। ତେବେ ଏଥିପ୍ରତି ଶ୍ରଦ୍ଧା ଓ ନିଷ୍ଠା ରଖିବାକୁ ଲାକଡା ପରାମର୍ଶ ପ୍ରଦାନ କରିଥିଲେ। ଯେଉଁମାନେ ପାଡ଼୍‌ହା ସମ୍ବିଧାନ ପ୍ରତି ଅବମାନନା କରୁଛନ୍ତି, ସଂପ୍ରଦାୟର ନୀତି ଆଦର୍ଶକୁ ଅଣଦେଖା କରୁଛନ୍ତି ସେମାନଙ୍କ ପ୍ରତି ସତର୍କ ରହିବାକୁ ଏଥିରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇ ଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଦୁମାଂଦିରି ଡାଡା ପାଡ଼୍‌ହା ବେଲ ବିରାମ ଟପୋ ଓ ଦେୱାନ ସମରା ଓରାମଙ୍କ ବ୍ୟତୀତ ସିହେରଜୋର ଡାଡା ପାଡ଼୍‌ହା ଦେୱାନ ଦୟ ଏକ୍କା, ଆତଖା ପାଡ଼୍‌ହା ବେଲ ସମ୍ରା ତିର୍କୀ. ପୂର୍ବତନ ଡାଡା ପାଡ଼୍‌ହା ଉପ ଦେୱାନ ଚାରୋ ଖାଖା, ଲୋହାମାଲ ଆତଖା ପାଡ଼୍‌ହା ଦେୱାନ ଜିତୁ କେର୍କେଟା, ହରପାଲି ଆତଖା ପାଡହା ବେଲ ଗାନନ୍ଦରୁ ଖଖା, ଓ ଦେମ୍ୱାନ ସୁକରା ଖଖା, ହରପାଲି ଆତଖା ପାଡହା ପୂର୍ବତନ ବେଲ ମାସି କୁଜୁର, ପ୍ରମିଳା କୁଜୁର, ଦୁମାଂଦିରି ଗ୍ରାମର ସୁକା ଉରାମ, ରାହିଲ ତିର୍କୀ, ରତ୍ନି ଖାଲଖୋ, ରୁକୁ ଖାଲଖୋ, ବୁଧରାମ ଉରାମ, ନାଗ ଉରାମ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବ୍ୟକ୍ତିମାନେ।

# କ୍ଷତିପୂରଣ ଦାବି ନେଇ ଶ୍ରମ ବିଭାଗରେ ଅଭିଯୋଗ

**ରାଉରକେଲା ଅଫିସ, ୬।୮**

ଲୁହାକେରାର ବିଷ୍ଣୁ କଂସାରୀ ଓ ତାଙ୍କ ପରିବାର ଲୋକେ ମଙ୍ଗଳବାର ରାଉରକେଲା ଶ୍ରମ କାର୍ଯ୍ୟାଳୟରେ ଜିଲା ଶ୍ରମ ଅଧିକାରୀ ଓ ଉପ କମିଶନରଙ୍କୁ ସାକ୍ଷାତ କରି ଚିକିତ୍ସା ସହାୟତା ଓ କ୍ଷତିପୂରଣ ପ୍ରଦାନ ନେଇ ଦାବି ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ ମେ ୨୦ ତାରିଖ ରୟାଲ ପ୍ଲାଷ୍ଟିକ ରିସାଇକ୍ଲିଂ ସିଷ୍ଟମ ଓ ରୟାଲ ଓ୍ୱିଭରର୍ସ ପ୍ରାଇଭେଟ ଲିମିଟେଡ କାରଖାନାରେ କିଛି ନିର୍ମାଣ କାର୍ଯ୍ୟ ପାଇଁ କାରଖାନାର ମ୍ୟାନେଜର ଆଶୁତୋଷ ପାଣ୍ଡେ ବିଷ୍ଣୁ କଂସାରୀଙ୍କୁ ବାସନ୍ତୀ କଲୋନୀ ଡ଼ି-ଏଲ୍ ଛକ ଶ୍ରମିକ ହାଟରୁ କାମ କରିବା ପାଇଁ ଆଣିଥିଲେ। ସେ ଉଭୟ କାରଖାନାରେ ମେ ୨୭ ପର୍ଯ୍ୟନ୍ତ କାମ କରିଥିଲେ । ତେବେ ବିଷ୍ଣୁ କାର୍ଯ୍ୟ କରୁଥିବା ସମୟରେ ପୁରୁଣା ଆଜ୍‌ବେଷ୍ଟ ଭାଙ୍ଗିଯିବାରୁ ୩୦/୪୦ ଫୁଟ ତଳକୁ ପଡ଼ିଯାଇଥିଲେ। ବିଷ୍ଣୁଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଚିକିତ୍ସାଳୟ, କେ.ଟି.ଏଚ୍., ଭେସଜ ପଟେଲ ଏବଂ ଶେଷରେ ରାଉରକେଲା ଆଇ.ଜି.ଏଚ୍. ରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍.ସି.ବି. ମେଡିକାଲ କଲେଜର ନ୍ୟୁରୋ ସର୍ଜରୀ ବିଭାଗରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ପରେ ତାଙ୍କର ପୁର୍ନବାର ଚେକ୍‌ଅପ୍ କରିବା ପାଇଁ କଟକ ଯିବାକୁ ଥିବାରୁ ସେମାନେ କିଛିଦିନ ତଳେ ମାଲିକଙ୍କ ପାଖକୁ ଯାଇ ଆର୍ଥିକ ସହାୟତା ମାଗିଥିଲେ। କିନ୍ତୁ କାରଖାନା ମାଲିକ କର୍ଣ୍ଣପାତ କରି ନ ଥିଲେ । ଏପରିକି ବିଷ୍ଣୁଙ୍କ ଇଏସ୍ଆଇ କାର୍ଡ଼ ଥାଇ ମଧ୍ୟ ମାଲିକ ରିପୋର୍ଟ ନ ଭରିବା ଦ୍ୱାରା ସେ ଆଜି ଏହିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଷ୍ଣୁ ବର୍ତ୍ତମାନ ଶଯ୍ୟାଶାୟୀ ଥିବା ବେଳେ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ମଙ୍ଗଳବାର ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ଓ ରାଉରକେଲା ମଜଦୁର ସଭାର କାର୍ଯ୍ୟକର୍ତ୍ତାଙ୍କ ସହ ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର ଓ ଉପ ଶ୍ରମ କମିଶନର ପ୍ରଶାନ୍ତ ବଳିୟାର ସିଂହଙ୍କୁ ଭେଟି ବିଷ୍ଣୁଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ ଓ ବିଚାର ପାଇଁ ଦାବି ଜଣାଇଥିଲେ। ଏଣୁ ସଙ୍ଗଠନ ତରଫରୁ ରାଉରକେଲା ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ରନାଥ ଆଚାର୍ଯ୍ୟ, ସୁନ୍ଦରଗଡ଼ ଜିଲା ଶିଳ୍ପଞ୍ଚଳ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗାମ୍ବର ମହାନ୍ତି, ଉପସଭାପତି ମହେଶ୍ୱର ମହାପାତ୍ର ଓ ସମ୍ପାଦକ ମନୋଜ ପାତ୍ର ଏବଂ ବିଷ୍ଣୁଙ୍କ ସମେତ ତାଙ୍କ ପରିବାର ଲୋକଙ୍କ ସହ ସାକ୍ଷୀ ଥିବା ଅନ୍ୟ ୨ ଶ୍ରମିକ ଧର୍ମେନ୍ଦ୍ର ସୁନା ଓ ଦଶୁରାମ ଶ୍ରମ ଦପ୍ତରରେ ଅଭିଯୋଗ ପତ୍ର ଦାଖଲ କରିଥିଲେ । ପରେ ଶ୍ରମ ଅଧିକାରୀ ପ୍ରଣବ ପାତ୍ରଙ୍କ ନିର୍ଦ୍ଦେଶରେ କାରଖାନାର ଅନ୍ୟତମ ମ୍ୟାନେଜର ଅନୁପ ଭୋଳ ଅପରାହ୍ନ ୪ଟାରେ ସାକ୍ଷାତ କରିଥିଲେ। ତେବେ କାରଖାନା କର୍ତ୍ତୃପକ୍ଷ ଆହତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା, କ୍ଷତିପୂରଣ ଦେବାରେ ଅବହେଳା କରନ୍ତି ତାହା ହେଲେ ଆଇନର ସାହାଯ୍ୟ ନିଆଯିବ ବୋଲି ସଙ୍ଗଠନର ସମ୍ପାଦକ ଦିଗାମ୍ବର ମହାନ୍ତି ସୂଚନା ଦେଇଛନ୍ତି।




ଲୁହାକେରାର ବିଷ୍ଣୁ କଂସାରୀଙ୍କ ପରିବାର ଓ ଅନ୍ୟମାନେ ଶ୍ରମ ବିଭାଗର ଦ୍ୱାରସ୍ଥ ହେବା ଅବସରରେ।

**କାରଖାନାରେ ଦୁର୍ଘଟଣା ହେତୁ ଶ୍ରମିକ ଶଯ୍ୟାଶାୟୀ**